# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୪/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, September 14/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 290 | ମୂଲ୍ୟ ₹୭/-






**ଗିଲ୍‌ଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ**

ବୁଧବାର ପ୍ରକାଶିତ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗରେ ଶୁବମନ ଗିଲ୍ କ୍ୟାରିୟରର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। **୧୪**

**୧୦** **ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଲେ ସୋନାକ୍ଷୀ**

ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ମୁମ୍ବାଇ ବାନ୍ଦ୍ରା ରିକ୍ଲେମିଶନ ନିକଟରେ ୧୧ କୋଟି ଟଙ୍କାରେ ୨୪୩୦ ବର୍ଗଫୁଟର ଆପାର୍ଟମେଣ୍ଟ କିଣିଛନ୍ତି।


# ଲାଇଫ୍ ଜ୍ୟାକେଟ୍ ବିନା ନୌଚଳାଚଳ

**କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ ଏବଂ ୨୭ ନାଳ ରହିଛି। ଏହି ସବୁ ନଦୀ, ନାଳ ଘେରରେ ଥିବା ୧୭ ପଞ୍ଚାୟତକୁ ସଂଯୋଗ ପାଇଁ ସେତୁ ନାହିଁ। ଡଙ୍ଗା ଦ୍ୱାରା ଯାତାୟାତ ଚାଲିଛି। ସେହି ପରିମାଣରେ ଡଙ୍ଗାବୁଡ଼ି ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ଜିଲା ପ୍ରଶାସନ କିମ୍ବା ଜନସାଧାରଣଙ୍କୁ ସେଥିରୁ କୌଣସି ଶିକ୍ଷା ମିଳିବା ପରି ମନେ ହେଉନାହିଁ। ପ୍ରାୟତଃ ଡଙ୍ଗା ଯାତ୍ରୀମାନେ ଲାଇଫ୍ ଜ୍ୟାକେଟ ପିନ୍ଧୁ ନ ଥିବାବେଳେ ମାଛଧରା ବୋଟ୍‌ରେ ଯାତ୍ରୀ ପରିବହନ ଯୋଗୁ ଜୀବନମରଣର ସମସ୍ୟା ହୋଇଛି। ନିରାପଦ ଯାତ୍ରା ପାଇଁ ବୋଟ୍ ରୁଲ୍‌ସ ଥିଲେ ମଧ ତାହାକୁ ଠିକ୍ ଭାବେ ଅନୁପାଳନ କରାଇବାରେ ପ୍ରଶାସନ ଗୁରୁତ୍ୱ ଦେଉନାହିଁ।**



ତାଳଚୁଆରୁ ଧାମରାକୁ ବୋଟ୍‌ରେ ବିନା ଲାଇଫ୍ ଜ୍ୟାକେଟ୍‌ରେ ଯାତ୍ରୀ ପରିବହନ କରାଯାଉଛି।

- **ଡଙ୍ଗା ବୁଡ଼ି ଘଟଣାରେ ମିଳୁନାହିଁ ଶିକ୍ଷା**
- **ମାଛଧରା ବୋଟ୍‌ରେ ଚାଲିଛି ଯାତ୍ରୀ ପରିବହନ**
- **କାର୍ଯ୍ୟକାରୀ ହେଉନାହିଁ ବୋଟ୍ ରୁଲ୍‌ସ**





**କେନ୍ଦ୍ରାପଡ଼ା, ୧୩।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ପଦ୍‌ମପାଳ, ଏକମାଣିଆ, ସିଂହଗାଁ, ବଡିଘର ଆଦି ୧୭ ପଞ୍ଚାୟତ ଅଦ୍ୟାବଧି ନଦୀ ଘେରାବନ୍ଦୀରେ ଅଛି। ଏହି ୧୭ ପଞ୍ଚାୟତରେ ୧୨୦ରୁ ଉର୍ଦ୍ଧ୍ୱ ଡଙ୍ଗା ଘାଟ ଥିବାବେଳେ ସରକାରୀ ସ୍ତରରେ ଚିହ୍ନଟ ୬୩ ଘାଟରୁ ଅନବରତ ଡଙ୍ଗା ଚାଲୁଛି। କିନ୍ତୁ ସବୁଠି ବିପଦସଙ୍କୁଳ ଭାବେ ଯାତ୍ରୀ ପରିବହନ କରାଯାଉଛି। ନୌକା ଅଥବା ଦେଶୀ ଡଙ୍ଗା ଯାତାୟାତ ମାଧ୍ୟମ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ୨୦୦୪ର ବୋଟ୍ ରୁଲ୍‌ସ କାର୍ଯ୍ୟକାରୀ ହେଉନାହିଁ। ଲାଇଫ୍ ଜ୍ୟାକେଟ୍ ନ ଥାଇ ପର୍ଯ୍ୟଟକ ଓ ଯାତ୍ରୀ ଡଙ୍ଗାରେ ଯାଉଛନ୍ତି। ବିଶେଷକରି ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଥିବା ହୁକିଟୋଲା, ହାବେଳିଖଟି, ବଡିଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ବିପଜ୍ଜନକ ଭାବେ ପର୍ଯ୍ୟଟକ ଡଙ୍ଗା, ଭୁଟୁଭୁଟି, ମାଛଧରା ବୋଟ ଆଦିରେ ଯାଉଛନ୍ତି।

ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ବୋଟ୍ ରୁଲ୍‌ସ ଅନୁଯାୟୀ ଜିଲାରେ ଥିବା ଅଧିକାଂଶ ବୋଟ୍, ଡଙ୍ଗା ଓ ଏହାର ଚାଳକ ବୀମାଭୁକ୍ତ ହୋଇନାହାନ୍ତି। ଏପରିକି ଫିଟନେସ୍ ନ ଥିବା ବୋଟ୍‌ରେ ଯାତ୍ରୀ ଯାତାୟାତ କରୁଛନ୍ତି। କୌଣସି କାରଣରୁ ଡଙ୍ଗାବୁଡ଼ି ହେଲେ ମୃତ ଯାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ମିଳିବା ସମ୍ଭବ ନୁହେଁ ବୋଲି ସ୍ୱାଇଁ କହିଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀଙ୍କ କହିବାନୁଯାୟୀ, ଏବେ ୬୦ରୁ ଉର୍ଦ୍ଧ୍ୱ ବୋଟ୍ ଫିଟ୍‌ନେସ ନ ଥାଇ ଜାତୀୟ ଉଦ୍ୟାନ ମଧ୍ୟରେ ଚାଲୁଛି। ଏହା ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜନଗର ବ୍ଲକ ଗୁପ୍ତିର ନରେନ୍ଦ୍ର କୁମାର ଦାସ କହିଛନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ୧୭୦୦ରୁ ଉର୍ଦ୍ଧ୍ୱ କୁମ୍ଭୀର ଅଛନ୍ତି। ଏହି ଅଞ୍ଚଳକୁ ଗୁପ୍ତି, ଚାନ୍ଦବାଲି, ଖୋଲା, ଜୟନଗର, ଖରିନାସୀ, ବାହାକୁଦ, ଜମ୍ବୁ ଅଞ୍ଚଳରୁ ବୋଟ ☞ପୃଷ୍ଠା-୨

## ପଥର ତଳେ ଚାପି ହୋଇ ୨ ଭାଇଙ୍କ ମୃତ୍ୟୁ

**ଦିଗପହଣ୍ଡି, ୧୩।୯ (ଅଶେଷ ନାଥ ମିଶ୍ର)**

ପଥର ଖାଦାନରେ କାମ କରୁଥିବା ବେଳେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପିଲିକାଢ଼ିହ ଗ୍ରାମର ଦୁଇ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମହୁରୀକାଲୁଆ ଛକ ନିକଟରେ ଥିବା ପଥର ଖାଦାନରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ ଗୋବିନ୍ଦ ମଳିକ ଓ ଜଗା ମଳିକ। ପ୍ରକାଶ ଯେ, ଏକ ଗ୍ରାନାଇଟ୍ କମ୍ପାନୀ ପାଇଁ ଉକ୍ତ ଖାଦାନରେ ପଥର କଟିଂ କାମ ଚାଲିଥିଲା। ଗୋବିନ୍ଦ ଓ ଜଗା ସେଠାରେ କାମ କରୁଥିବାବେଳେ ଏକ ବଡ଼ ପଥର ଖଣ୍ଡ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପଲିକାଢ଼ିହ ଗ୍ରାମର ବିସୁନୁ ମଳିକଙ୍କୁ କମ୍ପାନୀ ପକ୍ଷରୁ ଖବର ଦିଆଯାଇଥିଲା। ଶବର ସମାଜ ସଭାପତି ରବୀନ୍ଦ୍ର ମଳିକଙ୍କ ସମେତ ୧୫ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପହଞ୍ଚି ବ୍ରହ୍ମପୁର ସଦର ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।


**ଆଜିର ସମ୍ପାଦକୀୟ**

**ମୂଷିକବାହନ**


## ଲଘୁଚାପ: ୫ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୩।୯ (ଅନିଲ ଦାସ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବୁଧବାର ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ର ଏବଂ ଛତିଶଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ସୋନପୁର ଏବଂ ବଲାଙ୍ଗୀର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏପରି କି କେତେକ ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ଯାଏ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର, ନୟାଗଡ଼, କଟକ, ଅନୁଗୋଳ, ଗଞ୍ଜାମ ଆଦି ☞ପୃଷ୍ଠା-୨



କୋରାପୁଟ-ରାୟଗଡ଼ା ରେଳପଥରେ ମାଟି ଅତଡ଼ା ଖସିବା ସହ ପାଣି ପ୍ରବାହିତ ହେଉଛି।

## ରେଳଲାଇନରେ ଖସିଲା ପଥର, ମାଟି ଅତଡ଼ା

**କୋରାପୁଟ-ରାୟଗଡ଼ା ରେଳପଥରେ ରେଳ ଚଳାଚଳ ବାଧାପ୍ରାପ୍ତ**

**ରାୟଗଡ଼ା, ୧୩।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ବୁଧବାର ପ୍ରବଳ ବର୍ଷା ଯୋଗୁ ରାଉଳି ଓ ଲେଲିଗୁମା ରେଳ ଷ୍ଟେଶନ ମଧ୍ୟରେ ବୁଧବାର ସକାଳ ପ୍ରାୟ ୯ଟା ୩୦ ମିନିଟ୍‌ରେ ଭୂସ୍ଖଳନ ଘଟିଛି। ପାହାଡ଼ରୁ ପଥର ଓ ମାଟି ଅତଡା ଖସି କୋରାପୁଟ-ରାୟଗଡ଼ା ରେଳପଥରେ ଜମାହେବାରୁ ଦୀର୍ଘ ୬ଘଣ୍ଟା ଧରି ଏହି ରୁଟ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସକାଳ ସମୟରେ ବିଶାଖାପାଟଣା-କୋରାପୁଟ ଓ କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍ ଏହି ରୁଟ୍ ଦେଇ ଯିବାର ଅଳ୍ପ ସମୟ ପୂର୍ବରୁ ଏହି ଭୂସ୍ଖଳନ ଘଟିଥିବାରୁ ଏକ ବଡ ରେଳ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ରାୟଗଡ଼ାଠାରୁ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସଫେଇ କାର୍ଯ୍ୟ କରିବା ପରେ ଅପରାହ୍ଣ ପ୍ରାୟ ୩ଟାରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ରେଳ ଚଳାଚଳ ବାଧାପ୍ରାପ୍ତ ଯୋଗୁ ରାୟଗଡ଼ା, ସିଙ୍ଗାପୁର, ଟିକିରି ଷ୍ଟେଶନରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ଜମିଥିଲା।

ପ୍ରବଳ ବର୍ଷା ଯୋଗୁ ପାହାଡ଼ ଉପରୁ ବିରାଟକାୟ ପଥର ଓ ମାଟି ଅତଡା ଖସି ରେଳ ଧାରଣା ଉପରେ ପଡିବା ☞ପୃଷ୍ଠା-୨


## ହେବନି ଛାତ୍ର ସଂସଦ ନିର୍ବାଚନ, ବିରୋଧ ତେଜିଲା

**ଭୁବନେଶ୍ୱର, ୧୩।୯ (ଅସମାପିକା ସାହୁ)**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବାର୍ଷିକ ଶିକ୍ଷା କ୍ୟାଲେଣ୍ଡରରେ ଛାତ୍ର ସଂସଦ ନିର୍ବାଚନ କଥା ଉଲ୍ଲେଖ କରାଯାଇନାହିଁ। ଫଳରେ ରାଜ୍ୟରେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ନ ହେବା ସ୍ପଷ୍ଟ ହୋଇଛି। ଏହାପରେ ବିରୋଧ ଓ ପ୍ରତିବାଦ ଆରମ୍ଭ ହୋଇଛି। ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଙ୍ଗଠନଗୁଡ଼ିକ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ତୀବ୍ର ବିରୋଧ କରିବା ସହ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି କରିଛନ୍ତି।

ଚଳିତ ବର୍ଷ କ୍ରମାଗତ ଷଷ୍ଠ ଥର ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଛି। ଏଆଇଏସ୍‌ଏଫ୍ କହିଛି, ଗଣତନ୍ତ୍ରର ପାଠଶାଳା ଓ ନେତୃତ୍ୱ ବିକାଶର ଅନ୍ତୁଡ଼ିଶାଳ ହେଉଛି ଛାତ୍ର ସଂସଦ ନିର୍ବାଚନ। କେବଳ ବିଧାନସଭା ଓ ସଂସଦ ପାଇଁ ନୁହେଁ, ସମାଜର ଦିଶା ନିର୍ଣ୍ଣୟରେ ନେତୃତ୍ୱକାରୀ ଭୂମିକା ନେବା ପାଇଁ ଏହି ପ୍ରକ୍ରିୟାରେ ନେତା ତିଆରି ହୁଅନ୍ତି। ଛାତ୍ର ଜୀବନରୁ ଉତ୍ତର ଦାୟିତ୍ୱରେ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ହେଉଛି ଛାତ୍ର ସଂସଦ। ଏହାକୁ ବନ୍ଦ କରିବା ଫଳରେ ନେତୃତ୍ୱ ସୃଷ୍ଟି ହେବା ବନ୍ଦ ହେଲାଣି। ନୂତନ ନେତୃତ୍ୱ ସୃଷ୍ଟିର ସଂକଟ ଗଣତନ୍ତ୍ର ପାଇଁ ବିପଦ। ଛାତ୍ର ସଂସଦ ନିର୍ବାଚନ ବନ୍ଦ ଯୋଗୁ ସାଧାରଣ ପରିବାରର ପିଲାଟିଏ ନେତା ହୋଇପାରିବ ନାହିଁ। ରାଜତନ୍ତ୍ରରେ ରାଜା ପୁଅ ରାଜା ହେଲା ଭଳି ନେତାଙ୍କ ପିଲା ହିଁ ନେତା ହେବେ। ତେଣୁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଆସନ୍ତା ୧୬ ତାରିଖରେ ରାଜ୍ୟସ୍ତରୀୟ ଛାତ୍ର ଅଧିକାର ସମାବେଶ ହେବ ବୋଲି ଏଆଇଏସ୍‌ଏଫ୍ ପକ୍ଷରୁ ରାଜ୍ୟ ସଭାପତି ସଂଘମିତ୍ରା ଜେନା ଚେତାବନୀ ଦେଇଛନ୍ତି।

ସେପଟେ ଏବିଭିପି ମଧ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଆଗାମୀ ୨ ଦିନରେ ସବୁ ଉଚ୍ଚଶିକ୍ଷାନୁଷ୍ଠାନ ସମ୍ମୁଖରେ ଏହାର ପ୍ରତିବାଦ କରାଯିବ ବୋଲି ଘୋଷଣା କରିଛି। ସରକାର ଏ ଦିଗରେ ପୁନର୍ବାର ଚିନ୍ତା କରନ୍ତୁ ଏବଂ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ନିଅନ୍ତୁ। ଯଦି ସରକାର ତାଙ୍କ ନିଷ୍ପତ୍ତି ନ ବଦଳାନ୍ତି, ତେବେ ଆଗାମୀ ଦିନରେ ଏବିଭିପି କୋର୍ଟର ଆଶ୍ରୟ ନେବ। ଏ ନେଇ ପିଆଇଏଲ୍ ଫାଇଲ କରାଯିବ ବୋଲି ଏବିଭିପିର ରାଜ୍ୟ ଗଣମାଧ୍ୟମ ସଂଯୋଜକ ☞ପୃଷ୍ଠା-୨

## ସଂକ୍ଷେପରେ

### ଆତଙ୍କବାଦୀ ଆକ୍ରମଣ: ସେନା ଅଧିକାରୀଙ୍କ ସମେତ ୩ ଶହୀଦ

**ଶ୍ରୀନଗର,୧୩।୯:** କଶ୍ମୀରର ଅନନ୍ତନାଗ ଜିଲାରେ ବୁଧବାର ଆତଙ୍କବାଦୀ ଆକ୍ରମଣ ଘଟିଛି। ଏଥିରେ ଜଣେ ସେନା କଲୋନେଲଙ୍କ ସମେତ ୩ ସୁରକ୍ଷାକର୍ମୀ ଶହୀଦ ହୋଇଛନ୍ତି। ଅନନ୍ତନାଗ ଜିଲାର କୋକେରନାଗ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚିଥିବା ଖବର ଜଣାପଡ଼ିବା ପରେ ସେନା ଓ ସ୍ଥାନୀୟ ପୋଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସେଠାରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ତେବେ ରାତି ହୋଇଥିବାରୁ ଅପରେଶନକୁ ବନ୍ଦ କରାଯାଇଥିଲା। ବୁଧବାର ସକାଳେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ କଲୋନେଲ୍ ମନ୍‌ପ୍ରୀତ୍ ସିଂ, ଜମ୍ମୁ-କଶ୍ମୀର ପୋଲିସର ଡିଏସ୍‌ପି ମେଜର ଆଶିଷ ଓ ପୋଲିସ କର୍ମଚାରୀ ହ୍ୟୁମାୟୁନ୍ ଭଟ୍ଟଙ୍କ ମୃତ୍ୟୁ ଘଟିଥିଲା।

### କୋଟାରେ ଆଉ ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା

**କୋଟା,୧୩।୯:** ରାଜସ୍ଥାନର କୋଟାରେ ଆଉ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଏହାକୁ ମିଶାଇ ଗତ ୮ ମାସ ମଧ୍ୟରେ ୨୫ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିସାରିଲେଣି। ଛାତ୍ରୀ ଜଣକ ରାଞ୍ଚିର ମୂଳବାସିନ୍ଦା ହୋଇଥିବାବେଳେ ସେ ବର୍ତ୍ତମାନ କୋଟାର ବ୍ଲୋଜ୍ ହଷ୍ଟେଲରେ ରହୁଥିଲେ। ସୂଚନାଯୋଗ୍ୟ ନିଟ୍, ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବାର୍ଷିକ ପ୍ରାୟ ୨ ଲକ୍ଷ ଛାତ୍ରୀଛାତ୍ର କୋଟା ଆସିଥାନ୍ତି। ତେବେ ଚଳିତବର୍ଷ ସର୍ବାଧିକ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୨୦୨୨ରେ ୧୫ ଜଣ, ୨୦୧୯ରେ ୧୮ଜଣ, ୨୦୧୮ରେ ୨୦ଜଣ, ୨୦୧୭ରେ ୭ ଜଣ, ୨୦୧୬ରେ ୧୭ ଜଣ ଏବଂ ୨୦୧୫ରେ ୧୮ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବା ରାଜସ୍ଥାନ ପୋଲିସ କହିଛି। ତେବେ କରୋନା ମହାମାରୀ ଯୋଗୁ ୨୦୨୦ ଏବଂ ୨୦୨୧ରେ କୌଣସି ଛାତ୍ରୀଛାତ୍ର ଆତ୍ମହତ୍ୟା କରିନଥିବା ଜଣାପଡ଼ିଛି।

### କେରଳରେ ନିପା ସଂକ୍ରମଣ

### ୭ ଗାଁ କଣ୍ଟେନମେଣ୍ଟ ଜୋନ୍ ଘୋଷିତ



**ନୂଆଦିଲ୍ଲୀ,୧୩।୯:** ନିପା ସଂକ୍ରମଣ ଦୃଷ୍ଟିରୁ କେରଳ ସରକାର ରାଜ୍ୟର କୋଝିକୋଡ଼ ଜିଲାର ୭ ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ନିପା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ରାଜ୍ୟର ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଜଣ ସଂକ୍ରମିତ ଥିବା ଜଣାପଡ଼ିଛି। ସଂକ୍ରମିତଙ୍କ ମଧ୍ୟରେ ଜଣେ ୯ବର୍ଷର ବାଳକ ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୋଝିକୋଡ଼ ପ୍ରଶାସନକୁ ସତର୍କ କରାଯାଇଛି। ସେହିପରି ସଂକ୍ରମିତ ଅଞ୍ଚଳରେ ସ୍କୁଲ ଓ ବିଭିନ୍ନ କାର୍ଯ୍ୟାଳୟକୁ ବନ୍ଦ ରଖାଯାଇଛି। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ କହିଛନ୍ତି, ନିପା ଭୂତାଣୁ ବାଂଲାଦେଶ ଭାଇରାଣ୍ଟ ଅଟେ। ଏହା ମନୁଷ୍ୟକୁ ସଂକ୍ରମିତ କରୁଛି ଏବଂ ଏହା ସଂକ୍ରମଣ ତୁଳନାରେ ମୃତ୍ୟୁହାର ସର୍ବାଧିକ ଅଟେ।

# କିମ୍‌ଙ୍କ ମହତ୍ତ୍ୱାକାଂକ୍ଷାରେ ଡେଣା

## ସ୍ପାଏ ସାଟେଲାଇଟ୍ ନିର୍ମାଣରେ ସହାୟତା ଦେବ ରୁଷିଆ

**୧୯୫୦-୫୩ର କୋରୀୟ ଯୁଦ୍ଧ ବେଳେ ଦକ୍ଷିଣ କୋରିଆ ଉପରେ ଉତ୍ତର କୋରିଆ ଆକ୍ରମଣ କରିଥିଲା। ସେହି ସମୟରେ ସୋଭିଏଟ୍ ସଂଘ ଉତ୍ତର କୋରିଆକୁ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧବିମାନ ଯୋଗାଇଦେଇଥିଲା। ସେବେଠୁ ଅନେକ ଦଶନ୍ଧି ଧରି ସୋଭିଏଟ୍‌ର ଅର୍ଥନୀତି ଉପରେ ଉତ୍ତର କୋରିଆ ନିର୍ଭରଶୀଳ ଥିଲା। ତେଣୁ ବର୍ତ୍ତମାନ ଉତ୍ତର କୋରିଆ ରୁଷିଆର ଘରୋଇ ସେନା ୱାଗନର ଗ୍ରୁପ୍ ସମେତ ସରକାରୀ ସାମରିକ ବଳକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଋଣ ଶୁଝୁଛି ବୋଲି ଆମେରିକା କହିଛି। ଦୁଇଦେଶ ମଧ୍ୟରେ ଆଗକୁ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର କାରବାର ହେବା ଅନୁଚିତ ବୋଲି ୱାଶିଂଟନ୍ ଚେତାବନୀ ଦେଇଥିବାବେଳେ ଉତ୍ତର କୋରିଆର ୩୯ ବର୍ଷୀୟ ଏକଚ୍ଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍ ବୁଧବାର ୭୦ ବର୍ଷୀୟ ରୁଷୀୟ ଷ୍ଟ୍ରଙ୍ଗ୍‌ମ୍ୟାନ୍ ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିଛନ୍ତି। ଗତ ୪ ବର୍ଷ ମଧ୍ୟରେ ଏହା ହେଉଛି ଉଭୟଙ୍କ ପ୍ରଥମ ସାକ୍ଷାତ।**



ରୁଷିଆର ଭୋଷ୍ଟୋଚ୍‌ନିରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ହାତ ମିଳାଉଛନ୍ତି ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ (ବାମ)।

ମସ୍କୋ/ସିଓଲ,୧୩।୯

ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍ ରୁଷିଆର ନୂଆ ସ୍ପେସ୍ ଲଞ୍ଚ୍ ଷ୍ଟେଶନ୍‌ରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟି ୟୁକ୍ରେନ୍ ବିରୋଧରେ ୧୮ ମାସ ଧରି ଚାଲିଥିବା ଯୁଦ୍ଧକୁ ସମର୍ଥନ କରିଛନ୍ତି। ବିଶ୍ଳେଷକଙ୍କ ମତରେ ଉତ୍ତର କୋରିଆ ନିକଟରେ ଅନେକ ଲକ୍ଷ ପୁରୁଣା ଅସ୍ତ୍ରଶସ୍ତ୍ର ଓ ରକେଟ୍ ଥାଇପାରେ। ରୁଷିଆ ସେହି ଯୁଦ୍ଧାସ୍ତ୍ରଗୁଡ଼ିକୁ ନେଇ ୟୁକ୍ରେନ୍ ବିରୋଧରେ ପ୍ରୟୋଗ କରିପାରେ। ଏହା ବଦଳରେ ରୁଷିଆ ଉତ୍ତର କୋରିଆକୁ ସ୍ପାଏ ସାଟେଲାଇଟ୍ ନିର୍ମାଣରେ ସହଯୋଗ କରିପାରେ। ତେଣୁ ଭୂରାଜନୈତିକ ଉଠାପକା ମଧ୍ୟରେ ଦୁଇ ଏକଚ୍ଛତ୍ରବାଦୀ ଶାସକଙ୍କ ସାକ୍ଷାତ୍‌କୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ୟୁକ୍ରେନ୍ ଯୁଦ୍ଧ ପାଇଁ ଅସ୍ତ୍ରଶସ୍ତ୍ର ଯୋଗାଣ ଚୁକ୍ତି ନ କରିବାକୁ ଆମେରିକା ପକ୍ଷରୁ ଦିଆଯାଇଥିବା ଚେତାବନୀକୁ ଭ୍ରୂକ୍ଷେପ ନ କରି କିମ୍ ପ୍ୟୋଙ୍ଗ୍‌ୟାଙ୍ଗ୍‌ରୁ ରବିବାର ଏକ ଘରୋଇ ଟ୍ରେନ୍‌ରେ ରୁଷିଆ ଅଭିମୁଖେ ଯାତ୍ରା କରିଥିଲେ। କିମ୍ ଟ୍ରେନ୍‌ରେ ରୁଷିଆର ବନାଞ୍ଚଳ ଅତିକ୍ରମ କରୁଥିବାବେଳେ ଉତ୍ତର କୋରିଆ ରାଜଧାନୀ ପ୍ୟୋଙ୍ଗ୍‌ୟାଙ୍ଗ୍ ନିକଟରୁ ପୂର୍ବ ଉପକୂଳ ସମୁଦ୍ରକୁ ୨ଟି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ଉଦ୍‌କ୍ଷେପଣ କରିଥିଲା। ଏହା ହେଉଛି କିମ୍‌ଙ୍କ ଅନୁପସ୍ଥିତିରେ ଉତ୍ତର କୋରିଆର ପ୍ରଥମ ମିଶାଇଲ୍ ଲଞ୍ଚ୍। ଦେଶର ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ ବ୍ୟବସ୍ଥା କେତେ ବିକଶିତ ହୋଇଛି ତାହା ଏଥିରୁ ସ୍ପଷ୍ଟ ହେଉଥିବା କୁହାଯାଉଛି। ରୁଷିଆର ଦୂର ପ୍ରାଚ୍ୟରେ ଥିବା ଭୋଷ୍ଟୋଚ୍‌ନି କସ୍‌ମୋଡ୍ରୋମ୍‌ର ସ୍ପେସ୍ ବେସ୍‌ରେ ପୁଟିନ୍ ଓ କିମ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏହି ଅବସରରେ କିମ୍ 'ସାମ୍ରାଜ୍ୟବାଦ ବିରୋଧୀ' ଅଭିଯାନକୁ ମସ୍କୋ ସମ୍ପୂର୍ଣ୍ଣ ଓ ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ। ଉକ୍ତ ସମିଟ୍‌ରେ ଦୁଇ ନେତାଙ୍କ ମଧ୍ୟରେ ୪-୫ ଘଣ୍ଟା ଆଲୋଚନା ହୋଇଥିଲା। ରୁଷିଆର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଲଞ୍ଚ ସେଣ୍ଟର କସ୍‌ମୋଡ୍ରୋମ୍‌ରେ ପୁଟିନ୍‌ଙ୍କୁ କିମ୍ ଭେଟିବା ପଛର ଉଦ୍ଦେଶ୍ୟ ହେଉଛି, ପ୍ୟୋଙ୍ଗ୍‌ୟାଙ୍ଗ୍ ସାମରିକ କାର୍ଯ୍ୟକଳାପ ପାଇଁ ବିକଶିତ କରିବାକୁ ଚାହୁଁଥିବା ସାଟେଲାଇଟ୍ ସକାଶେ ରୁଷୀୟ ସହାୟତା ହାସଲ କରିବା। ଏହାଦ୍ୱାରା ଉତ୍ତର କୋରିଆ ଅଧିକ ଆଣବିକ କ୍ଷମତାସମ୍ପନ୍ନ ଏବଂ ଗୁପ୍ତଚର ମିଶାଇଲ୍ ତିଆରି କରିପାରିବ। ପୁଟିନ୍ ମଧ୍ୟ ଏଥିପାଇଁ ସହାୟତା ଦେବା ନେଇ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ପୁଟିନ୍ ଓ କିମ୍ ପରସ୍ପରକୁ 'କମ୍ରେଡ୍' ବୋଲି ସମ୍ବୋଧନ କରିଥିଲେ। ଆଲୋଚନା ବେଳେ ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଉପସ୍ଥିତ ଥିଲେ। କିମ୍ ଆସନ୍ତା ଅକ୍ଟୋବରରେ ସ୍ପାଏ ସାଟେଲାଇଟ୍ ଲଞ୍ଚ୍ ପାଇଁ ତୃତୀୟ ଉଦ୍ୟମ କରିବେ ବୋଲି ଏହା ପୂର୍ବରୁ ଘୋଷଣା କରିସାରିଛନ୍ତି। ସେ କ୍ଷମତାସୀନ ହେବା ପରଠୁ ୧୨ ବର୍ଷ ମଧ୍ୟରେ ମାତ୍ର ୭ ଥର ବିଦେଶ ଯାଇଛନ୍ତି, ଯହିଁରୁ ୪ ଥର ହେଉଛି ଚାଇନା ଗସ୍ତ। ପ୍ରକାଶ ଯେ, ଉତ୍ତର କୋରିଆ ବିପକ୍ଷରେ ଆମେରିକା ସମେତ ପାଶ୍ଚାତ୍ୟର କଟକଣାକୁ ଚାଇନା ଓ ରୁଷିଆ ବିରୋଧ କରିଆସୁଛନ୍ତି।

### ମୋଦି, ଶାହାଙ୍କୁ ଖଲିସ୍ତାନୀ ଧମକ

ନୂଆଦିଲ୍ଲୀ,୧୩।୯

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କ ନୂଆଦିଲ୍ଲୀ ଗସ୍ତ ବେଳେ ଭାରତ ସରକାର ସେଠାରେ ଖଲିସ୍ତାନୀ ସପକ୍ଷବାଦୀ ତତ୍ତ୍ୱଙ୍କ ଉପସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗତ ୧୦ ତାରିଖରେ କାନାଡାରେ ଏକ ସମାବେଶକୁ ସମ୍ବୋଧିତ କରି ଆମେରିକାର ଶିଖ୍ସ ଫର୍ ଜଷ୍ଟିସ ସଂଗଠନର ମୁଖ୍ୟ ଗୁରୁପତୱନ୍ତ ସିଂ ପନ୍ନୁନ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଅନ୍ୟ ଶୀର୍ଷ ନେତାମାନଙ୍କୁ ଧମକ ଦେଇଛନ୍ତି। ଯେଉଁମାନେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜାରଙ୍କୁ ହତ୍ୟା କରିଛନ୍ତି ଏହା ସେମାନଙ୍କ ପାଇଁ ବାର୍ତ୍ତା। ମୋଦି, ଶାହା, ଜୟଶଙ୍କର, ଅଜିତ ଡୋଭାଲଙ୍କୁ ହତ୍ୟା ପାଇଁ ଆମେ ଆହ୍ୱାନ ଦେଉଛୁ ଓ ଖୁବ୍‌ଶୀଘ୍ର ଆସୁଛୁ ବୋଲି ପନ୍ନୁନ୍ ଏକ ଭିଡିଓରେ କହୁଥିବା ଶୁଣିବାକୁ ମିଳିଛି। ଭାରତ ସରକାରଙ୍କ ୱାଣ୍ଟେଡ୍ ତାଲିକାରେ ଥିବା ହରଦୀପ୍‌ଙ୍କୁ ଗତବର୍ଷ ଜୁନ୍‌ରେ କାନାଡ଼ାର ସୁରୀଠାରେ ଟାର୍ଗେଟ୍ ସୁଟିଂରେ ହତ୍ୟା କରାଯାଇଥିଲା।

### ବସ୍ ଚୋରି କରି ଯାତ୍ରୀଙ୍କ ଠାରୁ ଭଡ଼ା ଆଦାୟ

ହାଇଦ୍ରାବାଦ,୧୩।୯

ହାଇଦ୍ରାବାଦର ଜଣେ ବ୍ୟକ୍ତି ବସ୍ ଚୋରି କରି ଧରାପଡ଼ିଛନ୍ତି। ତେଲଙ୍ଗାନା ରାଜ୍ୟ ସଡ଼କ ପରିବହନ ନିଗମ(ଟିଏସ୍‌ଆର୍‌ଟିସି)ଦ୍ୱାରା ପରିଚାଳିତ ବସ୍‌କୁ ଅଭିଯୁକ୍ତ ଜଣକ ଚୋରି କରି ନେବା ସହ ଯାତ୍ରୀମାନଙ୍କ ଠାରୁ ଭଡ଼ା ଆଦାୟ କରିଥିଲେ। ତେବେ ଅଧାବାଟରେ ବସ୍‌ର ଡିଜେଲ୍ ସରିଯିବାରୁ ଅଭିଯୁକ୍ତ ଓହ୍ଲାଇ ଫେରାର ହୋଇଯାଇଥିଲେ। ଟିଏସ୍‌ଆର୍‌ଟିସି ଅଧିକାରୀମାନଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ତାଙ୍କୁ ଗିରଫ କରିଛି।



ଆମେରିକୀୟ ଗବେଷକ ମାର୍କ ଡିକିଙ୍କୁ ତୁର୍କର ଟରସ ପର୍ବତମାଳାସ୍ଥିତ ମୋର୍କା ଗୁମ୍ଫା ଭିତରୁ ଏକ ଷ୍ଟ୍ରେଚରରେ ଉଠାଇ ଉଦ୍ଧାର କରାଯାଉଛି। ସେ ଏକ ଅଭିଯାନରେ ଥିବାବେଳେ ସେପ୍ଟେମ୍ବର ୨ରେ ପ୍ରାୟ ୧,୦୦୦ ମିଟର ତଳେ ଫସି ଅସୁସ୍ଥ ହୋଇଯାଇଥିଲେ।

### ରାଜସ୍ଥାନରେ ସଡ଼କ ଦୁର୍ଘଟଣା: ୧୨ ମୃତ

**ପ୍ରଧାନମନ୍ତ୍ରୀଙ୍କ ସହାୟତା ଘୋଷଣା**

ଜୟପୁର,୧୩।୯

ରାଜସ୍ଥାନର ଭରତପୁର ଜିଲା ଲଖନପୁର ଥାନା ଅଞ୍ଚଳରେ ବୁଧବାର ଭୋରରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଗୁଜରାଟରୁ ତୀର୍ଥଯାତ୍ରୀଙ୍କୁ ନେଇ ବାହାରିଥିବା ବସ୍‌କୁ ଏକ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ୧୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୧ଜଣ ଆହତ ହୋଇଛନ୍ତି। ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କ ପରିବାରକୁ ୫୦ ହଜାର ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜସ୍ଥାନ ରାଜ୍ୟପାଳ କଲରାଜ ମିଶ୍ର, ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ଅନ୍ୟମାନେ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି। ଲଖନପୁର ଥାନା ଅଧିକାରୀ ରାମଅବତାର କହିଛନ୍ତି, ବୁଧବାର ଭୋର ୪.୩୦ବେଳେ ବସ୍‌ଟି ହନ୍ତର କଲଭର୍ଟ ନିକଟରେ ଠିଆ ହୋଇଥିବାବେଳେ ପଛପଟୁ ଏକ ୧୦ ଚକିଆ ଟ୍ରକ ଆସି ଧକ୍କା ଦେଇଥିଲା। ଫଳରେ ୬ ଜଣ ମହିଳା ଓ ୫ ଜଣ ପୁରୁଷଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଥିବା ୧୧ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି।

### ଆପାର୍ଟମେଣ୍ଟରେ ନିଆଁ: ୫୬ ମୃତ



ହାନୋଇ,୧୩।୯

ଭିଏତନାମର ରାଜଧାନୀ ହାନୋଇରେ ଥିବା ଏକ ୯ ମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ମଙ୍ଗଳବାର ରାତିରେ ନିଆଁ ଲାଗି ୫୬ ଜଣଙ୍କ ମୃତ୍ୟୁ ଘଟିଛି। ତେବେ କେଉଁ କାରଣରୁ ଏହି ନିଆଁ ଲାଗିଲା ତାହା ଜଣାପଡ଼ିନି। ଭିଏତ୍‌ନାମ ନ୍ୟୁଜ୍ ଏଜେନ୍ସି ସୂଚନାନୁସାରେ ମଙ୍ଗଳବାର ରାତି ପ୍ରାୟ ୧୧.୩୦ରେ ନିଆଁ ଲାଗି ଯାଇଥିଲା। ସେତେବେଳେ ଅଧିକାଂଶ ଲୋକେ ନିଜ ଘରେ ରହିଥିଲେ। ଆପାର୍ଟମେଣ୍ଟଟି ସଂକୀର୍ଣ୍ଣ ସ୍ଥାନରେ ନିର୍ମାଣ ହୋଇଥିବାରୁ ସେଠାକୁ ପହଞ୍ଚିବାକୁ ଅଗ୍ନିଶମ କର୍ମଚାରୀମାନଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେହିପରି ଏହି ଅଗ୍ନିକାଣ୍ଡରେ ପ୍ରାୟ ୩୭ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ପୋଲିସ ବ୍ରିଫିଙ୍ଗ୍‌ର ପରିଣାମ ମିଡିଆ ଟ୍ରାଏଲ୍ ନ ହେଉ

**ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୩।୯

ଆପରାଧିକ ମାମଲାଗୁଡ଼ିକୁ ନେଇ ପୋଲିସ କର୍ମଚାରୀଙ୍କ ବ୍ରିଫିଂ ଉପରେ ୩ ସପ୍ତାହ ମଧ୍ୟରେ ବିସ୍ତୃତ ମାନୁଆଲ ପ୍ରସ୍ତୁତ କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସବୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ମାନଙ୍କୁ ମାସକ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ନିଜ ନିଜ ପ୍ରସ୍ତାବ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବ ଦେବା ବେଳେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ଙ୍କ ଇନ୍‌ପୁଟ୍‌କୁ ବିଚାରକୁ ନେବା ପାଇଁ ନିର୍ଦ୍ଦେଶ ରହିଛି। ବିଚାରାଧୀନ ମାମଲା ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ସମ୍ପର୍କିତ। ପ୍ରଥମତଃ ଏନ୍‌କାଉଣ୍ଟର ବେଳେ ପୋଲିସ ଦ୍ୱାରା ଆପଣାଯାଉଥିବା ପ୍ରକ୍ରିୟା ଏବଂ ଦ୍ୱିତୀୟରେ ଜାରି ରହିଥିବା ଆପରାଧିକ ତଦନ୍ତ ସମୟରେ ମିଡିଆ ବ୍ରିଫିଙ୍ଗ୍ କରିବାବେଳେ ପୋଲିସକୁ ପୋଟୋକଲର ଅନୁସରଣ କରିବା ଉଚିତ।

### ମୁମ୍ବାଇରେ ଆଉ ଗଡ଼ିବନି ଡବଲ-ଡେକର ବସ୍

ମୁମ୍ବାଇ,୧୩।୯

ମୁମ୍ବାଇରେ ଡବଲ୍-ଡେକର ବସ୍‌ଗୁଡ଼ିକୁ ଆଉ ଦେଖିବାକୁ ମିଳିବ ନାହିଁ। ବ୍ରିହନ୍‌ମୁମ୍ବାଇ ଇଲେକ୍ଟ୍ରିସିଟି ସପ୍ଲାଏ ଆଣ୍ଡ ଟ୍ରାନ୍ସପୋର୍ଟ(ବିଇଏସ୍‌ଟି) ପକ୍ଷରୁ ମଙ୍ଗଳବାର ଏନେଇ ସୂଚନା ଦିଆଯାଇଛି। ଏହି ବସ୍‌ଗୁଡ଼ିକ ରାସ୍ତାରୁ ସବୁଦିନ ପାଇଁ ଉଭାନ ହୋଇଯିବାକୁ ବସିଥିବାବେଳେ ଯାତ୍ରୀମାନେ ଏଭଳି ଅନ୍ୟୁନ ୨ଟି ଯାନକୁ ଅନିକ୍ ମ୍ୟୁଜିୟମ୍‌ରେ ରଖିବା ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ ଏବଂ ବିଇଏସ୍‌ଟି ପ୍ରଶାସନକୁ ଅନୁରୋଧ କରିଛନ୍ତି। ବର୍ତ୍ତମାନ ମାତ୍ର ୭ଟି ଡବଲ୍-ଡେକର୍ ବସ୍ ରହିଛି ଯହିଁରୁ ୩ଟି ହେଉଛି ଓପନ୍-ଡେକ୍ ବସ୍।

## ଭାରତକୁ ମିଳିଲା ସି-୨୯୫ ଏୟାରକ୍ରାଫ୍ଟ



ସେଭିଲ୍ଲି,୧୩।୯

ଭାରତକୁ ପ୍ରଥମ ସି-୨୯୫ ଏୟାରକ୍ରାଫ୍ଟ ମିଳିଛି। ଦୁଇ ବର୍ଷ ପୂର୍ବେ ଭାରତ ସ୍ପେନ୍ ସହ ୨୧,୯୩୫ କୋଟି ଟଙ୍କାର ପ୍ରୋଜେକ୍ଟ ଚୁକ୍ତିନାମା କରିଥିଲା। ଭାରତୀୟ ବାୟୁସେନାକୁ ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ଏହି ଚୁକ୍ତି କରିଥିଲେ। ବାୟୁସେନା ମୁଖ୍ୟ ମାର୍ଶଲ ଭି.ଆର୍. ଚୌଧୁରୀ ସ୍ପେନ୍ ଅଧିକାରୀଙ୍କୁ ଏହାର ନିର୍ମାଣ ଅଧିକାରକୁ ଗ୍ରହଣ କରିଛନ୍ତି। ଏହି ଚୁକ୍ତିନାମା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୧୬ଟି ଯୁଦ୍ଧବିମାନକୁ ୨୦୨୫ ସୁଦ୍ଧା ଉଡ଼ାଣଯୋଗ୍ୟ କରାଯାଇ ସେଭିଲ୍ଲି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ଏବଂ ଅନ୍ୟ ୪୦ଟି ବିମାନକୁ ଟାଟା କମ୍ପାନୀ ନିର୍ମାଣ କରିବ ବୋଲି ଜଣାପଡ଼ିଛି।

## ଜେଲରୁ ମୁକୁଳିଲେ ନାର୍କୋଟିକ୍ କୁଇନ୍

ୱାଶିଂଟନ୍,୧୩।୯

ମେକ୍ସିକୋର ଡ୍ରଗ୍ ଲର୍ଡ ଜୋଆକ୍ୱିନ୍ 'ଏଲ୍ ଚାପୋ' ଗୁଜ୍‌ମ୍ୟାନ୍‌ଙ୍କ ସ୍ତ୍ରୀ ଏମ୍ମା କୋରୋନେଲ ଏଇସ୍ପୁରୋଙ୍କୁ ବୁଧବାର ଲସ୍ ଆଞ୍ଜେଲେସ୍ ଜେଲରୁ ମୁକ୍ତ କରାଯାଇଥିବା ଆମେରିକାର ବ୍ୟୁରୋ ଅଫ୍ ପ୍ରିଜନ୍ ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକାରେ ଜନ୍ମିତ ୩୪ ବର୍ଷୀୟା ଏମ୍ମାଙ୍କୁ ସ୍ୱାମୀଙ୍କ ନାର୍କୋଟିକ୍ ସାମ୍ରାଜ୍ୟ ସିନାଲୋଆ କାର୍ଟେଲକୁ ଡ୍ରଗ୍ ଚାଲାଣରେ ସହଯୋଗ କରିବା ଅଭିଯୋଗରେ ୨୦୨୧ରେ ଗିରଫ କରାଯାଇଥିଲା। ଏହି ମାମଲାରେ ସେହିବର୍ଷ ନଭେମ୍ବରରେ ନାର୍କୋଟିକ୍ କୁଇନ୍‌ଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା। ଉକ୍ତ କାର୍ଟେଲକୁ ଚଳାଉଥିବା ଗୁଜ୍‌ମ୍ୟାନ୍ ଏବଂ ଅନ୍ୟ ସଙ୍ଗଠନଗୁଡ଼ିକର ସଦସ୍ୟମାନଙ୍କ ମଧ୍ୟରେ ସେ ମାଧ୍ୟମ ପାଲଟିଥିବା ବିଷୟ ସ୍ୱୀକାର କରିଥିଲେ। ୨୦୧୪ରେ ଗୁଜ୍‌ମ୍ୟାନ୍‌ଙ୍କୁ ଗିରଫ କରାଯାଇଥିଲା। ତେବେ ସେ ମେକ୍ସିକୋ ଜେଲରୁ ୨ ଥର ଖସି ପଳାଇବାରେ ସକ୍ଷମ ହୋଇଥିଲେ। ୨୦୧୯ରେ ଗୁଜ୍‌ମ୍ୟାନ୍ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡାଦେଶ ପାଇବା ପରେ ଆମେରିକାର କଲରୋଡୋସ୍ଥିତ ସୁପାମାକ୍ସ ଜେଲରେ କଡ଼ା ସୁରକ୍ଷା ବଳୟରେ ଅଛନ୍ତି।

ଏମ୍ମା କୋରୋନେଲ ଏଇସ୍ପୁରୋ



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୪/୨୦୨୩ | Bhubaneswar, Thursday, September 14/2023 | ପୃଷ୍ଠା-୧

# ଆସନ ବୁଝାମଣା: ଶୀଘ୍ର ନିଷ୍ପତ୍ତି ନେବ ଇଣ୍ଡିଆ

## ପ୍ରଥମ ରଣନୀତି ବୈଠକରେ ଜାତିଗତ ଜନଗଣନାକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୩।୯**

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ପ୍ରଥମ ରଣନୀତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ନୂଆଦିଲ୍ଲୀ ବାସଭବନରେ ହୋଇଥିବା ଏହି ବୈଠକରେ ଜାତିଗତ ଜନଗଣନା କରାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସେହିପରି ଖୁବ୍ ଶୀଘ୍ର ଆସନ ବୁଝାମଣା ଉପରେ ନିଷ୍ପତ୍ତି ନିଆଯିବ। ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ମଧ୍ୟପ୍ରଦେଶର ଭୋପାଳରେ ଇଣ୍ଡିଆର ପ୍ରଥମ ମିଳିତ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ବୈଠକ ଶେଷରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି।

ତାମିଲନାଡୁ ମନ୍ତ୍ରୀ ତଥା ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ ସନାତନ ବିରୋଧୀ ମନ୍ତବ୍ୟକୁ ନେଇ ବିବାଦ ଉଠିଥିବାବେଳେ ଇଣ୍ଡିଆ ବ୍ଲକ୍‌ର ୧୪ ଜଣିଆ ସମନ୍ୱୟ ସମିତି ବୈଠକରେ ୧୨ ସଦସ୍ୟ ଉପସ୍ଥିତ ଥିଲେ। ସମନ୍ୱୟ ସମିତି ସଦସ୍ୟ ବେଣୁଗୋପାଳ କହିଥିଲେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀଙ୍କୁ ପଶ୍ଚିମବଙ୍ଗର ସରକାରୀ ସ୍କୁଲଗୁଡ଼ିକରେ ନିଯୁକ୍ତିରେ ଅନିୟମିତତା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ କରାଯାଇଥିବାରୁ ସେ ବୈଠକରେ ଯୋଗଦେଇପାରି ନାହାନ୍ତି। ଅଭିଷେକଙ୍କ କହିବା ହେଲା, ବୈଠକ ଥିବାରୁ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ଉଦ୍ଦେଶ୍ୟ ରଖି ସମନ ପଠାଇବା ପାଇଁ ଉଡିକୁ ପ୍ରବର୍ତ୍ତାଇଛନ୍ତି।

ବୈଠକ ଶେଷରେ ବେଣୁଗୋପାଳ ଏକ ମିଳିତ ବିବୃତି ପଢ଼ି କହିଛନ୍ତି, ସମନ୍ୱୟ ସମିତି ଆସନ ବୁଝାମଣା ଉପରେ ଆଲୋଚନା ଆରମ୍ଭ କରିବାକୁ ସ୍ଥିର କରିଛି। ଯଥାଶୀଘ୍ର ସମ୍ଭବ ଏହି ନିଷ୍ପତ୍ତି ନିଆଯିବ। ଦେଶର ବିଭିନ୍ନ ଭାଗରେ ମିଳିତ ସାଧାରଣ ସଭାଗୁଡ଼ିକର ଆୟୋଜନ କରାଯିବ। ଅକ୍ଟୋବର ପ୍ରଥମ ସପ୍ତାହରେ ଭୋପାଳରେ ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆ ବ୍ଲକ୍ ଦରଦାମ୍ ବୃଦ୍ଧି, ବେରୋଜଗାରି ଏବଂ ଭାଜପା ସରକାରର ଦୁର୍ନୀତିକୁ ପ୍ରସଙ୍ଗ କରିବ। ଜାତିଗତ ଜନଗଣନା ପ୍ରସଙ୍ଗ ଉଠାଇବା ପାଇଁ ମଧ୍ୟ ଦଳଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି। ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ଏକ ସବ୍-କମିଟି ମଧ୍ୟ ଗଠନ କରାଯାଇଛି। କେଉଁ ଟିଭି ଚ୍ୟାନେଲ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ବିତର୍କ ବେଳେ ମେଣ୍ଟର ନେତାମାନେ ଭାଗନେବେ ☞ପୃଷ୍ଠା-୨



ନୂଆଦିଲ୍ଲୀସ୍ଥିତ ଶରଦ ପାୱାରଙ୍କ ବାସଭବନରେ ବୁଧବାର ଅନୁଷ୍ଠିତ 'ଇଣ୍ଡିଆ'ର ପ୍ରଥମ ରଣନୀତି ବୈଠକରେ ଉପସ୍ଥିତ ନେତାମାନେ।

# ଏସିଆନ ଗେମ୍ସ ପାଇଁ ଓଡ଼ିଶା ଆଥ୍‌ଲେଟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ପ୍ରୋତ୍ସାହନ

## ପ୍ରତି ଆଥ୍‌ଲେଟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ ପାଇଁ ଘୋଷଣା

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋଠାରେ ଚଳିତ ମାସ ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଏସିଆର ଏହି ମେଗା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୧୩ ଆଥ୍‌ଲେଟ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନଙ୍କ ଟ୍ରେନିଂ, ପ୍ରସ୍ତୁତି ଓ ଅଂଶଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଲକ୍ଷ ଟଙ୍କା ଲେଖାଏର ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଅର୍ଥାତ୍ ପ୍ରତି ଆଥ୍‌ଲେଟ ୧୦ ଲକ୍ଷ ଟଙ୍କା ଲେଖାଏ ପାଇବେ। ଏସିଆନ ଗେମ୍ସ ଏସିଆ ମହାଦେଶର ସବୁଠାରୁ ବଡ଼ ପ୍ରତିଯୋଗିତା। ଏଥିପାଇଁ ଯୋଗ୍ୟତା ଅର୍ଜନ କରିଥିବା ଏଲିଟ ଆଥ୍‌ଲେଟମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନର ଉପଯୁକ୍ତ ପ୍ଲାଟଫର୍ମ ପାଇଥାନ୍ତି। ଆସନ୍ତା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶା ଆଥ୍‌ଲେଟମାନେ ☞ପୃଷ୍ଠା-୨

# ୧୭ରେ ସର୍ବଦଳୀୟ ବୈଠକ

## ସଂସଦୀୟ କାର୍ଯ୍ୟସୂଚୀ ଜଣାଇନି କେନ୍ଦ୍ର

**ନୂଆଦିଲ୍ଲୀ, ୧୩।୯**

ଆସନ୍ତା ୧୮ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ସମସ୍ତ ରାଜନୈତିକ ଦଳର ସଂସଦୀୟ ଦଳ ନେତାମାନଙ୍କୁ ନେଇ କେନ୍ଦ୍ର ଏକ ବୈଠକ ଡାକିଛି। ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବୁଧବାର ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଜୋଷୀ କହିଛନ୍ତି, ୧୭ ତାରିଖ ଅପରାହ୍ନ ୪ଟା ୩୦ରେ ହେବାକୁ ଥିବା ସର୍ବଦଳୀୟ ବୈଠକ ପାଇଁ ସମ୍ପୃକ୍ତ ସମସ୍ତ ନେତାଙ୍କୁ ଇ-ମେଲ୍ ଯୋଗେ ନିମନ୍ତ୍ରଣ ପଠାଯାଇଛି। ପୂର୍ବରୁ ଅଗଷ୍ଟ ୩୧ରେ ସେ କୌଣସି କାରଣ ନ ଦର୍ଶାଇ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିବା ବିଷୟ କହିଥିଲେ। ଅଧିବେଶନକୁ ଆଉ କମ୍ ସମୟ ବାକି ଥିବାବେଳେ କେନ୍ଦ୍ର ସରକାର ଏହାର କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ ନ କରାଇବା ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବିରୋଧୀ ବ୍ଲକ୍ 'ଇଣ୍ଡିଆ' ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ୯ଟି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ।



**ଆଜିର ମନ୍ତବ୍ୟ**

"୨୦୨୪ ଲୋକ ସଭା ନିର୍ବାଚନ ବେଳେ ଧର୍ମନିରପେକ୍ଷ ଜନତା ଦଳ ସହ ଭାଜପାର ମେଣ୍ଟ ନେଇ ଆଲୋଚନା ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଉଭୟଙ୍କ ମନରେ କ'ଣ ଚାଲିଛି ତାହା ଆମକୁ ଜଣାନାହିଁ। **–ବି.ଏସ୍. ୟେଦୁରପ୍ପା, କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଅଁର ରଙ୍ଗେଇଲା**
**ଦିନ ଦିନକର ଭାବ ପୀରତି**
**ଦଇବ ଭଙ୍ଗେଇଲା ।**

ବେଳେବେଳେ ଅତି ସାମାନ୍ୟ ଘଟଣା ବା କଥା ସମ୍ପର୍କକୁ ବିଗାଡ଼ି ଦେଇଥାଏ। ସମ୍ପର୍କର ମୃତ୍ୟୁ ନାହିଁ , ପରନ୍ତୁ ମଣିଷର ସ୍ୱଭାବ, ବ୍ୟବହାର ତଥା ଅହଂଭାବ ଏହାକୁ ନଷ୍ଟ କରିଦିଏ। ବୁଝାମଣାରେ ବିଘ୍ନ ଘଟିଲେ ଭାବପୀରତି କ୍ଷଣସ୍ଥାୟୀ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚରିବୁଲି ଖାଉଥା**
**ମୋର ହୋଇ ପଡ଼ିଥା।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶିଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେକ ମହିଳା ପରକିୟାପ୍ରୀତି ପ୍ରତି ମନ ବଳାଇଥାନ୍ତି। ଏହାଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଭାରତ ଦକ୍ଷତା ବିକାଶ ମଡେଲକୁ ବିଶ୍ୱ ଅନୁକରଣ କରୁଛି: ଧର୍ମେନ୍ଦ୍ର



**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)** ଦକ୍ଷତା ବିକାଶ ମଡେଲକୁ ବର୍ତ୍ତମାନ ବିଶ୍ୱ ଅନୁକରଣ କରୁଛି ବୋଲି ନୂଆଦିଲ୍ଲୀସ୍ଥିତ କୌଶଳ ଭବନରେ 'ସ୍କିଲ୍ ଇଣ୍ଡିଆ ଡିଜିଟାଲ' ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ପ୍ଲାଟ୍‌ଫର୍ମ ଶୁଭାରମ୍ଭ କରି ଧର୍ମେନ୍ଦ୍ର କହିଛନ୍ତି, ନିକଟରେ ସମାପ୍ତ ହୋଇଥିବା ଜି୨୦ ବୈଠକରେ ୧୦ଟି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସେଥିମଧ୍ୟରୁ ବିଶ୍ୱ ସ୍କିଲ୍ ଗ୍ୟାପ୍ ଆନାଲିସିସ୍ ଓ ଭାରତର ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ଉପରେ ଗୁରୁତ୍ୱ ଦିଆଯାଇଛି। ରାଷ୍ଟ୍ରସମୂହ ଭାରତର ଡିଜିଟାଲ ପଦକ୍ଷେପକୁ ପ୍ରଶଂସା କରିବା ସହ ଭାରତର ମଡେଲ ପ୍ରତି ବିଶ୍ୱ ଅନେକ ଆଶା ରଖିଛି। ଭାରତର ୟୁପିଆଇ, ଭିମ୍ ଆପ୍, ଡିଜି ଲକର, ୱାନ୍ ନେଶନ ୱାନ୍ କାର୍ଡ, ରାଶନ କାର୍ଡ ପୋର୍ଟାବିଲିଟି, ଡିବିଟି, ଏକାଡେମିକ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍‌କୁ ଲୋକମାନେ ଭଲରେ ବୁଝିପାରିଛନ୍ତି। ଭାରତର ସ୍କିଲ୍ ଇଣ୍ଡିଆ ଏକ ବ୍ରାଣ୍ଡ୍ ହେବା ସହ ଜନ ଆନ୍ଦୋଳନ ହୋଇପାରିଛି। ଶିଳ୍ପ ବିପ୍ଳବ ୪.୦ରେ ବିଶ୍ୱ ଭାରତର ଡିଜିଟାଲ ସ୍ପେସ୍‌କୁ ଆଦୃତ କରିଛି। ଭାରତ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ବିଶେଷ ଭାବେ କମ୍ ମୂଲ୍ୟରେ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ତିଆରି କରିବାରେ କୀର୍ତ୍ତି ସ୍ଥାପନ କରିଛି। ଲୋକାର୍ପିତ ହୋଇଥିବା ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲରେ ସବୁକିଛି ଡିଜିଟାଲ ପ୍ଲାଟ୍‌ଫର୍ମ ଏକତ୍ରିତ ହୋଇଛି। ସ୍କିଲ୍ ଫର୍ ଅଲ୍, ସ୍କିଲ୍ ଏନିଟାଇମ, ସ୍କିଲ୍ ଏନିହୋୟାର ବ୍ୟବସ୍ଥା ରହିଥିବାରୁ କୌଣସି ବ୍ୟକ୍ତି ଯେକୌଣସି ସମୟରେ ନିଜକୁ କେତେକ କ୍ଷେତ୍ରରେ କୌଶଳରେ ଦକ୍ଷ ହୋଇପାରିବ, ଯାହା ଏକ ନୂଆ ବେଞ୍ଚମାର୍କ ସ୍ଥାପିତ କରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ମାଇକ୍ରୋସଫ୍ଟ , ଏଡବ୍ଲ୍ୟୁଏସ୍, ରେଡ୍‌ହେଟ୍, ୱାଧୱାନି ଫାଉଣ୍ଡେଶନ, ୟୁନିସେଫ୍,ଏସ୍‌ଏପି, ସିବିଏସ୍‌ଇ, ଏନ୍‌ଆଇଇଏଲ୍‌ଆଇଟି ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନ ଜାତୀୟ କୌଶଳ ବିକାଶ ନିଗମ (ଏନ୍‌ଏସଡିସି) ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

# ବ୍ୟାଙ୍କ ନ ଥିବା ପଞ୍ଚାୟତରେ ଶାଖା ଖୋଲିବାକୁ ପଦକ୍ଷେପ ନିଆଯାଇଛି: ଅର୍ଥମନ୍ତ୍ରୀ

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର)** ଓଡ଼ିଶା ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ଅର୍ଥ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏ.ଟି. ସିରିଜ୍ ଉଠାଣ ସୂଚନା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ପାଇଁ ସଞ୍ଚୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଜନସାଧାରଣଙ୍କୁ ସୁରକ୍ଷିତ ଜମା ଯୋଜନା ପ୍ରତି ଆକର୍ଷିତ କରିବା ପାଇଁ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏକ ଅଭିନବ ପ୍ରୟାସ । ସ୍ୱଳ୍ପ ସଞ୍ଚୟ ଯୋଜନା ଭଳି ସରକାରୀ ଯୋଜନା ଉପରେ ଜନସାଧାରଣଙ୍କ ଅତୁଟ ଆସ୍ଥା ଓ ବିଶ୍ୱାସ ରହିଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ଏବଂ ତାଙ୍କ ପରିବାରର ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ ଏହି ସୁରକ୍ଷିତ ସରକାରୀ ଜମାରେ ଅର୍ଥ ସଞ୍ଚୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟର ବ୍ୟାଙ୍କ ନ ଥିବା ସମସ୍ତ ଗ୍ରାମପଞ୍ଚାୟତରେ ଏହାର ଶାଖା ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଯୋଗଦେଇ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସାକ୍ଷରତା ଅଭିଯାନର ସଫଳତା ପାଇଁ ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ନିମନ୍ତେ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଛନ୍ତି। ଉକ୍ତ ଉଠାଣରେ ୨୭୭୧ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୮ଟି ବର୍ଗରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୪ ହଜାର ଟଙ୍କା ହିସାବରେ ସମୁଦାୟ ଦେଢ଼କୋଟି ଟଙ୍କା ମୂଲ୍ୟର ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯିବା ବ୍ୟବସ୍ଥା ଅଛି।

# ଭୋଟର ତାଲିକାରେ ୩.୪୫ ଲକ୍ଷ ମୃତ ମତଦାତା



- **ବାଦ୍ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**
- **ଜିଲାପାଳଙ୍କ ସହ ଆଲୋଚନା କଲେ ଇସିଆଇ ଟିମ୍**

**ଭୁବନେଶ୍ୱର, ୧୩।୯(ଅନିଲ ଦାସ)** ରାଜ୍ୟରେ ୩,୪୫,୦୦୦ ମୃତ ମତଦାତାଙ୍କ ନାମ ଭୋଟର ତାଲିକାରେ ରହିଛି। ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ନିକଟରେ ଘରକୁ ଘର ବୁଲି କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ସେଗୁଡ଼ିକୁ ତୁରନ୍ତ ଭୋଟର ତାଲିକାରୁ ବାଦ୍ ଦେବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧକ୍ଷତାରେ ରାଜ୍ୟର ସମସ୍ତ ଜିଲାପାଳମାନଙ୍କୁ ନେଇ ବୁଧବାର ଖାରବେଳ ଭବନରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ଗସ୍ତରେ ଆସିଥିବା ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ଡେପୁଟି ନିର୍ବାଚନ କମିଶନର (ସିନିୟର ଡିଇସି) ଧର୍ମେନ୍ଦ୍ର ଶର୍ମା, ସିନିୟର ଡିଇସି ନିତେଶ ବ୍ୟାସ୍ ଏବଂ ଡେପୁଟି ନିର୍ବାଚନ କମିଶନର ମନୋଜ ସାହୁ ବୈଠକରେ ଉପସ୍ଥିତ ରହି ଜିଲାୱାରି ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି।ଭୋଟର ନାମ ପଞ୍ଜୀକରଣ ସମୟରେ ଜଣେ ହେଲେ ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସଜାଗ ରହିବାକୁ ନିର୍ବାଚନ ଆୟୋଗଙ୍କ ଡେପୁଟି କମିଶନର ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।ଗୋଟିଏ ନିର୍ବାଚନମଣ୍ଡଳୀରୁ ଅନ୍ୟ ଗୋଟିଏ ନିର୍ବାଚନମଣ୍ଡଳୀକୁ ସ୍ଥାନାନ୍ତର ହେଲେ ଭୋଟରମାନଙ୍କୁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜରିଆରେ ଦାଖଲ କରିବାକୁ ପଡ଼ିବ। ମତଦାତାମାନେ ନିଜେ ଭୋଟର ହେଲ୍‌ପଲାଇନ ଆପ୍ କିମ୍ବା ଏନ୍‌ଭିଏସ୍‌ପି ପୋର୍ଟାଲରେ ଅନ୍‌ଲାଇନ ମାଧ୍ୟମରେ ଘରେ ରହି ତାଲିକାରେ ନାମ ଯୋଗ କରିବା, ବାଦ୍‌ଦେବା, ସ୍ଥାନାନ୍ତର ଏବଂ ତ୍ରୁଟି ସଂଶୋନ କରିପାରିବେ।ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଛି।ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ଯୋଗ୍ୟ ଭୋଟରମାନଙ୍କୁ ଫଟୋ ଭୋଟର ପରିଚୟ ରେଜିଷ୍ଟ୍ରି ଡାକ ଯୋଗେ ଯୋଗାଇ ଦେବା ଉପରେ ଜିଲା ନିର୍ବାଚନ ଅଧିକାରୀମାନେ ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି।ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ବୈଠକରେ ଭୋଟର ତାଲିକା ପ୍ରସ୍ତୁତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଓ ସମ୍ବେଦନଶୀଳ ବୁଥ୍ ଉପରେ ଆଲୋଚନା ହୋଇଛି। ରାଜ୍ୟରେ ଏବେ ଇଭିଏମ୍ ପହଞ୍ଚି ସାରିଥିବା ବେଳେ ୯ ଜିଲା ପାଇଁ ଭିଭିପିଏଟି ପହଞ୍ଚି ସାରିଛି। ଅକ୍ଟୋବରରେ ଇଭିଏମ୍‌ର ପ୍ରଥମ ପର୍ଯ୍ୟାୟ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି। ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲାପାଳ, ରାଜସ୍ୱ କମିଶନର, ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀ ରାକେଶ କୁମାର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ସଂଘମିତ୍ରା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଆସନ ବୁଝାମଣା...

ତାହା ଏହି ସବ୍-କମିଟି ଚୟନ କରିବ ବୋଲି ବେଣୁଗୋପାଳ କହିଛନ୍ତି।

ସମନ୍ୱୟ ସମିତି ବୈଠକରେ ପାୱାର ଓ ବେଣୁଗୋପାଳଙ୍କ ସମେତ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ(ଜେଏମ୍‌ଏମ୍), ଡି. ରାଜା (ସିପିଆଇଏମ୍), ଜୱାଦ୍ ଅଲୀ ଖାନ୍ (ସମାଜବାଦୀ ପାର୍ଟି), ଟି.ଆର୍. ବାଲୁ (ଡିଏମ୍‌କେ), ତେଜସ୍ୱୀ ଯାଦବ (ଆର୍‌ଜେଡି), ରାଘବ ଚଢ଼ା (ଏଏପି), ସଞ୍ଜୟ ଝା (ଜେଡିୟୁ), ଓମାର ଅବ୍‌ଦୁଲ୍ଲା (ଏନ୍‌ସି), ମେହବୁବା ମୁଫ୍‌ତି (ପିଡିପି) ଏବଂ ସଞ୍ଜୟ ରାଉତ୍ (ଶିବସେନା ୟୁବିଟି) ଉପସ୍ଥିତ ଥିଲେ।

### ଏସିଆନ ଗେମ୍ସ ...

ହେଲେ କିଶୋର କୁମାର ଜେନା (ଆଥ୍‌ଲେଟିକ୍ସ), ଆଂଶିକା ଭାରତୀ, ରିତୁ କୌଡ଼ି ଓ ସୋନାଲି ସ୍ୱାଇଁ (ରୋଇଂ), ଅନୁପମା ସ୍ୱାଇଁ (ଜୁ-ଜିତ୍‌ସୁ), ନେହା ଦେବୀ ଲେଇଚୋନଡାମ (କାୟାକିଂ ଆଣ୍ଡ କାନୋଇଂ), ପ୍ୟାରୀ ଖାଖା (ଫୁଟବଲ), ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସ (ହକି) ଏବଂ ଡୁମୁନି ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ହୁପି ମାଝି (ରଗ୍‌ବୀ)। ଆର୍ଥିକ ପ୍ରୋତ୍ସାହନ ଓଡ଼ିଶା ପ୍ରତିଯୋଗୀଙ୍କ ଟ୍ରେନିଂ ପାଇଁ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏଥିସହ ପ୍ରତିଯୋଗୀମାନେ ଆଗାମୀ ମେଗା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିବାନେଇ ସେ ଶୁଭକାମନା ଜଣାଇଛନ୍ତି।

### ଲାଇଫ୍ ଜ୍ୟାକେଟ୍ ...

ଆତଯାତ ହେଉଛି। ଏଥିରେ କେତେଜଣ ନାବାଳକ ଚାଳକ ହୋଇଥିବା ଲକ୍ଷ୍ୟ କରାଯାଇଛି। ଅର୍ଥ ଲୋଭରେ ଅଧିକ ଯାତ୍ରୀ ଡଙ୍ଗା ଅଥବା ବୋଟ୍‌ରେ ପରିବହନ ହେଉଥିଲେ ମଧ୍ୟ କୌଣସି ସରକାରୀ କଟକଣା ନାହିଁ।

୨୦୨୨ ଜୁନ ୧୬ରେ ରାଜନଗର ବ୍ଲକ ତାଳଚୁଆ ଥାନା ଅଧୀନ ଏକ ମାଛଧରା ଟ୍ରଲର ବୁଡ଼ିଗଲା। ଏଥିରେ ୧୨ ଜଣ ଉଦ୍ଧାର ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୦ ଜୁନ ୧୯ରେ ମହାକାଳପଡ଼ା ବ୍ଲକ ପୀତାପାଟ ନିକଟରେ ଡଙ୍ଗା ଓଲଟି ପଡ଼ିଥିଲା। ଏଥିରେ ଥିବା ୫ ଶ୍ରମିକ କୌଣସି ପ୍ରକାରେ ଜୀବନ ବଞ୍ଚାଇଥିଲେ। ଏହି ସ୍ଥାନରେ ୨୦୧୩ ମାର୍ଚ୍ଚ ୧ରେ ଡଙ୍ଗା ବୁଡ଼ି ଘଟଣାରେ ଜଗତ୍‌ସିଂହପୁର ଜିଲାର ୧୩ କିଶୋର କ୍ରିକେଟ ଖେଳାଳିଙ୍କ ଜୀବନ ଯାଇଥିଲା। ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡ଼ି ଘଟଣାରେ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନି ହୋଇଥିଲା। ୨୦୨୩ ଏପ୍ରିଲ ୨୭ରେ ଆଳି ବ୍ଲକ୍ ଏକମାଣିଆ ଘାଟରେ ଡଙ୍ଗାବୁଡ଼ି ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ଡଙ୍ଗା ବୁଡ଼ିର ଅନ୍ୟ ଏକ କାରଣ ହୋଇଛି। ବାହାକୁଦ ଓ ଖରିନାସୀ ସେତୁ ଅଦ୍ୟାବଧି ନିର୍ମାଣ ଶେଷ ହୋଇନାହିଁ। ସେହିପରି ବର୍ଷାଋତୁରେ ଜିଲାର ଅଧିକାଂଶ ସ୍ଥାନରେ ଡଙ୍ଗାହିଁ ଯାତାୟାତର ମାଧ୍ୟମ ହୋଇଛି। ପ୍ରତିଦିନ ଡଙ୍ଗାରେ ଅଞ୍ଚଳବାସୀ ଯାତାୟାତ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦାରଖ ହେଉ ନ ଥିବା ମହାକାଳପଡ଼ାର ବିଭୂତି ଭୂଷଣ ରାଉତ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଦେଶୀ ଡଙ୍ଗା ଓ ବୋଟ ଚାଳକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହେଉଛି। ନିୟମ ବହିର୍ଭୂତ କୌଣସି ଡଙ୍ଗା ଅଥବା ବୋଟ୍ ନଦୀରେ ଯାତାୟାତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

### ରେଳଲାଇନରେ ଖସିଲା ...

ସହ ପାହାଡ ଉପରୁ ପାଣି ଆସି ରେଳ ଧାରଣା ଉପରେ ପ୍ରବାହିତ ହୋଇଥିଲା। ଏହା ଜଣାପଡିବା ପରେ ରାଉଳି ଷ୍ଟେଶନ ପକ୍ଷରୁ ରାୟଗଡ଼ା ଓ ଲକ୍ଷ୍ମୀପୁର ରେଳ ଷ୍ଟେଶନକୁ ସୂଚନା ଦିଆଯାଇଥିଲା। ପରେ ରାୟଗଡ଼ା ରେଳ କର୍ତ୍ତୃପକ୍ଷ ବିଶାଖାପାଟଣା–କୋରାପୁଟ ପାସେଞ୍ଜରକୁ ରାୟଗଡ଼ାଠାରେ ଓ କୋରାପୁଟ–ବିଶାଖାପାଟଣା ପାସେଞ୍ଜର ଟ୍ରେନକୁ ଟିକିରିଠାରେ ଅଟକାଇ ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳ ଚଳାଚଳ ବାଧାପ୍ରାପ୍ତ ହେବାରୁ ଦୁଇଟି ପାସେଞ୍ଜର ଟ୍ରେନ ପଛକୁ ଫେରିଯାଇଥିଲା । ଲକ୍ଷ୍ମୀପୁରଠାରେ ଅଟକି ରହିଥିବା ଜଗଦଲପୁର– ହାଓଡା ଏକ୍ସପ୍ରେସ ରେଳ ଧାରଣା ସଫାହେବା ପରେ ବହୁ ବିଳମ୍ବରେ ହାଓଡା ଅଭିମୁଖେ ଯାତ୍ରା କରିଥିଲା।

### ଲଘୁଚାପ: ୫ ଜିଲାରେ ...

ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଦେବଗଡ଼, ଝାରସୁଗୁଡ଼ା, ଗଜପତି, ରାୟଗଡ଼ା, ଢେଙ୍କାନାଳ, କୋରାପୁଟ ଆଦି ଜିଲାରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖରେ ମଧ୍ୟ ଲଘୁଚାପଜନିତ ବର୍ଷା ଲାଗି ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ନବରଙ୍ଗପୁର, ଗଞ୍ଜାମ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ନୟାଗଡ଼, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଟକ, ଅନୁଗୋଳ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ଜିଲାଗୁଡ଼ିକ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗିରହିବ। ଆସନ୍ତା ୧୯ରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛ। ଚଳିତ ମାସ ଶେଷ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ଯୋଗୁ ରାଜ୍ୟରେ ମେଘୁଆ ପାଗ ସହିତ ତୁହାକୁ ତୁହା ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ାରେ ୧୯ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ କଳାହାଣ୍ଡି ୧୬, ଦାରିଙ୍ଗବାଡ଼ି ୧୩, ମାଲକାନଗିରି ୧୨, ଗଞ୍ଜାମ ୧୦, ରାୟଗଡ଼ା ୧୦, କନ୍ଧମାଳରେ ୧୦ ସେଣ୍ଟିମିଟର ବର୍ଷା ହୋଇଛି। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ଲଘୁଚାପ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ହେତୁ କୋରାପୁଟ ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ରାସ୍ତାରେ ପାହାଡ଼ରୁ ମାଟି ଅତଡ଼ା ଖସିଛି । ରାସ୍ତା ଉପରେ ଗଛ ଓ ମାଟି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲମତାପୁଟରେ ୨ ଦିନ ହେଲା ପ୍ରବଳ ବର୍ଷା ଲାଗିରହିବା ଯୋଗୁ ରାସ୍ତା ଉପରେ ପାଣି ଚାଲୁଛି । ଏଥିଯୋଗୁ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି।

### ହେବନି ଛାତ୍ର ...

ବିଶ୍ୱଜିତ ମହାପାତ୍ର କହିଛନ୍ତି। ସେହିଭଳି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି, ଗତ ୫ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ବିଶୃଙ୍ଖଳା ଏବଂ ଅନ୍ୟାନ୍ୟ ଯୁକ୍ତି ଆଳରେ ଛାତ୍ର ସଂସଦ ନିର୍ବାଚନକୁ ସରକାର ବନ୍ଦ କରିଛନ୍ତି। ନିର୍ବାଚିତ ଛାତ୍ରସଂସଦ ଗଠନ କରିବା ଛାତ୍ରୀଛାତ୍ରଙ୍କର ସଂଗ୍ରାମଲବ୍ଧ ଅଧିକାର। ତେଣୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପୂର୍ବଭଳି ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବା ଦାବିରେ ଆସନ୍ତା ୧୫ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଦିବସ ପାଳନ କରାଯିବ। ଏଥିରେ ସାମିଲ ହେବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ସରକାର ୨୪ ଘଣ୍ଟା ଭିତରେ ନିଷ୍ପତ୍ତି ବଦଳାଇବାକୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ବାତ୍ୟା 'ତିତ୍‌ଲି' ପାଇଁ ଛାତ୍ର ସଂସନ ନିର୍ବାଚନ ବନ୍ଦ ହୋଇଥିଲା। ତା'ପରେ ନିର୍ବାଚନ ଯୋଗୁ କ୍ୟାମ୍ପସରେ ଅଶାନ୍ତି ସୃଷ୍ଟି ହୋଇଥିବାରୁ ୨୦୧୯ରେ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ ଡିଗ୍ରୀ କଲେଜ, ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧକ୍ଷମାନେ ନିର୍ବାଚନ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ରେ କରୋନା ଯୋଗୁ ଶିକ୍ଷାନୁଷ୍ଠାନ ଖୋଲିପାରି ନ ଥିଲା। ୨୦୨୧ରେ କରୋନା ସ୍ଥିତି ଲାଗି ରହିଥିବାରୁ ନିର୍ବାଚନ କରାଯାଇ ନ ଥିଲା। ସେହିପରି କରୋନା ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହୋଇଥିବାରୁ ଏଥିରେ ସୁଧାର ଆଣିବା ପାଇଁ ୨୦୨୨ରେ ଛାତ୍ର ସଂସଦ ନିର୍ବାଚନ ହୋଇ ନ ଥିଲା। ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି ହୋଇ ଆସୁଛି। ଏଥିପାଇଁ କିଛିଦିନ ହେବ ବିଭିନ୍ନ କଲେଜ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ଧାରଣା ତଥା ବିକ୍ଷୋଭ ମାଧ୍ୟମରେ ଦାବି ରଖି ଆସୁଥିଲେ। ହେଲେ ସରକାର ଛାତ୍ର ସଂସଦ ନିର୍ବାଚନକୁ କୌଶଳକ୍ରମେ ବନ୍ଦ କରାଯାଇଥିବାରୁ ବିଭିନ୍ନ କ୍ୟାମ୍ପସରେ ଅସନ୍ତୋଷ ତେଜିବାରେ ଲାଗିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶୁକ୍ରଙ୍କ ପ୍ରଭାବରୁ ସକାଳୁ ସକାଳୁ ଯେଉଁ କାମ ଆରମ୍ଭ କରିବେ, ସେଥିରେ ନିଶ୍ଚିତ ସଫଳତା ମିଳିବ। ଯେଉଁ କାମରେ ହାତ ଦେଇଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇପାରିବ। ଲ –ନାମାକ୍ଷର ବ୍ୟକ୍ତିଙ୍କ ମନୋମାଳିନ୍ୟଜନିତ ବିବାଦ ବଢ଼ିପାରେ। ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** ଏକାଧିକ ଗ୍ରହଯୁକ୍ତ ଚନ୍ଦ୍ର ହେତୁ ଆଜି ନିରୁତ୍ସାହିତ ରହିବେ। ଉପକୃତ ହୋଇଥିବା ନିଜର ଲୋକମାନେ ମଧ୍ୟ କ୍ରମଶଃ ଦୂରେଇ ଯାଉଥିବାର ଲକ୍ଷ୍ୟ କରିବେ। ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିପାରନ୍ତି। ଅତୀତରେ ଘଟିଯାଇଥିବା ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ମିଥୁନ** କୋଣସ୍ଥକେତୁ ଗ୍ରହ କାମ ହାସଲ କରିବା ସକାଶେ ପ୍ରତିକୂଳ ବାତାବରଣ ସୃଷ୍ଟି କରିବ। ଆର୍ଥିକ ସଙ୍କଟ ରହିବ ନାହିଁ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇଲେ ମଧ୍ୟ ଅନ୍ୟମାନେ ସପକ୍ଷରେ ମତ ଦେବେ। ମୃଗଶିରା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ହେବ।

**କର୍କଟ** କର୍ମଜଞ୍ଜାଳ ବୃଦ୍ଧି ଯୋଗୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ପୁଷ୍ୟା ନକ୍ଷତ୍ରଜାତ ବ୍ୟକ୍ତି ସକାଶେ ଶାସ୍ତ୍ରାଲୋଚନା, ଅର୍ଥଲାଭ ଓ ନୂତନ କର୍ମାରମ୍ଭରେ ସଫଳତା ମିଳିବ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଠିକ୍ ହେବ।

**ସିଂହ** ପରିସ୍ଥିତିବଶତଃ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଚିନ୍ତାକୂଳ ରହିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର କାମ ସବୁ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। ଆଜି ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ କିନ୍ତୁ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ରହିବେ।

**କନ୍ୟା** ସମୟ ଉଣ୍ଡି ଉଚିତ ପଦକ୍ଷେପ ନେବା କାରଣରୁ କୃତକାର୍ଯ୍ୟ ହୋଇପାରିବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ହସ୍ତା ନକ୍ଷତ୍ରର ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବ। ଅନ୍ୟମନସ୍କ କିମ୍ବା ଅସାବଧାନତାଜନିତ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ତୁଳା** ଅଧିକାଂଶ ସମୟ ନିରୋଳାରେ ଅବସ୍ଥାନ କରିବା ଦ୍ୱାରା ଭାବୁକ ପାଲଟି ଯାଇପାରନ୍ତି। ମନରେ ବିଭିନ୍ନ ଭାବନା ହେତୁ ସବୁ ସମୟରେ କ'ଣ ନା କ'ଣ ଚିନ୍ତା କରିବେ। ହାତକୁ ନେଇଥିବା କାମଟିକୁ ଶେଷ କରିବାରେ ସମୟ ଲାଗିବ। ଆଜି ପ୍ରତ୍ୟାବର୍ତ୍ତନ ସମୟରେ ଆପଣ କହିଥିବା ଜିନିଷଟି ଧରି ଘରକୁ ନିଶ୍ଚୟ ଆସିବେ।

**ବିଛା** ଅନ୍ୟମାନଙ୍କୁ ଭରସା କଲେ ଖାଲରେ ପଡ଼ିବେ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବାଧ୍ୟବାଧକତାରେ କିମ୍ବା ପରିସ୍ଥିତିବଶତଃ କେତେକ କାମ କରିବାକୁ ମନ ବଳାଇବେ। ଅନୁରାଧା ସକାଶେ ସମ୍ପର୍କୀୟମାନେ ଉପରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଭିତରେ ଚେର କାଟିପାରନ୍ତି।

**ଧନୁ** କାହାକୁ କିଛି କହି ନ ପାରି ନିଜେ ହଇରାଣରେ ପଡ଼ିପାରନ୍ତି। ଏଣେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର ଓ ନିରୁତ୍ସାହିତ କରିବ। ପୂର୍ବାଷାଢ଼ା ନକ୍ଷତ୍ର ଚିନ୍ତା କରିଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ବ୍ୟବସାୟିକ ସଫଳତା ଓ ରାଜନୈତିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର** ଅନ୍ୟର ମନ ଅନୁଯାୟୀ କାମକରି ବାହାବା ନେଇ ପାରନ୍ତି। କିନ୍ତୁ ନିଜର ଅସୁବିଧା ଓ ଅଭାବ କଥା ବଖାଣିଲେ ଶୁଣିବାକୁ କିଏ ପାଖରେ ନ ଥିବେ। ତଥାପି ଶ୍ରବଣା ନକ୍ଷତ୍ରର କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରାକାଳରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସମ୍ଭାବନା ରହିଛି।

**କୁମ୍ଭ** ଏକାଧିକ ଗ୍ରହ ଶନି ଦୃଷ୍ଟିରେ ଥିବା କାରଣରୁ ସମସ୍ୟା ଭିତରେ ଚଳିବାକୁ ପଡ଼ିପାରେ। ହସି ହସି ସୁନ୍ଦର କଥା କହୁଥିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଧନିଷ୍ଠା ନକ୍ଷତ୍ର ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆଜି ରାଜନୀତି, ପ୍ରଶାସନ ଦିଗଟି ଭଲ ରହିବ।

**ମୀନ** କଠିନ ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଆଗାମୀ ନୂତନ କାମଟିର ଆରମ୍ଭ ନିମନ୍ତେ ପ୍ରସ୍ତୁତି କରିବାକୁ ମନ ବଳାଇପାରନ୍ତି। ରେବତୀ ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ।

ଆଜି ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଗୁରୁବାର, ଶ୍ରୀମନ୍ଦିରରେ ସାତପୁରୀ ତାଡ଼ ବିଜେ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅମାବାସ୍ୟାର ନିଶାପାଳନ, ସେପ୍ଟେମ୍ବର ୧୪ ତାରିଖ, ବିଶ୍ୱ ହିନ୍ଦୀ ଦିବସ, ରାଶି ନକ୍ଷତ୍ର–ପୂର୍ବାଫାଲ୍‌ଗୁନୀ/ସିଂହ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ମି. ଗତେ ଘ.୦୭।୧୪ମି. ମଧ୍ୟେ, ଘ.୧୦।୩୦ମି. ଗତେ ଘ.୧୨।୫୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୧୩ମି. ଗତେ ଘ. ୦୨।୪୪ମି. ମଧ୍ୟେ ରାହୁକାଳ।


Govt. of Uttarakhand
G20
ONE EARTH • ONE FAMILY • ONE FUTURE
Azadi Ka Amrit Mahotsav
Unveiling Uttarakhand's Opportunities
YOUR GATEWAY FROM
PEACE TO PROSPERITY
Pushkar Singh Dhami
Chief Minister, Uttarakhand
The construction of a developed India for the 21st century rests on two primary pillars, pride in our heritage and second, every possible effort for development. Today, both these pillars are being strengthened by Uttarakhand. This decade will be the decade of Uttarakhand.
Narendra Modi
Prime Minister
DESTINATION UTTARAKHAND
GLOBAL INVESTORS SUMMIT 2023
December, 2023 | Dehradun
Peace To Prosperity
Uttarakhand Global Investors Summit: Curtain Raiser
14th September, 2023 (Thursday), 11:00 am, Hotel Taj Mahal, Mansingh Road, New Delhi
Welcome to Uttarakhand, where the majestic Himalayas meet endless opportunities! Nestled in this breathtaking scenery, we invite you to embark on an extraordinary journey. With investor-friendly policies, top-notch infrastructure and a serene ambience, we're shaping the future of investment.
For more details please log on to
investuttarakhand.uk.gov.in
Or Scan QR Code
Be our Growth Partner
Issued in Public Interest by Department of Information & Public Relations, Uttarakhand
www.uttarainformation.gov.in | DIPRUK | UttarakhandDIPR | UttarakhandDIPR

> ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। **-ଶ୍ରୀଅରବିନ୍ଦ**




# ମୂଷିକବାହନ



ଦେବଦତ୍ତ ପଟ୍ଟନାୟକ

ଆଗକୁ ଆସୁଛି ଗଣେଶ ପୂଜା। ସବୁଠାରେ ବିଘ୍ନନାଶନ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମଣ୍ଡପରେ ଗଣେଶଙ୍କ ପାଦତଳେ ମୂଷିକ ବାହନ ବସିଥିବା ଦେଖିବାକୁ ମିଳେ। ବାସ୍ତବରେ ମୂଷାମାନେ ଘୃଣାର ଭାବନା ସୃଷ୍ଟି କରନ୍ତି। ସେମାନଙ୍କ ସହ ବି କିଛି ଗୁପ୍ତ, ଅପରିଷ୍କାର ଏବଂ ଅଶୁଭ ବିଷୟ ଜଡ଼ିତ ରହିଛି। ମୂଷା କଥା ପଡ଼ିଲା କ୍ଷଣି ଅଳିଆଗଦା, ନାଳୀ, ପ୍ଲେଗ୍ ଏବଂ ଅନ୍ୟାନ୍ୟ ରୋଗ ବିଷୟ ମନରେ ଉଙ୍କିମାରେ। ର୍ୟାଟ୍ (ଲମ୍ବା ଲାଞ୍ଜଯୁକ୍ତ ମଧ୍ୟମ ଆକାର ମୂଷା) କହିଲେ ସମ୍ପତ୍ତି ନଷ୍ଟ କରିବାକୁ ହିଁ ବୁଝାଏ। କୌଣସି ପ୍ୟାକେଟ୍ କିମ୍ବା ବ୍ୟାଗରେ ଜିନିଷ ରହିଥିଲେ ତାହାକୁ ଚୋରି କରିନେବା କିମ୍ବା ଏଣେତେଣେ ପକାଇ ଅପରିଷ୍କାର କରିବା ଏହାର କାମ। ମୂଷା ବିଷୟରେ ଗୋଟିଏ ହେଲେ ବି ଆକର୍ଷକ କିମ୍ବା ଆକାଂକ୍ଷିତ ବିଷୟ ନ ଥିବା ମନେହୁଏ। ତେବେ କାହିଁକି ଗଣେଶ ସଦାସର୍ବଦା ଏକ ମୂଷା ସହିତ ଦେଖାଯାଇଥା'ନ୍ତି। ଏହି ମୂଷାକୁ ମଧ୍ୟ ସ୍ନେହରେ ଆମେ କାହିଁକି ମୂଷିକା ବୋଲି ଡାକିଥାଉ?

ଗଣେଶଙ୍କ ନିକଟରେ ର୍ୟାଟ୍ ନୁହେଁ; ଏହା ଏକ ଛୋଟ ମୂଷା (ମାଉସ୍) ରହିଛି। ର୍ୟାଟ୍‌ଗୁଡ଼ିକ ବହୁତ ଖରାପ। ମାଉସ୍ ବହୁତ ସରଳ। ଏଣୁ ସୁନ୍ଦର ଗଣେଶ ଏକ ସୁନ୍ଦର ଛୋଟ ମୂଷା ଉପରେ ବସି ବୁଲନ୍ତି ବୋଲି ମୋ ଭଣଜା ଦାବି କରେ। କିନ୍ତୁ ପ୍ରକୃତ କଥା ହେଉଛି ଯାହାକୁ ଆମେ ମୂଷିକ କହୁଛୁ, ସେ କେମିତିକା ସେହି ବିଷୟରେ କେହି ନିଶ୍ଚିତ ନୁହନ୍ତି। ପଣ୍ଡିତ ତଥା ସାଧାରଣ ଜନତା ଏହି ବିଷୟରେ ସଂସ୍କୃତ ଗ୍ରନ୍ଥଗୁଡ଼ିକରେ ଯାହା ଅସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, ତାହାର ଉଦାହରଣ ଦେଇ ର୍ୟାଟ୍ ଓ ମାଉସ୍‌କୁ ନେଇ ଅଛିଣ୍ଡା ଯୁକ୍ତି କରିପାରନ୍ତି। ର୍ୟାଟ୍, ମାଉସ୍ ବୋଧହୁଏ ଏକ ବ୍ୟାଣ୍ଡିକୋଟ (ଗୋଜିଆ ମୁହଁ ଓ ଲମ୍ବା ଲାଞ୍ଜଥିବା ମୂଷା)। ତେବେ ସେ ଯାହା ହେଉ, ମୂଳତଃ ଭଣ୍ଡାର ଘରେ ସମସ୍ୟାର କାରଣ ପାଲଟୁଥିବା ର୍ୟାଟ୍ ସମସ୍ୟା ସୃଷ୍ଟିକାରୀ ଜୀବ ଏବଂ କୃଷକର ଶତ୍ରୁ। ସ୍ୱେରେଜରେ ବି ରହନ୍ତି ଓ କ୍ଷତି କରିଥା'ନ୍ତି। ର୍ୟାଟ୍ ବା ବଡ଼ମୂଷାମାନେ ଅଶୁଭର ସୂଚକ। ଏହା ଜାଣିବା ପରେ ତୁମେ ନିଶ୍ଚିତ ଭାବେ ଏମିତିକା ମୂଷାକୁ ଘରେ ରହନ୍ତୁ ବୋଲି କେବେ ବି ଚାହିଁବ ନାହିଁ।



ଗଣେଶ ହେଉଛନ୍ତି ମଙ୍ଗଳ ମୂର୍ତ୍ତି, ଶୁଭର ପ୍ରତୀକ। ତା'ହେଲେ ଏମିତି ଅଶୁଭ ଭାବେ ପରିଗଣିତ ବଡ଼ମୂଷା ଉପରେ ସେ ବସି ବୁଲିବେ କାହିଁକି? ସେଥିରେ ସେ କି ବାର୍ତ୍ତା ଦେବେ। ମୂଷିକ କ୍ଷତିର ସୂଚକ ଓ ଏହା ଆମ ଜୀବନରେ ବିପତ୍ତି ଆଣେ। ମୂଷିକ ଦ୍ୱାରା ସୃଷ୍ଟ ଛୋଟ ସମସ୍ୟାଟିକୁ ଜାଣି ନ ହେଲେ ବି ତାହା ମନରେ କ୍ରୋଧ ସୃଷ୍ଟି କରିବା ସହ ବିରକ୍ତିଭାବ ପ୍ରକାଶ କରାଏ। ମୂଷିକ ହେଉଛି ସେହି ପ୍ରକାର ବିଲ୍, ଯାହାକୁ ବସ୍ କେବେ ବି ପାସ୍ କରିପାରିବେ ନାହିଁ, ଅର୍ଥାତ୍ ଏହା ସେହି ପ୍ରକାର ସମସ୍ୟା, ଯାହାକୁ ମାଲିକ କେବେ ବି ଦୂର କରିପାରିବେ ନାହିଁ। ଏହା ସେହି ପ୍ରକାର ବ୍ରଣ, ଯାହା ଶରୀରରୁ ସମ୍ପୂର୍ଣ୍ଣ ଯିବାକୁ ମନା କରେ। ଏହା ହେଉଛି ସେହି ପ୍ରକାର ପଡ଼ୋଶୀ, ଯିଏ ସର୍ବଦା ତାଙ୍କ ଆବର୍ଜନାକୁ ଆପଣଙ୍କ ଦ୍ୱାରା ସାମ୍ନାରେ ଠୁଳକରେ। ଏହା ହେଉଛି ସେହିପ୍ରକାର ଟପ୍‌ଟପ୍ ପାଣି ପଡୁଥିବା ପାଣିଟ୍ୟାପ୍, ଯାହାକୁ କୌଣସି ପ୍ଲମ୍ବର ଠିକ୍ କରିପାରନ୍ତି ନାହିଁ। ଏହା ହେଉଛି ସେହି ଚାବିଗୁଚ୍ଛ, ଯାହାକୁ ତୁମେ ଘରୁ ବାହାରକୁ ଯିବାକୁ ଥିବାବେଳେ ଖୋଜି ପାଇବ ନାହିଁ। ଏହା ହେଉଛି କୋର୍ଟରେ ସେହି ମାମଲା, ଯାହାର ବର୍ଷ ବର୍ଷ ପରେ ବି ସମାଧାନ ହୁଏ ନାହିଁ। ଏସବୁ ହିଁ ଆମ ଜୀବନର ବଡ଼ ଚୋରରୂପୀ ମୂଷା, ଯାହା ଆମ ସୁସ୍ଥତାର ଭାବନାକୁ ଡାଙ୍କି ଦେଉଛନ୍ତି।

ଆପଣଙ୍କ ଜୀବନର ସେହି ସମସ୍ତ ବିରକ୍ତିକର ତଥା ମୂଷା ଭଳି ସମସ୍ୟାରୁ କେହି ଜଣେ ଆପଣଙ୍କୁ ମୁକ୍ତି ଦେଇପାରିବା ବିଷୟ ଚିନ୍ତା କରନ୍ତୁ। ହିନ୍ଦୁମାନଙ୍କ ପାଇଁ ସେହି ଜଣକ ହେଉଛନ୍ତି ଗଣେଶ। ଗଣେଶଙ୍କ ବିଶାଳ ପେଟ ଚାରିପାଖରେ ଏକ ସର୍ପ ରହିଛି। ଏହି ସାପ କୃଷକର ବନ୍ଧୁ, ଯିଏ ମୂଷା ଖାଏ, ଫସଲ ଚୋରିକୁ ନିୟନ୍ତ୍ରଣ କରେ ଏବଂ ଏହିପରି ଭାବେ ଉତ୍ପାଦିତ ଶସ୍ୟର ସୁରକ୍ଷା କରେ। ଗଣେଶଙ୍କ ଅନୁଗ୍ରହରେ ସମସ୍ୟା ଦୂର ହୋଇଯାଏ ଏବଂ ସମୃଦ୍ଧି ଓ ଶକ୍ତି ପ୍ରକାଶ ପାଏ। ଗଣେଶ ମୂଷାର ଲାଞ୍ଜକୁ ଟାଣିନେଇ ତା' ଉପରେ ବସି କେମିତି ସମସ୍ୟାକୁ ଆୟତ୍ତ କରିଛନ୍ତି, ସେ ବିଷୟରେ ଆପଣ କଳ୍ପନା କରିପାରିବେ। ଏଣୁ ଏହା ଆପଣଙ୍କୁ ଆଉ ସମସ୍ୟାରେ ପକାଇବ ନାହିଁ। ଏହା ନିଃସନ୍ଦେହ ଯେ, ଗଣେଶ ଲୋକପ୍ରିୟ ଭଗବାନ୍। ଆମର ଅସ୍ତିତ୍ୱକୁ ଆଘାତ କରୁଥିବା ମୂଷାମାନଙ୍କୁ ସେ ତଡ଼ୁଛନ୍ତି, ନିୟନ୍ତ୍ରଣ କରୁଛନ୍ତି। ଜୀବନର ବାଧାବିଘ୍ନ ଦୂର କରୁଛନ୍ତି। ସେଥିପାଇଁ ସେ ବିଘ୍ନହର୍ତ୍ତା।

ମୂଷାମାନେ ମଧ୍ୟ ପ୍ରଜନନ ବା ଉତ୍ପାଦନର ପ୍ରତୀକ, କାରଣ ସେମାନେ ଦ୍ରୁତ ପ୍ରଜନକ (ଉତ୍ପାଦକ)। ଗଣେଶ ସର୍ବଦା ଅସାଧାରଣ ଭାବନା, ଜ୍ଞାନ ବିକାଶ ଓ ସମୃଦ୍ଧିର ପ୍ରତୀକ ସହିତ ଜଡ଼ିତ। ଦୂବଘାସର ମୂଳ ଓପାଡ଼ି ଦେଲେ ମଧ୍ୟ ତାହା ପୁଣି ବଢ଼ିବାରେ ଲାଗେ। ଦୂବ ଯେମିତି ଉଦ୍ଭିଦ ବଂଶବୃଦ୍ଧିର ପ୍ରତୀକ, ସେମିତି ମୂଷା ପ୍ରାଣୀ ବଂଶବୃଦ୍ଧିର ପ୍ରତୀକ। ଚାଇନା ଏବଂ ଜାପାନରେ ଉର୍ବରତା, ବଂଶବୃଦ୍ଧି, ଶିଶୁ, ସମୃଦ୍ଧି ସହିତ ମୂଷା ଜଡ଼ିତ। ମୂଷାମାନେ ଫସଲ ନିକଟରେ ପହଞ୍ଚିବାକୁ ଯେତେ ପ୍ରକାର ପ୍ରତିବନ୍ଧକ ରହିଥିଲେ ବି ତାହାକୁ ନିରନ୍ତର ପ୍ରୟାସରେ ଭାଙ୍ଗି ଦେଇ ସେଠାରେ ପହଞ୍ଚିଯାଇଥା'ନ୍ତି। ନିରନ୍ତର ପ୍ରୟାସରେ କେମିତି ସଫଳତା ପାଇବାକୁ ହୁଏ, ତାହା ସୂଚେଇ ଦେଇଥା'ନ୍ତି। ସେମାନେ ମଧ୍ୟ ଲୋଭ ଓ ଅତ୍ୟଧିକ ଇଚ୍ଛାର ପ୍ରତୀକ। ସେମାନେ ସବୁବେଳେ ଜମାକରି ରଖନ୍ତି। ଏହିପରି ଭାବେ ମୂଷାମାନଙ୍କର ଏକ ସକାରାତ୍ମକ ଦିଗ ଅଛି (ଉତ୍ପାଦନ କ୍ଷମତା ଓ ଅରୋଧନୀୟ) ଏବଂ ଏକ ନକାରାତ୍ମକ ଦିଗ ରହିଛି (ଚୋରି କରିବା/ସମସ୍ୟା ସୃଷ୍ଟି କରିବା)। ଗଣେଶ ମୂଷିକ ଉପରେ ବସିବା ଯୋଗୁ ନକାରାତ୍ମକ ଦିଗଗୁଡ଼ିକ ଦୂରେଇ ରହିଥିବାବେଳେ କେବଳ ସକାରାତ୍ମକ ବିଷୟଗୁଡ଼ିକ ଭକ୍ତଙ୍କ ନିକଟରେ ପହଞ୍ଚିଥାଏ।

ଗଣେଶଙ୍କ ମୂର୍ତ୍ତି ସମୃଦ୍ଧି, ଶକ୍ତି ଏବଂ ଶୁଭକାମନା ସୃଷ୍ଟି କରିପାରିବ, ଯେଉଁଥିପାଇଁ ଉତ୍ପାଦକତା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ତାଙ୍କର ବାହାନ ମୂଷିକ ଆମକୁ ଆମ ଦକ୍ଷତାକୁ ନେଇ ଆତ୍ମସନ୍ତୁଷ୍ଟି ନ ହେବା ପାଇଁ ସ୍ମରଣ କରାଇଦିଏ, ପ୍ରୟାସ କରିବାକୁ ସଙ୍କେତଦିଏ। ମୂଷା ଉତ୍ପାଦନ ଏବଂ ଅରୋଧନୀୟର ପ୍ରତୀକ ହୋଇପାରେ ଓ ଆମ ଧନ ପାଇଁ ତା'ର ଯୋଗଦାନ ଥାଇପାରେ, କିନ୍ତୁ ଆମର ଦୃଶ୍ୟମାନ ପୂର୍ଣ୍ଣ ଜୀବନର ମୂଳଦୁଆ କୁହାଯାଉଥିବା ଆମ ନୀତି, ନୈତିକତା ଓ ମୂଲ୍ୟବୋଧକୁ ନିରବରେ ଏବଂ ଗୁପ୍ତ ଭାବରେ ଦାନ୍ତରେ କାଟି ନଷ୍ଟ କରିଦେବାର କ୍ଷମତା ବି ତାହାର ଅଛି।

-devduttofficial@gmail.com

## ହାତୀ-ମଣିଷ ସମସ୍ୟା



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଜାତିସଂଘର ପରିସଂଖ୍ୟାନରୁ ଜଣାଯାଏ ପୃଥିବୀରେ ଦୈନିକ ପ୍ରାୟ ୮୦ହଜାର ଏକର ପରିମିତ ଜଙ୍ଗଲ ଧ୍ୱଂସ ହେଉଛି। ତା'ଛଡ଼ା ଜଙ୍ଗଲର ଜୀବଜନ୍ତୁଙ୍କ ନିମନ୍ତେ ସବୁଠାରୁ ବଡ଼ ବିପଦ ସାଜିଛି ମଣିଷର ସର୍ବଗ୍ରାସୀ ଲୋଭ। ପଶୁପକ୍ଷୀଙ୍କ ଚମଡ଼ା, ଦାନ୍ତ ଏବଂ ଶରୀରର ବିଭିନ୍ନ ଅଂଶକୁ ପାଇବା ଲୋଭରେ ବାଘ, ହାତୀ, ହରିଣ, ବଜ୍ରକାପ୍ତା, ସାପ, ବେଙ୍ଗ, ଗୋଧି, କଇଁଛ, ମୟୂର, ଶୁଆ, ବଣି ପ୍ରଭୃତିଙ୍କୁ ହତ୍ୟା କରାଯାଉଛି ଅଥବା ଚୋରାରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏଣୁ ଜଙ୍ଗଲର ବିଲୁପ୍ତ ପ୍ରାୟ ପଶୁପକ୍ଷୀଙ୍କୁ ବଞ୍ଚାଇ ରଖିବାର ସମସ୍ୟା ଆଜି ଏକ ଆହ୍ୱାନ ହୋଇ ଉଭାହୋଇଛି।

ସମଗ୍ର ଦେଶରେ ଯେଉଁ କେତୋଟି ରାଜ୍ୟରେ ହାତୀ ଅଭୟାରଣ୍ୟ ରହିଛି ତନ୍ମଧ୍ୟରେ ଓଡ଼ିଶା ଅନ୍ୟତମ। କିନ୍ତୁ ସ୍ୱାର୍ଥପର ମଣିଷମାନେ ହାତୀଦାନ୍ତ ଲୋଭରେ ନିର୍ମମ ଭାବରେ ହାତୀଙ୍କୁ ଶିକାର କରୁଛନ୍ତି। ଇଲେକ୍ଟ୍ରିକ୍ ଫାଶରେ ଅଥବା ବିଷ ପ୍ରୟୋଗ କରି ମାରି ଦେଉଛନ୍ତି। ତା'ଛଡ଼ା ଉପଯୁକ୍ତ ସତର୍କତା ଅଭାବରୁ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି, ଟ୍ରେନ୍ ଧକ୍କାରେ ଅଥବା ପରିତ୍ୟକ୍ତ କୂଅରେ ପଡ଼ି ଅନେକ ହାତୀଙ୍କର ମୃତ୍ୟୁ ଘଟୁଛି। ପରିସଂଖ୍ୟାନରୁ ଜଣାଯାଏ ଓଡ଼ିଶାରେ ପ୍ରତିବର୍ଷ ନାନା କାରଣରୁ ପ୍ରାୟ ୮୦ ହାତୀଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟୁଛି। ଏଥି ସହିତ ଅନ୍ୟ ଏକ ସମସ୍ୟା ହେଉଛି ଜଙ୍ଗଲର ପରିମାଣ କ୍ରମାଗତ ହ୍ରାସ ପାଉଥିବାରୁ ଖାଦ୍ୟାଭାବରେ ପଡ଼ି ହାତୀ ଜଙ୍ଗଲ ନିକଟସ୍ଥ ଜନବସତିକୁ ପଶିଆସି ଲୋକଙ୍କ କ୍ଷେତ ବାଡ଼ି ନଷ୍ଟ କରୁଛନ୍ତି। ଘରଦ୍ୱାର ଭାଙ୍ଗୁଛନ୍ତି ଏବଂ ନିରୀହ ଲୋକଙ୍କୁ ଆକ୍ରମଣ କରି ମାରି ଦେଉଛନ୍ତି। ଏକ ପରିସଂଖ୍ୟାନରୁ ଜଣାଯାଏ ବିଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ହାତୀ ଆକ୍ରମଣରେ ୯୭୫ ଜଣ ଲୋକଙ୍କର ଜୀବନ ଯାଇଛି।

କୌଣସି ମଣିଷ ହାତୀ ମୃତ୍ୟୁର କାରଣ ହେଲେ ଆଇନ ଅନୁଯାୟୀ ତାହାର ଜେଲ ଏବଂ ଜରିମାନ ଇତ୍ୟାଦି ଦଣ୍ଡର ବ୍ୟବସ୍ଥା ଅଛି। ମାତ୍ର ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ଘଟିଲେ ସରକାର ଦୁଇ ତିନି ଲକ୍ଷ ଟଙ୍କା କ୍ଷତିପୂରଣ ଦେଇ ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବର୍ତ୍ତମାନ ଆମ ଦେଶରେ ଦୁଇଟି ଜିନିଷ ବହୁତ ଶସ୍ତା ହୋଇଛି, ଗୋଟିଏ ହେଲା ଟଙ୍କା ଏବଂ ଅନ୍ୟଟି ମଣିଷର ଜୀବନ। ଏଠାରେ ବନ୍ୟଜନ୍ତୁଙ୍କ ଆକ୍ରମଣରେ ଯେଭଳି ଜୀବନହାନି ଘଟୁଛି ତାହା ଅନ୍ୟ କୌଣସି ଦେଶରେ ଦେଖାଯାଏ ନାହିଁ। ସରକାର ହାତୀ ପଲଙ୍କୁ ଜଗିବା ନିମନ୍ତେ ଜଗୁଆଳି ବ୍ୟବସ୍ଥା କରିଛନ୍ତି ଏବଂ ସମ୍ପ୍ରତି ହାତୀଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ ତାଙ୍କ ବେକରେ ଅତ୍ୟନ୍ତ ବ୍ୟୟବହୁଳ ରେଡିଓ କଲାର ଲଗାଇବାକୁ ଯାଉଛନ୍ତି। ତେବେ ସମସ୍ୟାର ସମାଧାନ ନିମନ୍ତେ ଏ ସମସ୍ତ ବ୍ୟବସ୍ଥା ଯଥାର୍ଥ ମନେହୁଏ ନାହିଁ। କାରଣ, ହାତୀ ଭଳି ବିରାଟକାୟ ଜନ୍ତୁ ଯେତେବେଳେ ଭୋକିଲା ହୋଇ ହିଂସ୍ର ହୋଇଉଠେ ସେତେବେଳେ କୌଣସି ଜଗୁଆଳି ବ୍ୟବସ୍ଥା ତାହାକୁ ଅଟକାଇ ପାରିବ ନାହିଁ। ଗୋଟିଏ ପୂର୍ଣ୍ଣ ବୟସ୍କ ହାତୀ ଦିନକୁ ୧୫୦-୨୦୦କି.ଗ୍ରା. ଖାଦ୍ୟ ଏବଂ ୨୦୦ ଲିଟର ପାଣି ଆବଶ୍ୟକ କରେ। ଜଙ୍ଗଲ ମଧ୍ୟରେ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ପାଣିର ଅଭାବ ଘଟିବାରୁ ହାତୀମାନେ ଜନବସତି ଅଞ୍ଚଳରେ ପ୍ରବେଶ କରି ଧନ ଜୀବନର କ୍ଷତି ଘଟାଉଛନ୍ତି। ସେଥିପାଇଁ ହାତୀଙ୍କୁ ଗ୍ରାମାଞ୍ଚଳ ତଥା ସହର ନିକଟସ୍ଥ ଅରଣ୍ୟରୁ ଅପେକ୍ଷାକୃତ ଗଭୀର ଅରଣ୍ୟକୁ ସ୍ଥାନାନ୍ତରିତ କରି ସେଠାରେ ସେମାନଙ୍କୁ ଅଟକାଇ ରଖିବାର ବ୍ୟବସ୍ଥା ହେବା ଉଚିତ। ତା' ଛଡା ହାତୀପଲ ଗୋଟିଏ ସ୍ଥାନରେ ବେଶିଦିନ ରହନ୍ତି ନାହିଁ। ସ୍ୱାଭାବିକ ଚଳ ପ୍ରଚଳ ନିମନ୍ତେ ସେମାନେ ମାଇଲ ମାଇଲ ଅରଣ୍ୟ ପଥ ଆବଶ୍ୟକ କରନ୍ତି। ତେଣୁ ହାତୀ- ଅଭୟାରଣ୍ୟରେ କୌଣସି ଟ୍ରେନ୍ ଲାଇନ୍, ସଡ଼କ ପଥ ଅଥବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରର ଲାଇନ୍ ରହିବା ଉଚିତ ନୁହେଁ। ଦ୍ୱିତୀୟତଃ ଯେଉଁ ଅଭୟାରଣ୍ୟରେ ଅତ୍ୟଧିକ ଜଙ୍ଗଲକ୍ଷୟ ଘଟିଛି ସେଠାରେ ହାତୀମାନଙ୍କ ଖାଦ୍ୟ ଉପଯୋଗୀ ହଜାର ହଜାର ବୃକ୍ଷ ରୋପଣ କରିବାକୁ ହେବ ଏବଂ କୃତ୍ରିମ ଜଳାଧାରମାନ ସୃଷ୍ଟି କରିବାକୁ ପଡ଼ିବ। ଯେଉଁ ଜଙ୍ଗଲରେ ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇଛି ସେହି ଜଙ୍ଗଲ ମଧ୍ୟରେ ହିଁ ହାତୀଙ୍କ ନିମନ୍ତେ ଉପଯୁକ୍ତ ଖାଦ୍ୟ ଏବଂ ପାନୀୟଜଳର ବ୍ୟବସ୍ଥା କରିବା ଛଡ଼ା ଗତ୍ୟନ୍ତର ନାହିଁ। ଏ ଯୁଗରେ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖିବାକୁ ହେଲେ ଜଙ୍ଗଲ ମଧ୍ୟରେ ହିଁ ପ୍ରାକୃତିକ ପରିବେଶରେ ସେମାନଙ୍କ ରକ୍ଷଣାବେକ୍ଷଣ ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବାକୁ ପଡ଼ିବ। ନଚେତ ହାତୀ ଏବଂ ମଣିଷ ଉଭୟଙ୍କର ଜୀବନ କ୍ରମାଗତ ବିପନ୍ନ ହୋଇଚାଲିଥିବ। ଏଥିପାଇଁ ଆମର ଆଭିମୁଖ୍ୟରେ ପରିବର୍ତ୍ତନ ଆବଶ୍ୟକ।

ମୋ: ୯୪୩୭୨୮୭୯୬୪

## ଏଇ ଭାରତରେ

ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ। ଏହା ପ୍ରମାଣ କରିଛନ୍ତି ରାଜସ୍ଥାନର ମହିଳା ସରପଞ୍ଚ ନିରୁ ଯାଦବ। ଛାପ୍ରାର ସଲିମପୁର ଗାଁରେ ତାଙ୍କ ଜନ୍ମ। ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ବିବାହ ପରେ ସେ ଝୁନ୍‌ଝୁନ୍ ଜିଲା ଲାମ୍ବିଅହିର ଗାଁକୁ ଯିବା ପରେ ୨୦୨୦ରେ ପ୍ରଥମ ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେବେଠାରୁ ସେ ମହିଳା ସଶକ୍ତୀକରଣ ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ନୂତନ ଦୃଷ୍ଟିକୋଣ ଆପଣାଇ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି। ନିରୁ ଗ୍ରାମୀଣ ଝିଅମାନଙ୍କୁ ହକି ପ୍ରଶିକ୍ଷଣର ବ୍ୟବସ୍ଥା କରି ଜଣେ କୋଚ୍‌ଙ୍କୁ ସବୈତନିକ ନିଯୁକ୍ତି ଦେଇଛନ୍ତି। ଏ ବାବଦରେ ସେ ତାଙ୍କ ଭତ୍ତାକୁ ଖର୍ଚ୍ଚ କରିବା ସହ ବିଭିନ୍ନ ଦିଗରୁ ପାଣ୍ଠି ସଂଗ୍ରହ କରି ଆଗେଇ ନେଉଛନ୍ତି। ଏଠାରୁ ଝିଅମାନେ ବ୍ଲକ୍ ଓ ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିସାରିଲେଣି ଓ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ଭାଗ ନେବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। କୃଷକ ଉତ୍ପାଦକ ସଂଗଠନ ଆରମ୍ଭ କରି କୃଷକମାନଙ୍କୁ ରିହାତିରେ ସାର, ବିହନ ଓ ଆନୁଷଙ୍ଗିକ କୃଷି ଉପକରଣ ଯୋଗାଇ ଦେଉଛନ୍ତି। ଏହାସହ ସ୍ଥାନୀୟ ସରକାରୀ ସ୍କୁଲଗୁଡ଼ିକର ଡିଜିଟାଇଜେଶନ କରୁଛନ୍ତି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହଭାଗିତାରେ ଗାଁଗୁଡ଼ିକରେ ଆର୍ଥିକ ସମାବେଶୀ କାର୍ଯ୍ୟକ୍ରମ ଚଳାଉଛନ୍ତି। ଏଭଳି ବହୁମୁଖୀ କାର୍ଯ୍ୟକ୍ରମ ପାଇଁ ନିରୁଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

**୧୪ ସେପ୍ଟେମ୍ବର ୧୯୯୮**

- ତାଲିବାନ ଯୋଦ୍ଧାମାନେ ବିରୋଧୀମାନଙ୍କ ଅନ୍ତିମ ମୁଖ୍ୟ ଘାଟି ବୋଲି କୁହାଯାଉଥିବା ବାମିୟାଂର କେନ୍ଦ୍ରାଞ୍ଚଳ ସହରକୁ ଦଖଲ କରିନେଇଛନ୍ତି।
- ସୁପ୍ରିମ୍‌କୋର୍ଟର ସବୁଠାରୁ ବରିଷ୍ଠ ବିଚାରପତି ଜଷ୍ଟିସ୍ ଆଦର୍ଶ ସେନ ଆନନ୍ଦ ଦେଶର ନୂଆ ପ୍ରଧାନ ବିଚାରପତି ନିଯୁକ୍ତ।
- ମୁଖ୍ୟମନ୍ତ୍ରୀ ବଂଶୀଲାଲଙ୍କ ନେତୃତ୍ୱ ବିରୋଧରେ ବିଦ୍ରୋହ କରିବା ଅଭିଯୋଗରେ ହରିୟାଣାର ପୂର୍ବତନମନ୍ତ୍ରୀ ଧର୍ମବୀର ଯାଦବ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 7 | | | 1 | 4 |
| | | | | | | | 7 | 6 |
| | 8 | | | 9 | 1 | | | |
| | | | | 1 | 7 | | 9 | 5 |
| | | | | | | 4 | 2 | |
| 3 | | | | | | | | |
| | | | 4 | 6 | | 3 | | |
| | | | | | | | | |
| 1 | 9 | | | | 5 | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 6 | 4 | 1 | 5 | 7 | 9 |
| 5 | 7 | 4 | 2 | 9 | 8 | 3 | 1 | 6 |
| 6 | 1 | 9 | 3 | 7 | 5 | 2 | 4 | 8 |
| 9 | 6 | 1 | 5 | 3 | 2 | 7 | 8 | 4 |
| 2 | 8 | 5 | 4 | 6 | 7 | 9 | 3 | 1 |
| 7 | 4 | 3 | 8 | 1 | 9 | 6 | 2 | 5 |
| 1 | 5 | 7 | 9 | 8 | 3 | 4 | 6 | 2 |
| 3 | 2 | 6 | 1 | 5 | 4 | 8 | 9 | 7 |
| 4 | 9 | 8 | 7 | 2 | 6 | 1 | 5 | 3 |

ଗତକାଲିର ଉତ୍ତର

# ଚୌକିର ମୋହ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଶିଶୁକୁ ଏକ ଉପଯୁକ୍ତ ମଣିଷ ଭାବରେ ଗଢ଼ିବାରେ ଶିକ୍ଷକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଶିକ୍ଷକଙ୍କୁ ଶିଶୁର ଦ୍ୱିତୀୟ ପିତାର ମର୍ଯ୍ୟାଦା ଦିଆଯାଇଛି। ପୁଣି ମନୁସଂହିତାର ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି- ''ଉତ୍ପାଦକବ୍ରହ୍ମଦାତ୍ରୋର୍ଗରୀୟାନ୍ ବ୍ରହ୍ମଦଃ ପିତା।'' ଅର୍ଥାତ୍ ଜନ୍ମଦାତା ଓ ବିଦ୍ୟାଦାତା ମଧ୍ୟରେ ବିଦ୍ୟାଦାତା-ପିତା ଅଧିକ ସମ୍ମାନନୀୟ। ସେଥିପାଇଁ ଭାରତୀୟ ପରମ୍ପରାରେ ରାଜା ମହାରାଜାମାନେ ମଧ୍ୟ ଗୁରୁଙ୍କୁ ସର୍ବୋଚ୍ଚ ସମ୍ମାନ ଦେଉଥିଲେ। ରାଜଦରବାରରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଆସନ ରହୁଥିଲା। ସେହି ଆସନରେ ଆଉ କାହାରି ବସିବାର ଅଧିକାର ନ ଥିଲା। ମନେପଡ଼େ ପ୍ରାୟ ତିରିଶ ବର୍ଷ ତଳର ଏକ ଘଟଣା। ସେତେବେଳେ ମୁଁ ମୟୂରଭଞ୍ଜ ଜିଲାର ଏକ ପୁରାତନ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥାଏ। ସେହି ବିଦ୍ୟାଳୟର ସଭାପତି ଥା'ନ୍ତି ଜଣେ ଉଚ୍ଚ ପ୍ରଶାସନିକ ଅଧିକାରୀ। ସେଠାରେ ସେ ନୂଆ ଯୋଗଦେଇଥାନ୍ତି। ଦିନେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ମୁଁ ବସିଥିବା ବେଳେ ସେ ହଠାତ୍ ପ୍ରବେଶ କଲେ। ସେ ମହାବିଦ୍ୟାଳୟର ସଭାପତି ହୋଇଥିବାରୁ ଅଧ୍ୟକ୍ଷ ସୌଜନ୍ୟବଶତଃ ଉଠିପଡ଼ି ସେହି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ତାଙ୍କ ଆସନରେ ବସିବାକୁ ଅନୁରୋଧ କରନ୍ତେ ପ୍ରଶାସନିକ ଅଧିକାରୀ କହିଲେ, ''ସାର୍, ପ୍ରତ୍ୟେକ ପଦାଧିକାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନ ରହିଛି। ଆପଣ ମହାବିଦ୍ୟାଳୟର ଅଧ୍ୟକ୍ଷ। ଆପଣଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିବାର ଅଧିକାର ମୋର ନାହିଁ।'' ଏହା କହି ସେ ଅଧ୍ୟକ୍ଷଙ୍କ ସାମ୍ନାରେ ଥିବା ଏକ ଚୌକିରେ ବସିପଡ଼ିଲେ।

ତିରିଶ ବର୍ଷ ପରେ ଏହି ଘଟଣାଟି ମନେପଡ଼ିବାର ଏକ କାରଣ ଅଛି। କିଛିଦିନ ତଳେ ଜଣେ ଉପଖଣ୍ଡସ୍ତରୀୟ ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀ ପଶ୍ଚିମ ଓଡ଼ିଶାର ଏକ କଲେଜକୁ କୌଣସି ଏକ କାମରେ ଯାଇ ଅଧ୍ୟକ୍ଷଙ୍କ ଚୌକିରେ ବସିପଡ଼ିଲେ। ତାହା ଶୁଣି ମୋ ମନରେ ପୁନର୍ଜୀବିତ ହୋଇଥିଲା ତିରିଶ ବର୍ଷ ତଳର ମହାବିଦ୍ୟାଳୟ ସଭାପତି ଥିବା ସେହି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ କଥା। ଭାବୁଥିଲି ଦୁଇଜଣଙ୍କ ମଧ୍ୟରେ କେତେ ପାର୍ଥକ୍ୟ। ପଦବୀର ଅହଂକାର ଆଜି କିଛି ପ୍ରଶାସନିକ ଅଧିକାରୀଙ୍କୁ ଅନ୍ଧ କରିଦେଇଛି। ମନେପଡ଼ିଥିଲା ଆଉ ଏକ ଘଟଣା। ଇଂଲଣ୍ଡର ରାଜା ପଞ୍ଚମ ଜର୍ଜଙ୍କ ସମୟର କଥା। ଥରେ ସେ ଏକ ପବ୍ଲିକ ସ୍କୁଲ ପରିଦର୍ଶନରେ ଯାଇଥିଲେ। ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ସେ ପ୍ରବେଶ କରନ୍ତେ ଅଧ୍ୟକ୍ଷ ଛିଡ଼ାହୋଇ ଏକ ସୁନ୍ଦର ଚୌକିରେ ତାଙ୍କୁ ବସିବାକୁ ଅନୁରୋଧ କଲେ, ମାତ୍ର ନିଜ ଆସନ ଛାଡ଼ିଲେ ନାହିଁ। ରାଜା ଅସମ୍ମାନିତ ବୋଧକରି ମନେ ମନେ ଭୀଷଣ ରାଗୁଥିଲେ। ମାତ୍ର କ୍ରୋଧ ପ୍ରକାଶ କରିପାରୁ ନ ଥିଲେ। ସ୍କୁଲ ପରିଦର୍ଶନ କାର୍ଯ୍ୟ ସରିଲା। ରାଜା ସ୍କୁଲ ପରିସର ବାହାରକୁ ଆସିବା ପରେ ଅଧ୍ୟକ୍ଷ ନତଜାନୁ ହୋଇ ରାଜାଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତେ ରାଜା କହିଲେ, ''ଆପଣ କକ୍ଷ ମଧ୍ୟରେ ମୋତେ ଅସମ୍ମାନିତ କରିସାରିଛନ୍ତି। ଏଠାରେ ଏହି ସମ୍ମାନ ପ୍ରଦର୍ଶନର କୌଣସି ମୂଲ୍ୟ ନାହିଁ।'' ମାତ୍ର ବିଦ୍ୟାଳୟ ଅଧ୍ୟକ୍ଷ ନମ୍ର ଭାବରେ କହିଲେ, ''ମହାରାଜ! ସ୍କୁଲ ପରିସର ମଧ୍ୟରେ ମୋର ଛାତ୍ରୀଛାତ୍ରଙ୍କ ଦୃଷ୍ଟିରେ ମୁଁ ସର୍ବୋଚ୍ଚ ସମ୍ମାନର ଅଧିକାରୀ। ସେମାନଙ୍କ ସମ୍ମୁଖରେ ମୁଁ ଯଦି ଆପଣଙ୍କୁ ସମ୍ମାନ ଜଣାଇ ମୋ ଆସନ ଛାଡ଼ିଦେଇଥା'ନ୍ତି, ସେମାନେ ଭାବିଥାନ୍ତେ ଶିକ୍ଷକ ବଡ଼ ନୁହନ୍ତି, ତାଙ୍କଠାରୁ ବଡ଼ ରାଜା। ମାତ୍ର



ସ୍କୁଲ ପରିସର ବାହାରେ ମୁଁ ଆପଣଙ୍କ ପ୍ରଜା।'' ପ୍ରଜାଙ୍କ ଦୃଷ୍ଟିରେ ରାଜା ହିଁ ସର୍ବୋଚ୍ଚ ସମ୍ମାନର ଅଧିକାରୀ। ଶିକ୍ଷକଙ୍କ କଥାର ଯଥାର୍ଥତା ବୁଝିପାରି ସେଦିନ ରାଜା ଶାନ୍ତମନରେ ଚାଲିଯାଇଥିଲେ।

ଆଜି ଭଲ ପାଠ ପଢ଼ି ନିଜ ମେଧାର ପରିଚୟ ଦେଇ ଯେଉଁମାନେ ଉଚ୍ଚ ଆସନର ଅଧିକାରୀ ହୋଇଛନ୍ତି ସେମାନେ ଭୁଲିଯିବା ଉଚିତ୍ ନୁହେଁ ଯେ ସେମାନଙ୍କୁ ମେଧାବୀ ଛାତ୍ର ଭାବେ ଗଢ଼ିତୋଳିଛନ୍ତି ଶିକ୍ଷକମାନେ। ମାତ୍ର ଉଚ୍ଚ ପ୍ରଶାସନିକ ପଦରେ ଅଧିଷ୍ଠିତ ହେବାପରେ ସେମାନଙ୍କ ଦୃଷ୍ଟିରେ ଏହି ଶିକ୍ଷକମାନେ ନ୍ୟୂନ ପରିଗଣିତ ହୁଅନ୍ତି। ପଦବୀର ଅହଂକାର ତାଙ୍କୁ କବଳିତ କରିନିଏ। ସେମାନେ ଭୁଲିଯିବା ଉଚିତ୍ ନୁହେଁ ଯେ ଯେଉଁ ପଦକୁ ନେଇ ସେମାନେ ନିଜକୁ ବଡ଼ ବୋଲି ଭାବନ୍ତି, ସେହି ପଦ କ୍ଷଣସ୍ଥାୟୀ। ପଦ ଚାଲିଗଲା ପରେ ସେମାନେ ସମାଜରେ ଆଉ ପୂର୍ବ ସମ୍ମାନର ଅଧିକାରୀ ହୋଇପାରନ୍ତିନାହିଁ। ଯେଉଁମାନେ ଦିନେ ତାଙ୍କୁ ଉଚ୍ଚ ସମ୍ମାନରେ ବସାଉଥିଲେ ସେମାନେ ହିଁ ତାଙ୍କୁ ଏଡ଼େଇ ଯାଆନ୍ତି, କାରଣ ସେମାନେ ତାଙ୍କ ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଉଥିଲେ, ସମ୍ମାନ ଜଣାଉଥିଲେ ସେମାନଙ୍କ ପଦକୁ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ଥିଲେ ଜଣେ ବୃଦ୍ଧ ଖ୍ୟାତିସମ୍ପନ୍ନ ସାଧୁ। ଜଣେ ଗୃହସ୍ଥ ଶିଷ୍ୟ ତାଙ୍କୁ ଭେଟିଦେଇଥିଲା ଏକ ଗଧ। ସାଧୁ ଶିଷ୍ୟମାନଙ୍କ ଘରକୁ ଯିବାବେଳେ ସେହି ଗଧକୁ ବାହନ ଭାବରେ ବ୍ୟବହାର କରୁଥିଲେ। ସେ ଜଣେ ଖ୍ୟାତିସମ୍ପନ୍ନ ସାଧୁ ହୋଇଥିବାରୁ ସେ ଯେତେବେଳେ ସହର ମଧ୍ୟ ଦେଇ ଗଧ ଉପରେ ବସି ଯାଆନ୍ତି ଲୋକେ ତାଙ୍କ ଉପରେ ପୁଷ୍ପ ବୃଷ୍ଟି କରନ୍ତି ଓ ମୁଣ୍ଡିଆ ମାରନ୍ତି। ଲୋକମାନଙ୍କର ଏ ପ୍ରକାର ହାବଭାବ ଦେଖି ଗଧଟି ନିଜକୁ ଗର୍ବିତ ମନେ କରୁଥିଲା। ସେ ଭାବୁଥିଲା ଯେଉଁସବୁ ଅଭ୍ୟର୍ଥନା ମିଳୁଥିଲା, ସେସବୁ ବୃଦ୍ଧ ସାଧୁଙ୍କୁ ନୁହେଁ, ବରଂ ତାକୁ ମିଳୁଥିଲା। ଦିନେ ଅପରାହ୍ନରେ ବୃଦ୍ଧ ସାଧୁ ବିଶ୍ରାମ ନେବା ସମୟରେ ଗଧଟି ସେହି ଭାବନାକୁ ମନରେ ଧରି ଏକା ଏକା ସହର ପରିକ୍ରମା କଲା। କିନ୍ତୁ ସେ ଲକ୍ଷ୍ୟକଲା କେହି ବି ତାକୁ ଗୁରୁତ୍ୱ ଦେଉ ନ ଥିଲେ। ଏପରିକି ତା' ଆଡ଼କୁ କେହି ସୁଦ୍ଧା ଅନାଉ ନ ଥିଲେ। ଲୋକମାନଙ୍କ ଏ ପ୍ରକାର ଆଚରଣରେ ସେ ବିସ୍ମିତ ହେଲା। ଶେଷରେ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ଯେତେବେଳେ ବୋବାଇବାକୁ ଆରମ୍ଭକଲା, ସେତେବେଳେ ଲୋକମାନେ ତାକୁ ପ୍ରବଳ ମାଡ଼ ଦେଇ ବିଦା କରିଦେଲେ। ମାଡ଼ଖାଇ ମନଦୁଃଖରେ ଗଧଟି ଫେରିଆସିଲା ବିଶ୍ରାମ ନେଉଥିବା ସାଧୁଙ୍କ ପାଖକୁ ଓ ତା'ର ଅଭିଜ୍ଞତା ବର୍ଣ୍ଣନା କରି ପଚାରିଲା, ହଠାତ୍ ଲୋକଙ୍କ ଆଚରଣରେ ଏପରି ପରିବର୍ତ୍ତନ କାହିଁକି ହେଲା। ସାଧୁ କହିଲେ, ''ଜୀବନରେ ସବୁଠାରୁ ବଡ଼କଥା ହେଲା ସମ୍ପୃକ୍ତି, ତୁମେ କାହା ସଙ୍ଗରେ ଅଛ? ଅନେକ ସମୟରେ ନିଜର କିଛି ସ୍ୱତନ୍ତ୍ର ଗୁଣ ନ ଥିଲେ ବି ଉଚ୍ଚପଦ ସହ ସମ୍ପୃକ୍ତି ଥିଲେ ଜଣେ ସମ୍ମାନ ପାଏ। ମାତ୍ର ଯେଉଁଦିନ ପଦ ଚାଲିଯାଏ, ନିଜର ବ୍ୟକ୍ତିତ୍ୱ ନ ଥିଲେ ପୂର୍ବ ସମ୍ମାନ ଆଉ ମିଳେନାହିଁ।'' ଆଜି ଯେଉଁମାନେ ନିଜ ପଦର ଅହଂକାରକୁ ନେଇ ଫୁଲି ଉଠୁଛନ୍ତି ସେମାନଙ୍କ ପାଇଁ ଏହି କାହାଣୀଟି ତୀବ୍ର ଚେତାବନୀ। ବ୍ରିଟିଶ୍ ଶାସନ ସମୟରେ ରାଧାନାଥ ଲେଖିଥିବା କେତେକ ପଙ୍କ୍ତି ଏବେ ବି ସତ୍ୟ।

କେହୁ ବୋଲେ ମୁହିଁ ଉଚ୍ଚ ପଦଧାରୀ।
ଉଚ୍ଚ ଆସନର ମୁହିଁ ଅଧିକାରୀ॥
ଆନ ବୋଲେ ମୁହିଁ ଉଚ୍ଚ ବଂଶଧର।
ତୁ ସିନା ଅଢ଼େଇ ଦିନିଆ ଚାକର॥
ଲାଗିଛି ଏପରି ଅହମିକା ଖେଳ।
ଅହମିକା ସିନ୍ଧୁ ହୋଇଛି ଉଦ୍‌ବେଳ॥
ଅହମିକା ବାୟୁ ଗ୍ରସ୍ତ ହୋଇ ବ୍ୟସ୍ତେ।
ମୁଁ ମୁଁ କରି ଆହା ମରନ୍ତି ସମସ୍ତେ॥

ମୋ: ୯୪୩୭୩୨୯୨୬୩

## ପାଠକ ଶ୍ରେଷ୍ଠ ବିଚାରକ

### କୋଟାରେ ଚାପ ଯୋଗୁ ଆତ୍ମହତ୍ୟା ବଢୁଛି

ମହାଶୟ,

ଚମ୍ବଲ ନଦୀ କୂଳରେ ଅବସ୍ଥିତ ରାଜସ୍ଥାନର କୋଟା ସହର ବିଭିନ୍ନ ପ୍ରକାର ପେଣ୍ଟିଂ, ମ୍ୟୁଜିୟମ୍, ଦୋରିଆ ଶାଢ଼ି, ସିଲ୍କ ଶାଢ଼ି ପାଇଁ ପ୍ରସିଦ୍ଧ। ଜେ.କେ. ସିନ୍ଥେଟିକ୍‌ରେ କାର୍ଯ୍ୟରତ ଭି.କେ. ବଂଶଲ ନାମକ ଜଣେ ଇଞ୍ଜିନିୟର ଚାକିରି ଛାଡ଼ି ଇଞ୍ଜିନିୟରିଂ ଓ ମେଡିକାଲ ପାଠରେ ଛାତ୍ରୀଛାତ୍ରମାନଙ୍କୁ ଦକ୍ଷ କରିବାକୁ ପ୍ରଥମେ ନିଜ ଘରେ ଏକ କୋଚିଂ ସେଣ୍ଟର ଖୋଲିଥିଲେ। ପରବର୍ତ୍ତୀ ସମୟରେ ସେଠାରେ ଅନେକ କୋଚିଂ ସେଣ୍ଟର ଖୋଲିବାକୁ ଲାଗିଲା। ଏହିପରି ସାରା ଦେଶରୁ ପ୍ରତିବର୍ଷ ପ୍ରାୟ ୨ଲକ୍ଷ ପିଲା ନିଜକୁ ପ୍ରସ୍ତୁତ କରିବାକୁ କୋଟାରେ ଥିବା କୋଚିଂ କେନ୍ଦ୍ରଗୁଡ଼ିକରେ ନାମ ଲେଖାନ୍ତି। ଏଠାରେ ପାଠପଢ଼ା ଯଦିଓ ଶୃଙ୍ଖଳିତ ଭାବେ ହୁଏ କିନ୍ତୁ ପିଲାଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରାଯାଏ। ଏହିପରି ଚାପର ବଶବର୍ତ୍ତୀ ହୋଇ ପିଲାମାନେ ଆତ୍ମହତ୍ୟା କରୁଛନ୍ତି। ଅନେକ ଅଭିଭାବକ ସେଠାରେ ନିଜ ପିଲାମାନଙ୍କୁ ନେଇ ଘରଭଡ଼ା ଦେଇ ରହୁଛନ୍ତି ଓ ଆଉ କେତେକ ବିଭିନ୍ନ ସ୍ଥାନରେ ଏକଲା ରହୁଛନ୍ତି। ଯେଉଁମାନେ ନିଜ ମା'ବାପାଙ୍କ ସହିତ ରହୁଛନ୍ତି ସେମାନେ ପରୀକ୍ଷାରେ କିଛି ଖରାପ ହେଲେ ନିଜ ଅଭିଭାବକଙ୍କଠାରୁ ଆଶ୍ୱାସନା ପାଆନ୍ତି। କିନ୍ତୁ ଯେଉଁମାନଙ୍କର ଅଭିଭାବକ ନାହାନ୍ତି ସେମାନେ ମାନସିକ ସ୍ତରରେ ଆଘାତ ପାଇ ଆତ୍ମହତ୍ୟା କରିଥାନ୍ତି। କୋଚିଂ ସେଣ୍ଟରର କର୍ମକର୍ତ୍ତା ଏମାନଙ୍କୁ ବୁଝାଇ ଅବସାଦକୁ ହାଲୁକା କରିବା ଉଚିତ। ସେଥିପାଇଁ କୋଚିଂ ସେଣ୍ଟରଗୁଡ଼ିକ ଜଣେ ଜଣେ ମୋଟିଭେଟର ରଖିବା ନିହାତି ଜରୁରୀ।

**- ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

## ଚିରନ୍ତନୀ

'ବ୍ୟର୍ଥତା! ହା ହା!' ଉଠିଲା ସେ ପୁଣି ଡାକି
ଅକପଟ ହାସ ବଦନେ ରହିଲା ଲାଖି
ଧୂଳି ଅଞ୍ଜଳି ଟେକି ଦୁର୍ବଳ ଭୁଜେ,
ଭାଷିଲା, 'ସତ୍ୟ ମହା ବାସ୍ତବ ମୁଁ ଯେ!'

-(ଜୀବନର ସ୍ୱର୍ଣ୍ଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜୟପୁରରେ ଶିକ୍ଷକଙ୍କ ଗଣ ଧାରଣା**

ଜୟପୁର, (ପବନ ପାଣିଗ୍ରାହୀ): ଶିକ୍ଷକମାନଙ୍କ ଗଣଧାରଣା ଜୟପୁରରେ ମଧ ଜାରି ରହିଛି। ୩ ଦଫା ଦାବି ପୂରଣ ନେଇ ବୁଧବାର ଜୟପୁର ବ୍ଲକ ଓ ପୌରାଞ୍ଚଳର ସମସ୍ତ ବିଦ୍ୟାଳୟରେ ତାଲା ପକାଇ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ବସିଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛତାଧରି ଆନ୍ଦୋଳନ ଚଳାଇଛନ୍ତି। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ପ୍ରଦୀପ ମିଶ୍ର, ଦେବୀ ଦାସ, ମହେଶ ମିଶ୍ର, ମନୋରଞ୍ଜନ ପଲେଇ, ଶୁଶିଲ ପ୍ରେମ, ରୁଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ନାୟକ ପ୍ରମୁଖ କହିଛନ୍ତି।

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି । ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୭.୦୯.୨୦୨୩ ରିଖ ସୁଦ୍ଧା** ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୯.୦୯.୨୦୨୩ ରିଖ ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣ ଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଡେଲାଙ୍ଗ ଶାଖା, ଡେଲାଙ୍ଗ, କୋଠବାଡ଼, କଣାସ ରୋଡ୍, ଓଡ଼ିଶା-୭୫୨୦୧୫ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଯୋଗେଶ କୁମାର ପ୍ରଧାନ, ଫୋନ୍ ନଂ. : ୯୯୩୮୧୧୭୩୭୭** | | |
| ୧. | **ବସନ୍ତ ବେହେରା,** ପି-କୈଳାଶ ବେହେରା, ସା-ଦାଲୁଆନୂଆପଡ଼ା, ଘୋରଡିଆ, ଡେଲାଙ୍ଗ, ଜିଲ୍ଲା-ପୁରୀ/ ୦୮୪୩୦୬୧୦୦୨୯୪୫୯ | ଟ. ୧୯,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୮.୪୮ / ୬.୩୦ |
| | **ପୋଖରୀପୁଟ ଶାଖା, ୧୦୦ଏ, ଜାଗମରା, ସୁନ୍ଦରପଦା ରୋଡ୍, ଅନନ୍ତ ବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୁନିଲା ସାହୁ, ଫୋନ୍ ନଂ. : ୮୨୬୦୧୫୦୦୯୨** | | |
| ୧. | **ମିହିର କୁମାର ମହାରଣା,** ମାର୍ଫତ-ଦିଲ୍ଲିପ କୁମାର ସିଂହ, ପୋଖରିପୁଟ, ଏରୋଡ୍ରୋମ୍ ଏରିଆ, ଭୁବନେଶ୍ୱର / ୩୧୫୦୦୬୧୦୦୦୪୪୦୧ | ଟ. ୭,୨୯୪.୨୮ + ଲାଗୁ ହୋଇନଥିବା ସୁଧ | ୩.୮୦ / ୩.୫୦ |
| ୨. | **ପରମେଶ୍ୱର ପ୍ରଧାନ,** ପି-ଦୁଃଖିଶ୍ୟାମ ପ୍ରଧାନ, ପାତ୍ରପଡ଼ା, ଭୁବନେଶ୍ୱର / ୩୧୫୦୦୬୧୦୦୦୨୮୨୭ | ଟ. ୬୨,୬୩୮.୦୦ + ଲାଗୁ ହୋଇନଥିବା ସୁଧ | ୩୨.୮୬ / ୨୮.୯୦ |
| | **ରଣପୁର ଶାଖା, ସା/ପୋ-ରଣପୁର, ନୟାଗଡ଼-୭୫୨୦୨୬ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଅକ୍ଷୟ କୁମାର ପାଢ଼ୀ, ଫୋନ୍ ନଂ.: ୮୨୪୯୯୮୮୩୯୮** | | |
| ୧. | **ପ୍ରଭାସିନି ପ୍ରଧାନ,** ସ୍ୱା-ପ୍ରମୋଦ କୁମାର ପ୍ରଧାନ, ସଙ୍ଗମୁଳ, ପୋ-ବାଉଁଶଗଡ଼, ଜିଲ୍ଲା-ନୟାଗଡ଼ / ୦୪୩୬୦୬୧୦୦୪୬୬୭ | ଟ. ୨୭,୨୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୦.୪୦ / ୮.୫୦ |
| ୨. | **ମୁରଲୀଧର ସାହୁ,** ପି-ଲକ୍ଷ୍ମୀଧର ସାହୁ, ବଳଭଦ୍ରପୁର, ରଣପୁର, ଜିଲ୍ଲା-ନୟାଗଡ଼ / ୦୪୩୬୦୬୧୦୦୪୨୫୦୨ | ଟ. ୭୭,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୨୭.୪୦ / ୨୬.୦୦ |
| ୩. | **ଲକ୍ଷ୍ମୀଧର ଜେନା,** ପି-ଅହଲ୍ୟା ଦେଇ, ସା-ଚମ୍ପତିପୁର, ପୋ-ଲୋଧଚୁଆ, ରଣପୁର, ଜିଲ୍ଲା-ନୟାଗଡ଼ / ୦୪୩୬୦୬୧୦୦୪୬୧୪୨ | ଟ. ୮,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୪.୧୦ / ୩.୫୦ |
| ୪. | **ଲକ୍ଷ୍ମୀଧର ଜେନା,** ପି-ଅହଲ୍ୟା ଦେଇ, ସା-ଚମ୍ପତିପୁର, ପୋ-ଲୋଧଚୁଆ, ରଣପୁର, ଜିଲ୍ଲା-ନୟାଗଡ଼ / ୦୪୩୬୦୬୧୦୦୪୩୦୮ | ଟ. ୩୭,୪୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୩.୯୦ / ୧୨.୫୦ |
| | **ମିରଗାଙ୍ଗୁଡା ଶାଖା, ସା/ପୋ-ମିରଗାଙ୍ଗୁଡା, ନବରଙ୍ଗପୁର ମହାବିଦ୍ୟାଳୟ ବିପରିତ, ଜିଲ୍ଲା-ନବରଙ୍ଗପୁର-୭୬୪୦୬୩ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସଂଗ୍ରାମ କେ. ପାତ୍ର, ଫୋନ୍ ନଂ. : ୯୯୩୭୬୪୮୮୫୮** | | |
| ୧. | **ରାଜିବ କୁମାର ଭକ୍ତ,** ପି-ଘନଶ୍ୟାମ ଭକ୍ତ, ସା-ଗାୟତ୍ରୀ ନଗର, ନବରଙ୍ଗପୁର / ୨୮୪୦୬୧୦୦୧୧୪୩ | ଟ. ୩୩,୭୬୮.୦୩ + ଲାଗୁ ହୋଇନଥିବା ସୁଧ | ୨୧.୦୦ / ୧୪.୦୦ |
| | **ପଟିଆ ଶାଖା, ପ୍ଲଟ୍ ନଂ. ୩୬/୧୧୯୨/୨୨୨୫, ଇନ୍ଫୋସିଟି ଟି.ସି.ଏସ୍. ରୋଡ୍, ପଟିଆ, ଭୁବନେଶ୍ୱର-୭୫୧୦୨୪ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଅଶୋକ କୁମାର ତ୍ରିପାଠୀ, ଫୋନ୍ ନଂ. : ୮୩୧୮୭୬୭୮୦୯** | | |
| ୧. | **ସାଗର ପଟ୍ଟନାୟକ,** ପ୍ଲଟ୍ ନଂ. ବି-୫୫, ଚନ୍ଦକା ଶିଳ୍ପାଞ୍ଚଳ କ୍ଷେତ୍ର, ପଟିଆ, ଭୁବନେଶ୍ୱର / ୩୬୦୮୦୬୧୦୦୦୦୦୯୯ | ଟ. ୪୦,୬୩୬.୦୦ + ଲାଗୁ ହୋଇନଥିବା ସୁଧ | ୧୪.୬୦ / ୧୪.୦୦ |
| | **ରାଇକିଆ ଶାଖା, ମେନ୍ ରୋଡ୍, ସା/ପୋ-ରାଇକିଆ, ଜିଲ୍ଲା-କନ୍ଧମାଳ - ୭୬୨୧୦୧ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭୂଷଣ ଶରଣ, ଫୋନ୍ ନଂ. : ୯୪୩୭୬୪୯୯୮୦** | | |
| ୧. | **କି. ଜୋଗେଶ୍ୱର ପାତ୍ର,** ପି-କି. ପୁରୁଷୋତ୍ତମ ପାତ୍ର, ସା-ବଡ଼ନାକ୍, ପୋ-ରାଇକିଆ, ଜିଲ୍ଲା-କନ୍ଧମାଳ / ୦୮୧୦୦୬୧୦୦୦୯୫୧ | ଟ. ୭,୬୦,୬୯୩.୦୦ + ଲାଗୁ ହୋଇନଥିବା ସୁଧ | ୨୧୧.୯୧ / ୧୯୫.୦୦ |
| ୨. | **ଜଗନ୍ନାଥ ସାହୁ,** ମାର୍ଫତ-ଦିଗ୍ଭୁସେଣ ଚନ୍ଦ୍ର ସାବତ, ରାଇକିଆ, ଜିଲ୍ଲା-କନ୍ଧମାଳ / ୦୮୧୦୦୬୧୦୦୦୩୧୬ | ଟ. ୭୮,୦୮୮.୦୦ + ଲାଗୁ ହୋଇନଥିବା ସୁଧ | ୨୨.୯୬ / ୨୩.୦୦ |
| ୩. | **ମନମୋହନ ପଟ୍ଟନାୟକ,** ପି-ମୁରଲୀଧର ପଟ୍ଟନାୟକ, କଟାପାଲି, ରାଇକିଆ, ଜିଲ୍ଲା-କନ୍ଧମାଳ / ୦୮୧୦୦୬୧୦୦୨୨୨୧୦ | ଟ. ୧,୦୦,୫୩୪.୦୦ + ଲାଗୁ ହୋଇନଥିବା ସୁଧ | ୨୮.୬୦ / ୨୨.୦୦ |
| ୪. | **ଜଗତିପ ପ୍ରଧାନ,** ପି-ଗଜପତି ପ୍ରଧାନ, ସାପୋ-ଜିକାକେଟା, ରାୟା-ରାଇକିଆ, ଜିଲ୍ଲା-କନ୍ଧମାଳ / ୦୮୧୦୦୬୧୦୦୦୫୦୪ | ଟ. ୧୭,୬୫୪.୦୦ + ଲାଗୁ ହୋଇନଥିବା ସୁଧ | ୧୧.୬୬ / ୧୦.୦୦ |
| ୫. | **କି. ଜୋଗେଶ୍ୱର ପାତ୍ର,** ପି-କି. ପୁରୁଷୋତ୍ତମ ପାତ୍ର, ସା-ବଡ଼ନାକ୍, ପୋ-ରାଇକିଆ, ଜିଲ୍ଲା-କନ୍ଧମାଳ / ୦୮୧୦୦୬୧୦୦୦୨୭୩୬ | ଟ. ୧,୮୨,୩୮୮.୦୦ + ଲାଗୁ ହୋଇନଥିବା ସୁଧ | ୫୪.୫୩ / ୫୨.୦୦ |
| | **ହିଞ୍ଜିଳିକାଟୁ ଶାଖା, ସା/ପୋ-ହିଞ୍ଜିଳିକାଟୁ, ଗଞ୍ଜାମ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦିଲ୍ଲିପ କୁମାର ସେଠୀ, ଫୋନ୍ ନଂ. : ୭୪୯୯୫୭୨୫** | | |
| ୧. | **ସମ୍ପଦ ମୋହିରାମ ମୁନି,** ପି-ମୋହିରାମ ଗଣପତି ମୁନି, ଖଣ୍ଡରା, ଉଦୟଲା, ହିଞ୍ଜିଳିକାଟୁ, ଗଞ୍ଜାମ / ୦୪୧୦୦୬୧୦୦୨୦୯୪୭ | ଟ. ୬୨,୩୧୧.୦୦ + ଲାଗୁ ହୋଇନଥିବା ସୁଧ | ୨୦.୦୦ / ୧୮.୦୦ |
| | **ରାମଦାସପୁର ଶାଖା, ସା/ପୋ-ଗୋଡ଼ିସାହି, କଟକ-୭୫୪୦୦୬ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା, ଫୋନ୍ ନଂ.: ୭୩୫୬୫୧୧୬୬୬** | | |
| ୧. | **ସାଧୁ ଚରଣ ନାୟକ,** ପି-ଆର୍ତ୍ତ ଚରଣ ନାୟକ, ସା-ପୋ-ନରାଜ, ଥାନା-ବରଙ୍ଗ / ୧୩୧୩୦୬୧୦୦୦୧୮୨୫ | ଟ. ୬୪,୫୮୨.୦୦ + ଲାଗୁ ହୋଇନଥିବା ସୁଧ | ୨୪.୮୮ / ୧୮.୬୬ |
| | **ମୈତ୍ରୀବିହାର ଶାଖା, ମୈତ୍ରୀବିହାର ରୋଡ୍, ଭୁବନେଶ୍ୱର-୭୫୧୦୨୩ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସତ୍ୟ କର, ଫୋନ୍ ନଂ. : ୯୫୬୭୦୧୬୫୭୦** | | |
| ୧. | **ରଶ୍ମିତା ଦାଶ,** ଏଲ୍-୧୩୧୯, ସିଏସ୍-୩, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର / ୮୩୧୦୬୧୦୦୦୦୬୩୫ | ଟ. ୪୪,୪୫୮.୮୨ + ଲାଗୁ ହୋଇନଥିବା ସୁଧ | ୨୯.୦୧ / ୨୮.୦୦ |
| | **ଶ୍ରୀ ଜଗନ୍ନାଥ ମନ୍ଦିର ଶାଖା, ପୁରୀ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମହାରଣା, ଫୋନ୍ ନଂ. : ୭୭୦୭୦୩୧୬୩୮** | | |
| ୧. | **ଯୋଗେଶ୍ୱର ପାତ୍ର,** ମାର୍ଫତ-ଗଙ୍ଗାଧର ଖୁଣ୍ଟିଆ, ଲୋକନାଥ ରୋଡ୍, ପୁରୀ / ୨୦୭୨୦୬୧୦୦୦୨୦୫୫ | ଟ. ୩୧,୫୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୦.୫୩ / ୧୦.୦୦ |
| | **କଲେଜ ଛକ ଶାଖା, ଯୋବ୍ରା ରୋଡ୍, କଲେଜ ଛକ, କଟକ-୭୫୩୦୦୩ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଅମିତ କୁମାର ପଣ୍ଡା, ଫୋନ୍ ନଂ. : ୯୯୦୫୦୦୬୭୩୬** | | |
| ୧. | **ଧ୍ରୁବେନ୍ ନାୟକ,** ମାର୍ଫତ-ଜୟନ୍ତୀ ସେନ, ସା-୦୮୧୧, ରୋଗସା ପାଟଣା, ପୋ-ବକ୍ସିବଜାର, ଥାନା-ପୁରୀଘାଟ, କଟକ / ୦୨୪୫୦୬୧୦୦୦୨୨୦୫୪ | ଟ. ୧,୧୫,୩୬୩.୦୦ + ଲାଗୁ ହୋଇନଥିବା ସୁଧ | ୪୩.୪୩ / ୪୩.୪୩ |
| | **ଭଞ୍ଜନଗର ଶାଖା, ଆର୍.ସି. ରୋଡ୍, ୟୁ.ବି. ଉଚ୍ଚ ବିଦ୍ୟାଳୟ ନିକଟ, ଭଞ୍ଜନଗର, ଗଞ୍ଜାମ-୭୬୧୧୨୬ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ମାନସ ରଞ୍ଜନ ନାୟକ, ଫୋନ୍ ନଂ. : ୭୦୦୮୩୭୫୪୨୨** | | |
| ୧. | **ବସନ୍ତ ପ୍ରଧାନ,** ପି-ଶିବରାମ ପ୍ରଧାନ, ସା-ଜମାପାଲୁ, ପୋ-ଡିଅଠଧାର, ଭଞ୍ଜନଗର, ଗଞ୍ଜାମ / ୨୫୨୮୦୬୧୦୦୦୩୬୮୬ | ଟ. ୨୨,୫୯୧.୦୦ + ଲାଗୁ ହୋଇନଥିବା ସୁଧ | ୭.୧୦ / ୭.୦୦ |
| ୨. | **ବସନ୍ତ ପ୍ରଧାନ,** ପି-ଶିବରାମ ପ୍ରଧାନ, ସା-ଜମାପାଲୁ, ପୋ-ଡିଅଠଧାର, ଭଞ୍ଜନଗର, ଗଞ୍ଜାମ / ୨୫୨୮୦୬୧୦୦୦୪୮୬୬ | ଟ. ୪୬,୪୭୦.୦୦ + ଲାଗୁ ହୋଇନଥିବା ସୁଧ | ୨୦.୩୦ / ୧୪.୦୦ |
| ୩. | **ଜିତେନ୍ଦ୍ର ବେହେରା,** ପି-ଗୋବିନ୍ଦ ଚନ୍ଦ୍ର ବେହେରା, ଭଞ୍ଜନଗର, ୟୁନିଟ୍-୬, ଲଣ୍ଡେଇସାହି, ଭଞ୍ଜନଗର, ଗଞ୍ଜାମ / ୨୫୨୮୦୬୧୦୦୪୦୪୦୯ | ଟ. ୨୨,୫୧୫.୦୦ + ଲାଗୁ ହୋଇନଥିବା ସୁଧ | ୮.୩୦ / ୬.୦୦ |
| ୪. | **ନମିତା ଗୌଡ଼,** ସ୍ୱା-ନରସିଂହ ଗୌଡ଼, ସା-ସମରଦା, ପୋ-ତିଲିଶିଙ୍ଗି, ଭଞ୍ଜନଗର, ଗଞ୍ଜାମ / ୨୫୨୮୦୬୧୦୦୩୫୫୯୭ | ଟ. ୩୧,୧୧୬.୦୦ + ଲାଗୁ ହୋଇନଥିବା ସୁଧ | ୧୨.୦୦ / ୯.୦୦ |
| | **ଏମ୍ସ ସିଜୁଆ ଶାଖା, ସା/ପୋ-ପାତ୍ରପଡ଼ା, ଭୁବନେଶ୍ୱର-୭୫୧୦୧୯ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ସୁଜିତ କୁମାର ପ୍ରଧାନ, ଫୋନ୍ ନଂ. : ୮୮୩୮୪୬୨୨୦୦** | | |
| ୧. | **ରବି ନାରାୟଣ ପ୍ରଧାନ,** ଏଚ୍.ଆଇ.ଜି.-୨୫୨, କେ-୫, କଳିଙ୍ଗବିହାର, ପାତ୍ରପଡ଼ା, ଭୁବନେଶ୍ୱର / ୩୧୮୪୦୬୧୦୦୨୦୫୧୭ | ଟ. ୬୩,୩୪୫.୦୦ + ଲାଗୁ ହୋଇନଥିବା ସୁଧ | ୨୩.୫୦ / ୨୧.୦୦ |
| | **ବିଦ୍ୟୁତ୍ ମାର୍ଗ ଶାଖା, ବିଦ୍ୟୁତ୍‌ମାର୍ଗ, ଓଏସ୍‌ଇପିଏ ବିଲ୍ଡିଂ, ୟୁନିଟ୍-୫, କେଶରୀନଗର, ଭୁବନେଶ୍ୱର-୭୫୧୦୦୧ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୌମ୍ୟା ସୁଚରିତା ପଟ୍ଟନାୟକ, ଫୋନ୍ ନଂ. : ୮୭୬୩୯୯୨୯୪୦** | | |
| ୧. | **ମାନସ ରଞ୍ଜନ ସ୍ୱାଇଁ,** ପି-ମହେଶ୍ୱର ସ୍ୱାଇଁ, ୟୁନିଟ୍-୪ ମାର୍କେଟ୍, ଭୌମ ନଗର, ଭୁବନେଶ୍ୱର / ୨୦୭୪୦୬୧୦୦୧୩୯୫୩ | ଟ. ୪୫,୨୯୨.୦୦ + ଲାଗୁ ହୋଇନଥିବା ସୁଧ | ୧୪.୫୫ / ୧୩.୦୦ |
| | **ଦୋଲସାହି ଶାଖା, ସା-ଦୋଲସାହି, ପୋ-ମାଣିକଗୋଡ଼ା, ଖୋର୍ଦ୍ଧା ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ବେହେରା, ଫୋନ୍ ନଂ. : ୮୯୧୭୫୭୬୫୧୫** | | |
| ୧. | **ରମାକାନ୍ତ ପଟ୍ଟନାୟକ,** ପି-ରାମହରି ସୁବୁଦ୍ଧି, ବୋଲଗଡ଼, ଖୋର୍ଦ୍ଧା / ୩୨୭୬୦୬୧୦୦୧୪୯୧୨ | ଟ. ୧,୩୭,୪୨୬.୦୦ + ଲାଗୁ ହୋଇନଥିବା ସୁଧ | ୪୦.୯୦ / ୩୯.୦୦ |
| ୨. | **ଘନଶ୍ୟାମ ସାହୁ,** ସ୍ୱା-ପଞ୍ଚୁ ସାହୁ, ରାମଚନ୍ଦ୍ରପୁର ପାଟଣା, ବୋଲଗଡ଼, ଖୋର୍ଦ୍ଧା / ୩୨୭୬୦୬୧୦୦୧୪୮୨୦ | ଟ. ୬୨,୦୪୮.୦୦ + ଲାଗୁ ହୋଇନଥିବା ସୁଧ | ୨୪.୭୫ / ୨୩.୦୦ |
| ୩. | **ମମତା ପରମାଣିକ,** ସ୍ୱା-ସୁରେଶଚନ୍ଦ୍ର ପରମାଣିକ, ଦଳାଇସାହି, ମାଣିକଗୋଡ଼ା, ବୋଲଗଡ଼, ଖୋର୍ଦ୍ଧା / ୩୨୭୬୦୬୧୦୦୧୪୨୭୧ | ଟ. ୧,୫୭,୫୮୭.୦୦ + ଲାଗୁ ହୋଇନଥିବା ସୁଧ | ୧୦୯.୯୦ / ୫୦.୦୦ |
| ୪. | **ମମତା ପରମାଣିକ,** ସ୍ୱା-ସୁରେଶଚନ୍ଦ୍ର ପରମାଣିକ, ଦଳାଇସାହି, ମାଣିକଗୋଡ଼ା, ବୋଲଗଡ଼, ଖୋର୍ଦ୍ଧା / ୩୨୭୬୦୬୧୦୦୧୪୩୨୫ | ଟ. ୧,୧୯,୦୨୬.୦୦ + ଲାଗୁ ହୋଇନଥିବା ସୁଧ | ୪୬.୩୦ / ୩୫.୦୦ |
| ୫. | **ଶ୍ରୀଧର ସାହୁ,** ପି-ଗୋଦାବରି ସାହୁ, ଫିରଫିରା ପାଟଣା, କଳଙ୍ଗା, ଖୋର୍ଦ୍ଧା / ୩୨୭୬୦୬୧୦୦୦୬୦୦୯ | ଟ. ୨୧,୦୧୫.୦୦ + ଲାଗୁ ହୋଇନଥିବା ସୁଧ | ୧୩.୦୦ / ୧୧.୦୦ |
| ୬. | **ରବିନ୍ଦ୍ର କୁମାର ମହାପାତ୍ର,** ପି-ମାଧବ ଚନ୍ଦ୍ର ମହାପାତ୍ର, ହାଟସାହି, ମାଣିକଗୋଡ଼ା, ଖୋର୍ଦ୍ଧା/ ୩୨୭୬୦୬୧୦୦୧୪୨୯୫ | ଟ. ୩୬,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୩.୩୦ / ୧୨.୦୦ |
| | **ନରସିଂହପୁର ଶାଖା, ସା/ପୋ-ନରସିଂହପୁର, କଟକ-୭୫୪୦୩୨ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ରମାକାନ୍ତ ବେହେରା, ଫୋନ୍ ନଂ. : ୯୪୩୯୫୪୭୭୬୪** | | |
| ୧. | **ବାସନ୍ତୀ ପାଣିକାର,** ସ୍ୱା-ସୁରେଶ ପାଣିକାର, ସା-ପାଇକପଦପାଟଣା, ପୋ-ନରସିଂହପୁର, କଟକ / ୦୪୦୬୦୬୧୦୦୩୩୦୮୧ | ଟ. ୨୬,୨୯୨.୦୦ + ଲାଗୁ ହୋଇନଥିବା ସୁଧ | ୧୫.୮୫ / ୧୦.୫୦ |
| ୨. | **ମଞ୍ଜୁଲା ମଞ୍ଜରୀ ମଲ୍ଲିକ,** ସ୍ୱା-ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମଲ୍ଲିକ, ସା/ପୋ-ସରଧାପୁର, ନରସିଂହପୁର, ଜିଲ୍ଲା-କଟକ / ୦୪୦୬୦୬୧୦୦୩୧୭୯୭ | ଟ. ୧,୮୨,୦୭୮.୦୦ + ଲାଗୁ ହୋଇନଥିବା ସୁଧ | ୬୨.୦୩ / ୫୩.୦୦ |
| ୩. | **ସୁଶାନ୍ତ କୁମାର ପଣ୍ଡା,** ପି-ଅନନ୍ତ ଚରଣ ପଣ୍ଡା, ସା-ଦମକାଟ, ନରସିଂହପୁର, ଜିଲ୍ଲା-କଟକ / ୦୪୦୬୦୬୧୦୦୩୧୬୪୩ | ଟ. ୧,୦୦,୭୭୮.୦୦ + ଲାଗୁ ହୋଇନଥିବା ସୁଧ | ୪୧.୦୭ / ୩୬.୦୦ |
| ୪. | **ମଞ୍ଜୁଲା ମଞ୍ଜରୀ ମଲ୍ଲିକ,** ସ୍ୱା-ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମଲ୍ଲିକ, ସା/ପୋ-ସରଧାପୁର, ନରସିଂହପୁର, ଜିଲ୍ଲା-କଟକ / ୦୪୦୬୦୬୧୦୦୩୩୧୦୪ | ଟ. ୧୧,୨୦୪.୦୦ + ଲାଗୁ ହୋଇନଥିବା ସୁଧ | ୬୬.୭୩ / ୫୦.୫୦ |
| ୫. | **ମଞ୍ଜୁଲା ମଞ୍ଜରୀ ମଲ୍ଲିକ,** ସ୍ୱା-ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ମଲ୍ଲିକ, ସା/ପୋ-ସରଧାପୁର, ନରସିଂହପୁର, ଜିଲ୍ଲା-କଟକ / ୦୪୦୬୦୬୧୦୦୩୧୮୭୨ | ଟ. ୧,୯୩,୨୧୦.୦୦ + ଲାଗୁ ହୋଇନଥିବା ସୁଧ | ୬୬.୧୦ / ୫୮.୦୦ |
| | **ଫୁଲବାଣି ଶାଖା, ମସ୍‌ଜିଦ୍ ରୋଡ୍, ଆମଲାପଡ଼ା, ଫୁଲବାଣି-୭୬୨୦୦୧ ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ନିର୍ମଳ କୁମାର ଦିଗଲ, ଫୋନ୍ ନଂ.: ୯୪୩୯୩୧୩୬୦୫** | | |
| ୧. | **ଶଶିଭୂଷଣ ସାହାଣି,** ପି-ଜଳନ୍ଧର ସାହାଣି, ହନୁମାନ ମନ୍ଦିର ନିକଟ, ଫୁଲବାଣି ସଦର, ଜିଲ୍ଲା-କନ୍ଧମାଳ / ୦୮୧୩୦୬୧୦୦୨୦୪୪୯ | ଟ. ୫୬,୦୬୩.୦୦ + ଲାଗୁ ହୋଇନଥିବା ସୁଧ | ୨୦.୦୦ / ୧୭.୩୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୧୪.୦୯.୨୦୨୩** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

# ଚାଷଜମିରେ ପାଣି, ଫସଲ ନଷ୍ଟ ଆଶଙ୍କା

**ପାପଡ଼ାହାଣ୍ଡି/ମଇଦଲପୁର,୧୩।୯ (ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ଦାସ)**



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୁଧବାର ଘି ଖଣ୍ଡି ନିକଟ ପୋଲ ଉପରେ ପାଣି ଆସିବା ଯୋଗୁ ମଇଦଲପୁରରୁ ମାଝିଗୁଡ଼ା, ସାନବାର୍ଲି ଓ ଝରିଗାଁ ବ୍ଲକକୁ ଯାନବାହନ ଚଳାଚଳ ବନ୍ଦ ରହିଛି। ମାଝିଗୁଡ଼ାରେ କେତେକ ଘରେ ପାଣି ପଶିଯାଇଥିବା ସୂଚନା ମିଳିଛି।

ଧାନଜମିରେ ପାଣି ମାଡ଼ିଯିବା ଯୋଗୁ ଶହ ଶହ ଏକର ଫସଲ ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ୨ ଦିନ ଧରି ପାପଡ଼ାହାଣ୍ଡି ବ୍ଲକରେ ଲଘୁଚାପଜନିତ ଲଗାଣ ବର୍ଷା ଜାରିରହିଛି। ବର୍ଷା ଯୋଗୁ ଲୋକଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ବ୍ଲକର ମଇଦଲପୁର, ମାଝିଗୁଡ଼ା ପଞ୍ଚାୟତରେ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ସନ୍ଧ୍ୟାରେ ଘି ଖଣ୍ଡି ପୋଲ ଉପରେ ପାଣି ଆସିଯିବା ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିଛି। ସେହିପରି କଳା ଭାଟିଗୁଡା ଓ କାକଡି ଆମ ପୋଲ ତଳେ ପାଣି ଚାଲୁଛି। ରାତି ତମାମ ବର୍ଷା ହେଲେ ପୋଲ ଉପରେ ପାଣି ଆଶଙ୍କା ଦେଖାଦେଇଛି। ପ୍ରଥମେ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାମ ବିଳମ୍ବ ହୋଇଥିଲା। କିନ୍ତୁ ପରେ ଚାଷ କାମ ଆଗେଇଥିବା ବେଳେ ଏହି ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଦେଇଛି। ଧାନଫୁଲ ଦେଇ ଆସିବା ବେଳକୁ ବର୍ଷା ଧୋଇଦେଇଥିବାରୁ ଚାଷି ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ଲୋକେ ନିବେଦନ କରିଛନ୍ତି।

## ସରକାରୀ କାର୍ଯ୍ୟାଳୟ, ସ୍କୁଲରେ ଆଣ୍ଠୁଏ ପାଣି

**ଡାବୁଗାଁ, ୧୩।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ପ୍ରବଳ ବର୍ଷା ହୋଇଛି। ବୁଧବାର ସକାଳ ୮.୩୦ରୁ ୧୦.୩୦ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାରୁ ବ୍ଲକ କଲୋନୀ ପରିସରରେ ଥିବା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ୩ ଫୁଟ ବର୍ଷା ଜଳ ପ୍ରବାହିତ ହୋଇଛି। କର୍ମଚାରୀମାନେ ଆଣ୍ଠୁଏ ପାଣିରେ ପଶି କାର୍ଯ୍ୟାଳୟକୁ ଯାଉଥିବା ଦେଖାଦେଇଛି। ଏହାସହ ବ୍ଲକ କଲୋନୀ ବିଦ୍ୟାଳୟ ପରିସରରେ ମଧ୍ୟ ଆଣ୍ଠୁଏ ଲେଖାଏ ପାଣି ଜମି ରହିଛି। ପିଲାମାନେ ପାଣିରେ ପଶି ଶ୍ରେଣୀଗୃହକୁ ଯାଇଥିଲେ। ମୁଖ୍ୟ ରାସ୍ତା କଡ଼ରେ ଥିବା ଡ୍ରେନ ଭର୍ତ୍ତି ହୋଇଯିବାରୁ ୧ଫୁଟର ନାଳ ପାଣି ରାସ୍ତାରେ ଚାଲିଥିଲା। ବର୍ଷା ଯୋଗୁ ଯାତାୟତରେ ବାଧା ଦେଖାଦେଇଥିବାବେଳେ ଅଧିକାଂଶ ଦୋକାନ ବନ୍ଦ ଥିବାରୁ ବଜାର ଜନଶୂନ୍ୟ ରହିଥିଲା।



ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ୩ ଫୁଟର ପାଣି।

## ବର୍ଷାରେ ଭୁଶୁଡ଼ିଲା ଘର

**ତେନ୍ତୁଳିଖୁଣ୍ଟି, (ଚିଦାନନ୍ଦ ସାହୁ):** ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଗ୍ରାମର କୁସୁମା ଗୌଡ଼ଙ୍କ ଝାଟିମାଟି ଘର ଦୁଇ ଦିନ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। କୁସୁମା ଓ ସ୍ୱାମୀ ବେଣୁଧର ବର୍ଷା ସରିଲେ ପୁଣି ନିଜ ଭଙ୍ଗା ଘରକୁ ସାଜଡ଼ିବେ ବୋଲି କହିଛନ୍ତି। ଆବାସ ଘର ଏବେ ସ୍ୱପ୍ନ। ରାଜସ୍ୱ ବିଭାଗ କେବଳ ପଲିଥିନ ଯୋଗାଇ ଦେବ। ଘରର ଜିନିଷକୁ ବାହାରେ ପକାଇ ସହାୟତା ପାଇଁ ଯାଇ ହେବନାହିଁ ବୋଲି କୁସୁମା ଓ ବେଣୁ କହିଛନ୍ତି। ବର୍ଷା ଛାଡ଼ିଲେ ପଡୋଶୀଙ୍କ ଘରେ ଜିନିଷ ରଖି ସହାୟତା ପାଇଁ ଯିବେ ବୋଲି ସେମାନେ କହିଛନ୍ତି।



# ବର୍ଷାରେ ମରଣଯନ୍ତା ପାଲଟିଛି ରାସ୍ତା

## ଜଡ଼ାବନ୍ଧ-କିଟକାଗୁଡ଼ା ରାସ୍ତା ଶୋଚନୀୟ

**ଉମରକୋଟ, ୧୩।୯(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼ କୁମାରୀ ପଞ୍ଚାୟତ ଅଧୀନରେ ଆସୁଥିବା ଜଡ଼ାବନ୍ଧରୁ କିଟକାଗୁଡା ଗ୍ରାମର ରାସ୍ତା ଶୋଚନୀୟ ହେଇ ପଡ଼ିଛି। ବର୍ଷାଦିନରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବା ମୁସ୍କିଲ। ବର୍ଷାଦିନେ ଏହି ଗ୍ରାମକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ସ୍ୱାଧୀନତାର ଅନେକ ବର୍ଷ ବିତିଯାଇଥିଲେ ମଧ ପକ୍କାରାସ୍ତା ଖଣ୍ଡେ ପାଇବାରୁ ବଞ୍ଚିତ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏହି ଗ୍ରାମରେ ପ୍ରାୟ ୩୦୦ ପରିବାର ବାସବାସ କରୁଛନ୍ତି। ଏହି ରାସ୍ତା ଉପରେ ପ୍ରାୟ ୩ ଗାଁର ଲୋକ ନିର୍ଭର କରନ୍ତି। ଏବେ ପ୍ରବଳ ବର୍ଷା ହେଉଥିବାରୁ ଉକ୍ତ ରାସ୍ତା କାଦୁଅ ପଚପଚ ହୋଇ ରହିଛି। ସ୍କୁଲ ପିଲାମାନେ ଏହି ରାସ୍ତା ଦେଇ ଯିବା ଆସିବା କରିବା ବେଳେ ବହୁ ଅସୁବିଧା ହେଉଛି। ଏହି ରାସ୍ତାର ମରାମତି ପାଇଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବାରମ୍ବାର କହିବା ପରେ ମଧ କୌଣସି ଲାଭ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରାସ୍ତା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉମରକୋଟ ବିଡିଓ ହିମାଞ୍ଚଳ ମାଝିଙ୍କୁ ପଚାରିବାରୁ ବର୍ଷା ସରିବା ମାତ୍ରେ ଏହି ରାସ୍ତା ମରାମତି କରାଯିବ ବୋଲି ସେ କହିଛନ୍ତି।



କାଦୁଅ ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି।

## ଖାଲଖମା ରାସ୍ତାରେ ଜମୁଛି ପାଣି

**ତେନ୍ତୁଳିଖୁଣ୍ଟି, ୧୩।୯(ଚିଦାନନ୍ଦ ସାହୁ)**

ପାଇପ ଲାଇନ ବିଛାଇ ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ ଗ୍ରାମ୍ୟ ରାସ୍ତାକୁ ନଷ୍ଟ କରିଦେଇଛି ଠିକା ନେଇଥିବା କମ୍ପାନୀ। ବ୍ଲକର ପ୍ରତ୍ୟେକ ଗ୍ରାମର ସାହି ଓ ଜନବସତି ରାସ୍ତା ଘରକୁ ପାଇପ ସଂଯୋଗ ନାମରେ ଖୋଳି ନଷ୍ଟକରି ଦିଆଯାଇଛି। ରାସ୍ତା ଶୋଚନୀୟ ଖବର ପ୍ରକାଶ ପାଇବା ପରେ ସେହି ନିର୍ଦ୍ଦିଷ୍ଟ ରାସ୍ତା ବା ସ୍ଥାନରେ ହିଁ ମରାମତି କରାଯାଉଛି। ଖାତିଗୁଡା ଗ୍ରାମର ଗୌଡ଼ ସାହି ,କୁମ୍ଭାର ସାହି ,ଦଳେଇ ସାହି ଓ ଖଣ୍ଡିଆ ସାହି ରାସ୍ତାରେ ପାଇପ ବିଛାଇବା ନାମରେ ଖୋଳି ସାମାନ୍ୟ ଘୋଡାଇ ଛାଡି ଦିଆଯାଇଛି। ୨ଦିନର ଲଗାଣ ବର୍ଷାରେ ଉକ୍ତ ରାସ୍ତାରେ ଠା ଠା ପାଣି ଜମି ରହୁଛି। ପାଇପ ଲାଇନ ବିଛାଇବା ପରେ କେବଳ ମାଟି ପୋତି ଛାଡି ଦେଉଛି ଠିକା କମ୍ପାନୀ। କୌଣସି ଠୋସ୍ ପଦକ୍ଷେପ ଏ ଯାବତ ନେଇନାହାନ୍ତି। ସାହି ରାସ୍ତାଗୁଡିକର ଏଭଳି ଅବସ୍ଥା ବର୍ତ୍ତମାନର ଲଗାଣ ବର୍ଷା ସ୍ଥିତି ବେହାଲ କରିଦେଇଛି। ସାମାନ୍ୟ ଅସାବଧାନତା ଦୁର୍ଘଟଣାର କାରଣ ସାଜିବ। ପାଇପ ବିଛାଇବା ନାମରେ ଏତାଦୃଶ ଖୋଳି ଛାଡିବା ଦ୍ୱାରା ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ କହିଛନ୍ତି। ଚଳିତ ବର୍ଷେ ବଡ଼ ବର୍ଷା ହୋଇ ନ ଥିଲା। କିନ୍ତୁ ଯେଉଁ ଗାତ ଖୋଳି ପାଇପ ବିଛାଇ ସମାନ୍ୟ ମାଟି ପକାଇ ଛାଡିଛି ସେଠାରେ ମାଟି ଧସେଇ ବିରାଟ ଗର୍ତ୍ତ ହେଲାଣି। ଧନଜୀବନ ହାନିହେବା ପୂର୍ବରୁ ଗ୍ରାମ୍ୟ ରାସ୍ତା ଓ ସାହି ରାସ୍ତା ତଥା କଲୋନି ରାସ୍ତାର ମରାମତି ଉକ୍ତ ଠିକା କମ୍ପାନୀ ଦ୍ୱାରା କରାଇବାକୁ ଦାବି ହେଉଛି।

## ଦାବିପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର**

**ନବରଙ୍ଗପୁର,୧୩।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାର ଏସ୍‌ବିଆଇ ସିଏସ୍‌ପି ସଭ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିକୁ ସରକାର ସକାରାତ୍ମକ ଭାବରେ ନେଇ ପୂରଣ ନ କଲେ କିମ୍ବା ସେ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ନବରଙ୍ଗପୁର ଜିଲାର ୧୦ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାୟ ୧୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଏସ୍‌ବିଆଇ ସିଏସ୍‌ପି ସଭ୍ୟମାନେ ସେଣ୍ଟର ଖୋଲି ଜନସାଧାରଣଙ୍କୁ ସରକାରଙ୍କ ସମସ୍ତ ଯୋଜନା ଯୋଗାଇ ଆସୁଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ରାଜ୍ୟର ୪୩୭୩ ପଞ୍ଚାୟତରେ ନୂତନଭାବେ ଏସ୍‌ବିଆଇ ସିଏସ୍‌ପି ପ୍ଲସ ସେଣ୍ଟର କରିବା ଯୋଜନା ଓ ସେଠାରେ ନୂତନ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରୁଛନ୍ତି । ପୂର୍ବରୁ ଏତେ ବର୍ଷ କାର୍ଯ୍ୟ କରିଆସୁଥିବା ସିଏସ୍‌ପି ସଭ୍ୟମାନଙ୍କୁ ସରକାର ଅବହେଳା କରଛନ୍ତି। ଏହାକୁ ସେମାନେ ଏହାକୁ ବିରୋଧ କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେକ ରହିଛି। ରାଜ୍ୟ ସରକାର ଯଦି ଏସ୍‌ବିଆଇ ସିଏସ୍‌ପି ପ୍ଲସ ଖୋଲୁଛନ୍ତି, ତାହେଲେ ସମସ୍ତ ଏସ୍‌ବିଆଇ ସିଏସ୍‌ପି ସେଣ୍ଟରକୁ ଏଥିରେ ସାମିଲ କରିବା ପାଇଁ ଅନୁରୋଧ କରଯାଇଛି। ଯଦି ଏସ୍‌ବିଆଇ ସିଏସ୍‌ପି ସେଣ୍ଟରକୁ ଏଥିରେ ସାମିଲ କରା ନ ଯାଇ ଅନ୍ୟମାନଙ୍କୁ ଏସ୍‌ବିଆଇ ସିଏସ୍‌ପି ପ୍ଲସ ଦେଇ ନୂତନ ସେଣ୍ଟର ଖଲିଲେ ଆନ୍ଦୋଳନ କରିବା ସହ ଧାରଣା ଦେବେ ବୋଲି ସଂଘ ସଭାପତି ମନୋଜ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି ।



# ଜିଲାରେ ଖାଲି ପଡ଼ିଛି ୧୫୦ ଡାକ୍ତର ପଦବୀ

ରାୟଗଡ଼ା,୧୩।୯ (ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଚିକିତ୍ସା ସେବାକୁ ଉନ୍ନତମାନର ଓ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ହେଲେ ବାସ୍ତବ ଚିତ୍ର କିଛି ଭିନ୍ନ ଦେଖିବାକୁ ମିଳିଛି। ଜିଲାରେ ୧୫୦ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଜିଲାରେ ୩୧୪ ଡାକ୍ତର ପଦବୀ ଅନୁମୋଦିତ ରହିଥିବା ବେଳେ ବିଭିନ୍ନ ହସ୍ପିଟାଲରେ ମାତ୍ର ୧୬୪ ଡାକ୍ତର ରହିଛନ୍ତି । ଏପରିକି ଜିଲାରେ ଶିଶୁ ଚିକିତ୍ସା ସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୬ ଶିଶୁ ବିଶେଷଜ୍ଞ ପଦବୀ ଅନୁମୋଦିତ ରହିଥିବାବେଳେ ସେଥିମଧ୍ୟରୁ ମାତ୍ର ୩ ଡାକ୍ତର ରହିଥିବା ବେଳେ ୧୩ ଡାକ୍ତର ପଦବୀ ଖାଲି ରହିଛି । ଫଳରେ ଶିଶୁଙ୍କ ଚିକିତ୍ସା ପାଇଁ ଅଭିଭାବକଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଜିଲାରେ ଶିଶୁଙ୍କ ଜରୁରିକାଳୀନ ଚିକିତ୍ସା ଓ ଅପରେଶନ ପାଇଁ ଶିଶୁ ବିଭାଗ ଆଶୁ ଚିକିତ୍ସା କେନ୍ଦ୍ର (ପିଆଇସିୟୁ) ନିର୍ମାଣ ଶେଷ ହୋଇ ୨ବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ୍ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ତେବେ ଏହି ପିଆଇସିୟୁ ପାଇଁ ଆବଶ୍ୟକ ରହିଥିବା ପ୍ରଶିକ୍ଷିତ ଡାକ୍ତର ଓ ଷ୍ଟାଫ୍ ନର୍ସର ଅଭାବ ରହିଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କୋଭିଡ୍ ସମୟରେ ଶିଶୁଙ୍କ ଜୀବନ ସୁରକ୍ଷା ପାଇଁ ଇସିଆର୍‌ପି-୨ ଯୋଜନାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୨ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ଏହି ପିଆଇସିୟୁକୁ ପୂର୍ତ୍ତ ବିଭାଗ ନିର୍ମାଣକରି ହସ୍ତାନ୍ତର କରିଥିଲା । ତେବେ ଏହା ନିର୍ମାଣ ସରି ଇତିମଧ୍ୟରେ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଆନ୍ତରିକତା ଅଭାବ କାରଣରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଗୁରୁତର ଅବସ୍ଥାରେ ଶିଶୁମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡୁଛି । ଏପରିକି ଏହି ପିଆଇସିୟୁ ଆରମ୍ଭ ହୋଇ ନ ଥିବାରୁ ଗୁରୁତର ଅବସ୍ଥାରେ ଶିଶୁଙ୍କ ଜୀବନ ମଧ୍ୟ ଚାଲିଯାଉଥିବା ଅଭିଯୋଗ ହେଉଛି । ପିଆଇସିୟୁ ଆରମ୍ଭ ହେଲେ ଗୁରୁତର ଅବସ୍ଥାରେ ଆସୁଥିବା ଶିଶୁମାନଙ୍କୁ ୨୪ ଘଣ୍ଟା ଆଇସିୟୁ ସୁବିଧା ମିଳିପାରିବ । ହେଲେ ଏଥିପାଇଁ ଅତି କମ୍‌ରେ ୩ ଜଣ ଡାକ୍ତର ଓ ପାଖାପାଖି ୧୨ରୁ ୧୫ ଷ୍ଟାଫ ନର୍ସ ଆବଶ୍ୟକ ବୋଲି ମେଡ଼ିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଶିଶୁ ରୋଗ ବିଶେଷଜ୍ଞଙ୍କୁ ଏହାର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟ୍ରେନିଂ ସରିଥିଲେ ମଧ୍ୟ ଷ୍ଟାଫ ନର୍ସଙ୍କୁ ଟ୍ରେନିଂ ମିଳି ନ ଥିବା କୁହାଯାଉଛି । ଅନ୍ୟପକ୍ଷେ ପିଆଇସିୟୁ କାର୍ଯ୍ୟକ୍ଷମ ନ ହୋଇ ବନ୍ଦ ପଡ଼ିଥିବାରୁ ସେଠାରେ ଲାଗିଥିବା ବିଭିନ୍ନ ଆଧୁନିକ ଯନ୍ତ୍ରାଂଶ ନଷ୍ଟହେବାକୁ ବସିଲାଣି । ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ଭେଷଜ ଡାକ୍ତର ସଂଜ୍ଞା ଦାସ ପିଆଇସିୟୁ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ନେଉଛନ୍ତି । ପ୍ରଶିକ୍ଷଣ ସାରି ଫେରିବା ପରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ତେବେ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ପିଆଇସିୟୁକୁ କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳବାସୀଙ୍କୁ ସୁବିଧା ମିଳିପାରିବ ବୋଲି ସାଧାରଣରେ ଦାବି ହୋଇଛି ।






କାର୍ଯ୍ୟକ୍ଷମ ହୋଇ ନ ଥିବା ଶିଶୁ ବିଭାଗ ଆଶୁ ଚିକିତ୍ସା କେନ୍ଦ୍ର।

- ଶିଶୁ ଚିକିତ୍ସା ସେବା ବିପର୍ଯ୍ୟସ୍ତ
- ନିର୍ମାଣ ସରି ବର୍ଷେ ବିତିଲା, ଆରମ୍ଭ ହୋଇନି ପିଆଇସିୟୁ

## ସଂକ୍ଷେପରେ

### ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ରାୟଗଡା, ୧୩।୯ (ଭାଗ୍ୟଶ୍ରୀ ମିଶ୍ର )

କଲ୍ୟାଣସିଂହପୁର ବ୍ଲକ ସମିତି କାର୍ଯ୍ୟାଳୟ ପରିସରରେ କଳା ସଂସ୍କୃତି ସଂଘ ପକ୍ଷରୁ ଲୋକକଳା ସାଂସ୍କୃତିକ ଦଳ ଚୟନ ଓ ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଂଘର ସଭାପତି ତଥା ବିଡ଼ିଓ ସୁନିଲ ଖରା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଜିଲା କଳା ସଂସ୍କୃତି ସଙ୍ଘର ଉପସଭାପତି ସନ୍ତୋଷ କୁମାର ବଛା, ବରିଷ୍ଠ କଳାକାର ରେଡ଼ିଓ କଣ୍ଠଶିଳ୍ପୀ ତଥା ଜିଲାସ୍ତରୀୟ ତାଲିମ ପ୍ରାପ୍ତ ସଂସାଧନ ସଭ୍ୟ ଗଗନ ବିହାରୀ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅଧିକାରୀ ବିଶ୍ୱଜିତ ସିଂ ମଞ୍ଚାସୀନ ଥିଲେ । ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ କଳାକାରମାନେ ଆସି ଯୋଗଦେଇ ଥିଲେ । ଏହି କଳାକାରମାନଙ୍କୁ ନେଇ ଦଳ ଚୟନ କରାଯାଇଥିଲା। ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ସୂଚନା ,ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ମାଧ୍ୟମରେ ସରକାରଙ୍କ ଜନହିତ ଯୋଜନାଗୁଡିକ ପ୍ରଚାର କରିବା ସହ ଲୋକକଳା କଳାକାରଙ୍କ ଆର୍ଥିକ ଅଭିବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ।

### ଜଳ ନିଷ୍କାସନ ନେଇ ଗୋଟିଏ ଗେଟ୍ ଖୋଲିଲା ପ୍ରଶାସନ



ଜୟପୁର/କୋରାପୁଟ,୧୩।୯ (ପବନ ପାଣିଗ୍ରାହୀ/ଅମିତାଭ ବେହେରା)

କୋରାପୁଟ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁ ତେଲେଙ୍ଗିରି ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ବୁଧବାର ବିଭାଗ ପକ୍ଷରୁ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଛି। ଆଖପାଖ ଅଞ୍ଚଳର ଲୋକଙ୍କୁ ଡ୍ୟାମ୍ ନିକଟକୁ ନ ଯିବାକୁ ବାରଣ କରାଯାଇଛି। ଡାକବାଜି ଯନ୍ତ୍ର ଯୋଗେ ବିଭାଗ ଘୋଷଣାକରି ଲୋକଙ୍କୁ ସତର୍କ ଓ ସଚେତନ କରିଛି। ଜଳଭଣ୍ଡାରର କ୍ଷମତା ୬୩୩ ଘନମିଟର ରହିଥିବା ବେଳେ ଏପର୍ଯ୍ୟନ୍ତ ଏଥିରେ ୬୩୨.୫୦ ଘନମିଟର ଜଳ ରହିଛି। ପ୍ରତି ସେକେଣ୍ଡରେ ୫୦ ଘନମିଟର ଜଳ ଜଳଭଣ୍ଡାର ଭିତରକୁ ପ୍ରବେଶ କରୁଛି। ଖୋଲାଯାଇଥିବା ଗୋଟିଏ ଗେଟ୍‌ରେ ପ୍ରତି ସେକେଣ୍ଡରେ ୫୦ ଘନ ମିଟର ଜଳ ନିଷ୍କାସନ କରାଯାଉଛି। ଯଦି ଆଗକୁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଏ ତେବେ ଜଳଭଣ୍ଡାରର ଅନ୍ୟ ଏକ ଗେଟ୍ ଖୋଲାଯାଇ ଅତ୍ୟଧିକ ଜଳକୁ ନିଷ୍କାସନ କରାଯିବ ବୋଲି ତେଲେଙ୍ଗିରି ଡିଭିଜନର ଏସ୍‌ଡିଓ ଆର୍.ଏନ୍. ସିଂ କହିଛନ୍ତି। ତେବେ ଏଥିଲାଗି ଜୟପୁର ଓ ବୋରିଗୁମ୍ମା ତହସିଲଦାରଙ୍କୁ ସଜାଗ ରହିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜି ଭାଜପା ରାଜ୍ୟ ସଭାପତିଙ୍କ ଗୁଣପୁର ଗସ୍ତ

### ଶହୀଦ ପୀତବାସଙ୍କ ଘରୁ ସଂଗ୍ରହ ହେବ ମାଟି

ଗୁଣପୁର,୧୩।୯ (ପ୍ରଦୀପ କୁମାର ପାଢୀ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗୁରୁବାର ଗୁଣପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଗୁରୁବାର ସକାଳେ ସେ ପାରଳାଖେମୁଣ୍ଡିରୁ ବାହାରି ୯ଟା ୩୦ରେ ଗୁଣପୁରଠାରେ ପହଞ୍ଚିବେ। କଲେଜଠାରୁ ଦଳୀୟ କର୍ମକର୍ତ୍ତାମାନେ ବିରାଟ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ଗୁଣପୁର ଟାଉନ ହଲଠାରେ ପହଞ୍ଚି। ପୁରୁଣା ଗୁଣପୁରଠାରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ଯୋଗଦେଇ ଶହୀଦ ପୀତବାସ ବେହେରାଙ୍କ ଘରୁ ମାଟି ସଂଗ୍ରହ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ କାର୍ଯ୍ୟକ୍ରମ ସାରି ରାମନାଗୁଡାଠାରେ ପହଞ୍ଚି ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲା ଉପସଭାପତି ୱାଇ.ଗଣପତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୀତବାସ ସିଆରପିଏଫରେ ଯବାନ ଥିବାବେଳେ ୨୦୦୮ ଫେବୃୟାରୀ ୧୧ରେ ପୁଲୱାମାଠାରେ ଶହୀଦ ହୋଇଥିଲେ।

# ଅଲ୍‌ଟ୍ରାସାଉଣ୍ଡ ପାଇଁ ଗର୍ଭବତୀଙ୍କ ଲମ୍ବାଲାଇନ୍



ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ପାଇଁ ଲାଇନ୍ ଲଗାଇଥିବା ମହିଳାମାନେ।

ରାୟଗଡା,୧୩।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସମସ୍ୟାରେ ସୁଧାର ଆସିପାରୁ ନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗରିବ ଲୋକେ ମାଗଣାରେ ସ୍ୱାସ୍ଥ୍ୟସେବା ନ ପାଇ ବାଧ ହୋଇ ବେସରକାରୀ କ୍ଲିନିକକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହେଉଛି। ମେଡିକାଲରେ ଅଲଟ୍ରାସାଉଣ୍ଡ କରିବା ପାଇଁ ବିଭିନ୍ନ ବ୍ଲକ୍‌ରୁ ଗର୍ଭବତୀମାନେ ଆସି ଲମ୍ବାଲାଇନ୍ ଲଗାଉଥିଲେ ମଧ୍ୟ ୨ ଦିନ ପରେ ସେମାନଙ୍କ ପାଳି ପଡୁଥିବାରୁ ସେମାନଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଇଛି।

### ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

ମୁନିଗୁଡାରୁ ଆସିଥିବା ୯ ମାସର ଗର୍ଭବତୀ ଯଶୋଦା ବାତ୍ରା କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଚେକଅପ୍ ପାଇଁ ଆସିଥିଲି। ହେଲେ ୨ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କ ନମ୍ବର ଆସି ନାହିଁ। ସେହିପରି ସକାଳ ୮ଟାରେ ମେଡିକାଲକୁ ଆସିବାକୁ କର୍ତ୍ତୃପକ୍ଷ କହିଥିଲେ। ହେଲେ ଅଲଟ୍ରା ସାଉଣ୍ଡ କ୍ଲିନିକ ୧୦ଟା ୪୫ରେ ଖୋଲାଯାଇ ପୂର୍ବାହ୍ନ ୧୨ଟାରେ ବନ୍ଦ କରି ଦିଆଯାଉଥିବା ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଦିନରେ କେବଳ ୧୦ରୁ ୧୫ ଅଲଟ୍ରାସାଉଣ୍ଡ କରାଯାଉଥିବାରୁ ବହୁ ଗର୍ଭବତୀ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। କିଛି ଗର୍ଭବତୀ ବାଧ ହୋଇ ଘରୋଇ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ କରି ଅଯଥା ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ଗରିବ ମହିଳାମାନେ ଦୂର ଦୁରାନ୍ତରୁ ଆସି ବର୍ଷା ଖରାରେ ବାଧ ହୋଇ ଲାଇନ ଲଗାଉଥିବା ଦେଖିବାକୁ ମିଳୁଛି। ଏହି ଅବ୍ୟବସ୍ଥା ସମ୍ପର୍କରେ ସିଡିଏମଓ ଡ଼ା. ଲାଲ ମୋହନ ରାଉତରାୟ ପଚାରିବାରୁ ଅଧିକ ସଂଖ୍ୟାରେ ରୋଗୀ ଆସୁଥିବାରୁ ସମସ୍ତଙ୍କୁ ଗୋଟିଏ ଦିନରେ ଅଲଟ୍ରାସାଉଣ୍ଡ କରାଇବା ସମ୍ଭବ ହୋଇପାରୁ ନାହିଁ। ଗର୍ଭବତୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ୨ ଦିନ ଧରି ଅପେକ୍ଷା କରିବାକୁ ପଡୁଛି ସେ ସମ୍ପର୍କରେ ମୁଁ ଜାଣିନି, ବୁଝିକି ଆବଶ୍ୟକ ପଦକ୍ଷେପ ନେବି ବୋଲି କହିଛନ୍ତି।

## ୯ ଦଫା ଦାବି ନେଇ ଶୋଭାଯାତ୍ରା

ଗୁଣପୁର,୧୩।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁରଠାରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ଏବଂ ସିପିଆଇଏମ ଏଲ ଲିବରସେନର ମିଳିତ ଆନୁକୂଲ୍ୟରେ ୯ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ସତ୍ୟଜିତ ନାୟକଙ୍କୁ ପ୍ରଦାନ କରାଯାଇଛି। ସଂଗଠନର କର୍ମକର୍ତ୍ତାମାନେ ନୂତନ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ସହ ସେଠାରେ ପ୍ରତିବାଦ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗୁଡାରି ବ୍ଲକ କଦମା ପଞ୍ଚାୟତ ଅନ୍ତର୍ଗତ ନିଲାଗୁଡା ଗ୍ରାମର ପରିସୀମା ନିର୍ଦ୍ଧାରଣ କରାଯିବା, ନିଲାଗୁଡା ଗ୍ରାମର ଗରିବ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ନିଲାଗୁଡା ସୀମା ଭିତରେ ରହିଥିବା ଜମି ଉପରେ ମକାଗୁଡା ଗ୍ରାମର ଲୋକଙ୍କ ପ୍ରବେଶ ବନ୍ଦ କରିବା, କାଶୀପୁର ଓ ଲାଞ୍ଜିଗଡ ଅଞ୍ଚଳରେ ଗରିବ ଆଦିବାସୀ ଓ ଦଳିତଙ୍କୁ ଗିରଫ ବନ୍ଦ କରିବା, ଗୁଣପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପୂର୍ବ ପୁରୁଷରୁ ରହିଆସୁଥିବା ଆଦିବାସୀମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ ଭଳି ପ୍ରଦାନ ପାଇଁ ଦାବି କରାଯାଇଛି। ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଜିତେନ୍ଦ୍ର ମାଝି, ବିଶ୍ୱନାଥ ମାଝି, ପ୍ରକାଶ ମାଝି, ଅବିନାଶ ମାଝି, ବର୍ମ କମ୍ପକା, ସୋମନାଥ ମାଝି, ମୀନ ଶବର, ନିରଞ୍ଜନ ନିମାଲା, ଅନାସିମ ଶବର, ବୃନ୍ଦାବନ ବିଡିକା, କରୁଣାକର ଲିମା ଏବଂ ଜେମସ ଶବର ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା।

## କାଶୀପୁରରେ ପ୍ରବଳ ବର୍ଷା, ଘରେ ପଶିଲା ପାଣି



ଟିକିରି ଲାଞ୍ଜିଗଡ଼ ସାହିରେ ବର୍ଷା ପାଣି ।

ଟିକିରି,୧୩।୯(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ମଙ୍ଗଳବାରଠାରୁ ପ୍ରବଳ ବର୍ଷା ଲାଗି ରହିଛି। ମଙ୍ଗଳବାର ଜିଲାରେ ୨୫.୪୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ବୁଧବାର ଏହାର ପରିମାଣ ଯଥେଷ୍ଟ ଅଧିକା ଥିବା ଜିଲା ଜରୁରୀ ନିୟନ୍ତ୍ରଣ କେନ୍ଦ୍ର ଅଧିକାରୀ ସୂର୍ଯ୍ୟମଣି ଭୋଇ ସୂଚନା ଦେଇଛନ୍ତି। କାଶୀପୁର ବ୍ଲକରେ ପ୍ରବଳ ବର୍ଷା ଯୋଗୁ ଟିକିରି ଲାଞ୍ଜିଗଡ଼ ସାହିରେ ଘର ଭିତରେ ବନ୍ୟା ଜଳ ପଶିଯାଇଛି। ଲାଞ୍ଜିଗଡ ସାହିର ଭାସ୍କର ଦାସଙ୍କ ଘରେ ବନ୍ୟାଜଳ ପଶିବା ସହ ରୋଷେଇ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ସାହିର ଦୁର୍ଯ୍ୟୋଧନ ନାୟକଙ୍କ ଘରେ ପ୍ରାୟ ୫ଫୁଟ ପାଣି ପଶି ଘରର ଆସବାବପତ୍ର ସହ ବିଭିନ୍ନ ଖାଦ୍ୟ ନଷ୍ଟ ହୋଇଯାଇଛି। ପଡୋଶୀ ସବିତା ଦାସଙ୍କ ଘର ଭିତରେ ଓ ବାହାରେ ପାଣି ଜମି ରହିଥିଲା। ଖବରପାଇ ଉତ୍କଳ ଆଲୁମିନାର ଦମକଳ ଓ କାଶିପୁର ଦମକଳ ବାହୀନି ଆସି ମୋଟର ଯୋଗେ ଜମିଥିବା ଜଳକୁ ନିଷ୍କାସନ କରିଛନ୍ତି। ସେହିପରି ପ୍ରବଳ ବର୍ଷାରେ ଟିକିରି ଝୋଡିଆପଡା ୩ ଜଣଙ୍କର କାନ୍ଥ ଭାଙ୍ଗିଯାଇଛି। ଟିକିରି ଆରଆଇ ବନମାଳୀ ସାହୁ, ଉମେଶ ବିଡିକା ଓ ରାଜସ୍ୱ କର୍ମଚାରୀ ରାଧାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି । ଦୀର୍ଘ ୧୫ ଦିନ ପରେ ପ୍ରବଳ ବର୍ଷା ହୋଇଥିବାରୁ ଏହା ଚାଷଜମି ପାଇଁ ବହୁତ ଉପଯୋଗୀ ହେବ ବୋଲି ଗ୍ରାମବାସୀ ମତ ଦେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜୀବେ ନିଷ୍ଠୁରତା ଆଇନ ସଚେତନତା କାର୍ଯ୍ୟକ୍ରମ

ବିଷମ କଟକ,୧୩।୯(ବିଭୂତି ଭୂଷଣ ନାୟକ)

ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ତରଫରୁ ଜୀବେ ନିଷ୍ଠୁରତା ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଜିଲା ପଶୁ ସମ୍ପଦ ଅଧିକାରୀ ଡ.ହାଡିବନ୍ଧୁ ଭୋଇ ଅଧକ୍ଷତା କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଜିଲା ପଶୁ ସମ୍ପଦ ଅଧିକାରୀ ବିପ୍ରଚରଣ ବେହେରା ମଞ୍ଚାସୀନ ଥିଲେ। କର୍ମଶାଳାରେ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମସ୍ତ ବିଭାଗର ପତିନିଧି ଏବଂ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସମାଜରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ବ୍ୟବହାରକୁ ରୋକିବା ପାଇଁ ସମ୍ବିଧାନରେ ରହିଥିବା ଆଇନ ସମ୍ବନ୍ଧରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଣିଷ ସମାଜର ପାରିପାର୍ଶ୍ୱରେ ରହୁଥିବା ଜୀବଜନ୍ତୁଙ୍କ ଉପରେ ଅତ୍ୟାଚାର ନ କରିବା ସେମାନଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବା ନେଇ ଜିଲା ପଶୁ ସମ୍ପଦ ଅଧିକାରୀ ପରାମର୍ଶ ଦେଇଥିଲେ ।

## ପିଲାଙ୍କୁ ପଢ଼ାଇଲେ ଉପଜିଲାପାଳ

ଜୟପୁର, ୧୩।୯ (ପବନ ପାଣିଗ୍ରାହୀ)

ଶିକ୍ଷକ ସାଜିଲେ ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡା । ଜୟପୁର ବ୍ଲକ ଅନ୍ତର୍ଗତ ହାଟକଙ୍ଗାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ପରିଡା ବୁଧବାର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଛନ୍ତି। ପ୍ରଶ୍ନ ଉତ୍ତର ମଧ୍ୟ ପଚାରି ବୁଝିଛନ୍ତି । ସେ ଗଣିତ, ବିଜ୍ଞାନ. ଇଂରାଜୀ ପଢାଇଥିଲେ। ଅଚାନକ ବିଦ୍ୟାଳୟକୁ ଗସ୍ତ କରି ଉପ ଜିଲାପାଳ ପରିଡା ସପ୍ତମ. ଅଷ୍ଟମ, ନବମ, ଦଶମ ଶ୍ରେଣୀରେ ପାଠ ପଢାଇଥିଲେ । ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଠାରୁ ପ୍ରଶ୍ନ ପଚାରି ଠିକ ଉତ୍ତର ପାଇ ଖୁସି ପ୍ରକଟ କରିଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ଯାଏ ରହିଛି। ୨୪୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି।

## ଗୀତ, ନାଚ ମାଧ୍ୟମରେ ପୋଷଣ ବାର୍ତ୍ତା




ପନିପରିବାରେ ଝୋଟି ମାଧ୍ୟମରେ ସଚେତନତା କରାଯାଉଛି।

ମୁନିଗୁଡ଼ା, ୧୩।୯ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ପାତ୍ରଗୁଡ଼ା ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ପୋଷଣ ରଥକୁ ସ୍ୱାଗତ କରାଯିବା ସହ ହର୍ଷ ଟ୍ରଷ୍ଟ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସୁପରଭାଇଜର ମଉନାବତୀ ମୁଚିକା ପୋଷଣ ଦିବସ ସଚେତନତା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମୁନିଗୁଡ଼ା ସିଡିପିଓ ଡାଳିମ୍ବ ନାୟକ, ସମ୍ମାନିତ ଅତିଥି ଭାବେ ଅକ୍ଷୟ ପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗାଁର କିଶୋରୀ, ଗର୍ଭବତୀ ଓ ପ୍ରସୂତି ମା'ଙ୍କ ସମେତ ୱାର୍ଡମେମ୍ବର ଡମ୍ବଣୀ ଜାକେସିକା, ବାସନ୍ତୀ ଦାସ ଯୋଗଦେଇଥିଲେ। ଏହି ଅବସରରେ ହର୍ଷ ଟ୍ରଷ୍ଟ ତରଫରୁ ମହିଳାମାନେ ପୋଷଣର ବିଭିନ୍ନ ଦିଗ ଉପରେ ଗୀତ, ନାଚ, ପୋଷଣ ଖାଦ୍ୟ ଓ ଝୋଟି ପ୍ରତିଯୋଗିତାକରି ଗର୍ଭବତୀ, ପ୍ରସୂତି ଏବଂ କିଶୋରୀମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନକରିଥିଲେ।ଅପପୁଷ୍ଟିହ୍ରାସ,ଶିଶୁଓମାତୃ ମୃତ୍ୟୁ ରୋକିବା ଉଦ୍ଦେଶ୍ୟରେ ଆଲୋଚନା କରାଯାଇଥିଲା। ପାତ୍ରଗୁଡ଼ା ଅଙ୍ଗନୱାଡିର କର୍ମୀ ଜ୍ୟୋତ୍ସ୍ନା ସାହୁ, ଭୁରୁଷିକମ୍ବାର ଅଙ୍ଗନୱାଡି କର୍ମୀ ଦୁଃଖୀ କାଡ୍ରାକା, ବୁର୍ଯ୍ଯଗୁଡ଼ାର ଦମୟନ୍ତୀ ଦେବୀ ଓ ତଳ ଛେଲିଆନାଳର ସୁନୀତାରାଣୀ ମିଶ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସିଡିପିଓ ସମସ୍ତ ଉପସ୍ଥିତ କର୍ମୀ ଓ ଗ୍ରାମର ସମସ୍ତ କିଶୋରୀ ବାଳିକା ଓ ପ୍ରସୂତି, ଗର୍ଭବତୀ ମା'ମାନଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଏହାର ସୁଫଳ ଓ ପ୍ରତ୍ୟେକଙ୍କ କର୍ତ୍ତବ୍ୟ ଉପରେ ବୁଝାଇଥିଲେ। ଶେଷରେ ହର୍ଷ ଟ୍ରଷ୍ଟର ସଂଯୋଜକ ଅକ୍ଷୟ ପାତ୍ର ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତର ସମସ୍ୟା ସମାଧାନ ନ ହେଲେ ଧାରଣା ଦିଆଯିବ

ମୁନିଗୁଡ଼ା,୧୩।୯(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ଅନେକ ସମୟରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ଦାବିରେ ମୁନିଗୁଡ଼ା ବିକାଶ ପରିଷଦ ବୁଧବାର ମେଡିକାଲ ଅତିରିକ୍ତ ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସବ୍ୟସାଚୀ ମହାପାତ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି। ସରକାର ତୁରନ୍ତ ଏହି ମେଡିକାଲରେ ଡାକ୍ତର ନିଯୁକ୍ତି ନ କଲେ ଆଗାମୀ ଦିନରେ ମୁନିଗୁଡ଼ା ବିକାଶ ପରିଷଦ, ସହଯୋଗୀ ଅନୁଷ୍ଠାନଙ୍କ ସହିତ ମିଶି ହସ୍ପିଟାଲ ସମ୍ମୁଖରେ ଧାରଣା ଦେବା ସହ ରାଜପଥ ଅବରୋଧ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜଣେ ଜେନେରାଲ ଡିୟୁଟି ମେଡିକାଲ ଅଫିସର, ୫ଜଣ ଏମ୍‌ବିବିଏସ୍ ଡାକ୍ତର, ୪ଜଣ ସ୍ପେଶାଲିଷ୍ଟ ଡାକ୍ତର ଜଣେ ଦନ୍ତ ଚିକିତ୍ସକ, ଜଣେ ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର, ଜଣେ ସୁପରିଣ୍ଟେଣ୍ଡେଣ୍ଟ ମୋଟ ୨୩ଜଣ ଚିକିତ୍ସକ ପଦବୀ ମଞ୍ଜୁର ରହିଛି। ହେଲେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ କୌଣସି ସ୍ପେଶିଆଲିଷ୍ଟ ନ ଥିବାବେଳେ ମାତ୍ର ୭ଜଣ ଏମ୍‌ବିବିଏସ୍ ଡାକ୍ତରରେ ଚାଲିଛି। ସେହିପରି ସହଯୋଗୀ କର୍ମଚାରୀ ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ମୁନିଗୁଡ଼ାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରାୟଗଡ଼ା ଜିଲାର ମୁନିଗୁଡ଼ା, ବିଷମକଟକ ଓ ଚନ୍ଦ୍ରପୁର ବ୍ଲକର ଲୋକେ ନିର୍ଭର କରୁଥିବାବେଳେ ପଡୋଶୀ କଳାହାଣ୍ଡି ଜିଲାର ବିଶ୍ୱନାଥପୁର, ବେଦାନ୍ତ ନଗରୀ ଲାଞ୍ଜିଗଡ଼ ଏବଂ ସୀମାନ୍ତ କନ୍ଧମାଳ ଜିଲାର ରୋଗୀ ନିର୍ଭର କରିଥାନ୍ତି। ଏହା ସହ ଏଠାରେ ଅନୁସୂଚିତ ଜାତି ଜନଜାତି ବିଭାଗ ପରିଚାଳିତ ୧୧ ଛାତ୍ରାବାସ, ଶିକ୍ଷା ବିଭାଗ ପରିଚାଳିତ ୪ଟି ଛାତ୍ରାବାସର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ପ୍ରତ୍ୟହ ଶହଶହ ସଂଖ୍ୟାରେ ଏହି ହସ୍ପିଟାଲକୁ ଆସିଥାନ୍ତି। ହସ୍ପିଟାଲରେ ଏବେ ୭ଜଣ ଡାକ୍ତର ଥିବାବେଳେ ସିଫ୍ଟ ଡ୍ୟୁଟି କ୍ରମରେ ୨ଜଣ ଡାକ୍ତରଙ୍କୁ ଦେଖିବାକୁ ମିଳେ। ହେଲେ ସବୁ ରୋଗୀ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଡାକ୍ତର ସବ୍ୟସାଚୀ ମହାପାତ୍ରଙ୍କ ନିକଟରେ ରୋଗୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏତେ ରୋଗୀ ହେଉଛନ୍ତି ଯେ, ବହୁ ସମୟରେ ମେଡିକାଲରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଡାକ୍ତର ରୋଗୀଙ୍କୁ ଦେଖିବାକୁ ପର୍ଯ୍ୟାପ୍ତ ରୁମ୍ ନ ଥିବା ବେଳେ ଆଉଟ ଡୋର ଓ ମେଡିସିନ ବିତରଣ କେନ୍ଦ୍ର ଗୋଟିଏ ସ୍ଥାନରେ ରହୁଥିବାରୁ ଡାକ୍ତର ରୋଗୀ ଦେଖୁଥିବା ରୁମ୍ ଆଗରେ ପ୍ରବଳ ଭିଡ ଜମୁଛି। ଏ ବିଷୟକୁ ନେଇ ବିଭିନ୍ନ ସମୟରେ ମୁନିଗୁଡ଼ା ବିକାଶ ପରିଷଦ, ବଜରଙ୍ଗ ଦଳ, ପ୍ରେସ କ୍ଲବ, ବଣିକ ସଂଘ ବିଭାଗୀୟ ଉପରିସ୍ଥ ଅଧିକାରୀ, ଜିଲାପାଳ, ଲୋକ ପ୍ରତିନିଧି ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆନ୍ଦୋଳନ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେଣୁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହି ହସ୍ପିଟାଲର ଗୁରୁତ୍ୱକୁ ବୁଝି ଯଥାଶୀଘ୍ର ଆବଶ୍ୟକ ଡାକ୍ତର,ବିଶେଷଜ୍ଞ ଓ କର୍ମଚାରୀ ନିଯୁକ୍ତି କରିବାକୁ ପରିଷଦ ପକ୍ଷରୁ ଦାବି ହୋଇଛି। ଆଜିର ଆଲୋଚନା ସମୟରେ ସଭାପତି ଓ ସମ୍ପାଦକଙ୍କ ସହ ଉପସଭାପତି ଭୀମ ବେହେରା, ସୁବାସ ଗୌଡ଼, କୁମାର ରାଜୁ, ସାମ୍ବାଦିକ କ୍ଷମାସାଗର ଦାସ, ପଦ୍ମ ବେହେରା,ସୁଜିତ କୁମାର ପ୍ରଧାନ,ଟି.ରାମବାବୁ, ନୀଳାମ୍ବର ବିଭାର, ମୁକେଶ କୁମାର ଗୌଡ଼ ପ୍ରମୁଖେ ଉପସ୍ଥିତ ଥିଲେ।



ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକାଶ ପରିଷଦ କର୍ମକର୍ତ୍ତା।

- ଅବ୍ୟବସ୍ଥାରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ବିକାଶ ପରିଷଦର ଆଲୋଚନା

**ଡ୍ରେନ ଜାମ, ରାସ୍ତାରେ ବର୍ଷା ପାଣି**

ଦାମନଯୋଡି,(ରାଧାକାନ୍ତ ବ୍ରହ୍ମା): ଦୁଇ ଦିନ ଧରି ଲାଗି ରହିଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ଭେଜାପୁଟ ଅଞ୍ଚଳ ଜଳମଗ୍ନ ହୋଇଛିବା। ରାସ୍ତାର ଦୁଇ ପାର୍ଶ୍ୱରେ ନାଲ୍କୋ ପକ୍ଷରୁ ଡ୍ରେନ କରାଯାଇଥିଲେ ମଧ ବିଭିନ୍ନ ସ୍ଥାନରେ ଡ୍ରେନ ପୋତିହେବା କାରଣରୁ ବର୍ଷା ପାଣି ଡ୍ରେନରେ ନ ଯାଇ ରାସ୍ତାରେ ପ୍ରବାହିତ ହେଉଛି। କିଛି ଲୋକ ଡ୍ରେନରେ ଡଷ୍ଟବିନ ଫିଙ୍ଗୁଛନ୍ତି ତ କେହି ଡ୍ରେନକୁ ପୋତି ତା ଉପରେ ଘର ଓ ଦୋକାନ ଗଢିଛନ୍ତି। ଫଳରେ ପ୍ରବଳ ବର୍ଷା ହେଲେ ପାହାଡ଼ରୁ ବର୍ଷା ପାଣି ବୋହି ରାସ୍ତାରେ ପ୍ରବାହିତ ହେଉଛି। ବର୍ଷା ପାଣିରେ ରାସ୍ତା ପାର୍ଶ୍ୱ ସ୍କୁଲ ପରିସର ପାଣି ଘେରରେ ରହିଛି। ଯେଉମାନେ ଡ୍ରେନ ଉପର ଜବର ଦଖଲ କରି ରଖିଛନ୍ତି ତାହାକୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଜଳ ନିଷ୍କାସନ ନେଇ ଗୋଟିଏ ଗେଟ୍ ଖୋଲିଲା ପ୍ରଶାସନ

**ତେଲେଙ୍ଗିରି ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି**



ଜୟପୁର/କୋରାପୁଟ,୧୩।୯ (ପବନ ପାଣିଗ୍ରାହୀ/ଅମିତାଭ ବେହେରା)

କୋରାପୁଟ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁ ତେଲେଙ୍ଗିରି ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ବୁଧବାର ବିଭାଗ ପକ୍ଷରୁ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଛି। ଆଖପାଖ ଅଞ୍ଚଳର ଲୋକଙ୍କୁ ଡ୍ୟାମ୍ ନିକଟକୁ ନ ଯିବାକୁ ବାରଣ କରାଯାଇଛି। ଡାକବାଜି ଯନ୍ତ୍ର ଯୋଗେ ବିଭାଗ ଘୋଷଣାକାରି ଲୋକଙ୍କୁ ସତର୍କ ଓ ସଚେତନ କରିଛି। ଜଳଭଣ୍ଡାରର କ୍ଷମତା ୬୩୩ ଘନମିଟର ରହିଥିବା ବେଳେ ଏଯାଏଁ ଏଥିରେ ୬୩୨.୫୦ ଘନମିଟର ଜଳ ରହିଛି। ପ୍ରତି ସେକେଣ୍ଡରେ ୫୦ ଘନମଟର ଜଳ ଜଳଭଣ୍ଡାର ଭିତରକୁ ପ୍ରବେଶ କରୁଛି। ଖୋଲାଯାଇଥିବା ଗୋଟିଏ ଗେଟ୍‌ରେ ପ୍ରତି ସେକେଣ୍ଡରେ ୫୦ ଘନ ମିଟର ଜଳ ନିଷ୍କାସନ କରାଯାଉଛି। ଯଦି ଆଗକୁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଏ ତେବେ ଜଳଭଣ୍ଡାରର ଅନ୍ୟ ଏକ ଗେଟ୍ ଖୋଲାଯାଇ ଅତ୍ୟଧିକ ଜଳକୁ ନିଷ୍କାସନ କରାଯିବ ବୋଲି ତେଲେଙ୍ଗିରି ଡିଭିଜନର ଏସ୍‌ଡିଓ ଆର୍.ଏନ୍. ସିଂ କହିଛନ୍ତି। ତେବେ ଏଥିଲାଗି ଜୟପୁର ଓ ବୋରିଗୁମ୍ମା ତହସିଲଦାରଙ୍କୁ ସଜାଗ ରହିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ବର୍ଷାରେ ଭାସିଗଲା ଆଶ୍ରମପୁଟ କଲଭର୍ଟ




ନନ୍ଦପୁର, ୧୩।୯ (ଶଙ୍କର ପୂଜାରୀ)

ଲଗାଣ ବର୍ଷାରେ ବାଞ୍ଜିଲାପୁଟ-ହାତୀବାରି ଆଶ୍ରମପୁଟକୁ ସଂଯୋଗ କରୁଥିବା ଆରଡି ରାସ୍ତାର କଲଭର୍ଟ (ପୋଲ) ଭାସିଯାଇଛି। ଫଳରେ ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ବୁଧବାର ସକାଳୁ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଯାତାୟାତ ବନ୍ଦ ରହିଛି। ଲୋକେ ଏହି ରାସ୍ତାରେ ଚାଲିଚାଲି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଏହି ପୋଲଟି ବହୁ ଦିନ ହେଲା ଦୁର୍ବଳ ସ୍ଥିତିରେ ରହିଥିଲା। ବିଭାଗ ପକ୍ଷରୁ ପୋଲ ନିର୍ମାଣ ନିମନ୍ତେ ଅଟକଳ, ଟେଣ୍ଡର ପ୍ରକ୍ରିୟା ସରିଥିବା ବେଳେ ଠିକାଦାର କାର୍ଯ୍ୟ ଆରମ୍ଭ କରି ନ ଥିଲେ। ଏ ସମ୍ପର୍କରେ ସୁନାବେଡା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିଜିତ ବାରିକଙ୍କୁ ପଚାରିବାରୁ ସେ କହିଲେ, ବିଭାଗୀୟ ଯନ୍ତ୍ରୀ ଜୟନ୍ତ ସାହୁଙ୍କୁ କ୍ଷେତ୍ର ପରିଦର୍ଶନ କରି ତ୍ୱରିତ ବ୍ୟବସ୍ଥା କରିବାକ କୁହାଯାଇଛି। ସେ ଠିକାଦାରଙ୍କ ସହ ଆଲୋଚନା କରି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି ବୋଲି ବାରିକ କହିଛନ୍ତି। ଦିନେ ଦୁଇଦିନ ମଧ୍ୟରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ଶିକ୍ଷକ ସାଜିଲେ ଉପ ଜିଲାପାଳ

ଜୟପୁର, ୧୩।୯ (ପବନ ପାଣିଗ୍ରାହୀ)

ଶିକ୍ଷକ ସାଜିଲେ ଜୟପୁର ଉପ ଜିଲାପାଳ ପ୍ରଭାତ ପରିଡା । ଜୟପୁର ବ୍ଲକ ଅନ୍ତର୍ଗତ ହାଟକଙ୍ଗାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ପରିଡା ବୁଧବାର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଛନ୍ତି । ପ୍ରଶ୍ନ ଉତ୍ତର ମଧ ପଚାରି ବୁଝିଛନ୍ତି । ସେ ଗଣିତ, ବିଜ୍ଞାନ. ଇଂରାଜୀ ପଢାଇଥିଲେ। ଅଚାନକ ବିଦ୍ୟାଳୟକୁ ଗସ୍ତ କରି ଉପ ଜିଲାପାଳ ପରିଡା ସପ୍ତମ. ଅଷ୍ଟମ, ନବମ, ଦଶମ ଶ୍ରେଣୀରେ ପାଠ ପଢାଇଥିଲେ । ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଠାରୁ ପ୍ରଶ୍ନ ପଚାରି ଠିକ ଉତ୍ତର ପାଇ ଖୁସି ପ୍ରକଟ କରିଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ଯାଏ ରହିଛି। ୨୪୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି।



# ଲଗାଣ ବର୍ଷା: କୋରାପୁଟ ଜିଲାରେ ଭାଙ୍ଗିଛି ୩୦ ଘର

ନନ୍ଦପୁର/କୋରାପୁଟ,୧୩।୯ (ଶଙ୍କର ପୂଜାରୀ/ଅମିତାଭ ବେହେରା)

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଜାରି ରହିଛି । ୨ଦିନ ଧରି ଲଗାଣ ବର୍ଷାରେ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ୩୦ ଘର ଭାଙ୍ଗିଛି। ସେଥିରୁ କୋରାପୁଟ ବ୍ଲକରେ ୩ଟି, ନନ୍ଦପୁର ବ୍ଲକରେ ୮ଟି, ପଟ୍ଟାଙ୍ଗି ବ୍ଲକରେ ୨ଟି, ସେମିଳିଗୁଡା ବ୍ଲକରେ ୧୩ଟି ଓ ବୈପାରିଗୁଡା ବ୍ଲକରେ ୪ଟି ଘର ଭାଙ୍ଗିଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜଣାପଡିଛି।




ବର୍ଷାରେ ଜଣେ ବ୍ୟକ୍ତିଙ୍କ ଭାଙ୍ଗିଯାଇଥିବା ଘର।

ଲଗାଣ ବର୍ଷାରେ ନନ୍ଦପୁର ବ୍ଲକ ଅଞ୍ଚଳରେ ବର୍ଷାଜଳ ରାସ୍ତା ଉପରେ, ଚାଷଜମିରେ, ଗ୍ରାମ ସଦରରେ ପ୍ରବାହିତ ହେଉଥିବାରୁ ଲୋକଙ୍କ ଘରୁ ବାହାରିବା କଷ୍ଟକର ହୋଇଛି। କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଞ୍ଚଳରେ ୮ଟି ଘର ଭାଙ୍ଗିଛି। ନନ୍ଦପୁର ତହସିଲରେ ବାଲଡା ରାଜସ୍ୱ ମଣ୍ଡଳରେ ୪ଟି, ଚାଟୁଆ ରାଜସ୍ୱ ମଣ୍ଡଳରେ ୨ଟି ଓ କୁଲାରସିଂ ରାଜସ୍ୱ ମଣ୍ଡଳରେ ୨ଟି ଘର ଭାଙ୍ଗିଛି। ବାଲଡା ରାଜସ୍ୱ ମଣ୍ଡଳରେ ବାଲଡା ଗ୍ରାମର ପଦ୍ମା ଶିସା ଓ ଦଉଡାରି ଖରା, ଲୁଲୁଗୁଡ଼ା ଗ୍ରାମର ଗୁରୁ ଆଡିଙ୍ଗ ଓ ଭେଜା ଗ୍ରାମର ଗୌରଚନ୍ଦ୍ର ଖିନ୍ଦବୁଡ଼ିଙ୍କ ଘରକାନ୍ଥ ଭୁଶୁଡ଼ି ପଡ଼ିଛି। ଚାଟୁଆ ରାଜସ୍ୱ ମଣ୍ଡଳ ପାଡାଲପୁର ଗ୍ରାମର ନାବ ପାଙ୍ଗୀଙ୍କ ଘର ଭାଙ୍ଗିଥିବା ବେଳେ ଅନ୍ୟ ଜଣକ ନାମ ମିଳିପାରିନାହିଁ। ସେହିପରି କୁଲାରସିଂ ରାଜସ୍ୱ ମଣ୍ଡଳର କୁଲାରସିଂ ଗ୍ରାମର ଗଣପତି ତେଲମାଲଙ୍କ ଘର ଭାଙ୍ଗିଛି। ଅନ୍ୟ ଜଣଙ୍କ ନାମ ଜଣାପଡିନାହିଁ। ସମ୍ପୃକ୍ତ ପରିବାରଙ୍କୁ ତ୍ୱରିତ ସହାୟତା ସ୍ୱରୂପ ପଲିଥିନ ଯୋଗାଇ ପ୍ରଦାନ କରାଯାଇଥିବା ରାଜସ୍ୱ ନିରୀକ୍ଷକ ଅକ୍ଷୟ କ୍ଷତ୍ରି କହିଛନ୍ତି। କ୍ଷୟକ୍ଷତି ଆକଳନ ପରେ ସମସ୍ତଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ନରସିଂହ ଗାଦବା ସୂଚନା ଦେଇଛନ୍ତି। କୋରାପୁଟ ଜିଲାରେ ବୁଧବାର ମୋଟ ୬୨୪ ମି.ମି. ବର୍ଷା ହୋଇଛି। ଜିଲାର ଦଶମନ୍ତପୁର ବ୍ଲକରେ ସର୍ବାଧିକ ୯୮ ମି.ମି. ବର୍ଷା ହୋଇଥିବା ବେଳେ ନାରାୟଣପାଟଣା ବ୍ଲକରେ ସର୍ବନିମ୍ନ ୧୫.୬ ମି.ମି. ବର୍ଷା ହୋଇଛି। ଲକ୍ଷ୍ମୀପୁର ବ୍ଲକରେ ୯୪.୨ ମି.ମି., ସେମିଳିଗୁଡା ବ୍ଲକରେ ୮୭ ମି.ମି., ନନ୍ଦପୁର ବ୍ଲକରେ ୭୦ ମି.ମି. , କୋରାପୁଟ ବ୍ଲକରେ ୬୮ ମି.ମି., ଜୟପୁର ବ୍ଲକରେ ୩୯.୪ ମି.ମି. ବୋରିଗୁମ୍ମା ବ୍ଲକରେ ୨୬.୪ ମି.ମି. କୋଟପାଡ ବ୍ଲକରେ ୨୫.୨ ମି.ମି., କୁନ୍ଦୁରା ବ୍ଲକରେ ୨୪ ମି.ମି., ଲମତାପୁଟ ବ୍ଲକରେ ୨୨ ମି.ମି. ବୈପାରିଗୁଡା ବ୍ଲକରେ ୨୦ ମି.ମି., ବନ୍ଧୁଗାଁ ବ୍ଲକରେ ୧୬ ମି.ମି. ବର୍ଷା ହୋଇଛି।

# ଯୁବ ବୈଜ୍ଞାନିକ ବିଶ୍ୱନାଥଙ୍କୁ କୃଷିମନ୍ତ୍ରୀ କଲେ ସମ୍ମାନିତ



କୃଷିମନ୍ତ୍ରୀଙ୍କଠାରୁ ପୁରସ୍କୃତ ହେଉଛନ୍ତି ବୈଜ୍ଞାନିକ ବିଶ୍ୱନାଥ ସାହୁ।

କୋରାପୁଟ,୧୩।୯(ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ ରାଜ୍ୟର ୩୧ଟି କୃଷି ବିଜ୍ଞାନକେନ୍ଦ୍ର ମଧ୍ୟରେ ସବୁଠାରୁ ଶ୍ରେଷ୍ଠ ସଂପ୍ରସାରଣ ବୈଜ୍ଞାନିକ ଭାବେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶାକୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୬୨ ତମ ପ୍ରତିଷ୍ଠା ଦିବସରେ ଡ. ସାହୁଙ୍କୁ ପୁରସ୍କୃତ କରାଯାଇଥିଲା ଜଣାଯାଇଛି। ଆଦିବାସୀ ବହୁଳ କୋରାପୁଟ ଜିଲାର ଚାଷୀମାନଙ୍କ ପାଇଁ କୃଷିଭିତ୍ତିକ ରୋଜଗାରର ବାଟ ଫିଟାଇଥିବା ଏବଂ ଦୀର୍ଘ ଦିନରୁ ଜରାଜୀର୍ଣ୍ଣ ଭାବେ ପଡିଥିବା କୋରାପୁଟ କୃଷି ବିଜ୍ଞାନ କେନ୍ଦ୍ରକୁ ନବୀକରଣ କରାଇବାରେ ତାଙ୍କର ବଳିଷ୍ଠ ଭୂମିକା ଯୋଗୁ ବୈଜ୍ଞାନିକ ଡ. ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ସହାୟତାରେ ସେ କୃଷି ବିଜ୍ଞାନ କେନ୍ଦ୍ରରେ ରହିଥିବା ଅଫିସ ଗୃହ, ତାଲିମ କକ୍ଷ ଓ କର୍ମଚାରୀ କ୍ୱାର୍ଟର୍ସର ମରାମତି କରାଇଛନ୍ତି। ଏଠାକୁ ଯିବା ପାଇଁ ଥିବା ରାସ୍ତାକୁ କଂକ୍ରିଟ ସିମେଣ୍ଟ ରାସ୍ତାରେ ପରିଣତ କରିଛନ୍ତି। ଜିଲାର କୃଷକ ଓ କୃଷିଜୀବୀ ମହାଳାଙ୍କ ପାଇଁ କେନ୍ଦ୍ର ପରିସରରେ ଥିବା ବିଭିନ୍ନ ପ୍ରଦର୍ଶନ କ୍ଷେତ୍ର ଯଥା ପଲିଥିନ ଆଚ୍ଛାଦିତ ପୋଖରୀରେ ମାଛ ସହ ବତକ ପାଳନ , ଜୈବଫ୍ଲକ୍‌ସ କୁଣ୍ଡରେ ମାଛ ଚାଷ,ସେଓ ଓ ଅଙ୍ଗୁର ଚାରା କରିବା, ଡ୍ରାଗନଫ୍ରୁଟ ଚାଷ, ମହୁମାଛି ପାଳନ, ବିଭିନ୍ନ ପ୍ରଜାତିର ଦେଶୀ କୁକୁଡା ପାଳନ, ଡିମ୍ବଫୁଟନ କେନ୍ଦ୍ର, କୁକୁଡା ଖିଆ ପାଳନ କେନ୍ଦ୍ର, ଋତୁକାଳୀନ ଫୁଲ ଚାଷ, ଛତୁଚାଷ ନିମନ୍ତେ ମଞ୍ଜି ପ୍ରସ୍ତୁତ କରିବା ଦିଗରେ ସେ ପଦକ୍ଷେପ ନେଇ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏନେଇ କୃଷି ବୈଜ୍ଞାନିକ କେନ୍ଦ୍ରର ବୈଜ୍ଞାନିକ ଡ. ସାହୁଙ୍କୁ ପଚାରିବାରୁ ସେ କହିଲେ, ଏହି କୃଷି ବିଜ୍ଞାନ କେନ୍ଦ୍ର ରେ ଜିଲାର ଚାଷୀମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

# ୨ ବର୍ଷ ବିଚ୍ଛେଦ ପରେ ପୁଣି ଏକାଠି ହେଲେ ଦମ୍ପତି

ଦଶମନ୍ତପୁର,୧୩।୯(ଅରବିନ୍ଦ ନାୟକ)

**ପୋଲିସ ପ୍ରଶାସନ ନେଲା ଗୁରୁତ୍ୱପୂର୍ଣ୍ଣ ଭୂମିକା**



ବିଚ୍ଛେଦ ହୋଇ ରହିଥିବା ଦମ୍ପତିଙ୍କୁ ଦଶମନ୍ତପୁର ପୋଲିସ ପ୍ରଶାସନ ସେମାନଙ୍କୁ ମିଶାଇ ପୁଣି ଥରେ ସଂସାର କରିବାକୁ ପ୍ରେରଣା ଦେଇଛି। ଉଭୟେ ଏକାଠି ରହିବାକୁ ସମ୍ମତି ଦେବାରୁ ଉଭୟଙ୍କୁ ପୋଲିସ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛି।

ଖବରରୁ ଜଣାପଡିଛି, ଦଶମନ୍ତପୁର ପଞ୍ଚାୟତ ଲଦିବେଡ଼ା ଗ୍ରାମର ରାମା ନାଚିକା ଦୀର୍ଘ ବର୍ଷ ତଳେ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାଣିମୂଷା ଗ୍ରାମର ଟେକସାହିର ସୀମାଞ୍ଚଳ ନାଚିକାଙ୍କୁ ପ୍ରେମ ବିବାହ କରିଥିଲେ। ଏହି ଦମ୍ପତିଙ୍କ ୬ ବର୍ଷର ପୁଅ ବାବୁଲି ଓ ୪ ବର୍ଷର ଝିଅ ସୁମିତ୍ରା ଥିବା ଜଣାପଡିଛି। ତେବେ କୌଣସି କାରଣରୁ ସୀମାଞ୍ଚଳ ଓ ରାମାଙ୍କ ମଧ୍ୟରେ ପାରିବାରିକ ସମସ୍ୟା ଉପୁଜିଥିବାରୁ ଉଭୟେ ୨ ବର୍ଷ ହେବ ପରସ୍ପରଠାରୁ ବିଚ୍ଛେଦ ହୋଇ ରହୁଥିଲେ। ରାମା ନିଜର ୨ ଝିଅ ଓ ପୁଅଙ୍କୁ ଧରି ନିଜ ବାପଘରକୁ ଚାଲିଯାଇଥିଲେ। ମାତ୍ର ପିଲାଙ୍କୁ କିପରି ମଣିଷ କରିବେ ସେହି ଚିନ୍ତାରେ ରାମା ରହୁଥିଲେ। ଦୀର୍ଘ ଦିନ ଧରି ଅପେକ୍ଷା କରିବା ପରେ ରାମାଙ୍କୁ ନେବାକୁ ସୀମାଞ୍ଚଳ ନ ଆସିବାରୁ ପରିବାର ଲୋକେ ଦଶମନ୍ତପୁର ଥାନାରେ ଗତ ୧।୮।୨୩ରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ସେକେଣ୍ଡ ଅଫିସର ନିର୍ମଳା ଲିମା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ନୀରିହ ଦୁଇ ଛୁଆଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଭୟ ସ୍ତ୍ରୀ ସ୍ୱାମୀଙ୍କୁ ସେକେଣ୍ଡ ଅଫିସର ଲିମା ଡକାଇ ବୁଝାଇଥିଲେ। ତୁମ ଭୁଲ୍ ପାଇଁ ଦୁଇ ନିରୀହ ଛୁଆଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରିବ ବୋଲି କହିଥିଲେ। ତାଙ୍କ କଥାକୁ ଗଭୀର ଭାବେ ଚିନ୍ତା କରି ରାମ ଓ ସୀମାଞ୍ଚଳ ନିଜ ଭୁଲ୍ ବୁଝିପାରି ପୁଣି ଏକତ୍ର ରହି ଖୁସିର ସଂସାର ଗଢ଼ିବା ଏବଂ ନିଜ ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ଉଭୟେ ପୋଲିସ ନିକଟରେ ଶପଥ କରିଥିଲେ। ସେମାନଙ୍କ ଦୁଇ ଶିଶୁଙ୍କ ଭବିଷ୍ୟତ ସୁରକ୍ଷା ସହ ଉଭୟେ ସଂସାର ଗଢିବାକୁ ପୋଲିସ ପ୍ରଶାସନ ସୁଯୋଗ ଆଣି ଦେଇଥିବାରୁ ଉଭୟେ ପୋଲିସ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଧାରଣାରତ ଶିକ୍ଷକ ସଂଘକୁ ଭେଟିଲେ ଉପାଧ୍ୟକ୍ଷ,ପୂର୍ବତନ ବିଧାୟକ

କୁନ୍ଦୁରା,୧୩।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚାଲିଛି। ଏହି ଧାରଣା ୭ ଦିନ ବିତିଯାଇଥିଲେ ମଧ ସେମାନଙ୍କ ଦାବିପୂରଣ ହୋଇନାହିଁ। ଫଳରେ ବ୍ଲକରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ଠପ୍ ହୋଇଯାଇଛି। ବୁଧବାର ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ ଏବଂ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ଧାରଣାସ୍ଥଳରେ ଶିକ୍ଷକମାନଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ମୂଳ ବେତନ ଦେବା ସହ ଲେଭଲ-୯ କରିବା, ନୂତନ ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦକରି ପୁରୁଣା ପେନ୍‌ସନ ପ୍ରଚଳନ କରିବା ସହ ସେମାନଙ୍କ ଅନ୍ୟ ଏକ ଦାବି ରହିଛି। ଶିକ୍ଷକ ସଂଘ ଦାବିଗୁଡିକ ଶୁଣିବା ପରେ ଜିଲା ପରିଷଦ ଉପାଧ୍ୟକ୍ଷ ସାମନ୍ତରାୟ ଓ ଏବଂ ପୂର୍ବତନ ବିଧାୟକ ମାଝି ଏହା ଉପରେ ସରକାରଙ୍କୁ ଜଣାଇବୁ। ସରକାର ନିଶ୍ଚିତ ଭାବେ ରହିଥିବା ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ।

# ନକଲି ସୁନାଶଙ୍ଖ ବିକି ଜଣେ ଗିରଫ

ପାପଡ଼ାହାଣ୍ଡି,୧୩।୯(ସ୍ୱପ୍ନଜିତ ପଟ୍ଟନାୟକ)



ନବରଙ୍ଗପୁର ଜିଲାରେ ପୁଣି ଦେଖିବାକୁ ମିଳିଛି ନକଲି ସୁନାଶଙ୍ଖ କାରବାର। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୪ଜଣ ଫେରାରଥିବା ନେଇ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଆଦିତ୍ୟ ସେନ ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ପାପଡ଼ାହାଣ୍ଡି ବ୍ଲକ ବାସିନୀ ଗ୍ରାମର ମନ ବିଷୋୟୀ। ପୋଲିସ ତାଙ୍କଠାରୁ ଗୋଟିଏ ନକଲି ସୁନାଶଙ୍ଖ ଓ ନଗଦ ୮୧,୦୦୦ ଟଙ୍କା ଜବତ କରିଛି।

ସୂଚନାନୁଯାୟୀ, ମନ ଓ ତାଙ୍କର ୪ଜଣ ସାଥୀ ବିଜୟନଗରମ ଜିଲା ବଣ୍ଡପଲ୍ଲୀ ଥାନା ଗରଦବିଲି ଅଞ୍ଚଳର ଶୁକଦାସ ଗଙ୍ଗା ସାଗରଙ୍କୁ କିଛିଦିନ ତଳେ ଫୋନକରି ସୁନା ଶଙ୍ଖ ଥିବା କହିଥିଲେ। ଗତ ୨୪ରେ ଶୁକଦାସ ଆସି ସେମାନଙ୍କୁ ୫ଲକ୍ଷ ଟଙ୍କା ଦେଇ ଉକ୍ତ ଶଙ୍ଖ କିଣି ନେଇଥିଲେ। କିନ୍ତୁ ଗାଁକୁ ନେଇ ଉକ୍ତ ଶଙ୍ଖକୁ ଯାଞ୍ଚ କରିବାପରେ ତାହା ପିତଳ ବୋଲି ଜାଣିବାକୁ ପାଇଥିଲେ। ମଙ୍ଗଳବାର ବାସିନୀ ମନ ଓ ତାଙ୍କ ସହଯୋଗୀଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। କିନ୍ତୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବାରୁ ସେ ଏ ନେଇ ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପାପଡ଼ାହାଣ୍ଡି ଆଇଆଇସି ଦୀପକ ଜେନାଙ୍କ ନିର୍ଦ୍ଦେଶରେ ଏସ୍ଆଇ ଶିବଜୀ ପଣ୍ଡା କେସ୍ ନମ୍ବର ୧୫୩/୨୩ରେ ମାମଲା ରୁଜୁକରି ମନ ବିଷୋୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ତାଙ୍କଠାରୁ ନକଲି ସୁନାଶଙ୍ଖ ଓ ନଗଦ ୮୧ ହଜାର ଟଙ୍କା ଜବତ କରାଯାଇଛି। ମନଙ୍କ ସହଯୋଗୀ ଶଙ୍କର ବିଷୋୟୀ, ଜଗନ୍ନାଥ ହରିଜନ, ପବିତ୍ର ହରିଜନ, ସୁରେନ୍ଦ୍ର ମିର୍ଗାନ ଫେରାର ଥିବା ନେଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି । ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ସେ କହିଛନ୍ତି।

# ଗଛ ଲଗାଇବାକୁ ଶାବର ଶ୍ରୀକ୍ଷେତ୍ରରୁ ରାମୋଜି ଫିଲ୍ମ ସିଟି

କୋରାପୁଟ,୧୩।୯(ଅମିତାଭ ବେହେରା)



କୋରାପୁଟ ସହରର ଗଛ ମଣିଷ ଭାବେ ଜଣାସୁଣା ରବୀନ୍ଦ୍ର ରଣା ଗଛ ଲଗାଇବାକୁ ବୁଧବାର କୋରାପୁଟ ଶାବର ଶ୍ରୀକ୍ଷେତ୍ରରୁ ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟି ଯାତ୍ରା କରିଛନ୍ତି। ତାଙ୍କ ନିଜ ମାରୁତି କାରରେ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଥିବା ଅଁଳା, ନିମ୍ବ, ବାହାଡା, ହରିଡା, ଭୂଇଁ ଲିମ୍ବ, ଗଙ୍ଗ ଶିଉଳି, ଚନ୍ଦନ, ରକ୍ତ ଚନ୍ଦନ, ବେଲ ଆଦି ୨ଶହରୁ ଉର୍ଦ୍ଧ୍ୱ ଔଷଧୀୟ ଗଛ ନେଇ ସେ ଫିଲ୍ମିସିଟି ଯାଇଛନ୍ତି। ପୂର୍ବରୁ ସେଠାରେ ଗଛ ଲଗାଇବା ନେଇ ରାମୋଜି ସିଟିକର୍ତ୍ତୃପକ୍ଷଙ୍କୁ ଇମେଲ ଜରିଆରେ ରବୀନ୍ଦ୍ର ନିବେଦନ କରିଥିଲେ। ରାମୋଜୀ ଫିଲ୍ମ ସିଟି କର୍ତ୍ତୃପକ୍ଷ ତାଙ୍କୁ ଏଥିପାଇଁ ଅନୁମତି ଦେବାରୁ ରବୀନ୍ଦ୍ର ବୁଧବାର କୋରାପୁଟର ଶାବର ଶ୍ରୀକ୍ଷେତ୍ରରେ ପୂଜାର୍ଚ୍ଚନା କରି ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଛନ୍ତି। ପୂର୍ବରୁ ରବୀନ୍ଦ୍ର ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଗଛ ଲଗାଇ ସ୍ଥାନୀୟ ଛାତ୍ର, ଯୁବବର୍ଗ ଓ ବୟସ୍କମାନଙ୍କୁ ପରିବେଶ ସନ୍ତୁଳନ ରକ୍ଷା ନେଇ ସଚେତନ କରିଛନ୍ତି। ତାଙ୍କର ଏହି ପ୍ରୟାସ ଏବେ ମଧ ଜାରି ରହିଛି। ସେହିପରି ସେ ପୂର୍ବରୁ ଶାବର ଶ୍ରକ୍ଷେତ୍ରରୁ ଶ୍ରୀକ୍ଷେତ୍ର ଧାମ ପୁରୀ, ଗୁପ୍ତେଶ୍ୱରରୁ ଭୁବନେଶ୍ୱର ଲିଙ୍ଗରାଜ ଆଦି ବିଭିନ୍ନ ସ୍ଥାନରେ ଗଛ ଲଗାଇ ସମସ୍ତଙ୍କ ପାଖରେ ଗଛ ମଣିଷ ଭାବେ ପରିଚିତ ହୋଇପାରିଛନ୍ତି। ରବୀନ୍ଦ୍ର କୋରାପୁଟ ସହରର ପୁଜାରିପୁଟ ଅଞ୍ଚଳରେ ରହୁଥିବାବେଳେ ସେ ପେଶାରେ ଜଣେ ଫିନାଇଲ ବ୍ୟବସାୟୀ। ପରିବେଶ ସୁରକ୍ଷା ତାଙ୍କ ନିଶା ପାଲଟିଛି। ଗତ ୧୪ ବର୍ଷ ଧରି ସେ ପ୍ରାୟ ୧୨ ହଜାର ଚାରା ବିଭିନ୍ନ ସ୍ଥାନରେ ଲଗାଇ ସାରିଲେଣି। ଲୋକମାନଙ୍କୁ ମାଗଣାରେ ବିଭିନ୍ନ ଗଛର ଚାରା ବାଣ୍ଟି ଚର୍ଚ୍ଚାର ପରିସରକୁ ଆସିଛନ୍ତି ରବୀନ୍ଦ୍ର । ରାମୋଜି ଫିଲ୍ମ ସିଟି ଯାତ୍ରା କରି ସେଠାରେ ୨ଶହରୁ ଉର୍ଦ୍ଧ୍ୱ ଚାରା ଲଗାଇବେ। ହାଇଦ୍ରାବାଦରେ ରହୁଥିବା ଅଭିନେତା ଆଲୁ ଅର୍ଜୁନଙ୍କୁ ସାକ୍ଷାତ କରି ତାଙ୍କୁ ରକ୍ତଚନ୍ଦନ ଚାରା ପ୍ରଦାନ କରିବେ ବୋଲି କହିଛନ୍ତି ରବୀନ୍ଦ୍ର।

# ୧୦୮ କୁଣ୍ଡୀୟ ଯଜ୍ଞ ନେଇ ପ୍ରଚାର କାର୍ଯ୍ୟକ୍ରମ

ଡୁମୁରିପୁଟ,୧୩।୯ (ସନ୍ତୋଷ ପାତ୍ର )



ବରଗୁଡା ଗାୟତ୍ରୀ ପରିବାର ପକ୍ଷରୁ ଆଗକୁ ଅନୁଷ୍ଠିତ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଲାଗି ବୁଧବାର ପ୍ରଚାର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଯଜ୍ଞ ଆସନ୍ତାବର୍ଷ ଫେବୃୟାରୀ ୧ ରୁ ୪ଦିନଧରି ଅନୁଷ୍ଠିତ ହେବ। ୪।୨।୨୦୨୪ରେ ଏହାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ। ଯଜ୍ଞର ସଫଳତା ପାଇଁ ପୂର୍ବ ପ୍ରସ୍ତୁତି ସ୍ୱରୂପ ଡୁମୁରିପୁଟ, ବରଗୁଡା ଗ୍ରାମର ଗାୟତ୍ରୀ ପରିବାର ସଦସ୍ୟମାନେ ଉକ୍ତ ଅଞ୍ଚଳରେ ପ୍ରତି ଘରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛନ୍ତି।

# ୬ଷ୍ଠ ଦିନରେ ଶିକ୍ଷକ ସଂଘର ଆନ୍ଦୋଳନ



ସେମିଳିଗୁଡ଼ା/ସୁନାବେଡ଼ା/ଲକ୍ଷ୍ମୀପୁର, ୧୩।୯(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ/ଅନନ୍ତ ନାୟକ)

ସେମିଳିଗୁଡ଼ା ବ୍ଲକ୍ ଅଧୀନ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଗତ ଶୁକ୍ରବାରଠାରୁ ସ୍କୁଲରେ ତାଲା ପକାଇ ୩ ଦଫା ଦାବି ପୂରଣ ନେଇ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ଶିକ୍ଷକମାନଙ୍କ ଆନ୍ଦୋଳନକୁ ୬ ଦିନ ବିତିଯାଇଥିଲେ ସୁଦ୍ଧା ସେମାନଙ୍କ ଦାବିକୁ ସରକାର ଗୁରୁତ୍ୱ ଦେଇନାହାନ୍ତି। ସେମିଳିଗୁଡା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ସଂଘ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନ ଯୋଗୁ ସେମିଳିଗୁଡ଼ା ଓ ସୁନାବେଡ଼ା ଅଞ୍ଚଳର ୧୭୨ ବିଦ୍ୟାଳୟରେ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ସରକାର ଯଥାଶୀଘ୍ର ଶିକ୍ଷକଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ଆଲୋଚନା କରନ୍ତୁ ଏବଂ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖନ୍ତୁ ବୋଲି କେତେଜଣ ଅଭିଭାବକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସରକାର ଯଦି ଆମ ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବା ସହ ରାସ୍ତା ମଝିରେ ଧାରଣା ଦେଇ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସଂଘ ସଭାପତି କହିଛନ୍ତି। ଅନ୍ୟପକ୍ଷରେ ଏହି ଶିକ୍ଷକ ଆନ୍ଦୋଳନକୁ ଓଷ୍ଟାର ଜିଲା ସମ୍ପାଦକ ଅଶୋକ ପଟ୍ଟନାୟକ ସମର୍ଥନ କରିଛନ୍ତି। ସେ କହିଛନ୍ତି, ପିଲାଙ୍କୁ ଶିକ୍ଷାଦାନରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂରକରିବାକୁ ସରକାର ସଂଘ ସହ ଆଲୋଚନା କରନ୍ତୁ। ସେହିପରି ଲକ୍ଷ୍ମୀପୁର ବ୍ଲକରେ ମଧ ଶିକ୍ଷକମାନେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଆନ୍ଦୋଳନ ଚଳାଇଛନ୍ତି। ବ୍ଲକର ୧୦୫ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ରହିଛି। ମଧ୍ୟାହ୍ନଭୋଜନରୁ ମଧ ପିଲାମାନେ ବଞ୍ଚିତ ହୋଇଛନ୍ତି। ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶୋଭାଯାତ୍ରା, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ,୧୩।୯(ଅମିତାଭ ବେହେରା)



ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଥିବା ପାରେଙ୍ଗା ପରଜା ସମ୍ପ୍ରଦାୟ।

ପାରେଙ୍ଗା ପାରେଙ୍ଗା ପରଜା ଭାଷାକୁ ସରକାରୀ ମାନ୍ୟତା ଦାବିରେ ବୁଧବାର ହଜାର ହଜାର ପାରେଙ୍ଗା ପରଜା ସମ୍ପ୍ରଦାୟର ଭାଷାଭାଷୀ ଲୋକେ ଏକଜୁଟ୍ ହୋଇଥିଲେ। ବିରାଟ ଶୋଭାଯାତ୍ରାରେ ଆସି ସେମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ଓଡ଼ିଶାରେ ୬୨ ପ୍ରକାର ଜନଜାତି ରହିଛନ୍ତି । ସେଥିରୁ ୨୧ଟି ଜନଜାତି ଭାଷାର ମାନ୍ୟତା ପାଇଛି । ଏଥିସହ ମାନ୍ୟତାପ୍ରାପ୍ତ ଭାଷାରେ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି । ପାରେଙ୍ଗା ଭାଷାର ନାଁ ହେଉଛି ଗୁରୁମ। ଏହି ଭାଷା ମୁଣ୍ଡା ଭାଷା ସହିତ ସମ୍ପୃକ୍ତ। ପାରେଙ୍ଗା ପରଜା ଭାଷାକୁ ସରକାର ସରକାରୀ ମାନ୍ୟତା ଦେଉ ନ ଥିବା ହେତୁ ଏହି ଭାଷାଭାଷୀ ଲୋକେ ସରକାରଙ୍କ ତୀବ୍ର ନିନ୍ଦା କରି ଏବେ ଏକତ୍ରିତ ହୋଇଛନ୍ତି।

ପାରେଙ୍ଗା ପରଜା ସମ୍ପ୍ରଦାୟ କୋରାପୁଟ ଜିଲା ସହ ମାଲକାନଗିରି, ନବରଙ୍ଗପୁର, ରାୟଗଡା ଜିଲା ଏବଂ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର କିଛି ଅଂଶରେ ବସବାସ କରୁଛନ୍ତି। ପାରେଙ୍ଗା ପରଜା ହେଉଛି ଆଦିବାସୀମାନଙ୍କ ଅନ୍ୟତମ ଭାଷା। ସେମାନଙ୍କ ସଂସ୍କୃତି, ପ୍ରଥା, ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ଏହି ଭାଷା ବିଶେଷଭୂମିକା ଗ୍ରହଣ କରିଛି। ଏହି ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ଉକ୍ତ ଭାଷାକୁ ଦୁର୍ବଳ ଆଦିବାସୀ ଗୋଷ୍ଠୀ (ପିଭିଟିଜିଏସ୍) ଅଧୀନରେ ଅନ୍ତର୍ଭୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ସରକାର ସବୁ ଭାଷାକୁ ଅଗ୍ରାଧିକାର ଦେଉଛନ୍ତି ମାତ୍ର

**ପାରେଙ୍ଗା ପରଜା ଭାଷାକୁ ସରକାରୀ ମାନ୍ୟତା ଦାବି**

ପାରେଙ୍ଗା ପରଜା ଭାଷାକୁ ଅଗ୍ରାଧିକାର ଦେଉନାହାନ୍ତି ବୋଲି ପାରେଙ୍ଗା ପରଜା ଅଧିବାସୀମାନେ ଅଭିଯୋଗ କରିଥିଲେ। ସରକାର ଆଦିବାସୀ ଭାଷାରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ ପ୍ରଣୟନ କରି ସ୍ଥାନୀୟ ଆଦିବାସୀ ଛାତ୍ରମାନଙ୍କୁ ମାତୃଭାଷା ମାଧମରେ ଉନ୍ନତ ଶିକ୍ଷା ଯୋଗାଇ ଦେଉଛନ୍ତି। ଏମ୍‌ଏଲ୍‌ଇ କାର୍ଯ୍ୟକ୍ରମରେ ୩୮ଟି ଆଦିବାସୀ ଭାଷା ଅନ୍ତର୍ଭୁକ୍ତ କରିଛନ୍ତି। କିନ୍ତୁ ପାରେଙ୍ଗା ପରଜା ଭାଷାକୁ ସରକାର ମାନ୍ୟତା ଦେଉନାହାନ୍ତି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ଭାଷା କୁ ପଢିବା ପାଇଁ ବାଧ୍ୟତାମୂଳକ ହୋଇଥିବା ବେଳେ ବିଦ୍ୟାଳୟରେ ପାରେଙ୍ଗା ପରଜା ଶିକ୍ଷକ ନିଯୁକ୍ତି କରାଯାଇନାହିଁ । ଫଳରେ ପିଲାମାନେ ସେମାନଙ୍କ ଭାଷାରେ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ସରକାର ପାରେଙ୍ଗା ପରଜା ଭାଷାକୁ ମାନ୍ୟତା ପ୍ରଦାନ କରି ପ୍ରତି ବିଦ୍ୟାଳୟରେ ଏହି ଭାଷାର ଶିକ୍ଷକ ନିଯୁକ୍ତି ପାଇଁ ସେମାନେ ଦାବି କରିଛନ୍ତି। ଜିଲା ପାରେଙ୍ଗା ପରଜା ସମାଜ ସଭାପତି ଉଦ୍ଧବ ଏଞ୍ଜେଲଙ୍କ ନେତୃତ୍ୱରେ ହୋଇଥିବା ଏହି ଶୋଭାଯାତ୍ରାରେ ସମାଜର ଆଇନ ପରାମର୍ଶଦାତା ଭଗବାନ ପେଟିଆ, ପଟ୍ଟାଙ୍ଗୀ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡମ, ପାରେଙ୍ଗା ପରଜା ସମାଜର ସଦସ୍ୟ ଘେନୁ ମୁଦୁଲି, ଧନୁ ମୁଦୁଲିଙ୍କ ସମେତ ଶତାଧିକ ନେତା ଓ ସଦସ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

# ଜଣେ ମାଓବାଦୀ ଗିରଫ, ୬ ଜଣଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୩।୯(ଦୁର୍ଯ୍ୟୋଧନ ପାତ୍ର)


ଆତ୍ମସମର୍ପଣ କରିଥିବା ମାଓବାଦୀମାନେ।

ମାଲକାନଗିରି ଜିଲା ସୀମାନ୍ତକୁ ଲାଗି ଛତିଶଗଡ଼ ସୁକ୍ମା ଜିଲା ସିଆରପିଏଫ୍ ଦ୍ୱାରା ଜଣେ ମାଓବାଦୀଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇଟି ଘଟଣାରେ ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୁକ୍ମା କୋଣ୍ଟା ଅଞ୍ଚଳରେ ଜିଲା ପୋଲିସ ଓ ସିଆରପିଏଫ୍ ୨୧୯ ବାଟାଲିୟନ ମିଳିତ ଭାବେ କୋମ୍ବିଂ ଅପରେଶନ କରୁଥିବା ବେଳେ ଭେଜି ଗ୍ରାମକୁ ଯିବା ସମୟରେ ମାଡକମ ବୁଦରା ନାମକ ଜଣେ ମାଓବାଦୀଙ୍କୁ ଗିରଫ କରିଥିଲେ। ଉକ୍ତ ମାଓବାଦୀଙ୍କ ନିକଟରୁ ୧୦ଟି ଜିଲେଟିନ ଷ୍ଟିକ୍, ୧୩ ଡିଟୋନେଟର ଓ ପ୍ରାୟ ୫ ମିଟର କୋଡେକ୍ସ ତାର ଜବତ କରାଯାଇଛି। ତାଙ୍କୁ ପଚରାଉଚରା କରିବାରୁ ପ୍ରତିବନ୍ଧିତ ମାଓବାଦୀ ସଂଗଠନର ଆର୍‌ପିସି ସଦସ୍ୟ ବୁର୍କାପାଲ ପଞ୍ଚାୟତ ନାୟାର ଶାଖା ଅଧ୍ୟକ୍ଷଙ୍କ ନେତୃତ୍ୱରେ କାମ କରୁଥିଲେ। ଏଥିସହ ମାଓବାଦୀ କମାଣ୍ଡର ବେଟି ଭାମାଙ୍କ ନିର୍ଦ୍ଦେଶରେ ଗୋମପାଡ ନିବାସୀ ମାଓବାଦୀ ସହଯୋଗୀ କଡତି ରାମାଙ୍କୁ ବିସ୍ଫୋରକ ପଦାର୍ଥ ଦେବା ପାଇଁ ଯାଉଥିଲି ବୋଲି କହିଛନ୍ତି। ସେହିପରି ସୁକ୍ମା ଜିଲା ମାଓବାଦୀ ଅପରେଶନ କାର୍ଯ୍ୟାଳୟରେ ୫ ଜଣ ଆତ୍ମସମର୍ପଣ କରିଛନ୍ତି। ସେଥିରୁ ଜଣଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ମାଓବାଦୀ କମାଣ୍ଡର ଜଗା, ମିଲିସିଆ ସଦସ୍ୟ ସୋନୁ, ଦେବା, ଗଙ୍ଗା ଓ ଏରା ସାମିଲ ଅଛନ୍ତି। ଏହି ୫ ଜଣ ଚିନ୍ତାଗୁଫା ଥାନା ଅଞ୍ଚଳରେ ସକ୍ରିୟ ଥିଲେ। ଏହି ଆତ୍ମସମର୍ପଣ ସମୟରେ ସିଆରପିଏଫ୍୭୪ ବାଟାଲିୟନ୍‌ର ଆଇଜି ନିଶାନ୍ତ କୈଷ୍ଣବ, ଡିଏସ୍‌ପି ଉତ୍ତମ ପ୍ରସାଦ ସିଂ ଉପସ୍ଥିତ ଥିଲେ। ଏହି ୫ ଜଣଙ୍କୁ ପ୍ରୋତ୍ସାହନ ରାଶି ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି।

ସେହିପରି ସୁକ୍ମା ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମିଲିସିଆ କମାଣ୍ଡର କୁଞ୍ଜାମ ମୁକ୍କା ଆତ୍ମସମର୍ପଣ କରିଛନ୍ତି। କୁଞ୍ଜାମ ମାଓବାଦୀ ସଂଗଠନର ଜଣେ ସକ୍ରିୟ ସଦସ୍ୟ ଥିଲେ। ଏହି ମାଓବାଦୀ ଭେଜୀ ଥାନା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଘଟଣାରେ ସାମିଲ ଥିଲେ। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ବାଲ ସଂଘ ସଦସ୍ୟ, ୨୦୧୨-୨୦୧୬ ପର୍ଯ୍ୟନ୍ତ ମିଲିସିଆ ସଦସ୍ୟ, ୨୦୧୬-୨୦୨୦ ପର୍ଯ୍ୟନ୍ତ ମିଲିସିଆ ଡେପୁଟି କମାଣ୍ଡର, ୨୦୨୧ରେ ମିଲିସିଆ କମାଣ୍ଡର ଭାବେ ସକ୍ରିୟ ଥିଲେ। ସେ ସୁକ୍ମା ଏସ୍‌ପି କିରଣ ଚୌହାନ, ଅତିରିକ୍ତ ଏସ୍‌ପି ଗୌରବ ମଣ୍ଡଳଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ କହିଛି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଏନ୍‌ସିସିର ଚୟନ ପ୍ରକ୍ରିୟା

ଗୁଣପୁର,୧୩।୯ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଏନ.ସି.ସି ବରିଷ୍ଠ ବିଭାଗର ଚୟନ ପ୍ରକ୍ରିୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକ୍ରିୟାରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରକାର ଶାରୀରିକ ଓ ଲିଖିତ ଦକ୍ଷତାକୁ ପରିଗଣିତ କରି ମୋଟ ୩୦ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ଏଥିରେ ୧୦ ଛାତ୍ରୀ ଓ ୨୦ ଛାତ୍ର ଚୟନ ହୋଇଛନ୍ତି। ଏହି ଚୟନ ପ୍ରକ୍ରିୟାରେ ୧୩ (ଓ) ବାଟାଲିୟନ, ଏନ୍‌ସିସି ନବରଙ୍ଗପୁରର ସୁବେଦାର ପପୁ ଯାଦବ ଏବଂ ହାବିଲଦାର ରାଜକୁମାର ରାୱାତ ପ୍ରମୁଖ ଉପସ୍ଥିତ ରହି ଚୟନ କରିଥିଲେ। ଏହି ଚୟନ ପ୍ରକ୍ରିୟାକୁ ସି.ଟି.ଓ ତଥା ଅଧ୍ୟାପକ ଡ ତାପସ ରଞ୍ଜନ ପାଣିଗ୍ରାହୀ, କ୍ରୀଡା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ନୂଆ କରି ଯୋଗ ଦେଇଥିବା ଏନ.ସି.ସି ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର ସଭାପତି ଡ଼. ସତ୍ୟପ୍ରକାଶ ପଣ୍ଡା, ଉପ-ସଭାପତି ଡ଼. ଚନ୍ଦ୍ରଧଜ ପଣ୍ଡା, ମହା ନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା, ପ୍ରୋ ଚାନ୍ସେଲର ପ୍ରଫେସର୍ ଲଳିତ ମୋହନ ପଟ୍ଟନାୟକ, ଭାଇସ ଚାନ୍ସେଲର ପ୍ରଫେସର.ଏଭିଏନଏଲ ଶର୍ମା, ରେଜିଷ୍ଟ୍ରାର ଡ଼. ଏନ ଭି. ଜେ. ରାଓ ଶୁଭକାମନା ଜଣାଇଛନ୍ତି।



# ପୌର ନିର୍ବାହୀ ଅଧିକାରୀଙ୍କ ବଦଳିକୁ ନେଇ ପ୍ରଶ୍ନବାଚୀ

- ୩ ବର୍ଷରେ ୪ ଅଧିକାରୀଙ୍କ ବଦଳି: ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ
- ୪୫ ଦିନ ପରେ ଅବସର ନେବାକୁ ଥିବା ତହସିଲଦାରଙ୍କ ବଦଳି

**ଗୁଣପୁର,୧୩।୯ (ପ୍ରଦୀପ କୁମାର ପାଢୀ):** ଗୁଣପୁର ପୌର ପରିଷଦରେ କାର୍ଯ୍ୟରତ ନିର୍ବାହି ଅଧିକାରୀ ଡ. ସତ୍ୟ ସମ୍ପୂର୍ଣ୍ଣା ରାଉତଙ୍କ ବଦଳି ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କ ସ୍ଥାନରେ ସ୍ୱସ୍ତିକ ଜମାଦାରଙ୍କୁ ଗୁଣପୁର ପୌର ନିର୍ବାହି ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ଡ.ରାଉତଙ୍କୁ କେଉଁଠିକୁ ବଦଳ ହୋଇଛି ଉଲ୍ଲେଖ ହୋଇ ନ ଥିବାବେଳେ ମାତ୍ର ୧ ବର୍ଷର କାର୍ଯ୍ୟାକାଳ ମଧ୍ୟରେ ତାଙ୍କର ବଦଳିକୁ ନେଇ ନାନା ଚର୍ଚ୍ଚା ଆଲୋଚନା ସହରରେ ଆରମ୍ଭ ହୋଇଛି। ରାଜନୈତିକ ଆକ୍ରୋଶର ଶିକାର ନା ବଦଳି ପ୍ରକ୍ରିୟାରେ ଏପରି ହୋଇଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଣପୁରଠାରେ ଜୈନକ ବରିଷ୍ଠ ଅଧିକାରୀ ଜଣଙ୍କ ଗୋଟିଏ ବିଭାଗରୁ ଅନ୍ୟ ବିଭାଗ ବର୍ଷ ବର୍ଷ ଧରି ରହିଥିଲେ ମଧ ତାଙ୍କ କ୍ଷେତ୍ରରେ କାହିଁକି ବଦଳି ପ୍ରକ୍ରିୟା ଲାଗୁ ହେଲା ନାହିଁ ବୋଲି ପଅଶ୍ନ ଉଠିଛି। ଡ.ରାଉତ ୨୩.୯.୨୦୨୨ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହାପରେ ସେ ୨୫.୧୨.୨୦୨୨ରୁ ୨୩.୪.୨୦୨୩ ପର୍ଯ୍ୟନ୍ତ ମେଟର୍ନିଟି ଲିଭରେ ରହି ୨୪.୪.୨୩ରେ କାର୍ଯ୍ୟରେ ଯୋଗଦେଇଥିଲେ। କାର୍ଯ୍ୟରେ ଯୋଗ ଦେବାର ୪ ମାସ ପରେ ତାଙ୍କୁ ଏଠାରୁ ବଦଳି ହୋଇଛି। ଗତ ୨୦୧୯ ନଭେମ୍ବରରୁ ଅଦ୍ୟାବଧି ବିଭିନ୍ନ ସମୟରେ ୪ ଜଣ ନିର୍ବାହି ଅଧିକାରୀ ଗୁଣପୁର ପୌର ପରିଷଦର ଦାୟିତ୍ୱରେ ରହିଛନ୍ତି। ୧.୧୧.୨୦୧୯ରୁ ୧୪.୯.୨୦୨୨ ପର୍ଯ୍ୟନ୍ତ ଉମା ପ୍ରସାଦ ଦାସ ନିର୍ବାହି ଅଧିକାରୀ ରହିଥିଲେ। ଶାସକ ଦଳର ନେତାଙ୍କ ସହ ତାଙ୍କର ମତାନ୍ତର ହେବାରୁ ତାଙ୍କର ବଦଳି ପରେ ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ୧୫.୯.୨୦୨୨ରୁ ୨୨.୯.୨୦୨୨ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ୨୩.୯.୨୦୨୨ରେ ଡ.ରାଉତ ପୌର ନିର୍ବାହି ଅଧିକାରୀ ନିଯୁକ୍ତି ହୋଇଥିଲେ। ସେ ମେର୍ଟୋନିଟି ଲିଭରେ ରହିବା ସମୟରେ ରାମନାଗୁଡା ବିଡିଓ ପ୍ରଭାତି ଖୋଡିଆ ୨୬.୧୨.୨୦୨୨ରୁ ୨୩.୪.୨୦୨୩ ପର୍ଯ୍ୟନ୍ତ ଗୁଣପୁର ପୌର ନିର୍ବାହି ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଲେ। ପୌର ପରିଷଦରେ ଏପରି ବାରମ୍ବାର ବଦଳି ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ସେହିଭଳି ବିଡମ୍ବନାର ବିଷୟ ୪୫ ଦିନ ପରେ ଅବସର ନେବାକୁ ଥିବା ଗୁଣପୁର ତହସିଲ ଦାରଶରତ ଚନ୍ଦ୍ର ନାୟକଙ୍କ ମଧ ବଦଳି ହୋଇଛି। ଗଜପତି ଜିଲା ରାୟଗଡ ତହସିଲଦାର ଥିବା ଲୀଳାବତି ଆଚାର୍ଜୀଙ୍କୁ ଗୁଣପୁର ତହସିଲଦାର ଭାବେ ବଦଳି ହୋଇଛି।

# ଆମେ ଜାଣିବା ଆମେ ଜିଣିବା

ମାଲକାନଗିରି,୧୩।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ ପାଣ୍ଡ୍ରିପାଣି ସଦର ପଞ୍ଚାୟତ ଆଶ୍ରମ ବିଦ୍ୟାଳୟରେ ଶିକ୍ଷା ଓ ବିଦ୍ୟାଳୟର ଉନ୍ନତି ନିମନ୍ତେ ଅଭିଭାବକଙ୍କ ସହଭାଗିତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୋହନ ପାଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ସ୍ଥାନୀୟ ସମିତିସଭ୍ୟ ସୁନ୍ଦରଲାଲ ସେଡା, ପାଣ୍ଡ୍ରିପାଣି ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗ ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ବୁରୁଡି, ସାମାଜିକ କର୍ମୀ ତ୍ରିଲୋଚନ ପରିଜା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭୁଜବଳ ଛାତ୍ରୀଛାତ୍ରୀ ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମେ କୌଣସି ବିଷୟରେ ଜାଣିଲେ ଆମେ ଜିଣିପାରିବା । ତାହାର ଅର୍ଥ ଶୁଣିକରି ଶିକ୍ଷା ଗ୍ରହଣ କରିବା ସମ୍ଭବ ନୁହେଁ। ତେଣୁ ବିଦ୍ୟାଳୟରେ ଜ୍ଞାନୀ ଗୁଣୀ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କଠାରୁ ଲିଖିତ ପୁସ୍ତକ ଶିକ୍ଷା ଗ୍ରହଣ କଲେ ଅନେକ ତଥ୍ୟ ଏବଂ ଶିକ୍ଷାର ଅଗ୍ରଗତି ସମ୍ବନ୍ଧରେ ଜାଣିପାରିବା । ତେଣୁ ପିଲାଙ୍କୁ ସବୁଦିନ ବିଦ୍ୟାଳୟକୁ ପଠାଇବା ସହ କ'ଣ ଅନୁଦାନ ଆସୁଛି, ସରକାରଙ୍କର କି କି ଯୋଜନା ରହିଛି, ସେ ସମ୍ପର୍କରେ ଅବଗତ ହେବା ଆବଶ୍ୟକ । ଗୁଣାତ୍ମକ ଶିକ୍ଷାର ବିକାଶ ଓ ବିଦ୍ୟାଳୟ ସମସ୍ୟା ସମାଧାନ ପାଇଁ ସମସ୍ତ ଅଭିଭାବକ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରସନ୍ନ ନାୟକ ଓ ଶଶିକାନ୍ତ ବେହେରା ପରିଚାଳନା କରିଥିଲେ।

# ଡବ୍ଲ୍ୟୁଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

**ଚନ୍ଦ୍ରପୁର, ୧୩।୯(ବିଜୟ ପ୍ରସାଦ ଉଲ୍ଲାକା):** ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଥା ଡବ୍ଲ୍ୟୁଇଓ ତଲାର ଜେନାଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡବ୍ଲ୍ୟୁଇଓ ତଲାର ଜେନା ପଦୋନ୍ନତି ପାଇ ଚନ୍ଦ୍ରପୁରରୁ ବାଲେଶ୍ୱର ଜିଲାର ନୀଳଗିରିକୁ ସହକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ବଦଳି ହୋଇ ଯାଉଛନ୍ତ। ସେ ଚନ୍ଦ୍ରପୁର ଭଳି ଉପାନ୍ତ ବ୍ଲକରେ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜଣେ, ସରଳ, ସଚ୍ଚୋଟ, ନିଷ୍ଠାପର, ଅଧିକାରୀ ଭାବେ ତାଙ୍କ ଦାୟିତ୍ୱ ନିର୍ବାହ କରିଥିଲେ। ଏ ପରିପ୍ରେକ୍ଷୀରେ ବୁଧବାର ଚନ୍ଦ୍ରପୁର ବ୍ଲକର ସଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମସ୍ତ ବ୍ଲକର ୭୦ ଶିକ୍ଷୟିତ୍ରୀ ଶିକ୍ଷକ ମିଶି ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରି ତାଙ୍କୁ ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ମୁଖ୍ୟବକ୍ତା ଭାବେ ବୁଡିବାଲି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ ଯୋଗ ଦେଇଥିବାବେଳେ କୃଷି ଶିକ୍ଷକ ପ୍ରଦୀପ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଚନ୍ଦ୍ରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, ରାଇବିଜି କାନ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧ ଲିଙ୍ଗାମା, ଉର୍ମିଳା ପିପଲି, ସୁଦର୍ଶନ ଅଡଙ୍ଗକା, ରଂଜିତ ପ୍ରଧାନ ଉପସ୍ଥିତ ଥିଲେ।

# କଳାକାରଙ୍କ ଦ୍ୱାରା ଯୋଜନା ପ୍ରଚାର ଉପରେ ଗୁରୁତ୍ୱ

ରାୟଗଡ଼ା, ୧୩।୯(ଭାଗ୍ୟଶ୍ରୀ ମିଶ୍ର )

ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପାରମ୍ପରିକ ଲୋକକଳା ମାଧ୍ୟମରେ ପରିବେଷଣକରି ଜିଲାର ସମସ୍ତ ପଞ୍ଚାୟତରେ ପ୍ରଚାର ପ୍ରସାର କରାଯିବାକୁ ଗୁରୁତ୍ୱ ଦିଆଯାଇଛି । ଗତ ମଙ୍ଗଳବାର ଏ ନେଇ ଏକ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଜିଲାରେ ଥିବା ପାରମ୍ପରିକ ଲୋକକଳା ଦ୍ୱାରା କିଭଳି ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଏବଂ ଭାସ୍କର ରଇତ ବୈଠକରେ ଯୋଗଦେଇ ସମସ୍ତ ବ୍ଲକର ସବୁ ଗାଁର ଅଧିକ ଲୋକ ଯୋଜନା ସମ୍ପର୍କରେ ଯେପରି ଅବଗତ ହେବେ ତାକୁ ଦୃଷ୍ଟିରେ ରଖି କାର୍ଯ୍ୟଖସଡା ପ୍ରସ୍ତୁତ ସହ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ଅଧିକ ଲୋକକଳା ଦଳ ଯେଭଳି ଅଂଶ ଗ୍ରହଣ କରିବେ ସେଥିନିମନ୍ତେ ନୂତନ ଦଳକୁ ପଞ୍ଜୀକରଣ କରାଇବାକୁ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ କାର୍ଯ୍ୟାକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବ୍ଲକସ୍ତରରେ ନୂତନ ଦଳ ଚୟନ ଓ ପଞ୍ଜୀକରଣ ବ୍ଲକସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ କ୍ୟାଲେଣ୍ଡର ପ୍ରସ୍ତୁତି, ସମସ୍ତ କାର୍ଯ୍ୟକ୍ରମରେ ଲୋକ ପ୍ରତିନିଧିଙ୍କୁ ସାମିଲ କରିବା, ସାଂସ୍କୃତିକ ଦଳକୁ ଦେୟ ଇତ୍ୟାଦି ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ନୂତନ ସାଂସ୍କୃତିକ ଦଳ ଚୟନ ପରି ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ମତ ଦେଇଥିଲେ। ଅଧିକରୁ ଅଧିକ ଦଳଙ୍କୁ ସାମିଲକରି କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର କରିବାକୁ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ କହିଥିଲେ। ପ୍ରତି ପଞ୍ଚାୟତରେ ଯେମିତି ଦୁଇ ଗୋଟି ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ ସେଥିପ୍ରତି ଦୃଷ୍ଟି ଦେଇ ନୂତନ ଦଳକୁ ଅନ୍ତର୍ଭୁକ୍ତ କରିବା ପାଇଁ କୁହାଯାଇଥିଲା। ବୈଠକରେ ରାୟଗଡ଼ା ଉପଜଲାପାଳ ଭୀମସେନ ଶବର, ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଦିଲୀପ କୁମାର ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ମିଶନ ଡ. ଦୟାନିଧି ବାଗ,ସମସ୍ତ ସାମାଜିକ ସୁରକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା କଳା ସାଂସ୍କୃତିକ ସଂଘ ଉପ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।


## ODISHA PUBLIC SERVICE COMMISSION CUTTACK

**NOTICE**

No. 7125/P.S.C., Dt.13.9.23
(DR - IV) (2PH-10-2023-24)

**No.D-129:-** It is for information of all concerned that **Written Examination** for recruitment to the post of **Medical Officer in Group-A (Junior Branch) (Assistant Surgeon),** pursuant to Advertisement No. **14 of 2023-24** is scheduled to be held on **08.10.2023 (Sunday) from 10.00 A.M. to 01.00 P.M. (10.00 A.M. to 02.00 P.M. for PWD Candidates).**

The detailed programme of examination along with venue of examination centres will be notified shortly.

The candidates are advised to visit (**www.opsc.gov.in**) the website of the Commission regularly for further information on examination related Notice(s).

OIPR-12002/11/0093/2324 **Sd./- Secretary**

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553

Lifeline of Odisha

No.CAD-2061 **TENDER ALERT**

1)**Tender Call Notice No.03/23-24:** Painting of Control & relay panels, switchyard equipment's & oil tankers at 220/132/33kV Grid S/S Joda under EHT (O&M) Division, Joda.
2)**Tender Call Notice No.02/2023-24:** Casting and placing of 330 nos. RCC cover slabs over 132kV cable trench along with removal of damaged slabs from the switchyard of Grid S/S, Duburi under EHT (O&M) Division, Jajpur.
3)**Tender Call Notice No.11/BBSR-DIV/2023-24:** Casting and Laying of RCC slabs for earth pits and cable trench at GIS Grid S/S, Chandaka-B under EHT (O&M) Division, Bhubaneswar.
4)**Tender Call Notice No.OT-19/2023-24:** Material shifting from existing store to New Line store premises of 220kV Line Sub-Division, Therubali under EHT (O&M) Division, Therubali.
5)**Tender Call Notice No.12/2023-24:** Construction of RCC slabs of the cable trenches & Earth Pit cover in the 220kV S/Y of GSS, Samangara under EHT (O&M) Division, Puri.
6)**Tender Call Notice No.13/2023-24:** Procurement of Consumable Materials for Annual Maintenance work of different Grid S/S and EHT lines under EHT (O&M) Division, Puri.
7)**Tender Call Notice No. RKL 11/23-24:** One Time Uprooting, Cutting and Cleaning of Grass, Wild Plants, Shrubs and Weeds at 220/132kV GSS, Tarkera & 132/33kV GSS, Rourkela (inside S/Y premises)under EHT (O&M) Division, Rourkela.
8)**Tender Call Notice No.ND-01/2023-24:** PCC work for approach road & periphery near 33kV outgoing Sixpole structure, DG room, ACDB & Control room at 400/220/33kV Grid S/S, New Duburi under EHT (O&M) Division, New Duburi.
9)**Tender Call Notice No.03/2023-24:** Hiring of diesel run commercial registered light vehicles A/C Bolero or equivalent on monthly basis for EHT(C) Division, Berhampur & EHT(C) S/D, Baliguda under EHT (Const.) Division, Berhampur.
10)**Tender Call Notice No.05/2023-24:** Construction of wall & stone pitching along two sides of the Grid approach road at 132/33kV Grid S/S, Agarpada under EHT (O&M) Division, Bhadrak.
11)**Tender Call Notice No.01/2023-24:** Painting of fire protection wall of various safety slogans, images etc on purpose of safety awareness at 132/33kV GSS Rajgangpur (2nos.) & 132/33kV GSS, Sundargarh (1no.) under EHT (O&M) Division, Rajgangpur.
12)**Tender Call Notice No.01/2023-24:** Supply and application of materials for arresting oil-leakage in 20MVA transformer-I & II at 132/33kV Salipur Grid S/S under EHT (O&M) Division, Choudwar.

For more details please visit OPTCL's website: **www.optcl.co.in.**

OIPR-04011/11/0085/2324 FIPR-36/2023-24

/optcl.odisha /optcl_odisha

## BHUBANESWAR MUNICIPAL CORPORATION

e-Mail: ee2@bmc.gov.in

**e-Procurement Notice**

Letter No. 43463 Dt.13.09.2023

**BID Identification No. BMC-EE-DIV-II-13/2023-24 Dt.13.09.2023**

No. C-1407: On behalf of the Commissioner, Bhubaneswar Municipal Corporation, City Engineer, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid System from intending bidders fulfilling the eligibility criteria mentioned in the DTCN. Each bid should be submitted online through the website **www.tendersodisha.gov.in** by eligible bidders.

| | | |
|---|---|---|
| 1. | Total No. of Works | : 2 (Two) |
| 2. | Estimated Cost | : Rs.1,21,57,412.00 to Rs.2,28,08,750.00 |
| 3. | Class of Contractor | : "B" & "A" Class |
| 4. | Period of Completion | : 06 (Six) Calendar Months |
| 5. | Date and Time of availability of Bid document in the portal | : From 11.00 A.M. of 14.09.2023 to 05.00 P.M. of 28.09.2023 |
| 6. | Last date/time of submission of bids in the portal | : 05.00 P.M. of 28.09.2023 |
| 7. | Date of opening of Technical Bid from portal | : 11.30 A.M. of 30.09.2023 |
| 8. | Date of Opening of Financial Bid | : Will be communicated later |

Further details can be seen from the e-Procurement portal **https://www.tendersodisha.gov.in.** Any addendum/corrigendum/cancellation of tender can also be seen in the said website.

Sd./- City Engineer
Bhubaneswar Municipal Corporation
OIPR-13002/11/0146/2324

## Government of Odisha

No. O-1011

**e-Procurement Notice**

E.Mail: rw_boudh@yahoo.co.in
Bid Identification NO. Online Tender/04/E.E.R.W. BOUDH/2023-24

**NATIONAL COMPETITIVE BIDDING THROUGH e-Procurement**

| | |
|---|---|
| Name of the Work | : Road Works - 2 Nos. |
| 1. Estimated Cost | : Rs.8.40 lakhs to 42.02 (Approximately) |
| 2. Period of Completion | : 1 to 2 Calendar Months |
| 3. Date & time of availability of Bid documents in the portal | : From 16.09.2023, 10.00 A.M. to 22.09.2023, 5.00 P.M. |
| 4. Last date/time for receipt of bids in the portal | : 22.09.2023 upto 5.00 P.M. |
| 5. Last date/time for seeking of Tender clarification | : 21.09.2023 upto 5.00 P.M. |
| 6. Date & Time of Opening of Tender/Bid | : 25.09.2023 at 11.00 A.M. |
| 7. Name & address of the Officer Inviting Bid | : Executive Engineer, R.W. Division, Boudh |

Further details, Corrigendum(s) etc. can be seen from the e-Procurement portal **"https://www.tendersorissa.gov.in".**

**Sd./- Executive Engineer**
**R.W. Division, Boudh**
**OIPR-25061/11/0004/2324**

## GOVERNMENT OF ODISHA

No. O-1010

**"e" PROCUREMENT NOTICE**

**Bid Identification No.**
**Online-AGL-10 of 2023-2024**

| | |
|---|---|
| 1. Name of the Work | : Building Work |
| 2. Estimated Cost | : Rs.6.91 Lakhs to 21.18 Lakhs |
| 3. Period of Completion | : 06 (Six) Calendar Months |
| 4. Date & time of availability of Bid Document in the Portal | : From 14.09.2023 to 21.09.2023 upto 5.00 P.M. |
| 5. Last date/time for receipt of Bids in the Portal | : 21.09.2023 upto 5.00 P.M. |
| 6. Name & Address of the OIT | : Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in.**

**Sd./- Executive Engineer**
**R.W. Division, Angul**
OIPR-25096/11/0009/2324

## GOVERNMENT OF ODISHA

No.AA-15:

**OFFICE OF THE ADDITIONAL CHIEF ENGINEER (TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR**

**PLOT NO. GD-2/7, MAITRIVIHAR, BHUBANESWAR- 751023**
**Phone & Fax No. 0674-2300955, E-mail ID:sestl-od@gov.in, deistl1-od@gov.in**

**Government of Odisha "e-Procurement Notice"**

**BID IDENTIFICATION NO:02/A.C.E. (T&C,STL) 2023-24, Dt.13.09.2023**

| | | |
|---|---|---|
| 1 | Name of the work | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2 | Estimated Cost of the Tender | Rs.1,47,67,201 /- |
| 3 | Period of completion | Ninety Days (90 days) |
| 4 | Date & time of availability of bid document in the portal | Dt.16.09.2023 (10.00 AM) |
| 5 | Last date / Time for receipt of bids in the portal | Dt. 07.10.2023 (05.00 PM) |
| 6 | Name and address of the Officer Inviting Tender | Addl. Chief Engineer (T&C, STL)-cum-Electrical Inspector, Bhubaneswar Plot No. GD-2/7, Maitrivihar, Bhubneswar-751023 Phone & Fax No. 0674-2300955 E-mail ID: sestl-od@gov.in, deistl1-od@gov.in |

Further details can be seen from the e-procurement portal httts://tendersodisha.gov.in. Any amendment / cancellation / retenders, please refer to the above cited website.

**Sd./- N.Dwibedi**
**Addl.Chief Engineer (T&C, STL)-Cum-E.I., Bhubaneswar**
**OIPR-04023/11/0001/2324**

See Career Appointment on every Wednesday & Saturday

## DIRECTORATE OF MEDICAL EDUCATION & TRAINING, ODISHA

**MET-I-GA-28/2023/13568** **Dt.13 Sep. 2023**

No. E-409: The Schedule of Counseling & Admission to Degree, Diploma and Certificate Courses of Paramedical & Allied Medical Science, for the year 2023-24.

| Sl. No. | Activities | Schedule | Duration |
|---|---|---|---|
| 01 | Opening of online application in the website of DMET Odisha i.e. **www.dmetodisha.gov.in** | 15.09.2023 to 30.09.2023 | 16 Days |
| 02 | Document Verification | 03.10.2023 to 25.10.2023 | 22 Days |

**N.B.:** The above schedule is provisional and it may change with prior intimation. The applicants as well as institutions are advised to refer the Combined Counseling Portal by clicking "Combine Counseling Paramedical & Allied Medical Science" link under the DMET (O) website ie. **www.dmetodisha.gov.in**

**OIPR-10016/11/0010/2324** **Sd./- DMET, Odisha**

## ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୩-ଏସ୍‌ଏଲ୍‌ଇ/୩ ତାରିଖ: ୧୨।୦୯।୨୦୨୩

**ଅକ୍ଟୋବର, ନଭେମ୍ବର, ଡିସେମ୍ବର-୨୦୨୩**
**ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**

| ମାସ | ଡିଭିଜନ ଏବଂ ଡିପୋ | | | | |
|---|---|---|---|---|---|
| | ଆଦ୍ରା ଡିଭିଜନ | ଖଡ଼୍‌ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼୍‌ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
| ଅକ୍ଟୋବର, ୨୦୨୩ | ୦୯/୧୦/୨୦୨୩ | ୦୩/୧୦/୨୦୨୩ | ୦୪/୧୦/୨୦୨୩ | ୦୫/୧୦/୨୦୨୩ | ୦୬/୧୦/୨୦୨୩ |
| | ୧୬/୧୦/୨୦୨୩ | ୧୦/୧୦/୨୦୨୩ | ୧୧/୧୦/୨୦୨୩ | ୧୨/୧୦/୨୦୨୩ | ୧୩/୧୦/୨୦୨୩ |
| | ୨୫/୧୦/୨୦୨୩ | ୧୭/୧୦/୨୦୨୩ | ୧୮/୧୦/୨୦୨୩ | ୧୯/୧୦/୨୦୨୩ | ୨୦/୧୦/୨୦୨୩ |
| | | ୩୧/୧୦/୨୦୨୩ | ୩୦/୧୦/୨୦୨୩ | ୨୬/୧୦/୨୦୨୩ | ୨୭/୧୦/୨୦୨୩ |
| ନଭେମ୍ବର, ୨୦୨୩ | ୦୬/୧୧/୨୦୨୩ | ୦୭/୧୧/୨୦୨୩ | ୦୧/୧୧/୨୦୨୩ | ୦୨/୧୧/୨୦୨୩ | ୦୩/୧୧/୨୦୨୩ |
| | ୧୩/୧୧/୨୦୨୩ | ୧୪/୧୧/୨୦୨୩ | ୦୮/୧୧/୨୦୨୩ | ୦୯/୧୧/୨୦୨୩ | ୧୦/୧୧/୨୦୨୩ |
| | ୨୦/୧୧/୨୦୨୩ | ୨୧/୧୧/୨୦୨୩ | ୧୫/୧୧/୨୦୨୩ | ୧୬/୧୧/୨୦୨୩ | ୧୭/୧୧/୨୦୨୩ |
| | ୨୮/୧୧/୨୦୨୩ | ୩୦/୧୧/୨୦୨୩ | ୨୨/୧୧/୨୦୨୩ | ୨୩/୧୧/୨୦୨୩ | ୨୪/୧୧/୨୦୨୩ |
| ଡିସେମ୍ବର, ୨୦୨୩ | ୦୪/୧୨/୨୦୨୩ | ୦୫/୧୨/୨୦୨୩ | ୦୬/୧୨/୨୦୨୩ | ୦୭/୧୨/୨୦୨୩ | ୦୧/୧୨/୨୦୨୩ |
| | ୧୧/୧୨/୨୦୨୩ | ୧୨/୧୨/୨୦୨୩ | ୧୩/୧୨/୨୦୨୩ | ୧୪/୧୨/୨୦୨୩ | ୦୮/୧୨/୨୦୨୩ |
| | ୧୮/୧୨/୨୦୨୩ | ୧୯/୧୨/୨୦୨୩ | ୨୦/୧୨/୨୦୨୩ | ୨୧/୧୨/୨୦୨୩ | ୧୫/୧୨/୨୦୨୩ |
| | ୨୯/୧୨/୨୦୨୩ | | ୨୬/୧୨/୨୦୨୩ | ୨୮/୧୨/୨୦୨୩ | ୨୨/୧୨/୨୦୨୩ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।

**(PR-600)** ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

## FORM No. 13

**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 85/2023

**Punjab National Bank, Saheed Nagar Branch** .....Applicant
Versus
**M/s Sri Sai Services and another** .....Defendant(s)

To,
1. **M/s Sri Sai Services,** Plot No.: 105, Bapuji Nagar, Bhubaneswar, Dist.: Khurda, PIN-751009.
2. **Sri Ashish Samal,** S/o- Manmath Nath Samal, Flat No.: 12, Plot No.: N-3/50, IRC Village, P.S/P.O: Nayapalli, Bhubaneswar, Dist.: Khurda, PIN-751015. .....Defendants

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 85/2023** in the Court of the Debts of Recovery Tribunal, Cuttack for recovery of **Rs.50,61,260.08 Paisa** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on **21.09.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **08th day of August, 2023.**

**Sd/- (Nikhila Ranjan Pati)**
**REGISTRAR**

## OFFICE OF THE COLLECTOR & DISTRICT MAGISTRATE, BARGARH

**(ESTABLISHMENT SECTION)**

**No. 13469/Estt.** **Dated: 08.09.2023**

**REQUEST FOR PROPOSAL (RFP) FOR ENGAGEMENT OF MANPOWER SERVICE PROVIDER**

No. F-129: Proposals are invited from eligible Bidders (Firm/Agencies) interested to provide services of 33 numbers Group D Posts like Peon, Chainman, Khalasi, Process Server, Night Watchman-cum-Choukidar etc. in Collectorate, Bargarh/Sub-Collector's Offices and Tahasil Offices of Bargarh District on outsourcing basis for a period of two years which can be txtended for another one year for satisfactory performance on contract basis for day to day official work with specific term and conditions. The "Request of Proposal" document along with all information relating to the tender process such as cost of RFP document, EMD, Eligibility Criteria, Terms and Conditions, etc. are available on the website **www.bargarh.nic.in** which may be downloaded.

**Important Dates:**
Last date of submission of RFPs: 13.10.2023 upto 05.00 P.M.
Date & time of Opening of RFPs: 14.10.2023 at 11.30 A.M.
The undersigned reserves the right to reject any or all the tenders without assigning any reason thereof.

**Sd./- Collector & District Magistrate, Bargarh**
**OIPR-24347/11/0003/2324**

**ନନ୍ଦପୁର ବିଡିଓ, ତହସିଲଦାରଙ୍କ ବଦଳି**

ନନ୍ଦପୁର, (ଶଙ୍କର ପୂଜାରୀ): ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀଙ୍କ ବଦଳି କରିଛନ୍ତି। ଏହି କ୍ରମରେ ନନ୍ଦପୁର ବିଡିଓ ଓ ତହସିଲଦାରଙ୍କ ବଦଳି ହୋଇଛି। ବିଡିଓ ସୁଜିତ ମିଶ୍ରଙ୍କୁ ତେନ୍ତୁଲିଖୁଣ୍ଟି ତହସିଲଦାର ଭାବେ ବଦଳି ହୋଇଥିବା ବେଳେ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ନନ୍ଦପୁର ବିଡିଓ ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ନନ୍ଦପୁର ତହସିଲଦାର ନରସିଂହ ଗାଦବାଙ୍କୁ ମାଲକାନଗିରି ତହସିଲଦାର ଭାବେ ବଦଳି କରାଯାଇଛି। ତାଙ୍କ ବଦଳରେ ଖଇରପୁଟ ତହସିଲଦାର ଲଳିତ ମଣ୍ଡଳଙ୍କୁ ନନ୍ଦପୁର ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି। ଗୋଟିଏ ଜିଲାରେ ଲଗାତର ୩ବର୍ଷ କାର୍ଯ୍ୟ କରିଥିବା ଅଧିକାରୀଙ୍କୁ ବଦଳି କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଜଣେ ମାଓବାଦୀ ଗିରଫ, ୬ ଜଣଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୩।୯ (ଦୁର୍ଯ୍ୟୋଧନ ପାତ୍ର)


ଆତ୍ମସମର୍ପଣ କରିଥିବା ମାଓବାଦୀମାନେ।

ମାଲକାନଗିରି ଜିଲା ସୀମାନ୍ତକୁ ଲାଗି ଛତିଶଗଡ଼ ସୁକ୍‌ମା ଜିଲା ସିଆର୍‌ପିଏଫ୍ ଦ୍ୱାରା ଜଣେ ମାଓବାଦୀଙ୍କୁ ଗିରଫ କରିବା ସହ ଅନ୍ୟ ଦୁଇଟି ଘଟଣାରେ ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୁକ୍‌ମା କୋଣ୍ଟା ଅଞ୍ଚଳରେ ଜିଲା ପୋଲିସ ଓ ସିଆର୍‌ପିଏଫ୍ ୨୧୯ ବାଟାଲିୟନ ମିଳିତ ଭାବେ କୋମ୍ବିଂ ଅପରେଶନ କରୁଥିବା ବେଳେ ଭୋଜି ଗ୍ରାମକୁ ଯିବା ସମୟରେ ମାଡକମ ବୁଦରା ନାମକ ଜଣେ ମାଓବାଦୀଙ୍କୁ ଗିରଫ କରିଥିଲେ। ଉକ୍ତ ମାଓବାଦୀଙ୍କ ନିକଟରୁ ୧୦ଟି ଜିଲୋଟିନ ଷ୍ଟିକ୍, ୧୩ ଡିଟୋନେଟର ଓ ପ୍ରାୟ ୫ ମିଟର କୋଟେକ୍ସ ତାର ଜବତ କରାଯାଇଛି। ତାଙ୍କୁ ପଚରାଉଚୁରା କରିବାରୁ ପ୍ରତିବନ୍ଧିତ ମାଓବାଦୀ ସଂଗଠନରେ ଆର୍‌ପିସି, ସଦସ୍ୟ ବୁର୍କାଲଙ୍କ ପଞ୍ଚାୟତ ନ୍ୟାୟ ଶାଖା ଅଧ୍ୟକ୍ଷଙ୍କ ନେତୃତ୍ୱରେ କାମ କରୁଥିଲି। ଏଥିସହ ମାଓବାଦୀ କମାଣ୍ଡର ବେଟି ଭୀମାଙ୍କ ନିର୍ଦ୍ଦେଶରେ ଗୋମପାଡ ନିବାସୀ ମାଓବାଦୀ ସହଯୋଗୀ କଡତି ରାମାଙ୍କୁ ବିସ୍ଫୋରକ ପଦାର୍ଥ ଦେବା ପାଇଁ ଯାଉଥିଲି ବୋଲି କହିଛନ୍ତି। ସେହିପରି ସୁକ୍‌ମା ଜିଲା ମାଓବାଦୀ ଅପରେଶନ କାର୍ଯ୍ୟାଳୟରେ ୫ ଜଣ ଆତ୍ମସମର୍ପଣ କରିଛନ୍ତି। ସେଥିରୁ ଜଣଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ମାଓବାଦୀ କମାଣ୍ଡର ଜଗା, ମିଲିସିଆ ସଦସ୍ୟ ସୋନୁ, ଦେବା, ଗଙ୍ଗା ଓ ଏରା ସାମିଲ ଅଛନ୍ତି। ଏହି ୫ ଜଣ ଚିନ୍ତାଗୁଫା ଥାନା ଅଞ୍ଚଳରେ ସକ୍ରିୟ ଥିଲେ। ଏହି ଆତ୍ମସମର୍ପଣ ସମୟରେ ସିଆର୍‌ପିଏଫ୍ ୭୪ ବାଟାଲିୟନ୍ ଡିଆଇଜି ନିଶାନ୍ତ ବୈଷ୍ଣବ, ଡିଏସ୍‌ପି ଉତ୍ତମ ପ୍ରସାଦ ସିଂ ଉପସ୍ଥିତ ଥିଲେ। ଏହି ୫ ଜଣଙ୍କୁ ପ୍ରୋତ୍ସାହନ ରାଶି ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି।

ସେହିପରି ସୁକ୍‌ମା ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମିଲିସିଆ କମାଣ୍ଡର କୁଞ୍ଜାମ ମୁକ୍କା ଆତ୍ମସମର୍ପଣ କରିଛନ୍ତି। କୁଞ୍ଜାମ ମାଓବାଦୀ ସଂଗଠନର ଜଣେ ସକ୍ରିୟ ସଦସ୍ୟ ଥିଲେ। ଏହି ମାଓବାଦୀ ଭୋଜୀ ଥାନା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଗତିବିଧିରେ ସାମିଲ ଥିଲେ। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ବାଲ ସଂଘ ସଦସ୍ୟ ୨୦୧୨-୨୦୧୬ ପର୍ଯ୍ୟନ୍ତ ମିଲିସିଆ ସଦସ୍ୟ, ୨୦୧୭-୨୦୨୦ ପର୍ଯ୍ୟନ୍ତ ମିଲିସିଆ ଡେପୁଟି କମାଣ୍ଡର, ୨୦୨୧ରେ ମିଲିସିଆ କମାଣ୍ଡର ଭାବେ ସକ୍ରିୟ ଥିଲେ। ସେ ସୁକ୍‌ମା ଏସ୍‌ପି କିରଣ ଚୌହାନ, ଅତିରିକ୍ତ ଏସ୍‌ପି ଗୌରବ ମଣ୍ଡଳଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ କହିଛି।

# ବିଭିନ୍ନ ସ୍ଥାନରୁ ୧୮୧ କେଜି ଗଞ୍ଜେଇ ଜବତ, ୫ ଗିରଫ

ମାଲକାନଗିରି, ୧୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରୁ ବୁଧବାର ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ କୋଇଲିପାଲ୍ଲୀ ଅଞ୍ଚଳରେ ଅବକାରୀ ବିଭାଗ କର୍ମଚାରୀଙ୍କ ଦ୍ୱାରା ପାଟ୍ରୋଲିଂ ସମୟରେ ଏକ ଧଳାରଙ୍ଗର କାର୍ ଯୋଗେ ଗଞ୍ଜେଇ ଯାଉଥିବା ସମୟରେ ଅବକାରୀ ପୋଲିସ ହାତରେ ଧରା ପଡିଥିଲା। ଉକ୍ତ କାରରେ ୩ଜଣ ଚୋରା ଚାଲାଣକାରୀ ଥିବା ବେଳେ କାରରୁ ୫୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାୟପୁରର ଘୁରାମ ରାମ, ଦେବେନ୍ଦ୍ର ସିଂ, ରାକେଶ ସୋନି।

ସେହିପରି ବାଲିମେଳା ଅବକାରୀ ବିଭାଗ ଦ୍ୱାରା ଆପନମାଲାଠାରେ ଗାଡ଼ି ଯାଞ୍ଚ ସମୟରେ ଦ୍ରୁତଗତିରେ ଏକ ବାଇକ୍ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିବାରୁ ଗୋଟିଏ ବସ୍ତାରେ ୨୫ କେଜି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲେ। ଗିରଫ ବ୍ୟକ୍ତି ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ପ୍ରତାପ ବଗାମୀ ଓ ଅନ୍ୟ ଜଣେ କୋରାପୁଟ ଜିଲା ଦଶମନ୍ତପୁର ଅଞ୍ଚଳର ଇନ୍ଦ୍ରଜିତ ବିଷୋୟୀ। ଏହି ୫ ଜଣଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ବିଶେଷ ସୂତ୍ରରୁ ଖବର ପାଇ ମାଲକାନଗିରି ଅବକାରୀ ବିଭାଗ ଦ୍ୱାରା ମାଥିଲି ଥାନା ଅଞ୍ଚଳ ବଡଡୁରାଲ ଗ୍ରାମ ନିକଟ ପାହାଡିଆ ଜଙ୍ଗଲରେ ଚଢ଼ାଉ କରିଥିଲେ। ଉକ୍ତ ଜଙ୍ଗଲରୁ ୧୦୫ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ତିନୋଟି ସ୍ଥାନରୁ ମୋଟ ୧୮୧ କେଜି ଗଞ୍ଜେଇ ଜବତ ହୋଇଛି।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ଅନୁଦାନ ଘୋଷଣା

## ବଡ଼ଠାକୁର ପୀଠସ୍ଥଳୀ ନିର୍ମାଣ


ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

**ମାଲକାନଗିରି, ୧୩।୯ (ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ବୁଧବାର ପୌର ପରିଷଦରେ ଥିବା ବଡ଼ଠାକୁରଙ୍କ ଦୁଇଟି ପୀଠସ୍ଥଳୀ ଯଥା କନ୍ୟାମାଝି ବନ୍ଧ ଓ ମାଣ୍ଡିଆଭଟା ପରିଦର୍ଶନ କରିଥିଲେ। ମାନ୍ୟତା ଅନୁଯାୟୀ ପ୍ରତି ୨ ବର୍ଷକୁ ଥରେ ଠାକୁରଙ୍କ ଯାତ୍ରା ଅନୁଷ୍ଠିତ ହେଉଛି। ଏଥିସହ ଠାକୁରଙ୍କ ଅସ୍ଥାୟୀ ମନ୍ଦିର ପରମ୍ପରା ଚାଲି ଆସୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଭବ୍ୟ ସିଂହାସନ ପାଚେରି ଏବଂ ସୌନ୍ଦର୍ଯ୍ୟକରଣ କରାଯାଇପାରିବ ବୋଲି ସ୍ଥିର କରାଯାଇଥିଲା। ଦୀର୍ଘ ଦିନ ଧରି ଖୋଲାରେ ଥିବା ବଡ ଠାକୁରଙ୍କ ଏହି ୨ ଯାତ୍ରା ସ୍ଥାନ ବର୍ତ୍ତମାନ ନୂତନ ରୂପ ନେବ। ଏ ନେଇ ସ୍ଥାନୀୟ ତହସିଲଦାର ସାବିର ସାହା ଓ ତହସିଲର ବିଭାଗୀୟ ଅଧିକାରୀ ଏବଂ ଠାକୁରଙ୍କ ପୂଜାରୀ ବୃନ୍ଦ ଓ ବଡ଼ଯାତ୍ରା କମିଟି ସଦସ୍ୟଙ୍କ ସହ ଆଲୋଚନା କରି ଏହି ଦୁଇଟି ସ୍ଥାନ ପରିଦର୍ଶନ କରି ଜାଗା ଚିହ୍ନଟର ପ୍ରକ୍ରିୟା ଶେଷ କରିଥିଲେ ଆଡମା ରାବା। ରାବା ଦୁଇଟି ସ୍ଥାନର ଉନ୍ନତି ନିମନ୍ତେ ୨୫ ଲକ୍ଷ ଲେଖାଏ ଅର୍ଥାତ୍ ମୋଟ ୫୦ ଲକ୍ଷର ଅନୁଦାନ ଖର୍ଚ୍ଚ କରିବା ଲାଗି ସହମତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜି. ଶ୍ରୀନିବାସ ରାଓ, ବୁନା ରାଓ, ପି. କେସୁ ରାଓ, ବାଲା ପଣ୍ଡା, ତ୍ରିନାଥ ରାଜୁ, ପ୍ରସାଦୀ ରାଓ, କୋଣ୍ଡା ରାଓ ଏବଂ ସାଇ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆମେ ଜାଣିବା ଆମେ ଜିଣିବା

ମାଲକାନଗିରି, ୧୩।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ ପାଣ୍ଡ୍ରିପାଣି ସଦର ପଞ୍ଚାୟତ ଆଶ୍ରମ ବିଦ୍ୟାଳୟରେ ଶିକ୍ଷା ଓ ବିଦ୍ୟାଳୟର ଉନ୍ନତି ନିମନ୍ତେ ଅଭିଭାବକଙ୍କ ସହଭାଗିତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୋହନ ପାଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ସ୍ଥାନୀୟ ସମିତିସଭ୍ୟ ସୁନ୍ଦରଲାଲ ସେଡା, ପାଣ୍ଡ୍ରିପାଣି ଅନୁସୂଚିତ ଜାତି ଜନଜାତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗା ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ବୁରୁଡି, ସାମାଜିକ କର୍ମୀ ତ୍ରିଲୋଚନ ପରିଜା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭୁଜବଳ ଛାତ୍ରୀଛାତ୍ରୀ ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମେ କୌଣସି ବିଷୟରେ ଜାଣିଲେ ଆମେ ଜିଣିପାରିବା। ତାହାର ଅର୍ଥ ଶୁଣିକରି ଶିକ୍ଷା ଗ୍ରହଣ କରିବା ସମ୍ଭବ ନୁହେଁ। ତେଣୁ ବିଦ୍ୟାଳୟରେ ଜ୍ଞାନୀ ଗୁଣୀ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କଠାରୁ ଲିଖିତ ପୁସ୍ତକ ଶିକ୍ଷା ଗ୍ରହଣ କଲେ ଅନେକ ତଥ୍ୟ ଏବଂ ଶିକ୍ଷାର ଅଗ୍ରଗତି ସମ୍ବନ୍ଧରେ ଜାଣିପାରିବା। ତେଣୁ ପିଲାଙ୍କୁ ସବୁଦିନ ବିଦ୍ୟାଳୟକୁ ପଠାଇବା ସହ କ'ଣ ଅନୁଦାନ ଆସୁଛି, ସରକାରଙ୍କର କି କି ଯୋଜନା ରହିଛି, ସେ ସମ୍ପର୍କରେ ଅବଗତ ହେବା ଆବଶ୍ୟକ। ଗୁଣାତ୍ମକ ଶିକ୍ଷାର ବିକାଶ ଓ ବିଦ୍ୟାଳୟ ସମସ୍ୟା ସମାଧାନ ପାଇଁ ସମସ୍ତ ଅଭିଭାବକ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରସନ୍ନ ନାୟକ ଓ ଶଶିକାନ୍ତ ବେହେରା ପରିଚାଳନା କରିଥିଲେ।

# 'ଅଭିଭାବକ ଜଣେ ଉତ୍ତମ ସହପାଠୀ' କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥି।

**କୁଡୁମୁଲୁଗୁମ୍ମା, ୧୩।୯ (ସୁଜିତ ପଟ୍ଟନାୟକ):** ଖଇରପୁଟ ବ୍ଲକ ରାସବେଡ଼ା ପଞ୍ଚାୟତ ଓରିଙ୍ଗି ଆଶ୍ରମ ବିଦ୍ୟାଳୟ ପିଲାଙ୍କ ଅଭିଭାବକ ମହଲରେ ମାଲକାନଗିରି ଜିଲା ମଙ୍ଗଳ ବିଭାଗ ସୌଜନ୍ୟରେ ଏକ କର୍ମଶାଳାର ଆୟୋଜନ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଶିକ୍ଷା ଅଧିକାରୀ ହୃଷୀକେଶ ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରାସବେଡା ସରପଞ୍ଚ ପ୍ରମିଳା ଗୁଚ୍ଛା, ନାଏବ ସରପଞ୍ଚ ଈଶ୍ୱର ମୁଦୁଲି ଓ ସାମାଜିକ କର୍ମୀ ବାଳକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ମଞ୍ଚାସୀନ ଅତିଥିମାନେ ଜଗନ୍ନାଥ ତୈଳ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନକରି ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିରେ ଓରିଙ୍ଗି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ସଭାପତିତ୍ୱ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଛାତ୍ରୀଛାତ୍ରମାନଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଦଣ୍ଡସେନା, 'ପ୍ୟାରେଣ୍ଟ ଏଜ ପାର୍ଟନର' ବିଷୟରେ ପିଲାମାନଙ୍କର ଉନ୍ନତିରେ ଅଭିଭାବକଙ୍କର ଗୁରୁଦାୟିତ୍ୱ ରହିଛି। ଏଣୁ ଅଭିଭାବକମାନେ କେବଳ ପିଲାମାନଙ୍କର ଖାଲି ବାପା ମା ବୋଲି ଭାବିବା ଉଚିତ ନୁହେଁ, ସେମାନେ ଜଣେ ଜଣେ ସହଭାଗୀ ମଧ୍ୟ। ମୁଖ୍ୟ ଅତିଥି ଅଭିଭାବଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଉଦାହରଣ ଦେଇ ଆଜିର ଟ୍ୟାଗ୍ ଲାଇନ୍, 'ଆମେ ଜାଣିବା ଆମେ ଜିଣିବା' ଉପରେ ବୁଝାଇଥିଲେ। କର୍ମଶାଳାରେ କୁଡୁମୁଲୁଗୁମ୍ମା ବନ୍ୟାଞ୍ଚଳର କର୍ମଚାରୀମାନେ ଯୋଗଦେଇଥିଲେ। ବୈଠକରେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ। ଆଶ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସାଫଲ୍ୟ କରିବା ପାଇଁ ସହଯୋଗ କରିଥିଲେ।

# ସମିତିସଭ୍ୟଙ୍କ ଦାବିପୂରଣ ପାଇଁ ଦାବିପତ୍ର

**କୁଡୁମୁଲୁଗୁମ୍ମା, ୧୩।୯ (ସୁଜିତ ପଟ୍ଟନାୟକ):** ଖଇରପୁଟ ବ୍ଲକର ସମସ୍ତ ସମିତି ସଭ୍ୟମାନେ ରାଜ୍ୟ ସଂଘର ଆହ୍ୱାନରେ ୧୨ଦଫା ଦାବି ପୂରଣ ନିମନ୍ତେ ସମିତି ବୈଠକକୁ ବର୍ଜନ କରିଥିବା ଜଣାପଡିଛି। ବ୍ଲକର ସମସ୍ତ ସମିତି ସଭ୍ୟ ମିଶି ଉକ୍ତ ଦାବିପତ୍ରକୁ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏବଂ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମା ଶଙ୍କର କୋଇଆଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଜଣାପଡିଛି। ଉକ୍ତ ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ସମିତି ସଭ୍ୟମାନଙ୍କ ନିମନ୍ତେ ଆସୁଥିବା ଉନ୍ନୟନ ପାଣ୍ଠିକୁ ବାର୍ଷିକ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ସମିତି ସଭ୍ୟା ସଭ୍ୟଙ୍କ ନିମନ୍ତେ ପ୍ରତି ପଞ୍ଚାୟତରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଗୃହ ଦିଆଯାଉ, ମାସିକ ପ୍ରସହନ ଭତ୍ତାକୁ ୨୦ ହଜାର ଟଙ୍କା ଓ ୫ ବର୍ଷ କାର୍ଯ୍ୟକାଳ ଶେଷରେ ୧୦ହଜାର ଟଙ୍କା ଅବସର କାଳୀନ ଭତ୍ତା ପ୍ରଦାନ ନିମନ୍ତେ, ୧୦ ଲକ୍ଷର ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ପ୍ରଦାନ, ପଞ୍ଚାୟତ ସମିତିକୁ ଆସୁଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର କାର୍ଯ୍ୟ କାରିତା ଓ ଠିକାଦାର ଚୟନ ନିମନ୍ତେ ସମିତି ସଭ୍ୟମାନଙ୍କର ମତାମତ ନିଆଯିବା ଭଳି ୧୨ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଖଇରପୁଟ ସମିତି ସଂଘ ସଭାପତି ରାମ ମଲଲିଙ୍କ ନେତୃତ୍ୱରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କ୍ରିର୍ଷାନି, ଉପାଧ୍ୟକ୍ଷା ସାବିତ୍ରୀ ମୁଦୁଲି, ସମିତି ସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗୀ, ମୁନି ଶଗଡ଼ିଆ, ଚୈତନ୍ୟ କ୍ରିର୍ଷାନି, ମଙ୍ଗଳା ସିସା, ରାଧିକା କାଲାକୁରା, ସୁନୀତା ମାଦ୍ରା ଓ ବାଲ ଗଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 7125/P.S.C., Dt.13.9.23**
**(DR - IV) (2PH-10-2023-24)**

**No.D-129:-** It is for information of all concerned that **Written Examination** for recruitment to the post of **Medical Officer in Group-A (Junior Branch) (Assistant Surgeon)**, pursuant to Advertisement No. **14 of 2023-24** is scheduled to be held on **08.10.2023 (Sunday) from 10.00 A.M. to 01.00 P.M. (10.00 A.M. to 02.00 P.M. for PWD Candidates).**

The detailed programme of examination along with venue of examination centres will be notified shortly.

The candidates are advised to visit (**www.opsc.gov.in**) the website of the Commission regularly for further information on examination related Notice(s).

OIPR-12002/11/0093/2324 **Sd./- Secretary**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**Regd. Office: Janpath, Bhubaneswar-751022**
CIN:U40102OR2004SGC007553
Lifeline of Odisha

**No.CAD-2061**

**TENDER ALERT**

1) **Tender Call Notice No.03/23-24:** Painting of Control & relay panels, switchyard equipment's & oil tankers at 220/132/33kV Grid S/S Joda under EHT (O&M) Division, Joda.
2) **Tender Call Notice No.02/2023-24:** Casting and placing of 330 nos. RCC cover slabs over 132kV cable trench along with removal of damaged slabs from the switchyard of Grid S/S, Duburi under EHT (O&M) Division, Jajpur.
3) **Tender Call Notice No.11/BBSR-DIV/2023-24:** Casting and Laying of RCC slabs for earth pits and cable trench at GIS Grid S/S, Chandaka-B under EHT (O&M) Division, Bhubaneswar.
4) **Tender Call Notice No.OT-19/2023-24:** Material shifting from existing store to New Line store premises of 220kV Line Sub-Division, Therubali under EHT (O&M) Division, Therubali.
5) **Tender Call Notice No.12/2023-24:** Construction of RCC slabs of the cable trenches & Earth Pit cover in the 220kV S/Y of GSS, Samangara under EHT (O&M) Division, Puri.
6) **Tender Call Notice No.13/2023-24:** Procurement of Consumable Materials for Annual Maintenance work of different Grid S/S and EHT lines under EHT (O&M) Division, Puri.
7) **Tender Call Notice No. RKL 11/23-24:** One Time Uprooting, Cutting and Cleaning of Grass, Wild Plants, Shrubs and Weeds at 220/132kV GSS, Tarkera & 132/33kV GSS, Rourkela (inside S/Y premises)under EHT (O&M) Division, Rourkela.
8) **Tender Call Notice No.ND-01/2023-24:** PCC work for approach road & periphery near 33kV outgoing Sixpole structure, DG room, ACDB & Control room at 400/220/33kV Grid S/S, New Duburi under EHT (O&M) Division, New Duburi.
9) **Tender Call Notice No.03/2023-24:** Hiring of diesel run commercial registered light vehicles A/C Bolero or equivalent on monthly basis for EHT(C) Division, Berhampur & EHT(C) S/D, Baliguda under EHT (Const.) Division, Berhampur.
10) **Tender Call Notice No.05/2023-24:** Construction of wall & stone pitching along two sides of the Grid approach road at 132/33kV Grid S/S, Agarpada under EHT (O&M) Division, Bhadrak.
11) **Tender Call Notice No.01/2023-24:** Painting of fire protection wall of various safety slogans, images etc on purpose of safety awareness at 132/33kV GSS Rajgangpur (2nos.) & 132/33kV GSS, Sundargarh (1no.) under EHT (O&M) Division, Rajgangpur.
12) **Tender Call Notice No.01/2023-24:** Supply and application of materials for arresting oil-leakage in 20MVA transformer-I & II at 132/33kV Salipur Grid S/S under EHT (O&M) Division, Choudwar.

For more details please visit OPTCL's website: **www.optcl.co.in.**

**OIPR-04011/11/0085/2324** FIPR-36/2023-24
f/optcl.odisha /optcl_odisha

**BHUBANESWAR MUNICIPAL CORPORATION**
**e-Mail: ee2@bmc.gov.in**
**e-Procurement Notice**

Letter No. 43463 Dt.13.09.2023

**BID Identification No. BMC-EE-DIV-II-13/2023-24 Dt.13.09.2023**

No. C-1407: On behalf of the Commissioner, Bhubaneswar Municipal Corporation, City Engineer, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid System from intending bidders fulfilling the eligibility criteria mentioned in the DTCN. Each bid should be submitted online through the website **www.tendersodisha.gov.in** by eligible bidders.

| | | |
|---|---|---|
| 1. | Total No. of Works | : 2 (Two) |
| 2. | Estimated Cost | : Rs.1,21,57,412.00 to Rs.2,28,08,750.00 |
| 3. | Class of Contractor | : "B" & "A" Class |
| 4. | Period of Completion | : 06 (Six) Calendar Months |
| 5. | Date and Time of availability of Bid document in the portal | : From 11.00 A.M. of 14.09.2023 to 05.00 P.M. of 28.09.2023 |
| 6. | Last date/time of submission of bids in the portal | : 05.00 P.M. of 28.09.2023 |
| 7. | Date of opening of Technical Bid from portal | : 11.30 A.M. of 30.09.2023 |
| 8. | Date of Opening of Financial Bid | : Will be communicated later |

Further details can be seen from the e-Procurement portal **https://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- City Engineer
OIPR-13002/11/0146/2324 Bhubaneswar Municipal Corporation

**Government of Odisha** No. O-1011
**e-Procurement Notice**
**E.Mail: rw_boudh@yahoo.co.in**
**Bid Identification NO. Online Tender/04/E.E.R.W. BOUDH/2023-24**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| | Name of the Work | : Road Works - 2 Nos. |
| 1. | Estimated Cost | : Rs.8.40 lakhs to 42.02 (Approximately) |
| 2. | Period of Completion | : 1 to 2 Calendar Months |
| 3. | Date & time of availability of Bid documents in the portal | : From 16.09.2023, 10.00 A.M. to 22.09.2023, 5.00 P.M. |
| 4. | Last date/time for receipt of bids in the portal | : 22.09.2023 upto 5.00 P.M. |
| 5. | Last date/time for seeking of Tender clarification | : 21.09.2023 upto 5.00 P.M. |
| 6. | Date & Time of Opening of Tender/Bid | : 25.09.2023 at 11.00 A.M. |
| 7. | Name & address of the Officer Inviting Bid | : Executive Engineer, R.W. Division, Boudh |

Further details, Corrigendum(s) etc. can be seen from the e-Procurement portal **"https://www.tendersorissa.gov.in"**.

**Sd./- Executive Engineer**
**R.W. Division, Boudh**
**OIPR-25061/11/0004/2324**

**GOVERNMENT OF ODISHA** No. O-1010
**"e" PROCUREMENT NOTICE**
**Bid Identification No.**
**Online-AGL-10 of 2023-2024**

| | |
|---|---|
| 1. Name of the Work | : Building Work |
| 2. Estimated Cost | : Rs.6.91 Lakhs to 21.18 Lakhs |
| 3. Period of Completion | : 06 (Six) Calendar Months |
| 4. Date & time of availability of Bid Document in the Portal | : From 14.09.2023 to 21.09.2023 upto 5.00 P.M. |
| 5. Last date/time for receipt of Bids in the Portal | : 21.09.2023 upto 5.00 P.M. |
| 6. Name & Address of the OIT | : Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in.** **Sd./- Executive Engineer**
OIPR-25096/11/0009/2324 **R.W. Division, Angul**

**GOVERNMENT OF ODISHA** No.AA-15:
**OFFICE OF THE ADDITIONAL CHIEF ENGINEER**
**(TESTING & CALIBRATION, STANDARD TESTING LABORATORY)-CUM-ELECTRICAL INSPECTOR**
**PLOT NO. GD-2/7, MAITRIVIHAR, BHUBANESWAR- 751023**
**Phone & Fax No. 0674-2300955, E-mail ID:sestl-od@gov.in, deistl1-od@gov.in**
**Government of Odisha "e-Procurement Notice"**
**BID IDENTIFICATION NO:02/A.C.E. (T&C,STL) 2023-24, Dt.13.09.2023**

| | | |
|---|---|---|
| 1 | Name of the work | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2 | Estimated Cost of the Tender | Rs.1,47,67,201 /- |
| 3 | Period of completion | Ninety Days (90 days) |
| 4 | Date & time of availability of bid document in the portal | Dt.16.09.2023 (10.00 AM) |
| 5 | Last date / Time for receipt of bids in the portal | Dt. 07.10.2023 (05.00 PM) |
| 6 | Name and address of the Officer Inviting Tender | Addl. Chief Engineer (T&C, STL)-cum-Electrical Inspector, Bhubaneswar Plot No. GD-2/7, Maitrivihar, Bhubneswar-751023 Phone & Fax No. 0674-2300955 E-mail ID: sestl-od@gov.in, deistl1-od@gov.in |

Further details can be seen from the e-procurement portal htttis://tendersodisha.gov.in. Any amendment / cancellation / retenders, please refer to the above cited website.

Sd./- N.Dwibedi
OIPR-04023/11/0001/2324 Addl.Chief Engineer (T&C, STL)-Cum-E.I., Bhubaneswar

See Career Appointment on every Wednesday & Saturday

**DIRECTORATE OF MEDICAL EDUCATION & TRAINING, ODISHA**
**MET-I-GA-28/2023/13568** **Dt.13 Sep. 2023**

No. E-409: The Schedule of Counseling & Admission to Degree, Diploma and Certificate Courses of Paramedical & Allied Medical Science, for the year 2023-24.

| Sl. No. | Activities | Schedule | Duration |
|---|---|---|---|
| 01 | Opening of online application in the website of DMET Odisha i.e. www.dmetodisha.gov.in | 15.09.2023 to 30.09.2023 | 16 Days |
| 02 | Document Verification | 03.10.2023 to 25.10.2023 | 22 Days |

**N.B.:** The above schedule is provisional and it may change with prior intimation. The applicants as well as institutions are advised to refer the Combined Counseling Portal by clicking "Combine Counseling Paramedical & Allied Medical Science" link under the DMET (O) website ie. **www.dmetodisha.gov.in**

**OIPR-10016/11/0010/2324** **Sd./- DMET, Odisha**

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୩-ଏସ୍‌ଏକ୍ସ୍‌ଇ/୩ ତାରିଖ: ୧୨।୦୯।୨୦୨୩

**ଅକ୍ଟୋବର, ନଭେମ୍ବର, ଡିସେମ୍ବର-୨୦୨୩**
**ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**

| ମାସ | ଡିଭିଜନ ଏବଂ ଡିପୋ | | | | |
|---|---|---|---|---|---|
| | ଆଦ୍ରା ଡିଭିଜନ | ଖଡ଼ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
| ଅକ୍ଟୋବର, ୨୦୨୩ | ୦୯।୧୦।୨୦୨୩ | ୦୩।୧୦।୨୦୨୩ | ୦୪।୧୦।୨୦୨୩ | ୦୫।୧୦।୨୦୨୩ | ୦୬।୧୦।୨୦୨୩ |
| | ୧୬।୧୦।୨୦୨୩ | ୧୦।୧୦।୨୦୨୩ | ୧୧।୧୦।୨୦୨୩ | ୧୨।୧୦।୨୦୨୩ | ୧୩।୧୦।୨୦୨୩ |
| | ୨୫।୧୦।୨୦୨୩ | ୧୭।୧୦।୨୦୨୩ | ୧୮।୧୦।୨୦୨୩ | ୧୯।୧୦।୨୦୨୩ | ୨୦।୧୦।୨୦୨୩ |
| | | ୩୧।୧୦।୨୦୨୩ | ୩୦।୧୦।୨୦୨୩ | ୨୬।୧୦।୨୦୨୩ | ୨୭।୧୦।୨୦୨୩ |
| ନଭେମ୍ବର, ୨୦୨୩ | ୦୬।୧୧।୨୦୨୩ | ୦୭।୧୧।୨୦୨୩ | ୦୧।୧୧।୨୦୨୩ | ୦୨।୧୧।୨୦୨୩ | ୦୩।୧୧।୨୦୨୩ |
| | ୧୩।୧୧।୨୦୨୩ | ୧୪।୧୧।୨୦୨୩ | ୦୮।୧୧।୨୦୨୩ | ୦୯।୧୧।୨୦୨୩ | ୧୦।୧୧।୨୦୨୩ |
| | ୨୦।୧୧।୨୦୨୩ | ୨୧।୧୧।୨୦୨୩ | ୧୫।୧୧।୨୦୨୩ | ୧୬।୧୧।୨୦୨୩ | ୧୭।୧୧।୨୦୨୩ |
| | ୨୮।୧୧।୨୦୨୩ | ୩୦।୧୧।୨୦୨୩ | ୨୨।୧୧।୨୦୨୩ | ୨୩।୧୧।୨୦୨୩ | ୨୪।୧୧।୨୦୨୩ |
| ଡିସେମ୍ବର, ୨୦୨୩ | ୦୪।୧୨।୨୦୨୩ | ୦୫।୧୨।୨୦୨୩ | ୦୬।୧୨।୨୦୨୩ | ୦୭।୧୨।୨୦୨୩ | ୦୧।୧୨।୨୦୨୩ |
| | ୧୧।୧୨।୨୦୨୩ | ୧୨।୧୨।୨୦୨୩ | ୧୩।୧୨।୨୦୨୩ | ୧୪।୧୨।୨୦୨୩ | ୦୮।୧୨।୨୦୨୩ |
| | ୧୮।୧୨।୨୦୨୩ | ୧୯।୧୨।୨୦୨୩ | ୨୦।୧୨।୨୦୨୩ | ୨୧।୧୨।୨୦୨୩ | ୧୫।୧୨।୨୦୨୩ |
| | ୨୯।୧୨।୨୦୨୩ | | ୨୭।୧୨।୨୦୨୩ | ୨୮।୧୨।୨୦୨୩ | ୨୨।୧୨।୨୦୨୩ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ।

(PR-600) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 85/2023

Punjab National Bank, Saheed Nagar Branch .....Applicant
Versus
M/s Sri Sai Services and another .....Defendant(s)

To,
1. **M/s Sri Sai Services,** Plot No.: 105, Bapuji Nagar, Bhubaneswar, Dist.: Khurda, PIN-751009.
2. **Sri Ashish Samal,** S/o- Manmath Nath Samal, Flat No.: 12, Plot No.: N-3/50, IRC Village, P.S/P.O: Nayapalli, Bhubaneswar, Dist.: Khurda, PIN-751015. .....Defendants

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 85/2023** in the Court of the Debts of Recovery Tribunal, Cuttack for recovery of **Rs.50,61,260.08 Paisa** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the publication or on **21.09.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **08th day of August, 2023.**

Sd/- (Nikhila Ranjan Pati)
REGISTRAR

**OFFICE OF THE COLLECTOR & DISTRICT MAGISTRATE, BARGARH**
**(ESTABLISHMENT SECTION)**

**No. 13469/Estt.** **Dated: 08.09.2023**

**REQUEST FOR PROPOSAL (RFP) FOR ENGAGEMENT OF MANPOWER SERVICE PROVIDER**

No. F-129: Proposals are invited from eligible Bidders (Firm/Agencies) interested to provide services of 33 numbers Group D Posts like Peon, Chainman, Khalasi, Process Server, Night Watchman-cum-Choukidar etc. in Collectorate, Bargarh/Sub-Collector's Offices and Tahasil Offices of Bargarh District on outsourcing basis for a period of two years which can be txtended for another one year for satisfactory performance on contract basis for day to day official work with specific term and conditions. The "Request of Proposal" document along with all information relating to the tender process such as cost of RFP document, EMD, Eligibility Criteria, Terms and Conditions, etc. are available on the website **www.bargarh.nic.in** which may be downloaded.

**Important Dates:**
Last date of submission of RFPs: 13.10.2023 upto 05.00 P.M.
Date & time of Opening of RFPs: 14.10.2023 at 11.30 A.M.

The undersigned reserves the right to reject any or all the tenders without assigning any reason thereof.

**Sd./- Collector & District Magistrate, Bargarh**
**OIPR-24347/11/0003/2324**

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

# 'ବୈପ୍ଳବିକ ଚିନ୍ତାଧାରା ମଣିଷର ସହଜାତ ପ୍ରବୃତ୍ତି'





ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ 'ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚରେ ଉପସ୍ଥିତ ଅତିଥି ଏବଂ ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**କଟକ,୧୩।୯ (କାର୍ତ୍ତିକ ସାହୁ)**

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷରେ ବୁଧବାର ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଧରିତ୍ରୀ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀ ଭାବେ ସୌମ୍ୟା ପଟ୍ଟନାୟକ ପ୍ରଥମ, ସ୍ମିତପ୍ରଜ୍ଞା ତ୍ରିପାଠୀ ଓ ଦୁର୍ଗାପ୍ରସାଦ ସାହୁ ଯୁଗ୍ମ ଦ୍ୱିତୀୟ ଏବଂ ଅଭିନନ୍ଦା ଆଚାର୍ଯ୍ୟ ଓ ଦେବୀ ପ୍ରସାଦ ରଥ ଯୁଗ୍ମ ତୃତୀୟ ହୋଇଛନ୍ତି।

ମୁଖ୍ୟ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଯୋଗଦେଇ ଯୁବପିଢ଼ି ଦେଶର ସମ୍ପତ୍ତି। ରେଭେନ୍ସାର ଛାତ୍ରୀଛାତ୍ରମାନେ ଏହାର ଐତିହ୍ୟକୁ ଅନ୍ତର୍ଜାତୀୟସ୍ତରରେ ଉଜ୍ଜ୍ୱଳ କରିବା ନିମନ୍ତେ ଉଦ୍ୟମ କରନ୍ତୁ। ଯୁବାବସ୍ଥାରୁ ଦେଶ ଗଠନର ସ୍ୱପ୍ନ ରହିଲେ ତାହା ଗଣତନ୍ତ୍ର, ଗଣମାଧ୍ୟମ ପ୍ରତି ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ନାୟକ କହିଥିଲେ। ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁ ଚରଣ ମଲ୍ଲିକ କହିଲେ, ଗଣମାଧ୍ୟମ ଗଣତନ୍ତ୍ର ପାଇଁ ଏକ ଆଲୋକବର୍ତ୍ତିକା। ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଯୁବପିଢ଼ିର ଯୋଗଦାନ ଆବଶ୍ୟକ। ଗଣତନ୍ତ୍ରର ମୂଲ୍ୟବୋଧକୁ ଛାତ୍ରୀଛାତ୍ରମାନେ ବୁଝିବା ଉଚିତ୍ ବୋଲି ମଲ୍ଲିକ କହିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଲେ, ଠିକ୍ ସୂଚନା ପ୍ରସାରଣ କରିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ସମାଜ ପ୍ରତି ଗଣମାଧ୍ୟମର ଏକ ଦାୟିତ୍ୱବୋଧ ରହିଛି। ଗଣମାଧ୍ୟମ ଓ ଯୁବପିଢ଼ି ମଧ୍ୟରେ ଗଣତନ୍ତ୍ର ଏକ ସ୍ୟାଣ୍ଡଉଇଚ୍ ଭଳି। ବାସ୍ତବ ବୈପ୍ଳବିକ ଚିନ୍ତାଧାରା ମଣିଷର ସହଜାତ ପ୍ରବୃତ୍ତି। ଯୁବପିଢ଼ିଙ୍କ ନିକଟରେ ପ୍ରଶ୍ନ ପଚାରିବାର ସାମର୍ଥ୍ୟ ଓ ଦକ୍ଷତା ରହିଛି। ପ୍ରଶ୍ନ ପଚାରିବା ପାଇଁ ଗଣମାଧ୍ୟମ ଯୁବପିଢ଼ିଙ୍କୁ ସୂଚନା ପ୍ରଦାନ କରିବ, ତାହାକୁ ସେମାନେ ଉପଯୋଗ କରି ବିପ୍ଳବ ସୃଷ୍ଟି କରିପାରିବେ। ଯୁବପିଢି ଦେଶର ସମ୍ବଳ। ସେମାନେ ନିଜ ଦାୟିତ୍ୱ, ଅଧିକାର ପ୍ରତି ସଚେତନ ହେବାକୁ ସତପଥୀ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଲେ, ଧରିତ୍ରୀ ଓଡ଼ିଶାବାସୀଙ୍କ ସ୍ୱର। ପାଠକଙ୍କ ବିଶ୍ୱାସ ଏବଂ ଭଲପାଇବା ଯୋଗୁ ଧରିତ୍ରୀ ୫୦ବର୍ଷରେ ପାଦ ଥାପିବାକୁ ଯାଉଛି। ଧରିତ୍ରୀ ସର୍ବଦା ଯୁବପିଢ଼ିକୁ ଉତ୍ସାହିତ କରିଆସିଛି। ଯୋଗସୂତ୍ର ରକ୍ଷା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ି ଯେତେ ବେଶି ସମାଜ ଓ ନିଜ ସାଙ୍ଗମାନଙ୍କ ସହ ଯୋଡ଼ି ହୋଇରହିବେ ସେତେ ଭଲ। ଯୁବପିଢ଼ି ସ୍ୱାର୍ଥପର ନ ହୋଇ ସାମାଜିକ ସମସ୍ୟା ବିଷୟରେ ଚିନ୍ତା କଲେ ରାଜ୍ୟ ତଥା ଦେଶର ଉନ୍ନତି ହେବ। ଯେକୌଣସି ସମୟରେ ଧରିତ୍ରୀର ସହାୟତା ଚାହିଁଲେ ଯୁବପିଢ଼ିଙ୍କୁ ଯୋଗାଇ ଦିଆଯିବ ବୋଲି ଶ୍ରୀମତୀ ସତପଥୀ କହିଥିଲେ। ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଚେୟାର ପର୍ସନ ପ୍ରଫେସର ଲୁନା ସାମନ୍ତ ଛାତ୍ରୀଛାତ୍ରମାନଙ୍କୁ ନୂତନ ଚିନ୍ତାଧାରା ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଚାରକ ଭାବେ ଡ. ଉର୍ମିଶ୍ରୀ ବେଦମାତା, ଡ. ପ୍ରିୟଦର୍ଶୀ କର ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର ପ୍ରତିଯୋଗୀମାନଙ୍କ ମୂଲ୍ୟାୟନ କରିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା ଡ. ଅଳକାନନ୍ଦା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭ୍ରାଂଶୁ ଦାଶ ଓ ଆକାଂକ୍ଷା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ, ଡାଇରେକ୍ଟର ମାର୍କେଟିଂ ବରଦା ମହାନ୍ତିଙ୍କ ସମେତ ପ୍ରଦୀପ୍ତ କୁମାର ରଥ, କାର୍ତ୍ତିକ ସାହୁ, ସୁପ୍ରିୟା ପ୍ରିୟଦର୍ଶିନୀ, ପ୍ରସନ୍ନ କୁମାର ପାଢ଼ୀ, ମାନସ ରଞ୍ଜନ ମହାନ୍ତି, ରାଜକିଶୋର ମହାନ୍ତି, ବିଶ୍ୱଜିତ୍ ନାୟକ, ମାନସ କୁମାର ସାମଲ, ସତ୍ୟରଞ୍ଜନ ଦାସମହାପାତ୍ର ଓ ଅରବିନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...



" ଗଣତନ୍ତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମରେ ପ୍ରସାରିତ ତଥ୍ୟଗୁଡ଼ିକ ତ୍ରୁଟିଶୂନ୍ୟ ରହିବା ଅନିବାର୍ଯ୍ୟ। ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଏକ ବଡ଼ ଶକ୍ତି ରହିଛି। ଯୁବପିଢ଼ି ଗଣତନ୍ତ୍ରରେ ସକ୍ରିୟ ଅଂଶଗ୍ରହଣ କରନ୍ତୁ। ଭୋଟଦାନରେ ନିଜକୁ ସାମିଲ କରି ଏକ ସୁସ୍ଥ ରାଷ୍ଟ୍ର ଗଠନରେ ସହାୟକ ହୁଅନ୍ତୁ।

- ସୌମ୍ୟା ପଟ୍ଟନାୟକ, ପ୍ରଥମ



" ଗଣତନ୍ତ୍ର ରଥ ହେଲେ ଗଣମାଧ୍ୟମ ଉକ୍ତ ରଥର ଧ୍ୱଜାରେ ହନୁମାନ ସଦୃଶ। ଆଉ ଯୁବପିଢ଼ି ସେହି ରଥର ସାରଥୀ। ଯୁବପିଢ଼ି ହେଉଛନ୍ତି ସେଇମାନେ ଯିଏ ଶାରୀରିକ ଓ ମାନସିକ ଭାବେ ଯେକୌଣସି କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇଥାନ୍ତି। ଭଦ୍ରଲୋକର ନୀରବତା ମଧ୍ୟରେ ସଫଳତାର ଶକ୍ତି ଭରି ରହିଥାଏ।

- ସ୍ମିତପ୍ରଜ୍ଞା ତ୍ରିପାଠୀ, ଯୁଗ୍ମ ଦ୍ୱିତୀୟ



" ଗଣମାଧ୍ୟମରେ ସାମାଜିକ ମୂଲ୍ୟବୋଧ ପରିସ୍ଫୁଟନ ହେବା ନିହାତି ଦରକାର। ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ନିରପେକ୍ଷତା ଓ ସତ୍ୟତା ଅପରିହାର୍ଯ୍ୟ। ଯୁବଶକ୍ତି ନିଜକୁ ଜଣେ ଗଣମାଧ୍ୟମର ପ୍ରତିନିଧି ଭାବିବା ଦରକାର। ଯୁବପିଢ଼ିଠାରେ ଦାୟିତ୍ୱବୋଧତା, ସଚେତନତା ଜାଗ୍ରତ ହେଲେ ଗଣତନ୍ତ୍ରର ବିକାଶ ଅଟକିବ ନାହିଁ।

- ଦୁର୍ଗାପ୍ରସାଦ ସାହୁ, ଯୁଗ୍ମ ଦ୍ୱିତୀୟ



" ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଗଣତନ୍ତ୍ରକୁ ସୁରକ୍ଷା ଦେବା ନିମନ୍ତେ ଗଣମାଧ୍ୟମର ଅନେକ ଗୁରୁଦାୟିତ୍ୱ ରହିଛି। ଯୁବପିଢ଼ି ଏକ ସେତୁ ଭାବେ ଉଭୟ ଗଣତନ୍ତ୍ର ଓ ଗଣମାଧ୍ୟମକୁ ସୁଦୃଢ଼ କରିବା ଆବଶ୍ୟକ। ଦେଶର ଭବିଷ୍ୟତ ଭାବେ ଯୁବପିଢ଼ି ନିଜର କର୍ତ୍ତବ୍ୟ ବାବଦରେ ସଚେତନ ରହିବା ଉଚିତ।

- ଅଭିନନ୍ଦା ଆଚାର୍ଯ୍ୟ, ଯୁଗ୍ମ ତୃତୀୟ



" ଗଣମାଧ୍ୟମରେ ନିରପେକ୍ଷତା ଓ ମୌଳିକତା ସମାଜକୁ ଉଚିତ ମାର୍ଗଦର୍ଶନ କରାଇବ। ଗଣତନ୍ତ୍ରକୁ ଦୁର୍ନୀତିମୁକ୍ତ କରିବା ପାଇଁ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ହିଁ ଏ ଦିଗରେ ଯୁବପିଢ଼ିକୁ ସହଯୋଗ କରିବ। ଗଣମାଧ୍ୟମ ଓ ଗଣତନ୍ତ୍ରକୁ ଠିକ୍ ରାସ୍ତାରେ ନେବା ପାଇଁ ଯୁବପିଢ଼ି ଚେଷ୍ଟା କରିବା ଆବଶ୍ୟକ।

- ଦେବୀ ପ୍ରସାଦ ରଥ, ଯୁଗ୍ମ ତୃତୀୟ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


କିଶନ କୁମାର ମିଶ୍ର


ସାତ୍ୱତୀ ଦାଶ


ହର୍ଷିତା ସ୍ୱାଇଁ


ଅମ୍ଳାନ ଦାଶ


ଅନୁରାଗ ନାୟକ


ଆସ୍ଥା ପଣ୍ଡା


ରଞ୍ଜିତ ସାହୁ


ସ୍ମିତପ୍ରଜ୍ଞା ସ୍ୱାଇଁ


ସୁମନ୍ ସୁଚରିତା


ପି.ଭି. ଲକ୍ଷ୍ମୀ ଐଶ୍ୱର୍ଯ୍ୟା


କ୍ଷୀରାବ୍ଧୀ ବୋଷ


ଜିଜ୍ଞାସୁ ଦାଶ


ଶାଶ୍ୱତି ସୌମ୍ୟା ସ୍ୱାଇଁ


ଆକାଂକ୍ଷା ଅନୁରାଗିଣୀ


ଦେବାଶ୍ରିତା ଦାସ


ଶ୍ରୁଷ୍ଟି ଶିଖା ମହାନ୍ତି


ଦିବ୍ୟ ପ୍ରିୟଦର୍ଶିନୀ ତ୍ରିପାଠୀ


ସାର୍ଥକ କୁମାର ସାହୁ


ସିମ୍ରନ୍ ବୈଠାରୁ


ବିଶ୍ୱଜିତ୍ ପ୍ରଧାନ


ଦେବାଶିଷ ଘୋଷ


ଲୋପାମୁଦ୍ରା ମହାନ୍ତି

# ବ୍ୟାଙ୍କବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସୁବିଧା

## ଓଡ଼ିଶା ସରକାର, ୬ ପବ୍ଲିକ ସେକ୍ଟର ବ୍ୟାଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



ଏମ୍‌ଓୟୁ ସ୍ୱାକ୍ଷରିତ ଅବସରରେ ୬ ପବ୍ଲିକ୍ ସେକ୍ଟର ବ୍ୟାଙ୍କ ଅଧିକାରୀଙ୍କ ସହ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟ ବରିଷ୍ଠ ଅଧିକାରୀ।

**ଭୁବନେଶ୍ୱର,୧୩।୯(ଅନିଲ ଦାସ)**

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ୬ଟି ପବ୍ଲିକ୍ ସେକ୍ଟର ବ୍ୟାଙ୍କ ଯଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟର ୬୭୯୮ ପଞ୍ଚାୟତ ମଧ୍ୟରୁ ପ୍ରାୟ ଶତକଡ଼ା ୬୫ ଭାଗ ଅର୍ଥାତ୍ ୪୩୭୩ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ନାହିଁ। ଆର୍ଥିକ ଅନଗ୍ରସରଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ବ୍ୟାଙ୍କ ସେବା ଓ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ଏକ ସ୍ଥାୟୀ ବ୍ୟାଙ୍କ ଶାଖା ଯୋଗାଇ ଦିଆଯିବା ଆବଶ୍ୟକ।

ରାଜ୍ୟ ସରକାର ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ବ୍ୟାଙ୍କ ନ ଥିବା ପଞ୍ଚାୟତକୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ ଏକ ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ପଞ୍ଚାୟତକୁ ଏହି ଯୋଜନାରେ ପର୍ଯ୍ୟାୟ କ୍ରମେ ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶା ସରକାର ୫ ବର୍ଷ ପାଇଁ ବିନା ଭଡ଼ାରେ ବ୍ୟାଙ୍କିଙ୍ଗ୍ ସ୍ଥାନ ପ୍ରଦାନ କରିବେ। ଏଥିସହିତ ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଏବଂ ୩ ବର୍ଷ ପାଇଁ ରେକରିଂ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏଥିପାଇଁ ମୋଟ ୫୦୦ କୋଟି ଟଙ୍କା ଖର୍ଚ୍ଚର ଯୋଜନା ପ୍ରସ୍ତୁତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ସମସ୍ତ ଅଣବ୍ୟାଙ୍କିଙ୍ଗ୍ ଗ୍ରାମପଞ୍ଚାୟତରେ ରହୁଥିବା ଲୋକମାନେ ସୁବିଧାରେ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନେ ଘର ସମ୍ମୁଖରେ ବ୍ୟାଙ୍କିଙ୍ଗ୍ ସେବା ଏବଂ ଠିକ୍ ସମୟରେ ସରକାରଙ୍କ ଡିବିଟି ବ୍ୟବସ୍ଥାର ଲାଭ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ଅର୍ଥନୀତିରେ ଆଧିପତ୍ୟ ବିସ୍ତାର ପାଇଁ କୃଷି ବିକାଶ ଜରୁରୀ

**ଭୁବନେଶ୍ୱର, ୧୩।୯(ଅସମାପିକା ସାହୁ)**

ଅତୀତରେ ଭାରତ କେବଳ ରୋଷେଇ ଓ ଯୋଗ ପାଇଁ ପରିଚିତ ଥିଲା। ପରେ କୋଭିଡ୍-୧୯ ମହାମାରୀକୁ ସଫଳତାର ସହ ମୁକାବିଲା କରିବା ସହିତ ସମଗ୍ର ବିଶ୍ୱ ପାଇଁ ଟିକା ଉତ୍ପାଦନ ସହ ରପ୍ତାନି ବି କରିଥିଲା। ଏହାସହିତ ଭାରତ ବିଶ୍ୱ ଅର୍ଥନୀତିରେ ନିଜର ସ୍ୱତନ୍ତ୍ରତା ଜାହିର କରିଥିଲା। ତେବେ ୨୦୪୭ ପର୍ଯ୍ୟନ୍ତ ଭାରତୀୟ ଅର୍ଥନୀତିରେ ବିକାଶ ପାଇଁ ଆମକୁ ଜମି, ଶ୍ରମ ଓ ପୁଞ୍ଜି ନିବେଶ କ୍ଷେତ୍ରରେ ସଂସ୍କାର ଆଣିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ ଅଧ୍ୟକ୍ଷ ଡ. ବିବେକ ଦେବରାୟ କହିଛନ୍ତି। ବୁଧବାର ଓଡ଼ିଶା ଅର୍ଥନୀତି ସଂଘ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲଠାରେ 'ଭାରତୀୟ ଅର୍ଥନୀତି: ୨୦୪୭ ବିକାଶ ଲକ୍ଷ୍ୟ' ଶୀର୍ଷକ ବକ୍ତୃତା ପ୍ରଦାନ କରି ଡ. ଦେବରାୟ କହିଲେ, ଭାରତୀୟ ଅର୍ଥନୈତିକ ପ୍ରଗତିରେ ଗୋଟିଏ ଦାନା ଶସ୍ୟ ସହାୟକ ହୋଇଥାଏ। ତେଣୁ ବିଶ୍ୱସ୍ତରୀୟ ଅର୍ଥନୀତିରେ ନିଜର ଆଧିପତ୍ୟ ବିସ୍ତାର ପାଇଁ କୃଷିର ବିକାଶ ଜରୁରୀ। କୃଷି କ୍ଷେତ୍ରରେ ସଂସ୍କାର ସହ ଏହାର ବିକାଶ ଦିଗରେ ବ୍ୟାପକ ପଦକ୍ଷେପ ନେବାକୁ ପଡ଼ିବ। ଅଧିକ ଉତ୍ପାଦନକ୍ଷମ ହେବାକୁ ପ୍ରଯୁକ୍ତି ବିଦ୍ୟାର ସହାୟତା ନେବାକୁ ହେବ। ଏଥିସହ ରାଜ୍ୟ ତଥା ଦେଶର ପ୍ରଗତି କ୍ଷେତ୍ରରେ ପ୍ରତ୍ୟେକ ଅର୍ଥନୈତିକ ଦିଗ ଉପରେ ସମୀକ୍ଷା କରାଯିବା ଦରକାର। ଜାତୀୟ ଆୟ ପାଇଁ ସମୁଦାୟ ବିଭାଗୀୟ ଅବଦାନ ଆବଶ୍ୟକ। ନିମ୍ନ ମଧ୍ୟବିତ୍ତ ଭାରତୀୟ କିଭଳି ବିତ୍ତଶାଳୀ ହୋଇପାରିବେ ସେଥିପାଇଁ ପ୍ରୟାସ ହେଲେ ଭାରତୀୟ ଅର୍ଥନୀତି ବିକାଶମୁଖୀ ହୋଇପାରିବ ବୋଲି ଡ. ଦେବରାୟ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଲେ, ଭାରତୀୟ ଅର୍ଥନୀତିରେ ପ୍ରଗତି ପାଇଁ ବୈଷୟିକ ଜ୍ଞାନ ଅପରିହାର୍ଯ୍ୟ। ପ୍ରତ୍ୟେକ କ୍ଷେତ୍ରରେ ଏହାର ପ୍ରୟୋଗ ଠିକ୍ ଭାବେ କରାଯାଇପାରିଲେ ଦେଶର ବିକାଶ ହେବ। ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ଗୁରୁତ୍ୱ ଦେଇ କାର୍ଯ୍ୟ ସମ୍ପାଦନ କଲେ ରାଜ୍ୟ ତଥା ଦେଶର ଅର୍ଥନୈତିକ ପ୍ରଗତି ହୋଇପାରିବ ବୋଲି କୁଳପତି ପ୍ରକାଶ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ମିତାଲି ଚିନାରା ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ଅର୍ଥନୀତି ସଂଘର ସମ୍ପାଦକ ଡ. ଅମରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ ଅଧ୍ୟକ୍ଷ ଡ. ବିବେକ ଦେବରାୟ ଉଦ୍‌ବୋଧନ ଦେଉଛନ୍ତି।


# ଭାଲୁ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

କଞ୍ଚିପାଳ,୧୩।୯(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ମନୋହରପୁର ପଞ୍ଚାୟତ ସାନ ଗୁଡ଼ୁଣାପାଣି ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଘନଶ୍ୟାମ ହେମ୍ବ୍ରମ (୪୫)। ବନ ବିଭାଗ ପକ୍ଷରୁ ପରିବାର ଲୋକଙ୍କୁ ୬୦ ହଜାର ତତ୍କାଳ ସହାୟତା ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ଆଉ ୫ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଲେଇ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଘନଶ୍ୟାମ ବୁଧବାର ସକାଳେ ଜମିକୁ ଚାଷକାର୍ଯ୍ୟ ଦେଖିବାକୁ ଯାଇଥିଲେ। ସେହି ସମୟରେ ୩ ଭାଲୁଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ସମସ୍ତ ଭାଲୁ ମିଶି ଘନଶ୍ୟାମଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଘନଶ୍ୟାମଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିହୋଇଥିବାରୁ ମୃତକଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲା କଂଗ୍ରେସ ସମ୍ପାଦକ ହାଡିବନ୍ଧୁ ଖୁଣ୍ଟିଆ ଦାବି କରିଛନ୍ତି।

# ଯଯାତି କେଶରୀ ମେଡିକାଲ କଲେଜ ନାମକୁ ସ୍ୱୀକୃତି ମିଳିଲା

ଯାଜପୁର,୧୩।୯(ହର୍ଷବର୍ଦ୍ଧନ ବେହେରା)



କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଯୋଜନା ଚ୍ୟାଲେଞ୍ଜ ମୋଡ଼ରେ ଯାଜପୁର ଜିଲାରେ ସରକାରୀ ମେଡିକାଲ କଲେଜ ଓ ଅଧ୍ୟାପନା ଡାକ୍ତରଖାନା ଗୃହ ନିର୍ମାଣ ପ୍ରାୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି କ୍ରମରେ ଆସନ୍ତା ୨୦୨୪-୨୫ ଆର୍ଥିକ ଶିକ୍ଷା ବର୍ଷରେ ୧୦୦ ସିଟ୍ ବିଶିଷ୍ଟ ଏହି ମେଡିକାଲ କଲେଜରେ ନାମଲେଖା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେଣୁ ବିଭିନ୍ନ ମହଲରୁ ଦାବି ଅନୁଯାୟୀ ଏହି କଲେଜର ନାମ ସମ୍ରାଟ ଯଯାତି କେଶରୀଙ୍କ ନାମରେ ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଯାଜପୁର ରଖାଯାଇଛି। ଏହିମର୍ମରେ ରାଜ୍ୟପାଳଙ୍କ ନିର୍ଦ୍ଦେଶମତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ୧୧।୦୯।୨୦୨୩ରେ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ନାମକରଣକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, ୨୦୨୦ ଡିସେମ୍ବରରେ ଏହି କଲେଜ ନିର୍ମାଣ ପାଇଁ କ୍ୟାବିନେଟ ଅନୁମୋଦନ ମିଳିଥିଲା। ଏଥିପାଇଁ ଆବଶ୍ୟକ ଗୃହ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ୪୨୬ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ଆଙ୍ଗୁଳା ଛକ ନିକଟରେ ନିର୍ଦ୍ଧାରିତ ୪୦ ଏକର ଜମିର ବ୍ୟବସ୍ଥା ହୋଇଥିଲା। କଲେଜ ପାଇଁ ଲେଆଉଟ ଅନୁଯାୟୀ ହସ୍ପିଟାଲ ବ୍ଲକ, ମେଡିକାଲ କଲେଜ, ଅଡିଟୋରିୟମ୍, ହଷ୍ଟେଲ ବ୍ଲକରେ ବୟେଜ ହଷ୍ଟେଲ, ଗାର୍ଲସ, ଇଣ୍ଟର୍ଣ୍ଣ, ରେସିଡେଣ୍ଟ ଡକ୍ଟର ଓ ନର୍ସେସ ହଷ୍ଟେଲ ରହିଛି। ଷ୍ଟାଫ୍ ରେସିଡେନ୍ସିଆଲ କ୍ୱାର୍ଟର୍ସରେ ଟିଚିଂ ଷ୍ଟାଫ୍ ନନ-ଟିଚିଂ ଷ୍ଟାଫ୍, ରେସିଡେଣ୍ଟ ନର୍ସିଂ ଷ୍ଟାଫ୍ ଓ ଫାର୍ମାସିଷ୍ଟ ଆଦି କ୍ୱାର୍ଟର୍ସ ପାଇଁ ବ୍ୟବସ୍ଥା ହେଉଛି। ୧୭୦୦ ବର୍ଗ ମିଟରରେ ଦୁଇ ଚକିଆ ଯାନ ପାର୍କିଂ ନିର୍ମାଣ ଯୋଜନା ରହିଛି। ଏହାବ୍ୟତୀତ ଷ୍ଟିଲ ଫ୍ଲୋର ପାର୍କିଂ, ଖୋଲା କାର, ଷ୍ଟାଫ/ଡାକ୍ତରଙ୍କ କାର, ଆମ୍ବୁଲାନ୍ସ ଆଦି ପାର୍କିଂ ନିର୍ମାଣ କରାଯିବ। ଙ୍କିଆଗଳି କୁଳ ନିକଟସ୍ଥ ଆଙ୍ଗୁଳା ଛକରୁ ମୁଖ୍ୟ ପ୍ରବେଶ ପଥ ହେଉଥିବାବେଳେ ବୈତରଣୀ ନଦୀବନ୍ଧ ଉପରକୁ ଏକ ଜରୁରୀକାଳୀନ ପ୍ରବେଶ ପଥ ନିର୍ମାଣ ହେଉଥିବା ସୂଚନା ମିଳିଛି। ପୂର୍ବରୁ ପାଣିକୋଇଲିଠାରେ ମେଡିକାଲ କଲେଜ ନିର୍ମାଣ ଦାବି କରି ୧୦୦ଦିନରୁ ଊର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ହୋଇଥିଲା। ତେବେ ପାଣିକୋଇଲିଠାରେ ଏକ ଟ୍ରମାକେୟାର ସେଣ୍ଟର ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ପ୍ରଶମିତ କରାଯାଇଥିଲା। ଏହିକ୍ରମରେ ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର ପାଇଁ ଗୃହ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି।

# ବାଇକ୍ ଧକ୍କାରେ ଯୁବ କାଉନସିଲରଙ୍କ ମୃତ୍ୟୁ

କାମାକ୍ଷାନଗର,୧୩।୯(ସୁଧୀର କୁମାର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ୫ ନମ୍ବର ୱାର୍ଡର ବିଜେଡି କାଉନସିଲର ସରୋଜ କୁମାର ମହାଲିକ (୩୫) ବୁଧବାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ରିଡିଓମାଳି ନିକଟରେ ଏକ ହୋଟେଲ ସମ୍ମୁଖରେ ଠିଆ ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ (ନଂ. ଓଡି୦୬ଜି- ୧୯୯୫) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଜେଡିର ଏହି ଯୁବ କାଉନସିଲରଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ କାମାକ୍ଷାନଗର ସହରରେ ଶୋକର ଛାୟା ଖେଳିଯାଇଛି। ଖବରପାଇ କାମାକ୍ଷାନଗର ବିଧାୟକ ତଥା ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ସମସ୍ତ କାଉନସିଲରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। କାମାକ୍ଷାନଗର ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୪୯୧/୨୩ରେ ଏକ ମାମଲା ରୁଜୁ କରାଯାଇଛି।



କାଉନସିଲର ସରୋଜ କୁମାର ମହାଲିକ।

# ବନ୍ଦ ଘରୁ ଡାକ୍ତରଙ୍କ ଗଳିତ ମୃତଦେହ ଜବତ

କେନ୍ଦୁଝର,୧୩।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ମହାଦେଇଯୋଡ଼ା ଗ୍ରାମସ୍ଥିତ ଏକ ବନ୍ଦ ଘରୁ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବଳରାମ ସାହୁ(୬୫)। ସେ ଅବିବାହିତ ଏବଂ ଏକୁଟିଆ ଉକ୍ତ ଘରେ ରହୁଥିଲେ ବୋଲି ଜଣାପଡ଼ିଛି। ବାର୍ଦ୍ଧକ୍ୟ ଏବଂ ନିଃସଙ୍ଗତା ଯୋଗୁ ସେ ମାନସିକ ଚାପରେ ରହୁଥିଲେ ବୋଲି ପଡ଼ୋଶୀ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ୨ ଦିନ ହେଲା ଘର ବାହାରୁ ତାଲା ପଡ଼ିଥିଲା। ଘରୁ ଦୁର୍ଗନ୍ଧ ବାହାରିବା ପରେ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଡାକ୍ତରଙ୍କ ସମ୍ପର୍କୀୟଙ୍କ ଉପସ୍ଥିତିରେ କବାଟ ଭାଙ୍ଗିଥିଲେ। ଘର ଭିତରୁ ପୋଲିସ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬୩/୨୩)ରୁଜୁ ହୋଇଛି। ଡା. ସାହୁ ଚମ୍ପୁଆ ବ୍ଲକ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅବସର ନେବା ପରେ ତାଙ୍କ ନିଜ ଘରେ ରହିଆସୁଥିଲେ। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି।



ବଳରାମ ସାହୁ।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.shb.org

ପତ୍ର ସଂଖ୍ୟା: ୨୩୯ — ବିଜ୍ଞାପନ — ତା:୧୧।୦୯।୨୦୨୩

No. CAD-2046: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ ମହେନ୍ଦ୍ର ନାଥ ନାୟକ, ପିତା– ୰ ରାଜକିଶୋର ନାୟକ ସା– ବୈରୀ, ପୋଷ୍ଟ– ବୈରୀ ଥାନା– ବଡ଼ଚଣା ଜିଲ୍ଲା– ଯାଜପୁର | ଏସ୍‌ଆର୍‌ସି–୪୮ (SRC-48) ଶହୀଦ ନଗର ବ୍ୟବସାୟିକ କମ୍ପ୍ଲେକ୍ସ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା | ୧. ଅନୁପ କୁମାର ନାୟକ (ପୁତ୍ର) ୨. ଦିଲ୍ଲୀପ କୁମାର ନାୟକ (ପୁତ୍ର) ୩. ଦୀପ୍ତି ନାୟକ (ବିବାହିତା ଝିଅ) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0337/2324

## MUNICIPAL COUNCIL: RAIRANGPUR

Phone No.06794-222054
Email Id:rairangpurn.hud@ori.nic.in/rrpurnac@gmail.com
No.C-1375

"e" PROCUREMENT NOTICE
TENDER CALL NOTICE NO: 28/ Dt.08.09.2023
BID IDENTIFICATION NO.T4RRP2023-24

| | | |
|---|---|---|
| 1. Name of the Work | : | Civil Works |
| 2. Total No. Works | : | 35 Nos. |
| 3. Estimated Cost | : | 1.63 to 87.14 Lakhs |
| 4. Class of Contractors | : | As per DTCN |
| 5. Period of Completion | : | As per DTCN |
| 6. Availability of Tender Online for Bidding | : | 10.09.2023 at 10 AM to 18.09.2023 upto 5.00 PM |
| 7. Tender Box Offline documents Dropping | : | 21.09.2023 upto 5.00 PM |
| 8. Date & Time of Opening of Tender | : | 22.09.2023 at 11.00 AM |
| 9. Pre-bid meeting | : | 12.09.2023 at 11.00 AM |

Other details can be seen from the website www.tendersorissa.gov.in. Authority reserves the right to reject any or all the tenders without assigning any reasons thereof.

Sd./- Executive Officer
Rairangpur Municipality
OIPR-13106/11/0013/2324

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)
OFFICE OF THE EXECUTIVE ENGINEER
LIFT IRRIGATION DIVISION, NUAPADA
E-mail ID: eeolicnpd@gmail.com

1st CORRIGENDUM
"e" - PROCUREMENT NOTICE
Bid Identification No. OLIC-NPD-01/2023-24 Dated: 05.09.2023

No. CAD-2014: Due to some typographical error found in the tender call notice No. OLIC-NPD-01/2023-24 Column No. 07 & o8 Bid Security (EMD) & Cost of bid document + including GST amount changed 5% to 18% and deposit our OLIC GSTIN No. 21AAACO5986G1ZF Package wise & other terms and conditions remain unchanged.
To see all details login "e" Tender Portal www.tendersodisha.nic.in.

Sd./- Shirish Chandra Munda
Executive Engineer
OIPR-32310/11/0003/2324

## ODISHA UNIVERSITY OF TECHNOLOGY AND RESEARCH

Techno Campus, Mahalaxmi Vihar, Ghatikia, Bhubaneswar-751029
No. 2845 / OUTR Dt.11.09.2023

NOTICE FOR SPOT ADMISSION AGAINST VACANT SEATS (2022-23)

No.KK-218:- Some seats in various UG and PG programs are lying vacant in OUTR, Bhubaneswar. Therefore, interested and eligible candidates may submit their response in the Google Form Link (https://forms.gle/aFMPiuhWbYvkDDAm6) for spot admission against such vacant seats. The spot admission will be conducted on 14.09.2023 at OUTR campus. For detail information, please visit the official website of the University (www.outr.ac.in).

OIPR-16005/11/0039/2324
Sd./- REGISTRAR

## OFFICE OF THE DIVISIONAL FOREST OFFICER, BERHAMPUR DIVISION, AT-COURTPETA, BRAHMAPUR-760004

Phone/Fax:0680-2281354, Mob-+91 7653908594
Email-dfo.berhampur@odisha.gov.in.
Bid Identification No.215/IF Dated 07.09.2023
TENDER FOR CONSTRUCTION OF BUILDINGS (FOREST GUARD QUARTERS) IN BERHAMPUR FOREST DIVISION
No.MM-155:

The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFF-LINE mode from eligible contractors with valid licenses for execution of Building & other work as detailed in DTCN.

| | | | |
|---|---|---|---|
| 1. | Name of Works | : | Construction of Buildings (Forest Guard Quarters) |
| 2. | No. of Work | : | 4 Nos. |
| 3. | Tender Cost | : | Rs.6000/- (For Each One) |
| 4. | Class of Contractor | : | "C" and "D" Class Contractor |
| 5. | Availability of bid document in the Office | : | From Dt.11.09.2023 10.00 A.M. to Dt.25.09.2023, 5.00 P.M. |
| 6. | Last date and time of submission of bids in tender box of office | : | Dt.26.09.2023, 05.00 P.M. |
| 7. | Date of Opening of Bid | : | Dt.26.10.2023 at 11.00 A.M. |
| 8. | The bidders have to participate in OFF-LINE bidding only. | | |

Sd./- Divisional Forest Officer
Brahmapur Division
OIPR-08038/11/0015/2324

## OFFICE OF THE SUPERINTENDENT V.S.S. INSTITUTE OF MEDICAL SCIENCES AND RESEARCH BURLA (SAMBALPUR)

No. 18458/ VIMSAR, Burla Dated: 01.09.2023

NOTIFICATION
ADVERTISEMENT FOR ENGAGEMENT OF SENIOR MEDICAL OFFICER, DRTB CENTRE UNDER RNTPC CONTRACTUAL BASIS FOR VIMSAR, BURLA, SAMBALPUR
WALK IN INTERVIEW

No. E-406:- Interested candidates may attend the Walk in interview in the office chamber of the Superintendent, VIMSAR, Burla, Sambalpur on **dt.22.09.2023 at 12.00 Noon** with all testimonials along with their complete Bio-data for recruitment to the post of Senior Medical Officer, DRTB Centre (Contractual) (One Post) only under RNTPC for a period of 01 (One) year.

The candidate for selection of the above post of Medical Officer should have passed MBBS or equivalent degree from institution recognized by Medical Council of India and must have completed compulsory rotating internship. Candidates having **Diploma/MD in PH/PSM/Community Medical and CHA/Tuberculosis and Chest Diseases** with one year experience be preferred. The maximum Age limit for the above post is **68** years as on **dt.01.09.2023**. The remuneration shall be paid as per the NHM norms.

Sd./- Superintendent
VIMSAR, Burla
OIPR-10187/11/0020/2324

## Office of the CDO-cum-EO Zilla Parishad, Deogarh

At/P.O.- Purunagarh, District- Deogarh, PIN-768119
Phone- 06641-226330, E-mail: ori-ddeogarh@nic.in

Invitation of Application for Biogas Plant under GOBARdhan Scheme

No. CAD-2032:- Applications are invited from community Groups and Institutions running Gaushalas like Trusts, Milk Unions/ Cooperatives, NGOs and FPOs having cattle population of 15 or more inside a single premise in rural areas, to establish Community-level biogas plants under the GOBARdhan scheme of SBM-G. Please refer to Website https://panchayat.odisha.gov.in/ for complete information, guidelines and application format. The application format can be downloaded from the website and submitted to the respective CDO-cum-EO, ZP, Deogarh. The last date and time of submission of application is 13.11.2023 by 4 PM.
For any queries, please contact DWSM Section, ZP, Deogarh (Contact No. 8658953190/7008014534)

Sd./- CDO-cum-EO
Zilla Parishad, Deogarh
OIPR-19366/11/0008/2324

## OFFICE OF THE PANCHAYAT SAMITI, KUTRA, DIST.: SUNDARGARH

e-mail Id: ori-kutra@nic.in, PIN - 770018
No. 1692 Date: 08.09.2023

TENDER CALL NOTICE

No. i-371: Sealed tenders are invited from the interested bidder for the civil work under BDO, Kutra of Sundargarh District. The detail of works, eligibility, estimated cost and cost of tender paper has been uploaded in the district website **www.sundergarh.nic.in**. The bidder should be "B" Class contractor. They have to submit the bid document to the undersigned in the address of the **Office of the BDO, Kutra, At/P.O.: Kutra, PIN - 770018, Dist.: Sundargarh (Odisha)** through Registered Post/Speed Post only on or before **21.09.2023, 5.30 P.M**. The sale of tender paper will be from **Dated: 09.09.2023 to 18.09.2023** in the district website **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on **Dated: 22.09.2023 at 11.00 A.M.** in the Office of the undersigned in the presence of the bidders or his/her representatives.

Sd./- Block Development Officer, Kutra
OIPR-19126/11/0004/2324

## GOVERNMENT OF ODISHA "e" PROCUREMENT NOTICE

No. A-552
Bid Identification No.: CCE, KIP (KCD-I)-11/2023-24
(Pertaining to Kanpur Canal Division No.I, Jhumpura)

| | | |
|---|---|---|
| 1 | Name of the work | "Balance Work of Construction of Kanpur Main Canal & It's Off-taking Channels From RD 16010m to 38610m Including It's Structures of KIP." |
| 2 | Estimated Cost | Rs.1919.70 Lakh |
| 3 | Period of Completion | 11 (Eleven) calendar months including rainy season. |
| 4 | Date & Time of availability of bid document in the portal | Dt.16.09.2023 from 10.00 Hours to Dt.02.10.2023 up to 17.00 Hours. |
| 5 | Last date/time of receipt of bid in the portal | Dt.02.10.2023 up to 17.00 Hours. |
| 6 | Date & Time of opening of tender | Dt.03.10.2023 at 11.00 Hours |
| 6 | Name & Address of the Officer inviting Bid | Er. Prasanna Kumar Pani Chief Construction Engineer, Kanupur Irrigation Project, At/PO: Basudevpur, Dist.: Keonjhar, Odisha-758047 |

Further details can be seen from e-Procurement portal www.tendersodisha.gov.in

Sd./- (Er. Prasanna Kumar Pani)
Chief Construction Engineer
Kanupur Irrigation Project,
Basudevpur, Keonjhar, Odisha
OIPR-32376/11/0013/2324

## idco ODISHA NEW OPPORTUNITIES

No. CAD-2029
OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR
Tender Call Notice No. H.O./P&C/EST-E-2410/04/2023 28556 Date: 08.09.2023

NOTICE INVITING TENDER THROUGH e-Procurement

Name of the Work :- "Construction of SFRC Pre-cast, Pre-tensioned compound wall around 17.641 Ac. MSME Park, Hinjili, Dist.- Ganjam".
Estimated Cost :- Rs.**88.91 lakhs** (approx.)
Period of Completion :- 03 (Three) calendar months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid ID No. PC-EST-E-**119/2023-24** | 17.00 hours of 18.09.2023 | 17.00 hours of 04.10.2023 |

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-procurement portal www.tenderorissa.gov.in and IDCO Website www.idco.in.

Sd./- Chief General Manager (P&C),
IDCO, Bhubaneswar
OIPR-14003/11/0206/2324

## GOVERNMENT OF ODISHA OFFICE OF THE EXECUTIVE ENGINEER (AGRIL.), BOLANGIR DIVISION, BOLANGIR AT-ADARSHAPADA, POST/DIST-BOLANGIR, 767001

No.L-91:
e-mail: eea.blgr@gmail.com Notice No. 1137 Dt. 08.09.2023
NATIONAL COMPETITIVE BIDDING THROUGH e-Procurement
Identification No.04/Agril/EE(Blgr)/2023-24 Dt. 08.09.2023

| | | | |
|---|---|---|---|
| 01 | Nos. of work | : | **1 No.** |
| 02 | Tendered amount in Rs. | : | **Rs.25,16,257/-** |
| 03 | Period of completion | : | **60 days** |
| 04 | Date & Time of availability of bid document in the portal | : | **From 11.00 Hrs. of 13.09.2023 to 17.00 Hrs. of 18.09.2023** |
| 05 | Last date/time of receipt of copies of uploaded documents, drafts etc. in the tender box in the office of the undersigned at Adarsha Pada, Near Cold Storage ,Bolangir PIN-767001 | : | **Upto 17.00 Hrs. of 22.09.2023** |
| 06 | Date & Time of opening of bids | : | **11. 00 Hrs. of 25.09.2023** |
| 07 | Name and Address of the officer inviting bid | : | **Executive Engineer (Agril.), Bolangir Division, Bolangir At/PO-Bolangir, Pin-767001.** |

Further details can be seen from the website www.tendersodisha.gov.in.

Sd./- Executive Engineer (Agril)
Agriculture Engineering Division, Bolangir
OIPR-01462/11/0005/2324

## Government of Odisha OFFICE OF THE SUPERINTENDING ENGINEER RURAL WORKS DIVISION, JHARSUGUDA

No. O-984
Email: eerw_jharsuguda@yahoo.co.in, Tel.: 06645-271643
Bid Identification No. Online - SEJSG - 07 of 2023-24
NOTICE INVITING TENDER FOR BUILDING WORKS IN ODISHA
NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. Name of the Work | : | Building works as per DTCN available in the www.tendersorissa.gov.in |
| 2. Total No. of Work | : | 02 (Two) Nos. |
| 3. Estimated Cost | : | Rs.15.55 Lakh to Rs.16.80 lakhs |
| 4. Period of Completion | : | 04 (Four) Calendar Months |
| 5. Period and time of availability of bid document in the portal for bidding | : | Dt.15.09.2023 at 11.00 A.M. to 25.09.2023 upto 05.00 P.M. |
| 6. Date and time of bid opening | : | Dt.26.09.2023 at 11.00 A.M. |
| 7. Name and address of the Officer Inviting Bid | : | S.E., R.W. Division, Jharsuguda |

1) Other details can be seen from detailed notice inviting tenders, available in website www.tendersorissa.gov .in.
2) Corrigendum if any shall only be published in the above website.

Sd./- Superintending Engineer
R.W. Division, Jharsuguda
OIPR-25104/11/0008/2324

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN, AT/PO:- LAXMIPOSI, DIST:-MAYURBHANJ

No.A-554:
Mail Id. cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 20/ 23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | Construction of Harinasole Sub-minor offtaking from at RD 82646 m from Jambira Left Main Canal including all structures. |
| 2 | Estimated Cost | Rs.334.28 Lakh |
| 3 | Bid Security/ E.M.D. | Rs.3,34,280/- |
| 4 | Period of Completion | 12 (Twelve) Calendar Months |
| 5 | Class of Contractor | "A" Class |
| 6 | Date & Time of availability of bid document in the portal | 13.09.2023 at 10.00 AM |
| 7 | Last date/time for receipt of bid in the portal | 27.09.2023 upto 5.00 PM |
| 8 | Opening of Technical Bid | 28.09.2023 at 11.00 A.M. |
| 9 | Name & Address of the O.I.T. | Chief Engineer & Basin Manager, O/o the CE&BM Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

Sd./-Chief Engineer & Basin Manager
Subarnarekha & Budhabalanga Basin
Laxmiposi, Mayurbhanj
OIPR-32074/11/0034/2324

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪,ଭୁବନେଶ୍ୱର

No.B-879:
OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO.IV
NIRMAN SOUDHA, UNIT-V, BHUBANESWAR
Email ID:eernb4bbsr@gmail.com, Tel-(0674)-2390245
INVITATIONS FOR BIDS (IFB)
No.5913/ Bhubaneswar Dt.11.09.2023
Bid Identification No.C.C. (R&B)-04
Auction Sale Notice No.02 of 2023-24
For Disposal of Surplus Old/Condemned/ Unserviceable materials

| | | |
|---|---|---|
| 1 | Name of the Work | Surplus, unserviceable, condemned materials consisting 10 Nos. items-Lot-1 to 21 |
| 2 | Total No. of Works | 21 (Twenty One) Nos. |
| 3 | Reserve Price | In between Rs.4680.00 to Rs.25000.00 |
| 4 | Cost of Document | Sl.No. 1 to 20: Rs.400.00 & Sl.No.21:200.00 |
| 5 | Bid Security | 5% of Quoted Amount |
| 6 | Period of Lifting | 15 (Fifteen) Days |
| 7 | Type of Auction | Single Cover System (Offline Mode) |
| 8 | Date & time of availability of bid document (Offline Mode) | From Dt.15.09.2023 to 5.30 PM of Dt.03.10.2023 in the Office of the Superintending Engineer, Bhubaneswar (R&B) Division No.IV, Bhubaneswar |
| 9 | Last date & Time for receipt of bids(Offiline Mode: By Hand/ By Post) | Dt.03.10.2023 upto 5.30 PM in the Office of the Superintending Engineer, Bhubaneswar (R&B) Division No.IV, Bhubaneswar |
| 10 | Opening of Bid (Offline Mode) | Dt.04.10.2023 at 11.30 AM onwards |
| 11 | Name & Address of the Officer Inviting Bid | Er. Sachin Kumar Sahoo, Executive Engineer, Bhubaneswar (R&B) Division No.IV, Bhubaneswar |

Further any details can be seen from the office of the undersigned. The Auction Inviting Authority reserves the right to reject/cancel/modify the Auction at any time without assigning any reason thereof.

Sd./- Executive Engineer
BBSR(R&B) Division No.IV, BBSR
OIPR-34090/11/0018/2324

## Zilla Swasthya Samiti, Boudh Office of the Chief District Medical & Public Health Officer, Boudh

Advt. No.: 1687 Date: 12.09.2023

ADVERTISEMENT

No.E-407:- Advertisement has been published in the district web portal i.e. **www.boudh.nic.in** for filling up following posts under NHM in Boudh district. The following posts are purely contractual basis for a period of 11 months. The post wise monthly remuneration is mentioned against each and subject to renewal as per Society norms basing on the performance and subject to continuance of the programme.

| Sl. No. | Name of the Post | Vacancy | Remuneration per Month |
|---|---|---|---|
| 1 | Psychiatric Nurse-NMHP | 1 | 19,250 |
| 2 | Programme Associate Sickle Cell | 1 | 29,833 |
| 3 | NRC Counsellor | 1 | 19,250 |
| 4 | RMNCHA Counsellor | 1 | 20,212 |
| 5 | CCT | 1 | 20,212 |
| 6 | Physiotherapist IPU | 1 | 32,237 |

Interested eligible candidates can log on to **www.boudh.nic.in** for detailed post wise vacancy, terms and conditions, application format & selection procedure etc. Candidates fulfilling the eligibility criteria may apply on or before **26.09.2023** with all testimonials in the prescribed format at the Office of the undersigned through Speed Post/Courier Service only. No application will be received beyond the scheduled date/time. The undersigned reserves the right to cancel any or all the applications/ positions at any stage without assigning any reason thereof. Candidates who have been disengaged earlier from the OSH & FW Society on administrative ground such as disobedience/poor performance/misbehavior/criminal activities etc. are not eligible to apply. The panel list of selected candidates of above mention posts shall remain valid for one year and may be used as per further requirement. The undersigned reserve the right to cancel any or all the notifications without assigning any reason thereof.

Sd./- CDM & PHO-cum-District Mission Director, Boudh
OIPR-10107/11/0003/2324

## NOTICE INVITING TENDER OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., BOUDH

No.CAD-2034
(2nd Floor, Collectorate, At/PO/Dist-Boudh, PIN-762014)
Dist. Website-www.boudh.nic.in, Ph-9438200036
Tender No.2589/2023 Date:08.09.2023

**Cost of Tender Document:- Rs.1000/- inclusive of GST. Online Tenders are invited from eligible bidders for selection and appointment of Transport Contractors for transportation of paddy from Paddy Purchase Centres (PPC) to rice mills in Boudh district or outside the district within the state of Odisha.**

| | | |
|---|---|---|
| 1 | Availability of tender documents | From date 11.09.2023, Downloadable from website: www.gem.gov.in. |
| 2 | Date, time and venue for pre-bid conference. | On dt.11.09.2023 at 5.00 PM at Conference Hall of Collectorate,Boudh |
| 3 | Last date and time for online submission of completed Tender Documents with enclosures. | Through e-Procurement Portal: www.tenderodisha.gov.in. Upto 5.00 PM of dt.25.09.2023. |
| 4 | Date, time and venue for opening of Technical Bid by the Tender Committee | On dt.26.09.2023 at 11.00 AM Place, Conference Hall of Collectorate, Boudh |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.26.09.2023 by 11.30 AM Place, Conference Hall of Collectorate, Boudh |
| 6 | Date & time of financial bid opening by the tender committee (Only of Technically Qualified Tenderers) | To be announced after technical bid evaluation |

N.B.: If the Office happens to be closed on the date of opening of tenders, tenders will be opened on the next working day in the same time.

Sd./- CSO-cum-District Manager
OSCSC Ltd., Boudh
OIPR-07042/11/0003/2324

# ୩ ବର୍ଷରେ ୭୫ ଲକ୍ଷ ଅତିରିକ୍ତ ଏଲ୍‌ପିଜି ସଂଯୋଗ

■ଉଜ୍ଜ୍ୱଳା ଯୋଜନାର ସମ୍ପ୍ରସାରଣକୁ କ୍ୟାବିନେଟ୍ ଅନୁମୋଦନ
■୧୦.୩୫ କୋଟିକୁ ବୃଦ୍ଧି ପାଇବ ପିଏମ୍‌ୟୁୱାଇ ହିତାଧିକାରୀ

ଭୁବନେଶ୍ୱର,୧୩।୯ (ଅଭୟ ଦାଶ)



ଆସନ୍ତା ୩ବର୍ଷ ମଧ୍ୟରେ ଆଉ ୭୫ ଲକ୍ଷ ନୂଆ ଏଲ୍‌ପିଜି ସଂଯୋଗ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ଜରିଆରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ଏହି ସଂଯୋଗ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ବିଶେଷକରି ଆସନ୍ତା ୩ ବର୍ଷ ମଧ୍ୟରେ ୭୫ଲକ୍ଷ ଏଲ୍‌ପିଜି ସଂଯୋଗ ପ୍ରଦାନ ପାଇଁ ପିଏମ୍‌ୟୁୱାଇର ସମ୍ପ୍ରସାରଣ କରିବାକୁ ଅନୁମୋଦନ ମିଳିଛି। ଅପରପକ୍ଷରେ ଏହି ଅତିରିକ୍ତ ୭୫ଲକ୍ଷ ଉଜ୍ଜ୍ୱଳା ସଂଯୋଗ ସହ ପିଏମ୍‌ୟୁୱାଇ ହିତାଧିକାରୀଙ୍କ ସଂଖ୍ୟା ପ୍ରାୟ ୧୦.୩୫ କୋଟିକୁ ବୃଦ୍ଧି ପାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଅଗଷ୍ଟରେ ଶୁଭାରମ୍ଭ ହୋଇଥିବା ଉଜ୍ଜ୍ୱଳା ୨.୦ ର ପ୍ରଚଳିତ ପଦ୍ଧତି ଅନୁଯାୟୀ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ପ୍ରଥମ ରିଫିଲ୍ ବା ଟାଙ୍କିରେ ଗ୍ୟାସ୍ ଭର୍ତ୍ତି ଏବଂ ଚୁଲା ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ। ବିଶେଷକରି ପିଏମ୍‌ୟୁୱାଇ ଉପଭୋକ୍ତାଙ୍କୁ ବାର୍ଷିକ ୧୨ଟି ରିଫିଲ ପାଇଁ ୧୪.୨ କିଲୋଗ୍ରାମ ଏଲ୍‌ପିଜି ସିଲିଣ୍ଡର ପିଛା ୨୦୦ ଟଙ୍କା ସବ୍‌ସିଡି ପ୍ରଦାନ କରାଯାଉଛି। ସେହିପରି ପିଏମ୍‌ୟୁୱାଇ ଜାରି ନ ରଖିଲେ ଯୋଗ୍ୟ ଗରିବ ପରିବାର ଏହି ଯୋଜନା ଅଧୀନରେ ସେମାନଙ୍କର ଉପଯୁକ୍ତ ଲାଭ ପାଇପାରିବେ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଏଲ୍‌ପିଜି କଭରେଜକୁ ବିସ୍ତାର କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷକରି ରିହାତି ମୂଲ୍ୟରେ ଏଲ୍‌ପିଜି ସିଲିଣ୍ଡର ଯୋଗାଇବା ପରିବର୍ତ୍ତେ ବଜାର ମୂଲ୍ୟରେ ବିକ୍ରି କରାଯାଇଛି ଏବଂ ପ୍ରଯୁଜ୍ୟ ସବ୍‌ସିଡି ସିଧାସଳଖ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଇଲେକ୍ଟ୍ରୋନିକ ମାଧ୍ୟମରେ ଟ୍ରାନ୍ସଫର ହୋଇଛି। ଏହାଦ୍ୱାରା ନକଲି ଆକାଉଣ୍ଟ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ସିଲିଣ୍ଡରର ବେଆଇନ ବ୍ୟବହାର ହ୍ରାସ ପାଇଛି। ସେହିଭଳି ସବ୍‌ସିଡି ତ୍ୟାଗ-ସବ୍‌ସିଡିକୁ ଜୋରଜବରଦସ୍ତ ହଟାଇବା ପରିବର୍ତ୍ତେ ଲୋକଙ୍କୁ ସ୍ୱେଚ୍ଛାକୃତ ଭାବେ ସବ୍‌ସିଡି ସମର୍ପଣ କରିବାକୁ ପ୍ରୋତ୍ସାହିତ କରାଯାଇଥିଲା। ବ୍ୟାପକ ପ୍ରୋତ୍ସାହନ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକ ସ୍ୱେଚ୍ଛାକୃତ ଭାବେ ସବ୍‌ସିଡି ଛାଡ଼ିଥିଲେ, ଯାହା ଏଲ୍‌ପିଜି ସିଲିଣ୍ଡର କିଣିବାରେ ପ୍ରକୃତରେ ସହାୟତା ଆବଶ୍ୟକ କରୁଥିବା ଲୋକଙ୍କୁ ସବ୍‌ସିଡି ପାଇବାରେ ସାହାଯ୍ୟ କରିଥିଲା। ସେହିପରି ୨୦୨୦ରେ କୋଭିଡ୍-୧୯ ମହାମାରୀ ଲକ୍‌ଡାଉନ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ମାଗଣା ସିଲିଣ୍ଡର ଭରିବା ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏହି ଯୋଜନା ଅଧୀନରେ ପିଏମ୍‌ୟୁୱାଇ ହିତାଧିକାରୀଙ୍କୁ ୧୪.୧୭ କୋଟି ଏଲ୍‌ପିଜି ରିଫିଲ ନିମନ୍ତେ ୯୬୭୦.୪୧ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା ବେଳେ ପିଏମ୍‌ୟୁୱାଇ ହିତାଧିକାରୀଙ୍କ ମୁଣ୍ଡ ପିଛା ବ୍ୟବହାର ୨୦୧୮-୧୯ରେ ୩.୦୧ ଥିବାବେଳେ ୨୦୨୨-୨୩ରେ ଏହା ୩.୭୧କୁ ବୃଦ୍ଧିପାଇଛି, ପିଏମ୍‌ୟୁୱାଇ ହିତାଧିକାରୀମାନେ ବର୍ତ୍ତମାନ (୨୦୨୨-୨୩) ବର୍ଷକୁ ୩୫ କୋଟିରୁ ଅଧିକ ଏଲ୍‌ପିଜି ରିଫିଲ ନେଇଛନ୍ତି।

## ୟୁଏନ୍‌ଡିପି ସହ ନାବାର୍ଡର ସହଭାଗିତା



ଭୁବନେଶ୍ୱର,୧୩।୯

ନ୍ୟାଶନାଲ ବ୍ୟାଙ୍କ ଫର୍ ଅଗ୍ରିକଲ୍ଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ (ନାବାର୍ଡ) ଏବଂ ଦି ୟୁନାଇଟେଡ୍ ଡେଭଲପମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଡିପି)ର ଭାରତ ଶାଖା ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷ କରି ଭାରତୀୟ କ୍ଷୁଦ୍ରଚାଷୀଙ୍କ ବିକାଶ ଓ ସହାୟତା ପାଇଁ ଆବଶ୍ୟକ ପ୍ରଯୁକ୍ତି ଏବଂ କୃଷି କ୍ଷେତ୍ରରେ କୋ-କ୍ରିଏଟ ଡାଟା ଡ୍ରିଭେନ ଇନୋଭେଶନ ଉପରେ ଏହି ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଥିବା ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ନାବାର୍ଡର ସିଜିଏମ୍ ସଞ୍ଜୀବ ରୋହିଲ୍ୟା ଏବଂ ୟୁଏନ୍‌ଡିପିର ଡିଆର୍‌ଆର୍ ଇସାବେଲ ସାଚେନଙ୍କ ମଧ୍ୟରେ ଉପରୋକ୍ତ ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି କୃଷି କ୍ଷେତ୍ରରେ କିଭଳି ଅଧିକ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରୟୋଗ କରାଯାଇପାରିବ ସେ ନେଇ ମଧ୍ୟ ଉଭୟ ସଂସ୍ଥା ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିଲା।

## ମେଧାବୀ ବିଦ୍ୟାର୍ଥୀ ସମ୍ମାନ ସମାରୋହ

ଭୁବନେଶ୍ୱର,୧୩।୯

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ମେଧାବୀ ବିଦ୍ୟାର୍ଥୀ ସମ୍ମାନ ସମାରୋହର ଆୟୋଜନ କରାଯାଇଥିଲା। ଏହିପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ଏ (ହିନ୍ଦୀ)ବିଭାଗର କୃତୀ ବିଦ୍ୟାର୍ଥୀମାନଙ୍କୁ ବିଓବି ପକ୍ଷରୁ ପୁରସ୍କୃତ ସହ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ରାଜୀବ କ୍ରିଷ୍ଣା ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍‌ଏ (ହିନ୍ଦୀ) ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତଲତ ନୁର୍ ଏବଂ ୨ୟ ସ୍ଥାନ ଅଧିକାର କରିଥିବା ପ୍ରୀତୀଶ ଥାନ୍‌ପତିଙ୍କୁ ଯଥାକ୍ରମେ ୧୧,୦୦୦ ଏବଂ ୭,୫୦୦ ଟଙ୍କାର ଅର୍ଥ ରାଶି ଓ ମାନପତ୍ର ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ଗୌତମ ପ୍ରଧାନ ଏବଂ ହିନ୍ଦୀ ବିଭାଗର ସଂଯୋଜକ ବ୍ରଜସୁନ୍ଦର ମିଶ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ସେହିଭଳି ବ୍ୟାଙ୍କର ନୂତନ ବବ୍ ବ୍ରୋ ଆକାଉଣ୍ଟ (ବିଓବି ବିଆର୍‌ଓ ଆକାଉଣ୍ଟ) ତଥା ବ୍ୟାଙ୍କର ଡିଜିଟାଲ ଉତ୍ପାଦ ଏବଂ ସାଇବର ସୁରକ୍ଷା ସମ୍ବନ୍ଧରେ ରାଜୀବ ବିଦ୍ୟାର୍ଥୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବିର କ୍ଷେତ୍ରୀୟ ବ୍ୟବସାୟ ବିକାଶ ପ୍ରବନ୍ଧକ ମାନସ ପଟ୍ଟନାୟକଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୬ରେ ବରୋଦା ମେଧାବୀ ପ୍ରୋତ୍ସାହନ ଯୋଜନା ଆରମ୍ଭ କରାଯାଇଥିଲା। ବିଶେଷକରି ଯୁବପିଢ଼ିମାନଙ୍କ ମଧ୍ୟରେ ହିନ୍ଦୀ ଭାଷାକୁ ଲୋକପ୍ରିୟ କରାଇବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। ଏହି ଯୋଜନା ଅନ୍ତର୍ଗତ ବ୍ୟାଙ୍କ ଦ୍ୱାରା ସାରା ଦେଶରେ ୭୧ଟି ବିଶ୍ୱବିଦ୍ୟାଳୟରେ ଏମ୍‌ଏ(ହିନ୍ଦୀ) ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ ସହ ସମ୍ମାନିତ କରିଥିଲା।

## ବେଦାନ୍ତ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ



ଭୁବନେଶ୍ୱର,୧୩।୯

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ 'ବେଦାନ୍ତ ଆଲୁମିନିୟମ' ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ବିଶେଷକରି କମ୍ପାନୀର ଓଡ଼ିଶା ୟୁନିଟ୍ (ଝାରସୁଗୁଡ଼ା ଆଲୁମିନିୟମ ସ୍ମେଲଟର ଏବଂ ଲାଞ୍ଜିଗଡ଼ ଆଲୁମିନା ରିଫାଇନେରି) ଏବଂ ଛତିଶଗଡ଼ ୟୁନିଟ୍ (ବାଲ୍‌କୋ)ରେ ମଧ୍ୟ ପୋଷଣ ଦିବସ ପାଳନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ବେଦାନ୍ତର କର୍ମଚାରୀ ଓ ସେମାନଙ୍କ ପରିବାର ଏବଂ ଗୋଷ୍ଠୀର ସଦସ୍ୟମାନଙ୍କୁ ପୁଷ୍ଟିକର ଅଭ୍ୟାସର ଆବଶ୍ୟକତା ଉପରେ ବ୍ୟାପକ ସଚେତନତାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ଜାତୀୟ ପୋଷଣ ସପ୍ତାହ ଅବସରରେ କମ୍ପାନୀ ବହୁ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଥିଲେ, ସମାଜରେ ଉନ୍ନତି ଆଣିବା ପାଇଁ ଆମେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହିତ ସାମୂହିକ ଯୋଗଦାନକୁ ମଧ୍ୟ ଆଗକୁ ବଢାଇବା ଲାଗି ଆନ୍ତରିକତାର ସହ ଉତ୍ସର୍ଗୀକୃତ ରହିଛୁ। ବିଶେଷକରି ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସାମାଜିକ ବ୍ୟବଧାନକୁ ଦୂରକରିବା ଲାଗି ଆମେ ପ୍ରୟାସ କରୁଛୁ। ସେହିଭଳି ବାଲ୍‌କୋର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରାଜେଶ କୁମାର କହିଥିଲେ, ଆମର ପ୍ରତିବଦ୍ଧତାକୁ ପ୍ରସାରିତ କରୁଥିବା ଲୋକଙ୍କୁ ଏକତ୍ରକରି ଆମ ଦେଶର ପୁଷ୍ଟିହୀନତାର ମୁକାବିଲା ପାଇଁ କ୍ଷୁଧା ମୁକ୍ତି ଯାତ୍ରାର ପରିକଳ୍ପନା କରିଛୁ। ଏପରିକି ଆମେ ସ୍ଥାନୀୟ ଗୋଷ୍ଠୀର କଲ୍ୟାଣ ପାଇଁ ସର୍ବଦା କାର୍ଯ୍ୟକରୁଥିବାବେଳେ କମ୍ପାନୀର ସାମାଜିକ ପ୍ରୟାସ ମାଧ୍ୟମରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଯତ୍ନରେ ଉନ୍ନତି ଆଣିବା ପାଇଁ ପ୍ରୟାସ କରାଯାଉଛି।

## ୨୦,୦୦୦ ଅଙ୍କ ଉପରେ ନିଫ୍ଟି

ଭୁବନେଶ୍ୱର,୧୩।୯



ଗତ ୩ ମାସ ପରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି-୫୦ରେ ରେକର୍ଡସ୍ତରର କାରବାର ସହ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବୁଧବାର ଘରୋଇ ଶେୟାର ବଜାର କାରବାର ଉଚ୍ଚା ରହିବା ସହ ନିଫ୍ଟି ପ୍ରଥମ ଥର ପାଇଁ ୨୦,୦୦୦ ଅଙ୍କ ପାର କରିଛି। ବିଗତ କିଛି ସପ୍ତାହ ହେବ ଶେୟାର ବଜାରର ଉଚ୍ଚ ପ୍ରଦର୍ଶନ ଯୋଗୁ ନିଫ୍ଟି-୫୦ ୨୦,୦୦୦ (୨୦,୦୭୦.୦୦) ଅଙ୍କ ଉପରେ ରହିଛି। ଏହା ପୂର୍ବରୁ ୨୦୨୩ ଜୁଲାଇ ମାସରେ ନିଫ୍ଟି-୫୦ର କାରବାର ସର୍ବୋଚ୍ଚ ସ୍ତରରେ ରହିଥିଲା। ସେହିଭଳି ଏନ୍‌ଏସ୍‌ଇ ନିଫ୍ଟିର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସବୁଠାରୁ ଅଧିକ ଶେୟାର କିଣାଯାଇଥିଲା ବେଳେ ଏନ୍‌ଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲ୍ କ୍ୟାପ୍‌ର କାରବାର ମଧ୍ୟ ଉଚ୍ଚା ରହିଥିଲା। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍ ୩୪୮.୧୦ ପଏଣ୍ଟ ବୃଦ୍ଧି ଘଟି ୪୫,୯୦୯.୭୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ସ୍ମଲ୍ କ୍ୟାପ୍ ୨୮.୭୦ ପଏଣ୍ଟ ବଢି ୫୭୬୭.୯୫ ଅଙ୍କରେ ରହିଥିଲାବେଳେ ନିଫ୍ଟି ମିଡ୍ କ୍ୟାପ୍ ୭୪.୮୦ ପଏଣ୍ଟ ବୃଦ୍ଧି ଘଟି ୪୦,୨୪୫. ୧୦ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟି-୫୦ର ଶେୟାରଗୁଡିକ ମଧ୍ୟରୁ ୪୦ ଶେୟାରର କାରବାର ବୃଦ୍ଧି ହୋଇଥିବା ବେଳେ ୧୦ଟି ଶେୟାରର କାରବାର ହ୍ରାସ ଘଟିଛି।

ଫୁର୍‌ସତ୍

# ଏକତାର ପ୍ରତୀକ ହିନ୍ଦୀ




**କୌ**ଣସି ଦେଶର ବିକାଶରେ ଭାଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଦେଶର ସ୍ୱତନ୍ତ୍ର ପରିଚୟ ହେଉଛି ଭାଷା। ଭାରତର ବିଭିନ୍ନ ଭାଷା ଏବଂ ଉପଭାଷା ଶକ୍ତି ଓ ଏକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି। ଅନ୍ୟ ଭାଷା ମଧ୍ୟରେ ରାଜଭାଷା ହିନ୍ଦୀ ଭାରତୀୟ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଥାଏ। ଶତାବ୍ଦୀ ଧରି ସମଗ୍ର ଦେଶକୁ ଏକୀକରଣ କରିବାରେ ହିନ୍ଦୀ ଭାଷା କାର୍ଯ୍ୟ କରିଆସୁଛି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତିବର୍ଷ ସେପ୍ଟେମ୍ବର ୧୪କୁ ଜାତୀୟ ହିନ୍ଦୀ ଦିବସ ଭାବେ ପାଳନ କରାଯାଉଛି।

ଭାରତ ସ୍ୱାଧୀନ ହେବା ପରେ ଭାଷାକୁ ନେଇ ବଡ଼ ପ୍ରଶ୍ନ ଉଠିଥିଲା। କାରଣ ଭାରତ ଭଳି ଭିନ୍ନତା ମଧ୍ୟରେ ଏକତା ଦେଶରେ ଅନେକ ଭାଷାଭାଷୀର ଲୋକ ରହିଛନ୍ତି। ଅନେକ ବିଚାରବିମର୍ଶ ପରେ ହିନ୍ଦୀଭାଷାକୁ ରାଷ୍ଟ୍ରଭାଷାର ମାନ୍ୟତା ମିଳିଥିଲା। ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲେଖାଯାଇଥିବା ହିନ୍ଦୀ ଭାଷାକୁ ରାଷ୍ଟ୍ରର ଭାଷା ରୂପେ ସ୍ୱୀକାର କରିଥିଲେ । ସମ୍ବିଧାନ ସଭାରେ ୧୪ ସେପ୍ଟେମ୍ବର ୧୯୪୯ରେ ହିନ୍ଦୀକୁ ସରକାରୀ ଭାଷା ଭାବରେ ଗ୍ରହଣ କରାଯାଇଥିଲା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ୧୪ ସେପ୍ଟେମ୍ବରକୁ ହିନ୍ଦୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୪ ସେପ୍ଟେମ୍ବର ୧୯୫୩ରେ ଦେଶରେ ପ୍ରଥମଥର ପାଇଁ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ ବିଶ୍ୱାସ କରୁଥିଲେ ହିନ୍ଦୀ ହେଉଛି ଜନସାଧାରଣଙ୍କ ଭାଷା। ସେ ହିନ୍ଦୀକୁ ଜାତୀୟ ଭାଷା କରିବା ସପକ୍ଷରେ ଥିଲେ। ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରଗତିଶୀଳ ବ୍ୟବହାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାରୀ ଭାଷା ବିଭାଗ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଭାରତ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି।

ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଭାଷାମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୀ। ଏହା ଭାରତର କୋଟି କୋଟି ଲୋକଙ୍କର ମାତୃଭାଷା। ହିନ୍ଦୀର ମହତ୍ତ୍ୱ ବଜାୟ ରଖିବା ସହ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତିବର୍ଷ ଏହି ଦିବସ ଅବସରରେ ଏହି ଭାଷାର ପ୍ରଚାର ଓ ପ୍ରସାର ପାଇଁ ସଚେତନତା ସୃଷ୍ଟି କରାଯାଇଥାଏ। ହିନ୍ଦୀ ଏହାର ନାମ ପାର୍ସୀ ଶବ୍ଦ ହିନ୍ଦ୍‌ରୁ ପାଇଛି, ଯାହାର ଅର୍ଥ ହେଉଛି 'ଇନ୍ଦସ ନଦୀର ଭୂମି।' ହିନ୍ଦୀ ଦୁନିଆର ତୃତୀୟ ସର୍ବାଧିକ ଭାଷା ଭାବରେ ପରିଗଣିତ ହୁଏ। ଭାରତ ବ୍ୟତୀତ ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଅନ୍ୟ ପଡ଼ୋଶୀ ଦେଶରେ ହିନ୍ଦୀ ଭାଷାରେ ଅନେକ ଲୋକ କଥାବାର୍ତ୍ତା କରିଥାନ୍ତି।ହିନ୍ଦୀ ହଜାର ବର୍ଷରୁ ଊର୍ଦ୍ଧ୍ୱ ଏକ ପୁରାତନ ଭାଷା। କେହି କେହି ମତ ଦିଅନ୍ତି ସଂସ୍କୃତ ଭାଷା ସହ ଯୋଡ଼ିହେଇ ହିନ୍ଦୀ ଭାଷା ବଳିଷ୍ଠ ହୋଇଛି। ଖ୍ରୀଷ୍ଟପୂର୍ବ ୧୫୦୦ ଶତାବ୍ଦୀରେ ପ୍ରାଚୀନ ଭାରତର ବୈଦିକ ଶାସ୍ତ୍ରର ଅଧ୍ୟୟନ ନିମନ୍ତେ ସଂସ୍କୃତ ଭାଷାର ବ୍ୟବହାର ହେଉଥିଲା। ସେତେବେଳେ ଲୋକେ କଥାବାର୍ତ୍ତା ପ୍ରାକୃତ ଭାଷାରେ କରୁଥିଲେ। ପ୍ରାକୃତ ଭାଷା କାଳକ୍ରମେ ଅପଭ୍ରଂଶ ହିନ୍ଦୀ ଭାଷାର ରୂପ ନେଇଥିବା ଅନୁମାନ କରାଯାଏ।

## ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଲେ ସୋନାକ୍ଷୀ



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ତାଙ୍କ ୱେବ୍ ସିରିଜ୍ 'ଦାହଡ୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ସେଥିରେ ସେ ପୋଲିସ ଚରିତ୍ରରେ ନିଜର ଜଲ୍‌ୱା ଦେଖାଉଛନ୍ତି। ହେଲେ ନିକଟରେ ସେ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି, ଯାହା ସମୁଦ୍ର କୂଳ ପାଖରେ ରହିଛି। ବାନ୍ଦ୍ରା ରିକ୍ଲେମିଶନ ନିକଟରେ ଥିବା ୮୧ ଔରେଏଟ୍ ଟାୱାରର ୨୬ତମ ଫ୍ଲୋରରେ ୨୪୩୦ ବର୍ଗଫୁଟର ଆପାର୍ଟମେଣ୍ଟ କିଣିଛନ୍ତି, ଯାହାର ମୂଲ୍ୟ ୧୧ କୋଟି ଟଙ୍କା। ଅଗଷ୍ଟ ୨୯ରେ ସେ ଏହି ଆପାର୍ଟମେଣ୍ଟ ପାଇଁ ଡିଲ୍ ଫାଇନାଲ କରିଥିଲେ। ତେବେ ଏହା ତାଙ୍କର ଦ୍ୱିତୀୟ ଆପାର୍ଟମେଣ୍ଟ। ଏହା ପୂର୍ବରୁ ସେ ୨୦୨୦ ମାର୍ଚ୍ଚରେ ଏକ ଟାୱାରର ୧୬ତମ ଫ୍ଲୋରର ୪୬୩୨ ବର୍ଗଫୁଟ ଆପାର୍ଟମେଣ୍ଟ ୧୪ କୋଟି ଟଙ୍କାରେ କିଣିଥିଲେ। ତେବେ ସୋନାକ୍ଷୀ ତାଙ୍କ ଫିଲ୍ମ କ୍ୟାରିୟର ୨୦୧୦ରେ ସିନେମା 'ଦବଙ୍ଗ' ଜରିଆରେ କରିଥିଲେ। ଏହାପରେ ସେ ଆଉ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ତାଙ୍କ ଅଭିନୟରେ ସେ ଅନେକଙ୍କଠାରୁ ଲୋକପ୍ରିୟତା ସାଉଁଟିଛନ୍ତି। ଶେଷଥର ତାଙ୍କୁ ଫିଲ୍ମ 'ଡବଲ ଏକ୍ସଏଲ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଅନେକ ଫିଲ୍ମ ରହିଛି। ଯେଉଁଥିରେ ସେ ବ୍ୟସ୍ତ ରହିଛନ୍ତି। ଏଥିସହ ସେ ଟେଲିଭିଜନ, ମ୍ୟୁଜିକ୍ ଭିଡିଓରେ ମଧ୍ୟ ନଜରକୁ ଆସିଛନ୍ତି।

## ମେକ୍ସିକୋ ସଂସଦରେ ୨ ଏଲିଅନଙ୍କ ମୃତଦେହ

ମେକ୍ସିକୋ ସିଟି



ଏଲିଅନର ଉପସ୍ଥିତିକୁ ନେଇ ଦୁନିଆରେ ଅନେକ କାହାଣୀ ସାମ୍ନାକୁ ଆସିଛି। ହେଲେ କେଉଁଟି ସତ କି ମିଛ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ପ୍ରଥମ ଥର ପାଇଁ ବୈଜ୍ଞାନିକମାନେ ୨ ଏଲିଅନଙ୍କ ମୃତଦେହ ମେକ୍ସିକୋର ସଂସଦରେ ଦର୍ଶାଇଛନ୍ତି, ଯାହା ବର୍ତ୍ତମାନ ବେଶ୍ ଭାଇରାଲ ହେବାରେ ଲାଗିଛି। ବୈଜ୍ଞାନିକମାନେ କହିଛନ୍ତି, ଏହି ମୃତଦେହ ପେରୁର କୁସ୍‌କୋରୁ ଜବତ କରାଯାଇଛି। ଏହା ହଜାରେ ବର୍ଷରୁ ବି ଅଧିକ ବର୍ଷ ପୁରୁଣା ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ମେକ୍ସିକୋ ସଂସଦର ଏକ ଇଭେଣ୍ଟରେ ୟୁଫୋଲୋଜିଷ୍ଟ ଜେମି ମୌସାନ ଏହି ୨ ଏଲିଅନଙ୍କ ମୃତଦେହ ସମସ୍ତଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ। ବକ୍ସ ଭିତରେ ଥିବା ଦୁଇ ଏଲିଅନଙ୍କ ମୃତଦେହକୁ ମଣିଷଙ୍କଠାରୁ ଭିନ୍ନ ବୋଲି କୁହାଯାଉଛି। ସେତେବେଳେ ଏହି ଇଭେଣ୍ଟରେ ଆମେରିକାନ୍ସ ଫର୍ ସେଫ୍ ଏରୋସ୍ପେସ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଏବଂ ପୂର୍ବତନ ଆମେରିକା ନେଭି ପାଇଲଟ ଉପସ୍ଥିତ ଥିଲେ। ବୈଜ୍ଞାନିକଙ୍କ କହିବା ମୁତାବକ, ସେମାନେ ଏହି ଏଲିଅନଙ୍କ ମୃତଦେହକୁ ୟୁଏଫ୍‌ଓର ଭଗ୍ନାବଶେଷରୁ ପାଇଥିଲେ। ପେରୁର କୁସ୍‌କୋରେ ୟୁଏଫ୍‌ଓ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବର୍ଷ ବର୍ଷ ଧରି ସେଠାରେ ଏହି ମୃତଦେହ ପୋତି ହୋଇ ରହିଥିଲା। ପରେ ଏହା ଜୀବାଶ୍ମରେ ପରିଣତ ହୋଇଗଲା। ଡିଏନ୍‌ଏ ଯାଞ୍ଚ ଫଳରେ ଏହା ହଜାର ବର୍ଷର ପୁରୁଣା ସହ ୩୦ ପ୍ରତିଶତ ଡିଏନ୍‌ଏ ଅଜଣା ବୋଲି ଜଣାପଡିଛି।

## ୧୨ ପିଲା ଅଛନ୍ତି, ୧୦ ସନ୍ତାନଙ୍କ ବାପାଙ୍କୁ ବାହାହେବାକୁ ଇଚ୍ଛା

**ନ୍ୟୁୟର୍କ:** ଜଣେ ମହିଳାଙ୍କ ୧୨ ସନ୍ତାନ ଅଛନ୍ତି, ହେଲେ ସେ ବ୍ରିଟେନର ସର୍ବ ବୃହତ ପରିବାରର ମା' ସୁ ରାଡ୍‌ଫର୍ଡଙ୍କ ସହ ପ୍ରତିଯୋଗିତା ମୂଳକ ୨୨ ସନ୍ତାନ କରିବାକୁ ଇଚ୍ଛା ରଖିଛନ୍ତି। ଏଥିପାଇଁ ସେ ଏବେ ବିବାହ ପାଇଁ ଜଣେ ବ୍ୟକ୍ତିଙ୍କ ସନ୍ଧାନରେ ଅଛନ୍ତି। ହେଲେ ସେ ଏପରି ଜଣଙ୍କୁ ଖୋଜୁଛନ୍ତି ଯାହାଙ୍କର ପୂର୍ବରୁ ୧୦ ସନ୍ତାନ ଥିବ। ନ୍ୟୁୟର୍କର ସାଇରାକୁଶରେ ରହୁଥିବା ୩୭ ବର୍ଷୀୟା ଭେରୋନିକାଙ୍କ କହିବା ମୁତାବକ, ତାଙ୍କୁ ବାସ୍ତବରେ ରାଡ୍‌ଫର୍ଡଙ୍କ ଭଳି ଯାହାର ୨୨ ସନ୍ତାନ ଆବଶ୍ୟକ। ସେଥିପାଇଁ ସେ ୧୦ ସନ୍ତାନ ଥିବା ବାପାଙ୍କୁ ବିବାହ କରିବାକୁ ଚାହାନ୍ତି। ତେବେ ଭେରୋନିକା ୧୪ ବର୍ଷ ବୟସରେ ତାଙ୍କ ପ୍ରଥମ ସନ୍ତାନକୁ ଜନ୍ମ ଦେଇଥିଲେ। ସେ ତାଙ୍କ ନାମ ଭିକ୍ଟୋରିଆ ରଖିଥିଲେ। ଏହାପରେ ଭେରୋନିକା ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଥିଲେ। ପରେ ସେ ଦ୍ୱିତୀୟ ବିବାହ କଲେ ଏବଂ ୨୦୧୨ରେ ତାଙ୍କଠାରୁ ମଧ୍ୟ ଅଲଗା ହୋଇଗଲେ। ଭେରୋନିକାଙ୍କ ୧୨ ସନ୍ତାନଙ୍କ ପାଇଁ ଘରେ ମୋଟ ୯ଟି ବେଡ୍ ରହିଛି। ସେ କହିଛନ୍ତି, ତାଙ୍କୁ ଆଉ ସନ୍ତାନ କରିବାରେ କିଛି ଅସୁବିଧା ନାହିଁ। ସେ ତାଙ୍କ ପରିବାରକୁ ବଢାଇବାକୁ ଚାହୁଁଛନ୍ତି। ଭେରୋନିକା ରକ୍ତଜମାଟ ବାନ୍ଧିବା ଭଳି ରୋଗରେ ପୀଡ଼ିତ ଅଛନ୍ତି। ସେଥିପାଇଁ ସେ ଗର୍ଭନିରୋଧକ ବଟିକା ମଧ୍ୟ ଖାଇପାରିବେନି।

**ଭାଜପା: ୩ ନେତାଙ୍କ ବହିଷ୍କାର ଆଦେଶ ପ୍ରତ୍ୟାହୃତ, ୨ ନିଲମ୍ବନ**

**ଭୁବନେଶ୍ୱର,(ସୁନିତ୍ ମିଶ୍ର):** ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଚାନ୍ଦବାଲି ନିର୍ବାଚନମଣ୍ଡଳୀର ରାମଚନ୍ଦ୍ର ଦାସ, ସୁବାସ ମୁଦୁଲି ଏବଂ ଜୟରାମ ମୁଦୁଲିଙ୍କ ବହିଷ୍କାର ଆଦେଶକୁ ଦଳ ପ୍ରତ୍ୟାହୃତ କରିଛି। ସେହିପରି ଦଳ ବିରୋଧୀ କାର୍ଯ୍ୟ ପାଇଁ ଘୁମୁସୁର ସାଙ୍ଗଠନିକ ଜିଲାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ ପଲେଇ ଏବଂ କୋଦଳା ଏନ୍ଏସି ମଣ୍ଡଳ ସଭାପତି ମଧୁସୂଦନ ଜେନାଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ନେଇ ଗଣମାଧମ ମୁଖ୍ୟ ଦିଲୀପ ମଲିକ ସୂଚନା ଦେଇଛନ୍ତି।

# ନିଜ ଦଳ କଥା ବୁଝିବାକୁ ନରସିଂହଙ୍କୁ ପରାମର୍ଶ ଦେଲେ ରଣେନ୍ଦ୍ର

**ଭୁବନେଶ୍ୱର,୧୩।୯(ଅନିଲ ଦାସ):** ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ବିଜେଡି ଉପସଭାପତି ପଦରୁ ବିଦା ହେବା ପରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଗଣମାଧମରେ ମୁଖ୍ୟମନ୍ତ୍ରୀ ଓ ବିଜେଡିର କାର୍ଯ୍ୟଶୈଳୀ ଉପରେ ଟିପ୍ପଣୀ ଦେଉଛନ୍ତି। ଏହାକୁ ନେଇ ବିଜେଡିର ବରିଷ୍ଠ ନେତା ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନରସିଂହଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ବିଧାୟକ ନରସିଂହ ମିଶ୍ର ନିଜ ଦଳ କଂଗ୍ରେସ କଥା ବୁଝନ୍ତୁ । ବିଜେଡିର ଶୃଙ୍ଖଳା ପ୍ରସଙ୍ଗରେ ସେ ମୁଣ୍ଡ ପୂରାଇବା ଦରକାର ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ସର୍ବୋଚ୍ଚ ନେତା । ତାଙ୍କ ନିଷ୍ପତ୍ତି ଦଳର ସବୁ ନେତା ଓ କର୍ମୀଙ୍କ ପାଇଁ ଆଦେଶ । ସେଥିରେ କାହାରି କୌଣସି ଆପତ୍ତି ଅଭିଯୋଗ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଉପରେ ତର୍କର ଆବଶ୍ୟକତା ନାହିଁ। ବିଜେଡିର ଆଭ୍ୟନ୍ତରୀଣ କଥାରେ ନରସିଂହ ମୁଣ୍ଡ ନ ଖେଳାଇ ନିଜ ଦଳର ଶୃଙ୍ଖଳା କଥା ବୁଝନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି।

# ବାଚସ୍ପତି ନିର୍ବାଚନ: ଅଂଶଗ୍ରହଣ କରିବେନି କଂଗ୍ରେସ ବିଧାୟକ

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର):** ଓଡ଼ିଶା ବିଧାନସଭା ବାଚସ୍ପତି ନିର୍ବାଚନରେ କଂଗ୍ରେସ ବିଧାୟକମାନେ ସାମିଲ ହେବେନାହିଁ। ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ' ଉତ୍ସବ ପାଳନକୁ ଦୃଷ୍ଟିରେ ରଖି କଂଗ୍ରେସ ବିଧାୟକମାନେ ଆସନ୍ତା ୨୧ ତାରିଖରେ ବାଚସ୍ପତି ପଦ ପାଇଁ ହେବାକୁ ଥିବା ନିର୍ବାଚନକୁ ବର୍ଜନ କରିବେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ଆସନ୍ତା ୨୧ରେ ବିଧାନସଭା ବାଚସ୍ପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ଏଥିଲାଗି ଆସନ୍ତା ୧୮ରେ ପ୍ରାର୍ଥୀପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ତେବେ ଆସନ୍ତା ୨୦ରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଓ ୨୧ରେ ନୂଆଖାଇ ଭେଟଘାଟ ପାଳନ ହେବାକୁ ଯାଉଛି। ବିଶେଷକରି ପଶ୍ଚିମ ଓଡ଼ିଶାର ଲୋକମାନେ ନିଜର ସମସ୍ତ କାର୍ଯ୍ୟକୁ ପଛରେ ପକାଇ ଏହି ଗଣପର୍ବରେ ସପରିବାର ନବାନ୍ନ ଗ୍ରହଣ କରିବା ପରମ୍ପରା ରହିଛି। ଏହି ଉତ୍ସବ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଆବେଗପୂର୍ଣ୍ଣ ହୋଇଥିବାରୁ ରାଜ୍ୟ ସରକାର ମଧ ୨ଦିନ ସରକାରୀ ଛୁଟି ଘୋଷଣା କରିଥାନ୍ତି। ମାତ୍ର ଚଳିତବର୍ଷ ସରକାର କେବଳ ଗୋଟିଏ ଦିନ ଛୁଟି ଘୋଷଣା କରିଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଉତ୍ସବରେ ସାମିଲ ପାଇଁ କଂଗ୍ରେସ ବିଧାୟକମାନେ ନିଜ ଅଞ୍ଚଳରେ ଉପସ୍ଥିତ ରହୁଥିବାରୁ ବାଚସ୍ପତି ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବିଧାନସଭା ବାଚସ୍ପତି ପଦରୁ ଗତ ଜୁନ୍‌ରେ ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେଇ ମନ୍ତ୍ରୀ ହେବାପରେ ଏହି ପଦବୀ ଖାଲି ରହିଛି। ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ତୁଲାଉଛନ୍ତି। ହେଲେ ଆସନ୍ତା ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଏହା ପୂର୍ବରୁ ବାଚସ୍ପତି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

**ମମତାଙ୍କୁ ଏମିତି ପ୍ରଶ୍ନ ପଚାରିଦେଲେ ଶ୍ରୀଲଙ୍କା ରାଷ୍ଟ୍ରପତି**

# ଦିଦି ଆଶ୍ଚର୍ଯ୍ୟ

**କୋଲକାତା,୧୩।୯**

ସାଧାରଣ ନିର୍ବାଚନ ୨୦୨୪ ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ବିରୋଧୀ ମେଣ୍ଟ 'ଇଣ୍ଡିଆ' ମଧ୍ୟରେ ଜୋରଦାର୍ ପ୍ରସ୍ତୁତି ଚାଲିଛି। ଇତି ମଧ୍ୟରେ 'ଇଣ୍ଡିଆ' ସମନ୍ୱୟ କମିଟିର ପ୍ରଥମ ବୈଠକ ୧୩ ସେପ୍ଟେମ୍ବରରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଏହି ବୈଠକର ଠିକ ପୂର୍ବରୁ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ଦୁବାଇ ବିମାନବନ୍ଦରରେ ସାକ୍ଷାତ ହୋଇଥିଲା। ଏହି ସମୟରେ ଶ୍ରୀଲଙ୍କା ରାଷ୍ଟ୍ରପତି ମମତାଙ୍କୁ ଯାହା ପଚାରିଥିଲେ ତାହାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ୱିକ୍ରମସିଂଘେ ମମତାଙ୍କୁ ପଚାରିଥିଲେ, ସେ ୨୦୨୪ ନିର୍ବାଚନରେ ମିଳିତ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ନେତୃତ୍ୱ ନେବେ କି? ଏହି ପ୍ରଶ୍ନ ଶୁଣି ମମତା ଆଶ୍ଚର୍ଯ୍ୟ ହୋଇ ହସିଲେ ଏବଂ କହିଲେ – ଓଏମ୍‌ଜି! ଯଦି ଲୋକମାନେ ଚାହାଁନ୍ତି, ଆମେ ନିଶ୍ଚିତ ଭାବରେ କ୍ଷମତାକୁ ଆସିବୁ। କିଏ ଏହାର ନେତୃତ୍ୱ ନେବ,ତାହା ବିରୋଧୀଙ୍କ ନେତୃତ୍ୱ ଉପରେ ନିର୍ଭର କରିବ। ଏହି ବାର୍ତ୍ତାଳାପର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି । ଭିଡିଓରେ ଏହି ପ୍ରଶ୍ନ ପରେ ଉଭୟ ହସୁଥିବା ନଜର ଆସିଛନ୍ତି।

# ବିଜେଡିରେ ଶତାଧିକ ଭାଜପା କର୍ମୀ




ଶଙ୍ଖ ଭବନଠାରେ ବୁଧବାର ମିଶ୍ରଣ ପର୍ବରେ ଦଳୀୟ ନେତୃବୃନ୍ଦଙ୍କ ସହ ବିଜେଡିରେ ଯୋଗଦେଇଥିବା କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ଓ କର୍ମୀ।

**ଭୁବନେଶ୍ୱର,୧୩।୯(ଅନିଲ ଦାସ):** ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ଗତ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାଉନସିଲ ସଦସ୍ୟ ରଞ୍ଜନ ପଲେଇଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି। ବୁଧବାର ଶଙ୍ଖଭବନଠାରେ ବିଜୁ ଜନତା ଦଳ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଏବଂ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ରଞ୍ଜନ ଓ ସମସ୍ତ ଭାଜପା କର୍ମକର୍ତ୍ତା ଏବଂ କର୍ମୀଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ମୁଖପାତ୍ର ପ୍ରିୟବ୍ରତ ମାଝି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମୁଖପାତ୍ର ତୁମ୍ବନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ : ତେଜିଲା ରାଜନୀତି

- ସମାଧାନ କରିପାରୁନାହାନ୍ତି ସରକାର: ଭାଜପା
- ଶିକ୍ଷା କ୍ଷେତ୍ରରେ ଏହା ଜରୁରିକାଳୀନ ପରିସ୍ଥିତି: କଂଗ୍ରେସ
- ଅନେକ ସ୍ଥାନରେ ସ୍କୁଲ ଚାଲିଛି, ତାଲା ପଡ଼ିଲେ ସରକାର ସମାଧାନ କରିବେ: ବିଜେଡି

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର):** ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କ ଆନ୍ଦୋଳନକୁ ନେଇ ରାଜନୀତି ଜୋର୍ ଧରିଛି। ବିରୋଧୀ ଭାଜପା ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏନେଇ ପାଲଟା ଜବାବ ରଖିଛି ବିଜେଡି।

ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ଆଜି ଏକ କଳାଦିନ। ରାଜ୍ୟରେ ୫ ଦିନ ଧରି ଚାଲିଥିବା ଶିକ୍ଷକ ଆନ୍ଦୋଳନକୁ ରାଜ୍ୟ ସରକାର ସମାଧାନ କରିପାରିନାହାନ୍ତି। ସେଥିପାଇଁ ବର୍ତ୍ତମାନ ରାଜ୍ୟର ୫୦ ହଜାର ସ୍କୁଲରେ ତାଲା ପଡ଼ିବାକୁ ଯାଉଛି। ଲକ୍ଷେ ୩୦ ହଜାର ଶିକ୍ଷକ ଏବେ ରାଜରାସ୍ତାରେ ନିଜ ଅଧିକାର ପାଇଁ ଲଢ଼େଇ କରୁଛନ୍ତି। ଏହାଦ୍ୱାରା ରାଜ୍ୟର ୪୦ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଏକ ପ୍ରକାର ଜରୁରିକାଳୀନ ସ୍ଥିତି ସୃଷ୍ଟି ହୋଇସାରିଛି। ବର୍ତ୍ତମାନ ୫-ଟିର କେଉଁ ସ୍ଥାନରେ ଦେଖା ବି ମିଳୁନି, ଏହାର କାରଣ କ'ଣ କୁହନ୍ତୁ। ସରକାର ଶିକ୍ଷକମାନଙ୍କୁ ଡାକି ବର୍ତ୍ତମାନ ଆଲୋଚନା କାହିଁକି କରୁନାହାନ୍ତି।

ବିଜେଡି ବିଧାୟକ ଅରବିନ୍ଦ ଢାଲି କହିଛନ୍ତି, ସାମୂହିକ ଭାବେ କେତେଜଣ ଶିକ୍ଷକ ଆସିଥିବା ବେଳେ ଆଉ କିଛି ସ୍କୁଲରେ ଏବେ ମଧ ପାଠ ପଢ଼ାଉଛନ୍ତି। ବିଭିନ୍ନ ଅଞ୍ଚଳରେ ବୁଲିବା ସମୟରେ ଅନେକ ସ୍କୁଲ ଦେଖୁଛି, ଯେଉଁଠି ଯେମିତି ଚାଲିବା କଥା ଚାଲୁଛି, ସେଥିରେ କିଛି ଅସୁବିଧା ନାହିଁ। ଯଦି ସ୍କୁଲରେ ତାଲା ପଡ଼ିବ ତେବେ ରାଜ୍ୟରେ ଆମର ଜନପ୍ରିୟ ସରକାର ଅଛି ସେ ନିଶ୍ଚିତ ଏହାର ସମାଧାନ କରିବ ବୋଲି ଢାଲି କହିଛନ୍ତି।

**ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ**

# ପ୍ରତି ଜିଲାରେ ଆନ୍ଦୋଳନ




କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ନେତୃବୃନ୍ଦ।

**ଭୁବନେଶ୍ୱର, ୧୩।୯(ସୁନିତ୍ ମିଶ୍ର):** ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜକୁମାର ଚହର ଯୋଗଦେଇଛନ୍ତି। ଚାଷୀମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳା ଓ ଅପାରଗତା ବିରୋଧରେ ଜୋର୍‌ଦାର ଲଢ଼େଇ କରିବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ କାର୍ଯ୍ୟକାରିଣୀରେ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିଷୟରେ ବୈଠକରେ ଆଲୋଚନା ସହ ଏହି ପ୍ରସଙ୍ଗକୁ ନେଇ କୃଷକ ମୋର୍ଚ୍ଚା ଆସନ୍ତା ଦିନରେ ପ୍ରତି ଜିଲାରେ ଜୋର୍‌ଦାର ଆନ୍ଦୋଳନ କରିବାକୁ ଯୋଜନା ପ୍ରସ୍ତୁତ କରିଛି।

କେନ୍ଦ୍ର ସରକାରଙ୍କ ଅନେକ କୃଷି ଓ କୃଷକ କଲ୍ୟାଣ ଯୋଜନା ଉପରେ ବିସ୍ତୃତ ଚର୍ଚ୍ଚା କରିବା ସହ ଏହାର ବାର୍ତ୍ତା ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ କୁହାଯାଇଛି। କୃଷକ ମୋର୍ଚ୍ଚା ପକ୍ଷରୁ ଓଡ଼ିଶା ରାଜ୍ୟ ପ୍ରଭାରୀ ପିଙ୍କି ଶିବରାଜ ସାହା ନବଗଠିତ ମୋର୍ଚ୍ଚାର ସାଙ୍ଗଠନିକ ପୁନର୍ବିନ୍ୟାସ ସହିତ ବିଭିନ୍ନ ଦାୟିତ୍ୱ ଆବଣ୍ଟନ ଉପରେ ଆଲୋଚନା କରିଛନ୍ତି। ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଦଳର ଆଗାମୀ କାର୍ଯ୍ୟକ୍ରମ ଏବଂ କୃଷକ ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ କୃଷିମାରଣ ନୀତି ବିରୋଧରେ ରାଜନୈତିକ କୃଷି ଚିଠା ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ କରାଯାଇଛି।


Government of Odisha
Office of the Superintending Engineer, Rural Works Division, Nabarangpur
e-mail:eerwngp@rediffmail.com, Phone No.222023

Letter No.3909 Date:08.09.2023

e-Procurement Notice

No.O-975:Name of the Work : Road Work, Total No. of Works : 02 (Two) Nos., Approx. Estimated Cost: Rs. 5.04 Lakhs., Class of Contractor: "C" & "D" Class Contractor. Period of Completion: 02 (Two) Calendar Months.

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | |
| Rural Works Division-I, Nabarangpur | EERWNGP- Online-03/ 2023-24 | 02 (Two) Nos. | 15.09.2023 at 10.00 AM | 22.09.2023 upto 03.00 PM | 25.09.2023 at 11.00 A.M. | |

Further details can be seen from the Government website www.tendersorissa.gov.in.

Sd./- Executive Engineer
Rural Works Division, Nabarangpur

OIPR-25092/11/0003/2324



Government of Odisha
Higher Education Department

Revised Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2023-24

No. N-70: The revised timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website **www.samsodisha.gov.in**. Please refer the Common Prospectus (CP) before filling up the CAF.

| Sl # | Activities | Timeline |
|---|---|---|
| 1 | Availability of Online Common Application Form (CAF) on the website **www.samsodisha.gov.in** | 04 Sept. 2023 (Monday) (12.00 Noon) |
| 2 | Last date for applying online CAF through **www.samsodisha.gov.in** | 16 Sept. 2023 (Saturday) (11.45 P.M.) |
| 3 | Editing of the earlier submitted CAF (for once only), if required | 17 Sept. 2023 (Sunday) (11.00 A.M.) & 18 Sept. 2023 (Moday) (11.45 P.M.) |
| 4 | Publication of Provisional Allotment of Seats along with waitlisted applicants in HEI's e-Space (Ten (10) times the actual vacancy as on 15.09.2023) | 26 Sept. 2023 (Tuesday) (12.00 Noon) |
| 5 | Online payment of admission fees by the selected applicants through SAMS **[Student's Account]** portal | 26 Sept. 2023 (Tuesday) (01.00 P.M.) to 28 Sept. 2023 (Thursday) (11.45 P.M.) |
| 6 | Reporting of the applicants at allotted Institutions for taking admission **(for First Round Selection)** | 27 Sept. 2023 (Wednesday) (09.00 A.M.) to 30 Sept. 2023 (Saturday) (05.00 P.M.) (Except Holiday) |
| 7 | Data updation of admitted students in the e-space by the respective Institutions **(for First Round Admission)** | 27 Sept. 2023 (Wednesday) (09.00 A.M.) to 30 Sept. 2023 (Saturday) (07.00 P.M.) (Except Holiday) |
| 8 | Reporting of waitlisted applicants for submission of CAF along with relevant documents for participating in the waiting list admission round | 03 Oct. 2023 (Tuesday) (09.00 A.M.) & 04 Oct. 2023 (Wednesday) (05.00 P.M.) |
| 9 | Publication of merit list among the reported waitlisted applicants at their Notice Board/HEI website & communicate to the selected applicants via Phone call/SMS | 06 Oct. 2023 (Friday) (02.00 P.M.) |
| 10 | Reporting of the waitlisted applicants to take admission in one of the selected HEIs, where the admission fees will be deposited directly at the HEIs in online mode only **(Net Banking/Bank Challan/NEFT/UPI etc.)** | 10 Oct. 2023 (Tuesday) (upto 05.00 P.M.) |
| 11 | Updation of selected waitlisted Student's data by the HEIs in their e-Space | 11 Oct. 2023 (Wednesday) (upto 09.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed U.G. Phase-II Guidelines available in the SAMS U.G. Portal.

OIPR-11001/11/0031/2324 Sd./- Deputy Director, PTC Section



Government of Odisha
Higher Education Department

Timeline for Phase-II e-admission into P.G. Courses under SAMS in the State Public Universities and Colleges for the Academic Session 2023-24

No. N-63: Timeline for Phase-II e-Admission into P.G. Courses for the Session 2023-24 in the State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any changes in the dateline will be published in the Newspapers as well as in the website **www.samsodisha.gov.in**. The Common Prospectus (CP) for admission into P.G. Courses is available in the said website. Kindly refer the CP for the below mentioned activities.

| Sl # | Activities | Timeline |
|---|---|---|
| 1 | Availability of the Online Common Application Form (CAF) in the Student login for providing fresh options and editing of the entered data (if required) in the SAMS P.G. website **www.samsodisha.gov.in** | 13 Sept. 2023 (Wednesday) (04.00 P.M.) |
| 2 | Last date for providing fresh options in CAF and editing of the entered data (if required) through **www.samsodisha.gov.in** | 22 Sept. 2023 (Friday) (upto 11.45 P.M.) |
| 3 | Publication of Provisional 1st Selection list of Seats along with waitlisted applicants in HEI's e-Space Five (5) times the actual vacancy as on 22nd Sept. 2023 | 28 Sept. 2023 (Thursday) (04.00 P.M.) |
| 4 | Selection of **"Pay Admission Fees"** option and Online payment of admission fees by the Students through SAMS [Student's Account] portal | 28 Sept. 2023 (Thursday) (04.00 P.M.) to 30 Sept. 2023 (Saturday) (11.45 P.M.) |
| 5 | Reporting of applicants at allotted Institutions for taking admission (for First Round Admission) | 03 Oct. 2023 (Tuesday) (10.00 A.M.) to 05 Oct. 2023 (Thursday) (05.00 P.M.) |
| 6 | Data updation of admitted students in the e-space by the respective Institutions **(for First Round Admission)** | 03 Oct. 2023 (Tuesday) (10.00 A.M.) to 05 Oct. 2023 (Thursday) (07.00 P.M.) |
| 7 | Reporting of waitlisted applicants for submission of CAF along with relevant documents for participating in the waiting list admission round | 06 Oct. 2023 (Friday) (10.00 A.M.) & 07 Oct. 2023 (Saturday) (05.00 P.M.) |
| 8 | Publication of merit list among the reported waitlisted applicants at their Notice Board/HEI Website & communicate to the selected applicants via phone call/SMS | 10 Oct. 2023 (Tuesday) (02.00 P.M.) |
| 9 | Reporting of the waitlisted applicants to take admission in one of the selected HEIs, where the admission fees will be deposited directly at the HEIs in online mode only **(Net Banking/Bank Challan/NEFT/UPI etc.)** | 12 Oct. 2023 (Thursday) (Upto 05.00 P.M.) |
| 10 | Admission Updation of selected waitlisted Student's data by the HEIs in their e-Space | 13 Oct. 2023 (Friday) (upto 09.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed P.G. Phase-II Guidelines available in the SAMS P.G. Portal.

OIPR-11001/11/0032/2324 Sd./- Deputy Director, PTC Section



GOVERNMENT OF ODISHA E-mail:sebalangir@gmail.com
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, BALANGIR IRRIGATION CIRCLE, BALANGIR
"e" Procurement Notice
Bid Identification No.ACE, BOIC-03/2023-24

**No.A-559:**1.Name /Nature of Work: Restoration & Renovation to Bhima Dunguri M.I. Project of Balangir District. 2. No. of Works : 01 No. 3. Estimated Cost: Rs.227.42 Lakhs (excluding GST). 4. Bid document Cost: Rs.10,000.00. 5. EMD: Rs.2,27,500/-. 6. Class of Contractor: 'A' & 'B' Class only. (Odisha PWD or relevant class of other licensing Authority).6. Period of Completion: 12 (Twelve) Calendar Months. 7. Other details are as follows:

**Procurement Details**

| Procurement Officer | Bid Identification No. | Availability of tender online for bidding | | Date of Seeking tender clarification | Date & Time of Opening of Tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC-03/2023-24 | Dt.18.09.2023 at 10.00 hours | Dt.04.10.2023 upto 17.30 hours | Dt.18.09.2023 to Dt.28.09.2023 At Office during office hours (In working days) | Dt.05.10.2023 at 11.00 hours | To be intimated after evaluation of Technical Bid | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-Procurement portal **"https://www.tendersodisha.gov.in."**

Sd./- Additional Chief Engineer, Balangir Irrigation Circle,Balangir
OIPR-32347/11/0003/2324



ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No. RDM-LAA-CTC-0005-2022-21661 R&DM, Dated: 17.06 2023

No. I-08: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଚନ୍ଦନପୁର, ଥାନା: ଟାଙ୍ଗି ଚୌଦ୍ୱାର ନଂ. ୨୮, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ଦର୍ପଣୀ ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୫୮୩୦ ତା୧୩।୦୫।୨୦୨୨ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଚନ୍ଦନପୁର, ଥାନା: ଟାଙ୍ଗି ଚୌଦ୍ୱାର ନଂ. ୨୮, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କଟକ ତହସିଲ: ଟାଙ୍ଗି ଚୌଦ୍ୱାର

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କଟକ | ଟାଙ୍ଗି ଚୌଦ୍ୱାର | ଚନ୍ଦନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୮.୪୨୫ | ଏ.୫.୯୬୦ | ଏଥି ସହିତ ସଂଲଗ୍ନ |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କଟକ ତହସିଲ: ଟାଙ୍ଗି ଚୌଦ୍ୱାର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୧।୦୯।୨୦୨୨

ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ
ମୌଜା: ଚନ୍ଦନପୁର, ଥାନା: ଟାଙ୍ଗି ଚୌଦ୍ୱାର ନଂ. ୨୮, ତହସିଲ: ଟାଙ୍ଗି ଚୌଦ୍ୱାର ନଂ. ୯୨, ଜିଲ୍ଲା: କଟକ
କେନାଲର ନାମ: ଦାମୋଦରପୁର ଡିଷ୍ଟ୍ରିବ୍ୟୁଟାରୀ, କେନାଲ ଦୂରତା: ୦୦ମି.ରୁ ୧୦୧୫ମି.

| କ୍ର.ନଂ. | ଖତିୟାନ କ୍ରମିକ ନମ୍ବର | ପ୍ଲଟ ନମ୍ବର | ପ୍ଲଟ ବିବରଣୀ: ମୋଟ ରକବା (ଏକର) | ଅଧିସୂଚିତ ହେବାକୁଥିବା ରକବା (ଏକର) | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 3 | 08/427 | 0.480 | 0.480 | ଲିଙ୍ଗରାଜ ବେହେରା, ପି.: କୁଳମଣି ବେହେରା, ଜା: କୈବର୍ତ୍ତ, ବା: ସଫା, ଥାନା: ଟାଙ୍ଗି, ଜି.: କଟକ |
| 2 | 4 | 137 | 0.020 | 0.020 | ଇଚ୍ଛା ଦେଈ, ସ୍ୱା.: ଭୋଳି ଧଳ, ଜା: ଗୋପାଳ, ବା: ସଫା |
| 3 | 29 | 134 | 0.960 | 0.380 | ଘଣ୍ଟ ଦେହୁରୀ, ବଟ ଦେହୁରୀ, ପି.: ବିନନ୍ଦ ଦେହୁରୀ, ସାନନ୍ଦ ଦେହୁରୀ, ପି.: ଭଜନି ଦେହୁରୀ, ଜା: ସଅର, ବା: ନିଜଗାଁ |
| | | 138 | 0.260 | 0.260 | |
| | | 139 | 0.600 | 0.320 | |
| | | 140 | 0.150 | 0.150 | |
| | | 150 | 0.260 | 0.060 | |
| | | 152 | 0.350 | 0.350 | |
| | | 153 | 0.290 | 0.150 | |
| 4 | 35 | 146 | 0.360 | 0.250 | ଯତି ଧଳ, ପି.: ବାଞ୍ଛୁ ଧଳ, ଧନି ଧଳ, ପି.: ଗିରିଧାରୀ ଧଳ, ହୃଦାନନ୍ଦ ଧଳ, ଭୋଳି ଧଳ, ପି.: କାଶି ଧଳ, କୁମ ବେବ୍ୟା, ସ୍ୱା.: ଫକୀର ଧଳ, ଜା: ଗୋପାଳ, ବା: ସଫା |
| | | 148 | 1.030 | 0.840 | |
| 5 | 38 | 08/428 | 0.500 | 0.500 | ଜଦୁ ମଳିକ, ପି.: ବେନୁ ମଳିକ, ଜା: ପାଣ, ବା: ସଫା |
| 6 | 45 | 154 | 0.520 | 0.150 | ଦିଜ ତରାଇ, ପି.: ବିନା ତରାଇ, ଜା: କୈବର୍ତ୍ତ, ବା: କାନପୁର |
| 7 | 84 | 149 | 0.100 | 0.050 | ରଘୁ ଧଳ, ପି.: ମଣି ଧଳ, ବୈରାଗି ଧଳ, ପି.: ରାମ ଧଳ, ଜା: ଗୋପାଳ, ବା: ସଫା |
| 8 | 95 | 136 | 0.210 | 0.210 | ସନାତନ ସ୍ୱାଇଁ, ହରେକୃଷ୍ଣ ସ୍ୱାଇଁ, ପି.: ରାଧାକୃଷ୍ଣ ସ୍ୱାଇଁ, ବଂଶୀଧର ସ୍ୱାଇଁ, ପି.: ଗଜିନ୍ଦ୍ର ସ୍ୱାଇଁ, ଜା: ଖଣ୍ଡାୟତ, ବା: ସଫା |
| 9 | 99 | 117 | 0.330 | 0.090 | ସାନନ୍ଦ ଦେଉରୀ, ପି.: ଭଜନି ଦେଉରୀ, ଜା: ସଅର, ବା: ନିଜଗାଁ |
| 10 | 106 | 145 | 0.190 | 0.090 | ହୃଦାନନ୍ଦ ଧଳ, ଭୋଳି ଧଳ, ପି.: କାଶି ଧଳ, କୁମ ବେବ୍ୟା, ସ୍ୱା.: ଫକୀର ଧଳ, ଜା: ଗୋପାଳ, ବା: ସଫା |
| 11 | 106/25 | 144/454 | 0.085 | 0.085 | ବିଦ୍ୟୁତପ୍ରଭା ନାୟକ, ସ୍ୱା.: ଧରଣୀଧର ନାୟକ, ଜା: ଖଣ୍ଡାୟତ, ବା: ହରିଅନ୍ତା, ଥାନା: ଟାଙ୍ଗି, ଜି.: କଟକ |
| | | 147/455 | 0.190 | 0.190 | |
| 12 | 106/26 | 141/456 | 0.040 | 0.040 | ବିଦ୍ୟୁତପ୍ରଭା ନାୟକ, ସ୍ୱା.: ଧରଣୀଧର ନାୟକ, ଜା: ଖଣ୍ଡାୟତ, ବା: ହରିଅନ୍ତା, ଥାନା: ଟାଙ୍ଗି, ଜି.: କଟକ |
| | | 143/457 | 0.085 | 0.085 | |
| 13 | 106/27 | 137/458 | 0.600 | 0.600 | ବିଦ୍ୟୁତପ୍ରଭା ନାୟକ, ସ୍ୱା.: ଧରଣୀଧର ନାୟକ, ଜା: ଖଣ୍ଡାୟତ, ବା: ହରିଅନ୍ତା, ଥାନା: ଟାଙ୍ଗି, ଜି.: କଟକ |
| 14 | 106/28 | 14/459 | 0.060 | 0.040 | ଲିଙ୍ଗରାଜ ବେହେରା, ପି.: କୁଳମଣି ବେହେରା, ଜା: କୈବର୍ତ୍ତ, ବା: ସଫା, ଥାନା: ଟାଙ୍ଗି, ଜି.: କଟକ |
| | | 15/461 | 0.265 | 0.080 | |
| 15 | 106/38 | 139/464 | 0.090 | 0.090 | ବିନ ତିରିଆ, ପି.: ନନ୍ଦ ତିରିଆ, ଜା: ଆଦିବାସୀ (ମୁଣ୍ଡା), ବା: ନିଜଗାଁ |
| 16 | 106/40 | 141 | 0.040 | 0.040 | ବିଦ୍ୟୁତପ୍ରଭା ନାୟକ, ସ୍ୱା.: ଧରଣୀଧର ନାୟକ, ଜା: ଖଣ୍ଡାୟତ, ବା: ହରିଅନ୍ତା, ଥାନା: ଟାଙ୍ଗି, ଜି.: କଟକ |
| | | 143 | 0.085 | 0.085 | |
| 17 | 106/41 | 144 | 0.085 | 0.085 | ବିଦ୍ୟୁତପ୍ରଭା ନାୟକ, ସ୍ୱା.: ଧରଣୀଧର ନାୟକ, ଜା: ଖଣ୍ଡାୟତ, ବା: ହରିଅନ୍ତା, ଥାନା: ଟାଙ୍ଗି, ଜି.: କଟକ |
| | | 147 | 0.190 | 0.190 | |
| | | ମୋଟ | **8.425** | **5.960** | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଅଭୟ କୁମାର ନାୟକ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0068/2324

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାଇ ସଙ୍ଗୀତା
ପରିବାରବର୍ଗ


ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କିଟ୍, କଟକ ଦଳଗତ ଚାମ୍ପିୟନ

**ରାଜ୍ୟସ୍ତରୀୟ ମାଉଣ୍ଟେନ ସାଇକ୍ଲିଂ ପ୍ରତିଯୋଗିତା**

## ସିନିୟର ଟାଇମ୍ ଟ୍ରାଏଲ୍‌ରେ ରୋହିତ ହେମ୍ବ୍ରମ, ଉର୍ମିଳା ବେହେରା ପ୍ରଥମ

**ଭୁବନେଶ୍ୱର, ୧୩।୯(ତପନ ସ୍ୱାଇଁ)**

ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସିନିୟର, ଜୁନିୟର, ସବ୍‌ଜୁନିୟର ଓ ୟୁଥ୍ ବର୍ଗରେ ମାଉଣ୍ଟେନ ସାଇକ୍ଲିଂ ପ୍ରତିଯୋଗିତା କେନ୍ଦୁଝରର ଖଣିବଜାର ହଦଗଡ଼ ଡ୍ୟାମ ଟ୍ରାକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରତିଯୋଗିତାର ସିନିୟର ଓ ଜୁନିୟର ବର୍ଗରେ କିଟ୍ ଏବଂ ସବ୍‌ଜୁନିୟର ଓ ୟୁଥ୍ ବର୍ଗରେ କଟକ ଦଳଗତ ଚାମ୍ପିୟନ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୧୨୪ ପ୍ରତିଯୋଗୀ ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିନିୟର ଟାଇମ୍ ଟ୍ରାଏଲ୍ ପ୍ରତିଯୋଗିତାର ପୁରୁଷ ବର୍ଗରେ ରୋହିତ ହେମ୍ବ୍ରମ, ସୁନୀଲ କୁମାର ସାହୁ ଓ ଅଜୟ ବିଶ୍ୱାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ ଉର୍ମିଳା ବେହେରା, ଆନନ୍ଦିନୀ ପ୍ରଧାନ ଓ ମଧୁସ୍ମିତା ବେତାକ୍ ପ୍ରଥମ ୩ ସ୍ଥାନ ଅଧିକାର କରିଥିଲେ। ମାସ୍‌ଷ୍ଟାଟ୍ ପ୍ରତିଯୋଗିତାର ସିନିୟର ବର୍ଗରେ ସୂରଜ କୁମାର ସେଠୀ ପ୍ରଥମ, ରୋହିତ ହେମ୍ବ୍ରମ ଦ୍ୱିତୀୟ ଓ ଟିକେଶ୍ୱର ମାଝି ତୃତୀୟ ହୋଇଥିଲେ। ବିଭିନ୍ନ ବର୍ଗର ମହିଳା, ପୁରୁଷ, ବାଳକ ଓ ବାଳିକା ବିଭାଗରେ ମୋଟ ୪୮ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦୁଝର ଜିଲା ଡିଆର୍‌ଡିଏ ଉପାଧ୍ୟକ୍ଷ ସୋମନାଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଆସୋସିଏଶନ ସଭାପତି ମିନତୀ ମହାପାତ୍ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ରାଉତ, କୋଷାଧ୍ୟକ୍ଷ ସୁଜିତ ରାଉତ, ଉପସଭାପତି ନୃସିଂହ ସାହୁ, ସହସମ୍ପାଦକ ଗୋପୀନାଥ ସ୍ୱାଇଁ, କୋଚ୍ ସୁଶୀଲ ଦାସ, ଅପୂର୍ବ ରଞ୍ଜନ ବେହେରା, ମନୋରଞ୍ଜନ ବାରିକ, ରାମକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


କୃତୀ ସାଇକ୍ଲିଷ୍ଟମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ନସିମ୍ ଶାହ ବାଦ୍

**କଲମ୍ବୋ, ୧୩।୯(ପି.ଟି.):** ଆହତ ହୋଇ ଏସିଆ କପ୍‌ରୁ ବାଦ୍ ପଡିଛନ୍ତି ପାକିସ୍ତାନୀ ଦ୍ରୁତ ବୋଲର ନସିମ୍ ଶାହ। ଭାରତ ବିପକ୍ଷ ସୁପର-୪ ମ୍ୟାଚ୍ ସମୟରେ ନସିମ୍‌ଙ୍କ ଡାହାଣ କାନ୍ଧରେ ଆଘାତ ଲାଗିଥିଲା। ଉକ୍ତ ମ୍ୟାଚରେ ନସିମ୍ ନିଜ କୋଟା ପୂରଣ କରି ପାରି ନ ଥିଲେ। ବୁଧବାର ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଜମନ ଖାନଙ୍କୁ ନସିମ୍‌ଙ୍କ ବଦଳ ଖେଳାଳି ଭାବରେ ଘୋଷଣା କରାଯାଇଛି। ତେବେ ନସିମ୍ ବାଦ୍ ପଡିବା ପାକିସ୍ତାନ ପାଇଁ ବଡ ଝଟ୍‌କା ବୋଲି କହିଛନ୍ତି ବୋଲିଂ କୋଚ୍ ମର୍ନେ ମର୍କେଲ।

# ଟିକେଟର ସର୍ବନିମ୍ନ ମୂଲ୍ୟ ୨୬୦୦

**ଜେନେଭା, ୧୩।୯(ପି.ଟି.):** ଜର୍ମାନୀରେ ଆୟୋଜିତ ହେବାକୁ ଥିବା ୟୁରୋ କପ୍ ୨୦୨୪ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଟିକେଟ ବିକ୍ରି ଖୁବ୍ ଶୀଘ୍ର ଆରମ୍ଭ ହେବ। ଅକ୍ଟୋବର ୩ ତାରିଖରୁ ଏହି ମେଗା ଇଭେଣ୍ଟର ଟିକେଟ ବିକ୍ରି ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଗ୍ରୁପ୍ ଷ୍ଟେଜ୍ ମ୍ୟାଚ୍‌ଗୁଡିକ ପାଇଁ ଟିକେଟର ସର୍ବନିମ୍ନ ମୂଲ୍ୟ ୩୨ ଡଲାର ବା ଭାରତୀୟ ମୁଦ୍ରାରେ ୨୬୫୩ ଟଙ୍କା ରହିଛି। ସେହିପରି ହାଇଏଣ୍ଡ ସିଟ୍‌ଗୁଡିକ ପାଇଁ ସର୍ବନିମ୍ନ ମୂଲ୍ୟ ୧୦୭୨ ଡଲାର ରହିଛି। ସମୁଦାୟ ୨୭ ଲକ୍ଷ ଟିକେଟରୁ ଅକ୍ଟୋବର ମାସରେ ହିଁ ୧୨ ଲକ୍ଷ ଟିକେଟ ବିକ୍ରି ହେବ। ସେହିପରି ଫାଇନାଲ ମ୍ୟାଚ୍ ପାଇଁ ସାଧାରଣ ଟିକେଟର ମୂଲ୍ୟ ୪୦୦ ଡଲାର ରହିଥିବା ବେଳେ ହାଇଏଣ୍ଡ ସିଟ୍‌ଗୁଡିକ ପାଇଁ ୨୧୪୬ ଡଲାର ବ୍ୟୟ କରିବାକୁ ପଡିବ। ସମୁଦାୟ ୫୧ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଫାଇନାଲ ମ୍ୟାଚ୍ ବର୍ଲିନର ଅଲିମ୍ପିକ୍ସ ଷ୍ଟାଡିୟମରେ ଖେଳାଯିବ। ୟୁରୋ ୨୦୨୦ ଅପେକ୍ଷା ହାଇଏଣ୍ଡ ସିଟ୍‌ଗୁଡିକର ମୂଲ୍ୟରେ ୪୦ ପ୍ରତିଶତ ବୃଦ୍ଧି କରାଯାଇଥିବା ବୁଧବାର ପ୍ରକାଶ କରିଛି ୟୁରୋପୀୟ ଫୁଟବଲ ସଂଘ। ଜର୍ମାନୀର ୧୦ଟି ସହରରେ ଏହି ମ୍ୟାଚ୍‌ଗୁଡିକ ଖେଳାଯିବ। ଡିସେମ୍ବର ୨ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ଟିକେଟ ବିକ୍ରି ଆରମ୍ଭ ହେବ। ସମୁଦାୟ ଉପଲବ୍ଧ ଟିକେଟର ୮୦ ପ୍ରତିଶତ ସାଧାରଣ ଦର୍ଶକଙ୍କ ପାଇଁ ଉପଲବ୍ଧ ହେବ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM**
**ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏସିଆ କପ୍: ଫାଇନାଲ ଲକ୍ଷ୍ୟରେ ପାକିସ୍ତାନ, ଶ୍ରୀଲଙ୍କା

**କଲମ୍ବୋ, ୧୩।୯(ପି.ଟି.)**

ଏସିଆ କପ୍ କ୍ରିକେଟ ୨୦୨୩ର ସୁପର୍-୪ ମ୍ୟାଚ୍‌ରେ ଶ୍ରୀଲଙ୍କା ଓ ପାକିସ୍ତାନ ଗୁରୁବାର ପରସ୍ପରକୁ ସାମ୍ନା କରିବେ। ପ୍ରଥମ ଦଳ ଭାବରେ ଭାରତ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଏହି ମ୍ୟାଚର ବିଜେତା ଦ୍ୱିତୀୟ ଦଳ ଭାବରେ ଫାଇନାଲ ଖେଳିବ। ଏହି ମ୍ୟାଚ୍ ଉଭୟ ଦଳ ପାଇଁ ସେମିଫାଇନାଲ ଭଳି ରହିଥିବା ବେଳେ ବର୍ଷା କାରଣରୁ ମ୍ୟାଚ୍ ବାତିଲ ହେଲେ ଉନ୍ନତ ରନ୍‌ରେଟ୍ ଭିତ୍ତିରେ ଶ୍ରୀଲଙ୍କା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ତେବେ ଶ୍ରୀଲଙ୍କା ଅପେକ୍ଷା ପାକିସ୍ତାନ ଦଳ ଅଧିକ ଚିନ୍ତାରେ ରହିଛି। ଦୁଇ ପ୍ରମୁଖ ପେସ୍ ବୋଲର ନସିମ୍ ଶାହା ଓ ହରିଶ୍ ରୌଫ୍ ଆହତ ଥିବାବେଳେ ଉଭୟ ଖେଳାଳି ବାଦ୍ ପଡିବାର ସମ୍ଭାବନା ରହିଛି। ପାକିସ୍ତାନ ଦଳ ବିକଳ୍ପ ଖେଳାଳି ଭାବରେ ଶାହାନୱାଜ ଦହାନି ଓ ଜମନ ଖାନଙ୍କୁ ଦଳରେ ସାମିଲ କରିଛି। କେବଳ ବୋଲିଂରେ ନୁହେଁ ବ୍ୟାଟିଂରେ ମଧ୍ୟ ପାକିସ୍ତାନର ପ୍ରଦର୍ଶନ ଉଲ୍ଲେଖନୀୟ ରହିନାହିଁ। ଫଖର ଜମନ୍, ଇମାମ ଉଲ୍ ହକ୍ ଓ ବାବର ଆଜମ୍ ବଡ ସ୍କୋର କରିବାରେ ବିଫଳ ହୋଇଛନ୍ତି। ସେହିପରି ମଧ୍ୟକ୍ରମରେ ମହମ୍ମଦ ରିଜୱାନ ଓ ସଲମାନ ଆଘା ମଧ୍ୟ ବିଫଳ ହୋଇଛନ୍ତି। ଇଫତିଖାର ଅହମଦ ନେପାଳ ବିପକ୍ଷରେ ଶତକ ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ତାଙ୍କ ବ୍ୟାଟ ନୀରବ ରହିଛି। ଏହା ସହିତ ପାକିସ୍ତାନ ଦଳ ନିକଟରେ କ୍ୱାଲିଟି ସ୍ପିନର ମଧ୍ୟ ନାହାନ୍ତି। ଆର. ପ୍ରେମଦାସା ଷ୍ଟାଡିୟମରେ ସ୍ପିନରଙ୍କୁ ଭରପୂର ସହାୟତା ମିଳୁଥିବା ବେଳେ ମହମ୍ମଦ ନୱାଜ ଓ ଶଦାବ୍ ଖାନ ଭଲ ଫର୍ମରେ ନାହାନ୍ତି।

ସମାନ ଭାବରେ ଶ୍ରୀଲଙ୍କା ଦଳ ମଧ୍ୟ ଆହତ ସମସ୍ୟା ଦେଇ ଗତି କରୁଛି। ଆହତ କାରଣରୁ ୱାନିନ୍ଦୁ ହସରଙ୍ଗା, ଦୁଷ୍ମନ୍ତ ଚମିରା ଓ ଲାହିରୁ କୁମାରା ବାଦ ପଡିଥିଲେ ମଧ୍ୟ ଦଳକୁ ଏହାର ଅଭାବ ଅନୁଭୂତ ହୋଇ ନାହିଁ। ଯୁବ ଖେଳାଳି ମଥୀଷା ପଥିରାନା, ଦୁନିଥ୍ ୱେଲାଲାଗେ ଓ ମହୀଷ ଥିକ୍‌ସାନା ପ୍ରଭାବୀ ଖେଳ ପ୍ରଦର୍ଶନ କରିଛନ୍ତି। ବ୍ୟାଟିଂରେ ସାଦିରା ସମରବିକ୍ରମା ଦଳର ମୁଖ୍ୟ ଅସ୍ତ୍ର ରହିଥିବା ବେଳେ ପାର୍ଟ ଟାଇମ ସ୍ପିନ୍ ବୋଲିଂରେ ଧନଞ୍ଜୟ ଡି ସିଲ୍‌ଭା ଓ ଚରିଥ୍ ଅସଲଙ୍କା ମଧ୍ୟ ଭଲ ବୋଲିଂ କରିଛନ୍ତି। ଭାରତ ବିପକ୍ଷରେ ୫ ଉଇକେଟ ନେଇଥିବା ଦୁନିଥ ୱେଲାଲାଗେ ପୁଣି ଥରେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବେ।

**ମ୍ୟାଚ୍ ସ୍ଥାନ: ଆର. ପ୍ରେମଦାସା ଷ୍ଟାଡିୟମ, କଲମ୍ବୋ**
**ମ୍ୟାଚ୍ ସମୟ: ଅପରାହ୍ନ ୩.୦୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ରାଜ୍ୟ ମହିଳା ହକି ସେମିଫାଇନାଲ ଚୂଡ଼ାନ୍ତ

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ମହିଳା ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଓଡ଼ିଶା ସେକ୍ରେଟାରିଏଟ, କିଟ୍ ଓ କିସ୍, ଓଡ଼ିଶା ପୋଲିସ ଏବଂ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ସେକ୍ରେଟାରିଏଟ ଓ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ତେବେ ଶୁଟ୍‌ଆଉଟରେ ୩-୧ ଗୋଲରେ ବିଜୟୀ ହୋଇ ଓଡ଼ିଶା ସେକ୍ରେଟାରିଏଟ ସେମିଫାଇନାଲରେ ପହଞ୍ଚିଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କିଟ୍ ଓ କିସ୍ ଦଳ ୩-୦ ଗୋଲରେ ଦେବଗଡ଼କୁ ପରାସ୍ତ କରିଛି। ଓଡ଼ିଶା ପୋଲିସ ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଓଡ଼ିଶା ପୋଲିସ ୨-୧ରେ ବିଜୟୀ ହୋଇଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ୩-୦ ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚଏଚପିସି)କୁ ୩-୦ ଗୋଲରେ ହରାଇ ଦେଇଥିଲା।

**Classified Everyday**
**0674-2580101, 2549949**



**REAL ESTATE**

**SALE**

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

**Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407.** D-75212

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

Newly open SPA positively health benefits with expert therapist. 9938843929. D-75147

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

By virtue of affidavit Sl.No. 28561/ Dt.02.09.2023 sworn before Notary Public, Bhubaneswar, I, Sasmita Rout, age- 23 yrs., D/o Kailash Chandra Rout, residence of Sahasapur, Jajapur Sadar, Dist.- Jajapur- 755017 have changed my name from 'Rasmita Rout' to 'Sasmita Rout' for all future purposes. D-1300

**LOST**

I, Bailochan Pradhan, S/o Chintamani Pradhan of Bhaleswar, P.S. Beltukari, Dist.- Nuapada lodge a report at Beltukari P.S. on Dt.07.08.2023 vide G.D. No.005 Dt.07.08.2023 regarding lost of the original exchange Deed vide Deed No.357/2009 Dt.21.02.2009 executed before the DSR, Nuapada at Beltukari weekly market. That I have concealed nothing and the facts stated above are true and correct. D-1301

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**


**ସ୍ୱର୍ଗତ ଶ୍ରୀ ରବିନ୍ଦ୍ରନାଥ ଆଚାର୍ଯ୍ୟ**
ଗ୍ରାମ:ତ୍ରିଲୋଚନପୁର, କଣାସ, ପୁରୀ
ଆବିର୍ଭାବ- ୧୮।୧୧।୧୯୫୩
ତିରୋଧାନ- ୦୬।୦୩।୨୦୨୧
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ବିଶ୍ୱାସ କରି ହେଉନି, ତୁମର ଆମ୍ଭମାନଙ୍କ ସାଙ୍ଗରେ ରହିବାକୁ ବହୁତ ଇଚ୍ଛାଥିଲେ ମଧ୍ୟ ଭଗବାନ ତୁମକୁ ଆମ ପାଖରୁ ଛଡ଼ାଇ ନେଇଗଲେ। ତୁମର ଦୟା, ସାହସ, ତ୍ୟାଗ ଓ ପରୋପକାରିତା ଗୁଣ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ତୁମେ ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ୍ଭମାନଙ୍କୁ ଅମୃତ ଦୃଷ୍ଟିରେ ଚାହିଁଥାଅ ଏହା ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।**
ଧ-୧୩୦୨


# ପ୍ରି କ୍ୱାର୍ଟରରେ ତନିଶା-ଅଶ୍ୱିନ

**କୋଲୁନ୍, ୧୩।୯(ପି.ଟି.)**

ହଂକଂ ଓପନ ସୁପର ୫୦୦ ସିରିଜ୍ ବ୍ୟାଡ୍‌ମିଣ୍ଟନର ପ୍ରଥମ ଦିନରେ ମହିଳା ଡବଲ୍ସ ଯୋଡି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଜ୍ୟ ଗୋଷ୍ଠୀ ପଦକ ବିଜେତା ଲକ୍ଷ୍ୟ ସେନ୍ କିନ୍ତୁ ପିଠି ଯନ୍ତ୍ରଣା କାରଣରୁ ଏହି ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ବୁଧବାର ତନିଶା-ଅଶ୍ୱିନ ଯୋଡି ୨୧-୧୯ ଓ ୨୧-୧୯ ସେଟ୍‌ରେ ଚାଇନିଜ୍ ତାଇପେର ଲି ଚିଆ ହିନ୍ ଓ ଟେଙ୍ଗ ଚୁନ୍ ହୁନ୍‌ଙ୍କୁ ପରାସ୍ତ କରିଛନ୍ତି। ପ୍ରିକ୍ୱାର୍ଟର ମୁକାବିଲାରେ ଭାରତୀୟ ଯୋଡି ଟପ୍ ସିଡେଡ୍ ମାୟୁ ମାତ୍ସୁମୋଟୋ ଓ ୱାକାନା ନାଗାହାରାଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସରେ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ବ୍ୟାକ୍ ଷ୍ଟ୍ରେନ୍ କାରଣରୁ ଓହରି ଯାଇଥିଲେ। ଆହତ ସମସ୍ୟାରୁ ସୁସ୍ଥ ହୋଇଥିବା ଲକ୍ଷ୍ୟ ଶତ ପ୍ରତିଶତ ଫିଟ୍ ନ ଥିବାରୁ ଓହରିବାକୁ ନିଷ୍ପତ୍ତି ନେଲୁ ବୋଲି କହିଛନ୍ତି କୋଚ୍ ଅନୁପ ଶ୍ରୀଧର। ଆଗକୁ ଏସିଆନ୍ ଗେମ୍ସ ରହିଥିବାରୁ ଶତ ପ୍ରତିଶତ ଫିଟ୍‌ନେସ୍ ହାସଲର ଲକ୍ଷ୍ୟ ରହିଛି ବୋଲି କୋଚ୍ କହିଛନ୍ତି।

ଲକ୍ଷ୍ୟ ସେନ୍ ଓହରି ଯାଇଥିବା ବେଳେ ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଭାରତୀୟ ପ୍ରିୟାଂଶୁ ରଜାୱତ ୧୩-୨୧ ଓ ୧୪-୨୧ ସେଟ୍‌ରେ ଜାପାନର କାଣ୍ଟା ସୁନେୟାମାଙ୍କଠାରୁ ହାରି ଯାଇଥିଲେ। ମହିଳା ସିଙ୍ଗଲ୍ସରେ ଆକର୍ଷୀ କଶ୍ୟପ ୨୧-୧୮ ଓ ୨୧-୧୦ରେ ଜର୍ମାନୀର ୱାଇ ଭୋନ୍ନେ ଲିଙ୍କ ନିକଟରୁ ପରାସ୍ତ ହୋଇଥିଲେ। ମାଳବିକା ବନ୍ସୋଡ ୨୧-୧୪, ୨୧-୧୨ ସେଟ୍‌ରେ ଚାଇନାର ଝାଙ୍ଗ ୟିଙ୍କଠାରୁ ହାରି ବିଦାୟ ନେଇଥିଲେ।

ପୁରୁଷ ଡବଲ୍ସରେ କ୍ରିଷ୍ଣା ପ୍ରସାଦ ଗରଗା ଓ ବିଷ୍ଣୁବର୍ଦ୍ଧନ ଗୌଡ ପଞ୍ଜାଲା ୨୧-୧୪, ୨୧-୧୯ ସେଟ୍‌ରେ କୋରିଆର କୋସଙ୍ଗ ହୁନ୍ ଓ ଶିନ୍ ବିକ୍ ଚେଓଲଙ୍କଠାରୁ ପରାଜିତ ହୋଇଥିଲେ। ମିକ୍ସଡ ଡବଲ୍ସରେ ବି. ସୁମିତ ରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ୧୬-୨୧, ୨୧-୧୬ ଓ ୧୮-୨୧ରେ ମାଲେସିଆର ଚେନ୍ ଟାଙ୍ଗ ଜାଏ ଓ ଟୋ ଏ ୱେଇଙ୍କଠାରୁ ପରାଜିତ ହୋଇଥିଲେ। ରୋହନ୍ କପୁର ଓ ଏନ୍ ସିକ୍କି ରେଡ୍ଡୀଙ୍କ ଯୋଡି ୧୯-୨୧ ଓ ୧୦-୨୧ରେ ସିଙ୍ଗାପୁରର ହି ୟୋଙ୍ଗ କାଇ ଟେରୀ ଓ ଟାନ୍ ୱେଇ ହାନ୍ ଜେସିକାଙ୍କଠାରୁ ପରାସ୍ତ ହୋଇଥିଲେ।



ମ୍ୟାଚ ଅବସରରେ ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା।

# କିସ୍-କ୍ୟାପିଟାଲ ଫାଇନାଲ

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ**

**ଭୁବନେଶ୍ୱର, ୧୩।୯ (ତପନ ସ୍ୱାଇଁ)**

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ କିସ୍ ଓ କ୍ୟାପିଟାଲ ସ୍କୁଲ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ୟୁନିଟ-୩ କ୍ୟାପିଟାଲ ସ୍କୁଲ ୩-୨ ଗୋଲରେ ବିକାଶ ସ୍କୁଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପୂର୍ବଦିନ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କିସ୍ ସ୍କୁଲ ୩-୦ ଗୋଲ୍‌ରେ ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବିକାଶ ସ୍କୁଲ ପକ୍ଷରୁ ଦିବ୍ୟକାନ୍ତ ମହାପାତ୍ର ୧୨ ଓ ଅନ୍ତରୀକ୍ଷ ରାଉତ ୨୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କ୍ୟାପିଟାଲ ସ୍କୁଲ ପକ୍ଷରୁ ବାଇଧର ତିରିଆ ୨୪ ଓ ଡମ୍ବୁ ସଏ ୩୬ତମ ମିନିଟରେ ଗୋଲ ପରିଶୋଧ କରିଥିଲେ। ସ୍ଥିତି ୨-୨ ସ୍ଥିତିରେ ରହିଥିବାବେଳେ ମ୍ୟାଚ ଶେଷ ହେବାର ଗୋଟିଏ ମିନିଟ ପୂର୍ବରୁ ବିକାଶ ସ୍କୁଲ ଖେଳାଳି ଆତ୍ମଘାତୀ ଗୋଲ କରିବାରୁ କ୍ୟାପିଟାଲ ବିଜୟୀ ହୋଇ ଯାଇଥିଲା। ବିଜୟୀ ଦଳର ଡମ୍ବୁ ସଏ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦେବବ୍ରତ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉନ୍ନତ ମାନର ଖେଳ ପାଇଁ ବିକାଶ ସ୍କୁଲର ଦିବ୍ୟକାନ୍ତ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ଡମ୍ବୁ ସଏ (ବାମ) ପୁରସ୍କାର ଗ୍ରହଣ କରୁଛନ୍ତି।

# କସ୍ତୁରୀ


ନୂଆ ଓଡ଼ିଆ ସିନେମା 'କସ୍ତୁରୀ' ଏଥର ଗଣେଶ ପୂଜାରେ ରିଲିଜ ହେବାକୁ ଯାଉଛି। ବାପ-ଝିଅର ଅନାବିଳ ସ୍ନେହ ସମ୍ପର୍କକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ସମାଜରେ ପରିବର୍ତ୍ତନ ଆଣିବାରେ କେବଳ ପୁରୁଷ ନୁହେଁ, ନାରୀମାନଙ୍କର ମଧ୍ୟ ଭୂମିକା ରହିଛି। ସେପରି ଘଟଣା ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା କରିଛନ୍ତି ସଞ୍ଜୟ କୁମାର ପାତ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଂଗ୍ରାମ ମହାନ୍ତି। ଫିଲ୍ମର ମୁଖ୍ୟ ଭୂମିକାରେ ସଞ୍ଜୟ, ଦୁଷ୍ମନ୍ତ ଅଭିନୟ କରିଥିବା ବେଳେ ନାୟିକା ସାଜିଛନ୍ତି କୁକିଜ୍। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅଶ୍ରୁମୋଚନ ମହାନ୍ତି, ଭାରତ ଗୌରବ ସାହୁ, ସୁମନ ଏବଂ ଶିଶୁ କଳାକାର ସମ୍ପୂର୍ଣ୍ଣ ମହାନ୍ତି ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ ଏବଂ ବିଜୟ ମଲ୍ଲ। ଏଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଶିବୁ ଜେନା। ତେବେ ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ପ୍ରଯୋଜକ।


କୁକିଜ୍-ଦୁଷ୍ମନ୍ତ

# କେବଳ ଡେଟ୍ ପାଇଁ

ପୂଜା ହେଗ୍‌ଡେ ବଡ଼ ପରଦା ପାଇଁ ନୂଆ ନୁହନ୍ତି। ଦକ୍ଷିଣ ଭାରତୀୟ ସିନେମା ଅବା ବଲିଉଡ୍-ବେଶ୍ କେତୋଟି ଚଳଚ୍ଚିତ୍ରରେ ସେ ଅଭିନୟ କରି ସାଉଣ୍ଟି ସାରିଛନ୍ତି ଅନେକ ପ୍ରଶଂସା। ନିକଟରେ ସେ କେତୋଟି ଭଲ ଅଫର ହାତଛଡ଼ା କରିଛନ୍ତି। ତାହାର କାରଣ କ'ଣ ଜାଣନ୍ତି ? ଏବେ ତାଙ୍କ ହାତରେ ଯେତୋଟି ସିନେମା ଅଛି ତାହାକୁ ପ୍ରଥମେ ସେ ଶେଷ କରିବାକୁ ଚାହାନ୍ତି। ସେପଟେ ନୂଆ ସିନେମା ପାଇଁ ତାଙ୍କ ହାତରେ ଡେଟ୍ ନାହିଁ। ହାତଛଡ଼ା କରିଥିବା ଅଫର ବିଷୟରେ ସୂଚନା ଦେଇ ପୂଜା କହନ୍ତି, 'ଅଳ୍ପ ଦିନ ହେବ ମୋତେ ଏକ ନୂଆ ବ୍ୟାନରରେ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ମୁଁ କ'ଣ କରିବି ? ମୋ ହାତରେ ଆଦୌ ଡେଟ୍ ନାହିଁ। ତେଣୁ ବାଧ୍ୟ ହୋଇ ଅଫରଦ୍ୱୟ ହାତଛଡ଼ା କଲି। ଏହା ପଛରେ ଆଉ ସେପରି କିଛି ଗୁରୁତ୍ୱପୂର୍ଣ୍ଣ କାରଣ ନାହିଁ। ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଏହି ଫିଲ୍ମର ନାୟକ ସାଜିଥିଲେ ହ୍ରିତିକ୍ ରୋଶନ। ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା।


ପୂଜା


କିଆରା

# ଗେମ୍ ଚେଞ୍ଜର

କିଆରା ଆଡଭାନୀ ଅଭିନୟ କରୁଥିବା ନୂଆ ତେଲୁଗୁ ସିନେମା 'ଗେମ୍ ଚେଞ୍ଜର'କୁ ନେଇ ଚର୍ଚ୍ଚା। ଦକ୍ଷିଣ ଭାରତୀୟ ସିନେମାର ନାମୀ ନିର୍ଦ୍ଦେଶକ ଏସ. ଶଙ୍କର ଏହାର ନିର୍ଦ୍ଦେଶନା ଦେଉଛନ୍ତି। ୧୭୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମର କାହାଣୀ ହେଉଛି ଏକ ପଲଟିକାଲ ଆକ୍ସନ ଡ୍ରାମା। ଏଥିରେ ତାଙ୍କୁ ମିଳିଥିବା ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି କିଆରା। 'ଏସ. ଶଙ୍କରଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ମିଳିଥିବା ରୋଲ୍ ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ମୋ ହାତରେ ହିନ୍ଦୀ ସିନେମା ଅଫର ନାହିଁ ବୋଲି କହନ୍ତି ଏହି ଅଭିନେତ୍ରୀ।' 'ଗେମ୍ ଚେଞ୍ଜର' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦିଲ୍ ରାଜୁ ଏବଂ ଶିରିଶ। ଚିତ୍ରଟିର ସଂଳାପ ରଚନା କରିଛନ୍ତି ସାଇ ମାଧବ ବୁର୍‌ହା, ଫରହଦ୍ ସାମଜୀ, ସୁ. ଭେଙ୍କଟେସନ୍ ଏବଂ ବିବେକ। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତା ରାମ୍ ଚରଣ।

# ଏବେ ନୁହେଁ..

ଜାହ୍ନବୀ କପୁର ଗୋଟିଏ କଥାକୁ ନେଇ ଟେନସନ୍‌ରେ ଅଛନ୍ତି। କଥା କ'ଣ କି ଏବେ ତାଙ୍କୁ ଚାରିଆଡେ ପଚାରୁଛନ୍ତି ଯେ, ସେ କେବେ ଘରସଂସାର କରିବେ। ଏପରି କଥା ତାଙ୍କୁ ବିଚଳିତ କଲାଣି। କାରଣ ସେ କୁଆଡେ ଏ ବିଷୟରେ ଏ ପର୍ଯ୍ୟନ୍ତ ଚିନ୍ତା କରିନାହାନ୍ତି। ବର୍ତ୍ତମାନ ନିଜର ଯୋଜନାକୁ ନେଇ ବୋନି ତନୟା କହନ୍ତି, 'ମ୍ୟାରେଜ୍ କଥା ଏବେ ମୁଁ ଆଦୌ ଚିନ୍ତା କରିନି। ସେ କଥା ମଧ୍ୟ ମୋ ମନକୁ ଆସିନି। କାରଣ ବର୍ତ୍ତମାନ କ୍ୟାରିୟର ଉପରେ ମୁଁ ଫୁଲ୍ ଫୋକସ୍ କରୁଛି। ଯେତେବେଳେ ହାତକୁ ଦି'ହାତ ହେବି ବୋଲି ଚିନ୍ତା କରିବି ଆଉ ନିଷ୍ପତ୍ତି ନେବି ସେତେବେଳେ ସେକଥା ସମସ୍ତେ ଜାଣିପାରିବେ। ଏପଟେ ଶୁଣିବାକୁ ପାଉଛି ଯେ ଖୁବ୍ ଶୀଘ୍ର ମୁଁ ବାହା ହେଉଛି ବୋଲି ଆଲୋଚନା ହେଉଛି। ସେଭଳି କଥାରେ ଟିକିଏ ହେଲେ ସତ୍ୟତା ନାହିଁ। କେହି ଜଣେ ମୋତେ ଅଯଥା ବଦନାମ୍ କରିବାକୁ ଏଭଳି ପ୍ରଚାର କରୁଛନ୍ତି। ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ।

# ମାତ୍ର ୭

ଯେତେବେଳେ ବାଣୀ କପୁର ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଥିଲା ଆଖିଏ ସ୍ୱପ୍ନ। କିନ୍ତୁ ହେଲା କ'ଣ ? ହିନ୍ଦୀ ସିନେମାରେ ଦେଖୁ ଦେଖୁ ୯ ବର୍ଷ ପୂରି ଗଲାଣି। ହେଲେ ସିନେମା ସଂଖ୍ୟା କେତେ ଜାଣନ୍ତି ? ମାତ୍ର ୭ଟି। ଏ ନେଇ ଚିନ୍ତା କରୁଥିଲେ ବି ଭାଙ୍ଗି ପଡ଼ି ନାହାନ୍ତି ବାଣୀ। ତେବେ ଏହି ସମୟ ଭିତରେ ତାଙ୍କୁ ମନଲାଖି ଅଫରଟିଏ ମିଳିନି ବୋଲି କହନ୍ତି ଏହି ଅଭିନେତ୍ରୀ। ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ନିଜ କ୍ୟାରିୟର ସମ୍ପର୍କରେ ବାଣୀ କୁହନ୍ତି, 'ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ତେଣୁ ସବୁକିଛି ମୋ ଭାଗ୍ୟର ଦୋଷ। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତପ୍ରତିଶତ ଆତ୍ମତୃପ୍ତି ଦେଇଛି।' ବାଣୀଙ୍କ ଅଭିନୀତ ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ୍' ଏବଂ 'ସମସେରା।'


ଜାହ୍ନବୀ


ବାଣୀ

## ଅପେରା ହାଲ୍‌ଚାଲ୍

# ସୂର୍ଯ୍ୟମନ୍ଦିରର ବାଜିମାତ୍

ଜଲିଉଡ୍‌ର ଅନ୍ୟତମ ପ୍ରମୁଖ ଯାତ୍ରାନୁଷ୍ଠାନ ଅପେରା ସୂର୍ଯ୍ୟମନ୍ଦିର ଚଳିତ ଯାତ୍ରା ସିଜନରେ ମଧ୍ୟ ବାଜିମାତ୍ କରିଚାଲିଛି। ଏବର୍ଷ ପ୍ରସ୍ତୁତ ନୂଆ ତିନୋଟି ନାଟକ ଦର୍ଶକାଦୃତ ହେବାରେ ଲାଗିଛି। ଇଂ ପ୍ରମୋଦ ସ୍ୱାଇଁଙ୍କ ଦ୍ୱାରା ପ୍ରଯୋଜିତ ଏହି ପାର୍ଟିରେ ଏଥର ହାଇ-ଫାଇ ଲାଇଟ୍ ସାଉଣ୍ଡ, ଅତ୍ୟାଧୁନିକ ମଞ୍ଚ, ଫାଟକ ବ୍ୟତୀତ ଷ୍ଟାର ଷ୍ଟଡେଡ୍ ପାର୍ଟି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଅନ୍ୟପକ୍ଷରେ ଏହାର ମୁଖ୍ୟ ପରିଚାଳକ ଦାୟିତ୍ୱ ବେଶ୍ ସୁଚାରୁରୂପେ ତୁଲାଉଛନ୍ତି ବଙ୍କିମ ସ୍ୱାଇଁ। ଏବର୍ଷ ପରିବେଷିତ ନାଟକଗୁଡିକ ହେଉଛି- 'ହାତ ଧରି ବାଟ ଚାଲୁଥିବି' (ରଚନା-ଡ. ଦୀପକ ଜେନା, ନିର୍ଦ୍ଦେଶନା-ବିନୋଦ ରାଉତ, ସଙ୍ଗୀତ-ମିହିର ମହାନ୍ତି), 'ତୋ ଲୁହରୁ ମୋତେ ଅଧା ଦେଇଦେ' (ରଚନା-ସୁଧାଂଶୁ ନାୟକ, ନିର୍ଦ୍ଦେଶନା-ଗୁରୁ ପ୍ରସାଦ ମିଶ୍ର, ସଙ୍ଗୀତ-ଏକନ) ଏବଂ 'ତୁ ରଜା ଝିଅ ମୁଁ ରିକ୍ସାବାଲା' (ରଚନା-ଅରୁଣ ବାରିକ, ନିର୍ଦ୍ଦେଶନା-ତାପସ ସ୍ୱାଇଁ, ସଙ୍ଗୀତ-ମିହିର ମହାନ୍ତି)। ଏହାବ୍ୟତୀତ ପୂର୍ବବର୍ଷର ତଥା ପ୍ରଦୀପ ବେହେରାଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ ହିଟ୍ ନାଟକ 'ଝରିଗଲା ଝରା ଫୁଲ' ଏଥର ମଧ୍ୟ ରିପିଟ୍ ହେଉଛି। ଚଳିତ ଯାତ୍ରା ସିଜନରେ ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିଛନ୍ତି ଅନ୍ୟତମ ଲୋକପ୍ରିୟ ଯୋଡି ବିନୋଦ-ବେବିନା। ତାଙ୍କ ବ୍ୟତୀତ ଟାହିଆ-ମାମା, କମେଡି ଯୋଡି ଦୟା-ଜିନା, ଦୀପକ ବୋଷ, ସୌମ୍ୟ ମିଶ୍ର (ଜୁନିୟର ବାବୁସାନ୍), ମାମୁନି, ବିରଞ୍ଚି, ସୁଧାଂଶୁ ଏବଂ ତାରିଣୀ ପ୍ରମୁଖ କଳାକାର। ଅଭିନେତା-ଉପସ୍ଥାପକ ଅଭି ଏବଂ ମେଲୋଡି କୁଇନ୍ ରୁନୁ ପଣ୍ଡାଙ୍କୁ ମଧ୍ୟ ଏଥର ସୂର୍ଯ୍ୟମନ୍ଦିରରେ ଦେଖିବାକୁ ମିଳିଛି।


ବେବିନା-ବିନୋଦ

## ରିଲିଜ୍ ଅପେକ୍ଷାରେ

# ଶଙ୍କର

ଏସ. ଡି. ଫିଲ୍ମସ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶଙ୍କର' ଏଥର ଗଣେଶ ପୂଜା ଅବସରରେ ରିଲିଜ ହେଉଛି। ଫିଲ୍ମଟି ଚଳିତ ମାସ ୨୨ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆକ୍ସନ, ରୋମାଣ୍ଟିକ, ଓ ସସ୍‌ପେନ୍ସକୁ ଆଧାର କରି ଏହାର କାହାଣୀ ଗତି କରିଛି। ସିଦ୍ଧାନ୍ତ ମହାପାତ୍ର ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ଏହାର ଲିଡ୍ ରୋଲ୍‌ରେ ଦେଖାଦେବେ ଦେବା ଓ ଦିବ୍ୟା ଯୋଡି। ଦେବା ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଅଭିନୟ କରିଥିବା ବେଳେ ଦିବ୍ୟାଙ୍କୁ ଜଣେ ସ୍କୁଲ ଶିକ୍ଷୟିତ୍ରୀ ଭାବରେ ଦର୍ଶକ ଦେଖିବାକୁ ପାଇବେ। ଶିବ, କୁନା ତ୍ରିପାଠୀ, କେ. କେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟିର ପ୍ରଯୋଜନା ଅରବିନ୍ଦ ସାହୁ କରିଛନ୍ତି । କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ. ପାଢ଼ୀ।

'ଶଙ୍କର' ଫିଲ୍ମର ଏକ ଦୃଶ୍ୟ







ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଝାଡ଼ଖଣ୍ଡ-ଉତ୍ତର ପ୍ରଦେଶ ଏବଂ ପଞ୍ଜାବ-ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଗିଲ୍‌ଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

ଦୁବାଇ,୧୩ା୯(ପି.ଟି.)

ଆଇସିସି ପକ୍ଷରୁ ବୁଧବାର ଏହାର ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଦିନିକିଆ ବ୍ୟାଟରଙ୍କ ମଧ୍ୟରେ ଭାରତୀୟ ଦଳର ଓପନର ଶୁବମନ ଗିଲ୍ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଟପ୍ ଟେନ୍ ମଧ୍ୟରେ ରୋହିତ ଶର୍ମା(୮ମ) ଓ ବିରାଟ କୋହଲି ୯ମ ସ୍ଥାନରେ ରହିଛନ୍ତି। ୨୦୧୯ ପରେ ପ୍ରଥମ ଥର ପାଇଁ ୩ ଜଣ ଭାରତୀୟ ଖେଳାଳି ଟପ୍ ୧୦ ତାଲିକାରେ ସ୍ଥାନ ପାଇଛନ୍ତି। ଜାନୁୟାରୀ ୨୦୧୯ରେ ରୋହିତ ଶର୍ମା, ବିରାଟ କୋହଲି ଓ ଶିଖର ଧାୱନ ଟପ୍ ୧୦ ତାଲିକାରେ ସାମିଲ ଥିଲେ। ନେପାଳ ଓ ପାକିସ୍ତାନ ବିପକ୍ଷରେ ଚମତ୍କାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ ଗିଲ୍। ପାକିସ୍ତାନ ବିପକ୍ଷରେ ୫୮ ରନ୍ ସ୍କୋର କରିଥିବା ବେଳେ ଓପନିଙ୍ଗ ଯୋଡ଼ିରେ ୧୨୧ ରନ୍ ସଂଗ୍ରହ କରିଥିଲେ। ଗିଲ୍ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଲଗାତର ୩ ଅର୍ଦ୍ଧଶତକ ହାସଲ କରିଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନ ବିପକ୍ଷରେ ଅପରାଜିତ ୧୨୨ ରନ୍ ସହିତ ଦିନିକିଆରେ ୧୩ ହଜାର ରନ୍ ପୂରଣ କରିଥିବା ବିରାଟ କୋହଲି ଦୁଇଟି ସ୍ଥାନ ପଦୋନ୍ନତି ସହିତ ୯ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି।

ସମାନ ଭାବରେ ପାକିସ୍ତାନର ମଧ୍ୟ ୩ ଖେଳାଳି ଟପ୍ ଟେନ୍‌ରେ ସାମିଲ ଅଛନ୍ତି। ଅଧିନାୟକ ବାବର ଆଜମ୍ ତୃତୀୟ ସ୍ଥାନରେ ରହିଛନ୍ତି। ଗିଲ୍‌ଙ୍କଠାରୁ ୧୦୦ ପଏଣ୍ଟ ପଛରେ ରହିଛନ୍ତି ବାବର। ସେହିପରି ପାକିସ୍ତାନୀ ବ୍ୟାଟର ଇମାମ୍ ଉଲ୍ ହକ୍ ପଞ୍ଚମ ଓ ଫଖର ଜମନ୍ ୧୦ମ ସ୍ଥାନରେ ରହିଛନ୍ତି। ବିଗତ ୮ ମ୍ୟାଚ୍‌ରେ ୩ ଶତକ ଓ ୨ ଅର୍ଦ୍ଧଶତକ ହାସଲ କରିଥିବା ଟେମ୍ବା ବାଭୁମା କ୍ୟାରିୟର ଶ୍ରେଷ୍ଠ ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ ୧୦ ସ୍ଥାନ ଉପରକୁ ଉଠି ୩୭ ଓ ଇଶାନ କିଶନ ୨ଟି ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ରହିଛନ୍ତି।

ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ଆଡାମ୍ ଜାମ୍ପା ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ ୫ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ରହିଛନ୍ତି। ପ୍ରତ୍ୟାବର୍ତ୍ତନ କରିଥିବା ଯଶପ୍ରୀତ୍ ବୁମ୍‌ରା ୮ ସ୍ଥାନ ଉପରକୁ ଉଠି ୨୭, ହାର୍ଦ୍ଦିକ ପାଣ୍ଡ୍ୟା ୨୧ ସ୍ଥାନ ଉପରକୁ ଉଠି ୫୬ତମ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନର ହାରିସ୍ ରୌଫ୍ ୮ ସ୍ଥାନ ଉଠି ୨୧ତମ ସ୍ଥାନରେ ରହିଛନ୍ତି।

# ବେଙ୍ଗଲ-ଉତ୍ତର ପ୍ରଦେଶ ଫାଇନାଲ

ଭୁବନେଶ୍ୱର, ୧୩ା୯
(ତପନ ସ୍ୱାଇଁ)

**ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ବେଙ୍ଗଲ ଓ ଉତ୍ତର ପ୍ରଦେଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତା ଶୁକ୍ରବାର ଫାଇନାଲ ଅନୁଷ୍ଠିତ ହେବ। କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ମ୍ୟାଚରେ ଉତ୍ତର ପ୍ରଦେଶ ୨-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ମହମ୍ମଦ ନଦିମ ୫୮ତମ ମିନିଟରେ ଗୋଟିଏ ଗୋଲ ଦେଇ ଉତ୍ତର ପ୍ରଦେଶକୁ ଅଗ୍ରଣୀ କରିଥିଲେ। ଝାଡ଼ଖଣ୍ଡ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ଉତ୍ତର ପ୍ରଦେଶର ନିରଞ୍ଜନ ଜୁଙ୍ଗ ଶାହି ୭୪ତମ ମିନିଟରେ ଆଉଏକ ଗୋଲ ଦେଇ ଦଳକୁ ୨-୦ରେ ବିଜୟୀ କରିଥିଲେ। ୯୦+୨ ମିନିଟରେ ବିଜୟୀ ଦଳର ଗୌରବ କାଶ୍ୟପ ୟେଲୋକାର୍ଡ ପାଇଥିଲେ। କ୍ୟାପିଟାଲ ଗ୍ରାଉଣ୍ଡରେ ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ବେଙ୍ଗଲ ୨-୦ ଗୋଲରେ ପଞ୍ଜାବକୁ ହରାଇ ଦେଇଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ବେଙ୍ଗଲ ପକ୍ଷରୁ ପ୍ରଦୀପ ମିଶ୍ର ୫ମ ଓ ତନବୀର ଦେ ୨୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୋଲ ପରିଶୋଧ ପାଇଁ ପଞ୍ଜାବ ଜୋରଦାର ଉଦ୍ୟମ କରିଥିଲେ ହେଁ ବେଙ୍ଗଲ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ଏହି ମ୍ୟାଚରେ ବେଙ୍ଗଲର ୩ ଓ ପଞ୍ଜାବର ୨ ଖେଳାଳି ୟେଲୋକାର୍ଡ ପାଇଥିଲେ।

# ଆଫଗାନିସ୍ତାନ ବିଶ୍ୱକପ୍ ଦଳ ଘୋଷିତ

କାବୁଲ,୧୩ା୯(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩ ପାଇଁ ବୁଧବାର ୧୫ ଜଣିଆ ଦଳ ଘୋଷଣା କରିଛି ଆଫଗାନିସ୍ତାନ। ମଧ୍ୟକ୍ରମ ବ୍ୟାଟର ହସମତଉଲ୍ଲା ଶାହିଦି ଏହି ଦଳର ଅଧିନାୟକ ରହିଥିବା ବେଳେ ଦୁଇ ବର୍ଷ ପରେ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ପେସର୍ ନବୀନ ଉଲ୍ ହକ୍। ଆଇପିଏଲ୍ ୨୦୨୨ରେ ବିରାଟ କୋହଲିଙ୍କ ସହିତ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିଲେ ନବୀନ। ଜାନୁୟାରୀ ୨୦୨୧ରେ ଶେଷ ଥର ପାଇଁ ଦିନିକିଆ ଖେଳିଥିବା ନବୀନ ୭ ମ୍ୟାଚରୁ ୧୪ ଉଇକେଟ ଅକ୍ତିଆର କରିଛନ୍ତି। ଫଜଲ୍ହକ ଫାରୁକି, ଅବଦୁଲ୍ ରେହମାନ ଓ ଅଜମତୁଲ୍ଲା ଓମାରଜାଇ ଅନ୍ୟ ୩ ପେସର ଭାବେ ଦଳରେ ସ୍ଥାନ ପାଇଛନ୍ତି। ରଶିଦ୍ ଖାନଙ୍କ ସହିତ ମହମ୍ମଦ ନବି ଓ ମୁଜିବ୍ ଉର୍ ରେହମାନ ସ୍ପିନ୍ ବିଭାଗର ନେତୃତ୍ୱ ନେବେ। ଏସିଆ କପ୍ ଦଳରେ ସ୍ଥାନ ପାଇଥିବା କରିମ୍ ଜନାତ, ମହମ୍ମଦ ସଲିମ, ଶରାଫୁଦ୍ଦିନ ଅଶ୍ରଫ ଓ ସୁଲିମାନ ସାଫି ଏହି ଦଳରୁ ବାଦ ପଡିଛନ୍ତି।

**ଆଫଗାନିସ୍ତାନ ଦଳ:** ହସମତଉଲ୍ଲା ଶାହିଦି (ଅଧିନାୟକ), ରହମାନଉଲ୍ଲା ଗୁରବାଜ (ଉଇକେଟ କିପର), ଇବ୍ରାହିମ ଜାଦ୍ରାନ, ରିଆଜ୍ ହସନ, ରହମତ ଶାହ, ନଜିବୁଲ୍ଲା ଜାଦ୍ରାନ, ମହମ୍ମଦ ନବି, ଇକ୍ରାମ ଅଲିଖିଲ (ଉଇକେଟ କିପର), ଅଜମତଉଲ୍ଲା ଓମାରଜାଇ, ରଶିଦ୍ ଖାନ, ମୁଜିବ୍ ଉର୍ ରେହମାନ, ନୁର ଅହମଦ, ଫଜଲ୍ହକ ଫାରୁକି, ଅବଦୁଲ୍ ରେହମାନ, ନବୀନ ଉଲ ହକ୍।

# ଅଲ୍ ଓଡ଼ିଶା ସ୍ନୁକର ଆରମ୍ଭ

ଭୁବନେଶ୍ୱର,୧୩ା୯
(ସରୋଜ ଜେନା)

ଆଶିଷ ପଣ୍ଡା ମେମୋରିଆଲ ଅଲ ଓଡ଼ିଶା ସ୍ନୁକରର ଦ୍ୱିତୀୟ ସଂସ୍କରଣ ବୁଧବାର ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ଥିତ ଭିଣ୍ଟେଜ୍ କ୍ଲବରେ ପ୍ରଥମ ଦିନରେ ୯ ମ୍ୟାଚ୍ ଖେଳା ଯାଇଛି। ପ୍ଲେୟର ଅଫ୍ ଦ ଡେ ବିବେଚିତ ହୋଇଥିବା ଜଗଦୀଶ ମହାନ୍ତି ୩-୨ରେ ଶୁଭ୍ରାଂଶୁ ଭୂଷଣ କରଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମ୍ୟାଚରେ ଜ୍ଞାନ ଦାସ ୩-୦ରେ ବିରାଜ ଦାସଙ୍କୁ, ଅଜୟ ଆଚାର୍ଯ୍ୟ ୩-୨ରେ ଉସ୍‌ମାନ ଖାନଙ୍କୁ,



ଜଗଦୀଶ ମହାନ୍ତି

ପ୍ରକାଶ ସାହୁ ୩-୧ରେ ଏସ୍ କେ ନସିମଙ୍କୁ, ଅମୀୟ ରଞ୍ଜନ ନାୟକ ୩-୧ରେ ରାକେଶ ମହାନ୍ତିଙ୍କୁ, ଅବିନାଶ ମହାପାତ୍ର ୩-୨ରେ ବରୁଣ ବାରିକଙ୍କୁ, ରଞ୍ଜିତ ପତି ୩-୧ରେ ରାକେଶ ବାରିକଙ୍କୁ, ଜିତେନ ଷଡଙ୍ଗୀ ୩-୧ରେ ଜ୍ଞାନ ଦାସଙ୍କୁ, ମିଶାଲ ସ୍ୱାଇଁ ୩-୨ରେ ରାହୁଲ ହାଲିଙ୍କୁ, ଚିରଞ୍ଜିବ ସିଂ ୩-୧ରେ ନାରାୟଣ ବୋପଟଙ୍କୁ, ବରୁଣ ପୂର୍ବା ୩-୨ରେ ଶୁଭମ ପାଣିଗ୍ରାହୀଙ୍କୁ ଓ ଅସିତ ଚୌଧୁରୀ ୩-୨ରେ ନିଶ୍ଚିତ ମିଶ୍ରଙ୍କୁ ପରାସ୍ତ କରିଛନ୍ତି।




ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply

WORLD'S NO.1 22 YEARS IN A ROW$ MOTORCYCLE & SCOOTER COMPANY

i3S Technology Idle-Stop-Start System

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or Call Toll-Free 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22).**Ex-showroom price of Glamour Drum in Bhubaneswar.

Exchange Powered By Wheels of Trust^^
ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

**AUTHORISED DEALERS: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 7799766378, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, , **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736, **Authorized HeroSure Dealers: Bhubaneshwar: Arundhati Motobikes,** Ph- 7682841658, **Rourkela: Dua Motors,** Ph-6372753989.

WT.5628.2023ODI

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ